# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୦/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 20/2025 | Page 16 | ₹ 7.00

୫୨ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 27 | ମୂଲ୍ୟ ₹୭/-




## ପୁଣି ମା’ ହେଲେ ଭାରତୀ

କମେଡିଆନ ଭାରତୀ ସିଂ ପୁଣି ମା’ ହୋଇଛନ୍ତି। ସେ ଶୁକ୍ରବାର ଏକ ପୁତ୍ରସନ୍ତାନ ଜନ୍ମ ଦେଇଛନ୍ତି।

୧୨

୧୬

## ହାର୍ଦ୍ଦିକ ପାଣ୍ଡ୍ୟା ପ୍ଲେୟର ଅଫ୍ ଦି ମ୍ୟାଚ୍

ଦକ୍ଷିଣ ଆଫ୍ରିକା ବିପକ୍ଷ ୫ମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା।’



# ଟୋକନ ସମସ୍ୟା: ସମ୍ବଲପୁର ବନ୍ଦ କଲେ ଚାଷୀ




ସମ୍ବଲପୁର ଲକ୍ଷ୍ମୀ ଟକିଜ୍ ଛକରେ ଚାଷୀଙ୍କ ସମ୍ବଲପୁର ବନ୍ଦ ଡାକରା ସମର୍ଥନରେ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ପିକେଟିଂ କରୁଛନ୍ତି।

ସମ୍ବଲପୁର,୧୯।୧୨(ପ୍ରମୋଦ ବହିଦାର)

ଟୋକନ ସମସ୍ୟାକୁ ନେଇ ଜିଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଶୁକ୍ରବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ବଲପୁର ବନ୍ଦ ପାଳନ କରାଯାଇଥିଲା। ସମ୍ବଲପୁର ସହରରେ ସମସ୍ତ ଦୋକାନ ବଜାର, ବ୍ୟବସାୟିକ ଅନୁଷ୍ଠାନ, ବେସରକାରୀ କାର୍ଯ୍ୟାଳୟ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ବୀମା, ଡାକଘର, କଚେରି, ପେଟ୍ରୋଲଟାଙ୍କି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଯାତ୍ରୀବାହୀ ବସ୍ ଓ ଅଟୋ ଚଳାଚଳ ବନ୍ଦ ରହିଥିଲା। ପୂର୍ବରୁ ଚାଷୀମାନେ ୨ଥର ଜାତୀୟ ରାଜପଥ ଅବରୋଧ ସହ ଆନ୍ଦୋଳନ କରିଥିଲେ। ତେଣୁ ଶୁକ୍ରବାର ଜାତୀୟ ରାଜପଥ ଅବରୋଧ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସହ ଟ୍ରେନ୍‌ଯାତ୍ରା ମଧ୍ୟ ସ୍ୱାଭାବିକ ରହିଥିଲା। ବିଭିନ୍ନ ଶ୍ରମିକ ସଙ୍ଗଠନ ଓ ଚାଷୀ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ବହୁ ସଂଖ୍ୟାରେ ଚାଷୀ ସକାଳ ୬ଟାରୁ ସହରର ଲକ୍ଷ୍ମୀ ଟକିଜ୍ ଛକ, ଅଇଁଠାପାଲିଛକ, କଚେରି ଛକ ଆଦି ସ୍ଥାନରେ ପିକେଟିଂକରି ଖୋଲାଥିବା ଅଳ୍ପ କିଛି ଦୋକାନ ଓ ବ୍ୟବସାୟିକ ଅନୁଷ୍ଠାନକୁ ବନ୍ଦ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସମ୍ବଲପୁର ଜିଲା ସଭାପତି ଇଂ. ରୋହିତ ପୂଜାରୀ ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ବାଇକ୍ ରାଲିରେ ସହର ପରିକ୍ରମା କରି ଆସି କଚେରୀ ଛକରେ ଚାଷୀଙ୍କ ସହିତ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟା ୩୦ରେ ପୋଲିସ ସୁରକ୍ଷାରେ ବିଚାରପତିମାନେ ଆସିବାରୁ ମୁତୟନ ସୁରକ୍ଷା କର୍ମୀ ରଶିରେ କର୍ଡନ କରି ବିଚାରପତିମାନଙ୍କୁ ଅଦାଲତ ପର୍ଯ୍ୟନ୍ତ କଢ଼େଇ ନେଇଥିଲେ। ତେବେ ଏହି ସମୟରେ ବିଜେଡି ଜିଲା ସଭାପତି ଇଂ. ପୂଜାରୀ, ବରିଷ୍ଠ ନେତା ବିଜୟ ମହାନ୍ତି, ସଞ୍ଜିତ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର, ଗୋକୁଳ ମେହେର ପ୍ରମୁଖଙ୍କ ସହିତ ☞ପୃଷ୍ଠା-୪

## ରାସ୍ତାରେ ଧାନବସ୍ତା ରଖି ଧାରଣା

ଡୁଙ୍ଗୁରିପାଲି, ୧୯।୧୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲାରେ ଧାନକିଣା ଗତ ୯ରୁ ଆରମ୍ଭ ହୋଇଥିବାବେଳେ ଡୁଙ୍ଗୁରିପାଲି ବ୍ଲକ ସାରସମାଲ ମଣ୍ଡିରେ ଧାନ ଉଠୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ମଣ୍ଡିରେ ମାୟାବର୍ହା ଗ୍ରାମପଞ୍ଚାୟତର ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ଧାନ ବିକ୍ରି କରୁଥିବା ଧାନବସ, ଜୀବନଦାଦର, ମାୟାବର୍ହା, ସାରସମାଲ ଗ୍ରାମର ଶତାଧିକ ଚାଷୀ ଶୁକ୍ରବାର ରାମପୁର -ବରଗଡ ରାସ୍ତାର ଆନନ୍ଦବଜାର ମଣ୍ଡି ସମ୍ମୁଖ ରାସ୍ତାରେ ଧାନ ରଖି ବିକ୍ଷୋଭ କରିଛନ୍ତି। ମଣ୍ଡିରେ ଅନେକ ହଜାର କୁଇଣ୍ଟାଲ ଧାନ ରହିଥିବାବେଳେ ଏଯାଏ ଉଠି ନାହିଁ। ମିଲର୍ସ କଟନିଛଟନି ନ କରି ଧାନ ନେବା ଦାବିରେ ରାସ୍ତା ଉପରେ ଆନ୍ଦୋଳନ ଜାରି ରଖିଛନ୍ତି ଚାଷୀ।

# ପ୍ରତିଦିନ ଓଡ଼ିଶାରୁ ଖଣି ଲୁଟୁଛନ୍ତି

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଓଡ଼ିଶାର ବିକାଶ ଲାଗି ପ୍ରସ୍ତୁତ କରୁଥିବା ଯୋଜନା ମଧ୍ୟରୁ ମୁଖ୍ୟତଃ ଖଣି ରାଜସ୍ୱ ଉପରେ ସର୍ବାଧିକ ନିର୍ଭର କରିଥାଆନ୍ତି। ହେଲେ ଦେଖିବାକୁ ମିଳିଛି, ରାଜ୍ୟ ସରକାରଙ୍କୁ ଏକ ବିଚିତ୍ର ପରିସ୍ଥିତିରେ ଖଣିରୁ ଅନେକ ଶହ କୋଟି ଟଙ୍କାର ରାଜସ୍ୱ ଏବେ ହରାଇବାକୁ ପଡୁଛି। କେତେକ ଘରୋଇ ସଂସ୍ଥା ଖଣି ରାଜସ୍ୱ ନ ଦେଇ ସେହି ଟଙ୍କା ଆତ୍ମସାତ୍ କରିବା ପାଇଁ ଗଳାବାଟ ତିଆରିକରି ଅନେକ ଶହ କୋଟି ଟଙ୍କା ଠକି ନେଉଥିବା ବେଳେ ସରକାର ଜଳକା ପାଳଟିଛନ୍ତି। ସରକାରଙ୍କ ଏଭଳି କିଛି ତଥ୍ୟ ଦେଖିବା ପରେ ଲାଗୁଛି ସତେ ଯେପରି ନିର୍ଦ୍ଦିଷ୍ଟ କେତେକ ସଂସ୍ଥାକୁ ଲାଭାନ୍ୱିତ କରିବା ପାଇଁ ଖଣି ବିଭାଗର କେତେଜଣ ଅଧିକାରୀ ସବୁ ପ୍ରକାର ସୁବିଧା ବାଟ ଖୋଲି ଦେଇଛନ୍ତି। ଯେଉଁ ଟଙ୍କା ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ ହେଇଥାଆନ୍ତା ସେଥିରୁ ବହୁ ଅର୍ଥ ନିର୍ଦ୍ଦିଷ୍ଟ କେତେଗୁଡିଏ କମ୍ପାନୀଙ୍କ ପକେଟକୁ ଯିବା ପାଇଁ ବାଟ ତିଆରି କରିଦିଆଯାଇଛି। ସରକାରଙ୍କ ପକ୍ଷରୁ ଏ ଦିଗରେ ଯେପରି ଉଦାସୀନତା ମନୋଭାବ ଦେଖାଯାଉଛି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରିଛି।

ଇସ୍ପାତ ଓ ଖଣି ବିଭାଗ ତଥ୍ୟ ଅନୁଯାୟୀ, ରାଜ୍ୟର ଅନେକ ଖଣି ସରକାର ବିଭିନ୍ନ ସଂସ୍ଥାକୁ ପ୍ରଦାନ କରିଛନ୍ତି। ଖଣି ପଟ୍ଟାଧାରୀମାନେ ଦୈନିକ ବା ବାର୍ଷିକ କେତେ ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ସେନେଇ ନିୟମ ରହିଛି। ସରକାର ଆଉ ଏକ ନିୟମ କରିଥିଲେ ଯଦି ଧାର୍ଯ୍ୟ ଲକ୍ଷ୍ୟଠାରୁ କୌଣସି ସଂସ୍ଥା ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରନ୍ତି ତେବେ ସେହି ଅନୁଯାୟୀ ସେମାନଙ୍କୁ ଅଧିକ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ଦେବାକୁ ପଡ଼ିବ। ହେଲେ ସରକାରଙ୍କ ଏହି ନିୟମ କେବଳ କାଗଜ କଲମରେ ରହିଯାଇଛି। ଖଣି ପଟ୍ଟାଧାରୀମାନେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଦୈନିକ ଏବଂ ବାର୍ଷିକ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରିବା ସତ୍ତ୍ୱେ ସରକାରଙ୍କୁ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ପ୍ରଦାନ କରୁନାହାନ୍ତି। ରାଜ୍ୟର ଏକାଧିକ ସଂସ୍ଥା ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନକରି ତାକୁ ବିକିବାରେ ଲାଗିଛନ୍ତି। ସରକାରଙ୍କ ଏହି ନିୟମ ବିରୋଧରେ ଯୋଡ଼ା ଇଷ୍ଟରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, କତାମାଟି ଆଇରନ ମାଇନ୍ସରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ଉଚ୍ଚାବାଲି ଆଇରନ ଏବଂ ମିନେରାଲ୍ସ ମାଇନ୍ସରୁ ଆଇରନ ଉତ୍ତୋଳନ କରୁଥିବା ଇନ୍ଦ୍ରାଣୀ ପଟ୍ଟନାୟକ, ତିରିଙ୍ଗ ପାହାଡରୁ ଆଇରନ ଏବଂ ମିନେରାଲ୍ସ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ବାମେବାରିରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍, ଖଣ୍ଡାବନ୍ଧରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍ ଏବଂ ଯୋଡ଼ା ୱେଷ୍ଟରୁ ଆଇରନ ଉତ୍ତୋଳନ କରୁଥିବା ଟାଟା ଷ୍ଟିଲ୍ ଲିମିଟେଡ୍ ପ୍ରାପ୍ତ ☞ପୃଷ୍ଠା-୪

# ଶାସନ, ସେବାକୁ ଗତିଶୀଳ କରିବ ଏଆଇ: ମୁଖ୍ୟମନ୍ତ୍ରୀ

- ସୁଭଦ୍ରା ଯୋଜନା, ଧାନକିଣାରେ ବ୍ୟବହାର ହେଲା ଏଆଇ ମଡ୍ୟୁଲ
- ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା ମିଶନ ପୋର୍ଟାଲ ଲୋକାର୍ପିତ

ଭୁବନେଶ୍ୱର,୧୯।୧୨(ସୁଚିସ୍ମିତା ସାହୁ)

ଆମେ କେବଳ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଗ୍ରହଣ କରୁନାହୁଁ, ଆମେ ଏକ ଏଆଇ-ଚାଳିତ ଓଡ଼ିଶାର ମୂଳଦୁଆ ନିର୍ମାଣ କରୁଛୁ। ଏହା ଶାସନ, ସେବା ପ୍ରଦାନର ଗତିକୁ ସୁଦୃଢ଼ କରିବା ସହିତ ନାଗରିକଙ୍କୁ ସଶକ୍ତ କରିବ। ଭାରତ ଏକ ଐତିହାସିକ ବୈଷୟିକ ପରିବର୍ତ୍ତନ ଦେଇ ଗତି କରୁଛି। ଓଡ଼ିଶା ଏହି ଜାତୀୟ ଆନ୍ଦୋଳନରେ ସକ୍ରିୟ ଏବଂ ମହତ୍ୱାକାଂକ୍ଷୀ ଅଂଶୀଦାର ହେବ ବୋଲି ଓଡ଼ିଶା ଏଆଇ ସମ୍ମିଳନୀରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚ୍ଚୁଆଲରେ ଯୋଗଦେଇ କହିଛନ୍ତି। ପ୍ରଶାସନ, ବିକାଶ ଏବଂ ସାର୍ବଜନୀନ ହିତ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ସର୍ବୋତ୍ତମ ବ୍ୟବହାର ଉପରେ କେନ୍ଦ୍ରିତ ଏକ ଉଚ୍ଚସ୍ତରୀୟ ଦୁଇଦିନିଆ ‘ଓଡ଼ିଶା ଏଆଇ ସମ୍ମିଳନୀ’ ଶୁକ୍ରବାର ଲୋକସେବା ଭବନ କନ୍‌ଭେନଶନ



ମୋହନ ଚରଣ ମାଝୀ

ସେଣ୍ଟରଠାରେ ଆରମ୍ଭ ହୋଇଛି। ଏହାକୁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିବା ☞ପୃଷ୍ଠା-୪

## ଆହୁରି ୭ଦିନ ପ୍ରବଳ ଶୀତ

ଭୁବନେଶ୍ୱର, ୧୯।୧୨
(ବନ୍ଦନା ସେଠୀ)

ସାରା ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ଗତ ୨୪ ଘଣ୍ଟାରେ ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବାବେଳେ ସର୍ବନିମ୍ନ ୪.୩ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡାରେ ୪.୫ ଡିଗ୍ରୀ, ଫୁଲବାଣୀ ୬.୫, କୋରାପୁଟ ୬.୭, ଦାରିଙ୍ଗବାଡି ୭, ଚିପିଲିମା ୭.୫, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବାହ୍ୟ ସୁରକ୍ଷାର ପୁନର୍ବିଚାର**

# ବାଂଲାଦେଶରେ ଭାରତ ବିରୋଧୀ ହିଂସା

ବାଂଲାଦେଶରେ ପୁଣି ମୁଣ୍ଡ ଟେକିଛି ଭାରତ ବିରୋଧୀ ଆନ୍ଦୋଳନ। ବାଂଲାଦେଶରେ ୨୦୨୬ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଗତ ୧୨ ତାରିଖରେ ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍‌ମାନ ହାଡ଼ି (୩୨) ପ୍ରଚାର ସମୟରେ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ଆୟୋଜିତ ଏକ ସଭାରେ ଯୋଗଦେଇଥିଲେ। ସେତେବେଳେ ମୁଖାପିନ୍ଧା ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଥିବା ଶରିଫ୍‌ଙ୍କୁ ଚିକିତ୍ସା ପାଇଁ ସିଙ୍ଗାପୁର ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ପରେ ପଡ଼ୋଶୀ ଦେଶରେ ଭାରତ ବିରୋଧୀ ମନୋଭାବ ତେଜିବାରେ ଲାଗିଛି। ହାସିନାଙ୍କୁ ଭାରତ ତୁରନ୍ତ ପ୍ରତ୍ୟର୍ପଣ କରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏତିକି ନୁହେଁ, ବିକ୍ଷୋଭକାରୀମାନେ ଗୁରୁବାର ରାତିରେ ମିମେନ୍‌ସିଂ ସହରରେ ଜଣେ ୩୦ ବର୍ଷୀୟ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଜାଳି ଦେଇଛନ୍ତି। ଏଭଳି ସ୍ଥିତିରେ ରାଜଧାନୀ ଢାକା ସମେତ ବାଂଲାଦେଶର ବିଭିନ୍ନ ସହରରେ ହିଂସାତ୍ମକ ଆନ୍ଦୋଳନ ଜାରି ରହିଛି। ୨୦୨୬ରେ ପଶ୍ଚିମବଙ୍ଗ ଓ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ୨ ରାଜ୍ୟରେ ସମ୍ପ୍ରତି ନିର୍ବାଚନ କମିଶନ (ଇସି) ଭୋଟର ତାଲିକା ଶୁଦ୍ଧୀକରଣ ନାମରେ ଜୋର୍‌ସୋରରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ଚଳାଇଛନ୍ତି। ଏସ୍ଆଇଆର୍ ଯୋଗୁ ଭାରତରୁ ଅନେକ ବାଂଲାଦେଶୀ ସ୍ୱଦେଶ ପଳାୟନ କରିବାକୁ ବାଧ ହେଉଛନ୍ତି। ଭାରତ ବିରୋଧୀ ଉଗ୍ର ଜାତୀୟତାବାଦ ମନୋଭାବ ତେଜିବା ପଛରେ ଏହା ମଧ୍ୟ ଏକ କାରଣ ହୋଇଥାଇପାରେ ବୋଲି ମନେକରାଯାଉଛି।

## ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା, ମୃତଦେହ ଜାଳିଦେଲେ

ଢାକା,୧୯।୧୨(ରଏଟର୍ସ/ଏଜେନ୍ସି)

୨୦୨୪ ଅଗଷ୍ଟ ୫ରେ ବାଂଲାଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ବଡ଼ ଧରଣର ଆନ୍ଦୋଳନ ହୋଇଥିଲା। ଏଭଳି ସ୍ଥିତି ଉପୁଜିଥିଲା ଯେ, ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତକୁ ପଳାୟନ କରିଥିଲେ। ସେବେଠୁ ସେ ଭାରତର ଶରଣ ନେଇ ଏଠାରେ ଅବସ୍ଥାନ କରୁଛନ୍ତି। ହାସିନା ସରକାରଙ୍କ ପତନ ପରେ ମହମ୍ମଦ ୟୁନୁସ୍ ଅନ୍ତରୀଣ ସରକାର ମୁଖ୍ୟ ଭାବେ ଅବସ୍ଥାପିତ ହୋଇଛନ୍ତି। ଗତ ନଭେମ୍ବର ୧୭ରେ ଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇଟିସି) ୭୮ ବର୍ଷୀୟା ହାସିନାଙ୍କୁ ମାନବିକତା ବିରୋଧୀ ଅପରାଧ ଅଭିଯୋଗରେ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ବାଂଲାଦେଶ ସରକାର ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରୁଥିବାବେଳେ ଭାରତ ସରକାରଙ୍କ ଆଭିମୁଖ୍ୟ ଏବେ ଢାକା ଓ ନୂଆଦିଲ୍ଲୀକୁ ମୁହାଁମୁହିଁ ଅବସ୍ଥାକୁ ଟାଣିଆଣିଛି। ଏଭଳି ସ୍ଥିତିରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଛି। ଆସନ୍ତା ଫେବୃଆରୀରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ପ୍ରଚାର ପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ସଭା ଓ ସମାବେଶରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି। ☞ପୃଷ୍ଠା-୪

# ଗାଡ଼ି କିଣାଠୁ ସାଜସଜ୍ଜା ମହଙ୍ଗା

## ସ୍ୱତନ୍ତ୍ର ସମୀକ୍ଷା ନିର୍ଦ୍ଦେଶ ଦେଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୧୯।୧୨
(ରବିନାରାୟଣ ଜେନା)

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜଙ୍ଗଲରେ ନିଆଁ ଲିଭାଇବା ଏବଂ ବନ୍ୟଜନ୍ତୁଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ଲାଗି ପ୍ରାୟ ୨୮ କୋଟି ଟଙ୍କାରେ କିଣାଯାଇଥିବା ୧୪୧ଟି ଚାରିଚକିଆ ଗାଡ଼ିରେ ବ୍ୟାପକ ଅନିୟମିତତା ଅଭିଯୋଗର ଖୋଳତାଡ଼ ଆରମ୍ଭ ହୋଇଛି। ଗୋଟିଏ ଗାଡ଼ିର କିଣା ମୂଲ୍ୟ ପ୍ରାୟ ୧୪ ଲକ୍ଷ ହୋଇଥିବାବେଳେ ସେଥିରେ ଆଉ ପ୍ରାୟ ୧୦ ଲକ୍ଷ ଟଙ୍କା ରିମଡେଲିଂ ବାବଦରେ ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ୨ଟି କମ୍ପାନୀର ତିନି ପ୍ରକାର ମଡେଲ ଯଥା ଥର, ଯୋଦ୍ଧା ଏବଂ ସ୍କର୍ପିଓ ଗାଡ଼ି କିଣାରେ ହୋଇଥିବା ଏହି ଦୁର୍ନୀତି ଅଭିଯୋଗକୁ ଆଧାର କରି ବିଭାଗ ପକ୍ଷରୁ ଆଭ୍ୟନ୍ତରୀଣ ସମୀକ୍ଷା କରାଯାଇଥିଲେ ହେଁ କଥା ଥମି ନ ଥିଲା। ମାତ୍ର ସରକାରୀ ଦଳର ବରିଷ୍ଠ ନେତାଙ୍କ ଅଭିଯୋଗ ଆଧାରରେ ବିଭାଗ ଏବେ ‘ଶୂନ ସହନଶୀଳ ନୀତି’ ଆପଣାଇଛି। ଏହି ଘଟଣାର ଚିକିନିଖି ସମୀକ୍ଷା କରିବାପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ସ୍ୱତନ୍ତ୍ର ସମୀକ୍ଷା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ମନ୍ତ୍ରୀ ଖୁଣ୍ଟିଆ ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବଙ୍କୁ ଗତ ୧୮ତାରିଖରେ ଏକ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କରିଛନ୍ତି। ସେଥିରେ ପ୍ରମୁଖ ମହାଲେଖାକାରଙ୍କ ଜରିଆରେ ଏହି ଗାଡ଼ି କିଣା ଅନିୟମିତତା ଘଟଣାର ସ୍ୱତନ୍ତ୍ର ସମୀକ୍ଷା କରିବାକୁ ନିର୍ଦ୍ଦେଶ ରହିଛି। ଏହି ତଦନ୍ତ ବେଳେ ଏଜିଙ୍କ ପକ୍ଷରୁ ଯେପରି ପ୍ରତ୍ୟେକ ଦିଗକୁ ଚିକିନିଖି ଅନୁଧ୍ୟାନ କରାଯିବ ସେଥିପ୍ରତି ଦୃଷ୍ଟିଦେବାକୁ ମନ୍ତ୍ରୀ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

ବିଧାନସଭାର ଜଣେ ପ୍ରମୁଖ ସଦସ୍ୟଙ୍କ ସୂଚନା ଅନୁଯାୟୀ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଦୁଇଟି କମ୍ପାନୀର ତିନି ପ୍ରକାର ଗାଡ଼ି କିଣାଯାଇଛି। ସେଥିରେ ତିନୋଟି ମଡେଲର ୧୪୧ ଗାଡ଼ି ରହିଛି। ଏହି ଗାଡ଼ି ଯେଉଁ ଦରରେ ବିଭାଗ ପକ୍ଷରୁ କିଣାଯାଇଛି, ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ରିମଡେଲିଂ କରାଯାଇଛି। ଛ’ଟଙ୍କାର ଘୋଡାକୁ ନ’ ଟଙ୍କାର ଦାନା ନ୍ୟାୟରେ ଗାଡ଼ି ଗୋଟାକ ୧୪ଲକ୍ଷ ଟଙ୍କାରେ କିଣାଯାଇଥିବା ବେଳେ ଏଥିରେ ୧୦ଲକ୍ଷ ଟଙ୍କାର ସାଜସଜ୍ଜା ଖର୍ଚ୍ଚ ଯୋଡ଼ା ଯାଇଛି। ତେବେ କଥାଟା କେବଳ ଗାଡ଼ି କିଣିବା କିମ୍ବା ମଡେଲିଂରେ ରହିନାହିଁ। ବିଭାଗୀୟ ଅଧିକାରୀମାନେ ଗାଡ଼ି କିଣିବା ବେଳେ ଚତୁରତାର ସହ ‘ଫ୍ଲିଟ୍ ନୀତି’ରେ ଗାଡ଼ି କିଣିଛନ୍ତି। ଗାଡ଼ି କିଣା ବାବଦକୁ ୨୮କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଏହାକୁ ତିନୋଟି ପର୍ଯ୍ୟାୟରେ କିଣାଯାଇଛି। ଏହାବାଦ୍ ଗାଡ଼ି ସଂଗ୍ରହ ସମୟରେ କମ୍ପାନୀ ପକ୍ଷରୁ ‘ସ୍ୱତନ୍ତ୍ର ଅଫର’ ରହିଥିଲା । ତେଣୁ ଏହି ଫାଇଲ ବିଭାଗୀୟ ☞ପୃଷ୍ଠା-୪

# ହାତୀ ପାଇଁ ୧୦ ସ୍କୁଲ ବନ୍ଦ

## ଆକ୍ରମଣରେ ଜଣେ ମୃତ, ୨ ଆହତ

ଖଇରା, ୧୯।୧୨
(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସୋର ରେଞ୍ଜ ଅଧୀନ ଖଇରା ଅଞ୍ଚଳରେ ଏକ ଦନ୍ତାହାତୀ ଗୁରୁବାର ସନ୍ଧ୍ୟାରୁ ଆତଙ୍କ ଖେଳାଇ ଚାଲିଛି। ସେପଟେ ଲୋକଙ୍କ ଗହଳି ଓ ହୋ ହଲ୍ଲା ଯୋଗୁ ଦିଗହରା ହୋଇପଡିଥିବା ହାତୀ ସୁଣ୍ଢିରା ଗ୍ରାମରେ ପଶି ସୁରେନ୍ଦ୍ର ଦାସ(୬୫)ଙ୍କୁ ଦଳି ଦେଇଥିବା ବେଳେ ସେହି ଗ୍ରାମର ପିତାମ୍ବର ମୁଖି ଏବଂ ପୂର୍ବପଡା ଗ୍ରାମର ଦିଲୀପ କୁମାର ଖଟୁଆ ଆହତ ହୋଇଛନ୍ତି। ପିତାମ୍ବରଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି । ତହସିଲଦାର ଅମିତ ରଞ୍ଜନ ହୋତାଙ୍କ ଉପସ୍ଥିତିରେ ବନବିଭାଗ ତରଫରୁ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରାଯାଇଛି । ସେପଟେ ଏଭଳି ମୃତ୍ୟୁ ପାଇଁ ଗ୍ରାମବାସୀ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି।

ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ ମଲ୍ଲିକ, ସୋର ରେଞ୍ଜର ହରିହର ମାଝି, କୁପାରୀ ଫରେଷ୍ଟର ନରେଶ ସିଂ ଏବଂ ଜଳେଶ୍ୱର ଫରେଷ୍ଟର ପ୍ରହ୍ଲାଦ ଚରଣ ନାୟକଙ୍କ ତତ୍ତ୍ୱାବଧାନରେ ଖଇରା ପୋଲିସ ସହଯୋଗରେ ଗଠିତ ଟିମ ହାତୀକୁ କୁଲଡିହା ଅଭୟାରଣ୍ୟକୁ ଫେରାଇବାକୁ ଉଦ୍ୟମ ଜାରି ରହିଛି । ଗୁରୁବାର ସନ୍ଧ୍ୟାରେ ୨ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଶାରୀଶୁଆ ପାହାଡ ସଂଲଗ୍ନ ବଗେଇପୁର ଜଙ୍ଗଲ ଦେଇ ପ୍ରବେଶ କରିଥିଲା । ପରେ ଗୋଟିଏ ହାତୀ ଫେରି ଯାଇଥିବା ☞ପୃଷ୍ଠା-୪



ଖଇରା ଅଞ୍ଚଳକୁ ପଶିଆସିଥିବା ଦନ୍ତାହାତୀ।

**ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର 'ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି' କାର୍ଯ୍ୟକ୍ରମ ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ୧୫ତମ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲା ପ୍ରଶାସନର ଟୁଇଟ୍‌କୁ ନେଇ ଦ୍ୱନ୍ଦ୍ୱ

## ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ପ୍ରସଙ୍ଗ

କେନ୍ଦୁଝର, ୧୯।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ପୋସ୍କୋ ଏବଂ ଜେଏସ୍‌ଡବ୍ଲ୍ୟୁ ସହିତ ଏମଓୟୁ ସ୍ୱାକ୍ଷର କରିଛନ୍ତି। ତହସିଲ ଅଞ୍ଚଳରେ ଜମି ଅଧିଗ୍ରହଣ ପାଇଁ ପ୍ରଥମ ଗ୍ରାମସଭା ମଧ୍ୟ ସରିଛି। ଗ୍ରାମସଭା ସଫଳ ହୋଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ଗଣମାଧ୍ୟମ ଏକ୍ସ(X)ରେ ଟୁଇଟ୍ କରି ଦର୍ଶାଯାଇଛି। ମାତ୍ର ପ୍ରଶାସନ ପକ୍ଷରୁ କରାଯାଇଥିବା ଟୁଇଟ୍‌ରେ କେବଳ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ଷ୍ଟିଲ୍ ପ୍ରକଳ୍ପ ପାଇଁ ଅନୁଷ୍ଠିତ ଗ୍ରାମସଭା ସଫଳ ହୋଇଥିବା ଉଲ୍ଲେଖ ରହିଛି। ମାତ୍ର ପୋସ୍କୋ ନାମ ଉଲ୍ଲେଖ ହୋଇନାହିଁ। ସେହିପରି ବ୍ଲକ୍ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଉଥିବା ବିଜ୍ଞପ୍ତିରେ ମଧ୍ୟ ପୋସ୍କୋ ନାମ ଉଲ୍ଲେଖ କରାଯାଉନାହିଁ। ଫଳରେ ଏହା ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ବରିଷ୍ଠ ଆଇନଜୀବୀ ଅଶୋକ ଦାସ କହିଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦୁଝର ଗସ୍ତ ସମୟରେ କେନ୍ଦୁଝରରେ ପୋସ୍କୋ ଇସ୍ପାତ କାରଖାନା କରିବ ବୋଲି କହିଥିଲେ। ମାତ୍ର ପ୍ରଶାସନ ପକ୍ଷରୁ ପୋସ୍କୋ ନାମ କାହିଁକି ଉଲ୍ଲେଖ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।




ପ୍ରକାଶ ଯେ, କେନ୍ଦୁଝରରେ ବହୁ ପ୍ରତୀକ୍ଷିତ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠାକୁ ନେଇ ଜିଲାବାସୀ ଆଶାବାଦୀ ଅଛନ୍ତି। ଇସ୍ପାତ କାରଖାନା ହେଲେ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ବିକାଶ ହେବ। ପୂର୍ବ ସରକାର ଜିଲାରେ ଏକାଧିକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ଆର୍ସେଲର ମିତ୍ତଲ, ଷ୍ଟାର ଲାଇଟ୍, ଉତ୍ତମ ଗାଲଭା ଭଳି ବହୁ ପ୍ରତିଷ୍ଠିତ କମ୍ପାନୀ ଆସି ମୁହଁ ଫେରାଇ ଯାଇଛନ୍ତି। ପାଟଣା, ରାଇସୁଆଁରେ ମେଗା ଇସ୍ପାତ କାରଖାନାକୁ ବିରୋଧ ସତ୍ତ୍ୱେ ଏକାଧିକ ଗ୍ରାମସଭା ସମ୍ପନ୍ନ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀଗୁଡ଼ିକ ମୁହଁ ଫେରେଇ ନେଇଥିଲେ। ଏବେ ପୁଣି ଥରେ ୨ ନୂଆ କମ୍ପାନୀ ମିଶି ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ନେଇ ସରକାର ଘୋଷଣା କରିଛନ୍ତି। ଘୋଷଣା ଦିନଠାରୁ ଚାଷ ଜମିରେ କାରଖାନା ପ୍ରତିଷ୍ଠାକୁ ବିରୋଧ ହେଉଛି। ଏଥିସହ ଅନେକେ ସପକ୍ଷରେ ବାହାରି ସ୍ୱାଗତ କରିଛନ୍ତି। ଏହାରି ମଧ୍ୟରେ ପ୍ରଥମ ଗ୍ରାମସଭା ସଫଳ ହୋଇଛି। ଗ୍ରାମସଭା ସଫଳକୁ ନେଇ ପ୍ରଶାସନର ଟୁଇଟ୍ ପରେ କେଉଁ କମ୍ପାନୀ କାରଖାନା କରିବ, ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ପଳାଶପଙ୍ଗା ନିକଟରେ ଉତ୍ତମ ଗାଲ୍‌ଭା କମ୍ପାନୀ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ପୂର୍ବ ସରକାର ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ଉକ୍ତ ସ୍ଥାନରେ କାରଖାନା ହେଲେ ଶୂନ୍ୟ ବିସ୍ଥାପିତ ହେବା ନେଇ କୁହାଯାଇଥିଲା। ଏଣୁ ଅନ୍ୟ ୨ ପ୍ରକଳ୍ପ ଲାଗି ବିରୋଧ ହୋଇଥିଲେ ହେଁ ପଳାଶପଙ୍ଗାରେ କାରଖାନା ହେବାକୁ ଶୂନ୍ୟ ବିରୋଧ ହୋଇଥିଲା। ସେଠାରେ କାରଖାନା ପ୍ରତିଷ୍ଠା ହୋଇଥିଲେ ପ୍ରଶାସନ ପାଇଁ ସୁବିଧାଜନକ ହୋଇଥାନ୍ତା। ତେବେ ଯାହା ହେଉନା କାହିଁକି ପୋସ୍କୋ ନିଜେ ଆସି ଲୋକଙ୍କ ସହିତ ଆଲୋଚନା କଲେ ଲୋକଙ୍କ ବିଶ୍ୱାସ ବଢ଼ିବ। ବିରୋଧ କମିବ ବୋଲି ଅନେକେ ମତବ୍ୟକ୍ତ କରିଛନ୍ତି। ଅଦ୍ୟାବଧି ପୋସ୍କୋ କମ୍ପାନୀ ପକ୍ଷରୁ କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ କୌଣସି ଘୋଷଣା କରାଯାଇନାହିଁ କିମ୍ବା ଏଠାରେ ଅଫିସ ମଧ୍ୟ ଖୋଲାଯାଇନାହିଁ। ଏଭଳି ପରିପ୍ରେକ୍ଷୀରେ ପ୍ରଶାସନ ପୋସ୍କୋ ନାମ ନ ନେଇ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ନାମ ଉଲ୍ଲେଖ କରିବା ସନ୍ଦେହ ସୃଷ୍ଟି କରୁଛି। ଏବେ ଇଡ୍‌କୋ ଜରିଆରେ ଜମି ଅଧିଗ୍ରହଣ ହେବ। ତେବେ ଯଦି କାରଖାନା ନ ହୁଏ ତେବେ ଲୋକେ କାମଧନ୍ଦା ତ ପାଇବେ ନାହିଁ, ପରବର୍ତ୍ତୀ ସମୟରେ ଜମି ଫେରି ପାଇବେ କି ନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିପାଇଁ ବିରୋଧ ହେଉଥିବା ସାମାଜିକ କର୍ମୀ ଭକ୍ତବତ୍ସଳ ମହାନ୍ତି କହିଛନ୍ତି।

# ଇଂ. ଅଶୋକ ବସା ଡବ୍ଲ୍ୟୁଏଫ୍‌ଇଓ ଅଡିଟର ନିଯୁକ୍ତ

ଭୁବନେଶ୍ୱର, ୧୯।୧୨(ବନ୍ଦନା ସେଠୀ)

ଇଂ. ଅଶୋକ ବସା ୱାର୍ଲ୍ଡ ଫେଡେରେଶନ ଅଫ୍ ଇଞ୍ଜିନିୟରିଂ ଅର୍ଗାନାଇଜେସନ୍ସ(ଡବ୍ଲ୍ୟୁଏଫଇଓ)ର ଆଭ୍ୟନ୍ତରୀଣ ଅଡିଟର ଭାବେ ନିଯୁକ୍ତ ହୋଇଛନ୍ତି। ଡବ୍ଲ୍ୟୁଏଫ୍‌ଇଓ କାର୍ଯ୍ୟକାରୀ ବୋର୍ଡ ଦ୍ୱାରା ସଂସ୍ଥାର କାର୍ଯ୍ୟପଦ୍ଧତି ନିୟମାବଳୀ ଅନୁଯାୟୀ ଇଂ. ବସାଙ୍କୁ ୨୦୨୬-୨୭ ବର୍ଷ ଅବଧି ପାଇଁ ଏହି ପଦବୀରେ ନିଯୁକ୍ତ କରାଯାଇଛି। ଦୀର୍ଘ ବର୍ଷର ଅଭିଜ୍ଞତା, ପେଶାଦାରିତା ଏବଂ ଇଞ୍ଜିନିୟରିଂ କ୍ଷେତ୍ର ପ୍ରତି ନିଷ୍ଠା ଯୋଗୁ ତାଙ୍କୁ ଏହି ଦାୟିତ୍ୱ ଦିଆଯିବା ଅତ୍ୟନ୍ତ ଉପଯୁକ୍ତ ବୋଲି ଡବ୍ଲ୍ୟୁଏଫ୍‌ଇଓର କାର୍ଯ୍ୟକାରୀ ବୋର୍ଡ ମତ ପ୍ରକାଶ କରିଛନ୍ତି। ଏହି ନିଯୁକ୍ତିର କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୧୨ରୁ କାର୍ଯ୍ୟକାରୀ ହୋଇଛି ଏବଂ ଡବ୍ଲ୍ୟୁଏଫ୍‌ଇଓ ସମ୍ବିଧାନ ଅନୁଯାୟୀ ପୁନଃନବୀକରଣ ଯୋଗ୍ୟ ରହିବ। ଆଭ୍ୟନ୍ତରୀଣ ଅଡିଟର ଭାବେ ଇଂ. ବସା ଡବ୍ଲ୍ୟୁଏଫଇଓର କାର୍ଯ୍ୟ ପ୍ରଣାଳୀର ସ୍ୱାଧୀନ ସମୀକ୍ଷା ଓ ମୂଲ୍ୟାଙ୍କନ ଦାୟିତ୍ୱ ବହନ କରିବେ। ଏଥିରେ ଆର୍ଥିକ ପ୍ରକ୍ରିୟା, ନିୟମାନୁଗତତା ବ୍ୟବସ୍ଥା ଓ ଶାସନ ପ୍ରଣାଳୀ ଆଦି ସମ୍ମିଳିତ ରହିବ।


ଇଂ. ଅଶୋକ ବସା

ଏଥିସହ ସେ କାର୍ଯ୍ୟକାରୀ ବୋର୍ଡ ପାଇଁ ରିପୋର୍ଟ ପ୍ରସ୍ତୁତ କରିବେ। ଭୋଟ ଅଧିକାର ବିନା କାର୍ଯ୍ୟକାରୀ ବୋର୍ଡ ଓ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଭାବେ ଅଂଶଗ୍ରହଣ କରି ସଂସ୍ଥାର ପାରଦର୍ଶିତା, ଦାୟିତ୍ୱବୋଧ ଓ ସୁଦୃଢ଼ ସଂସ୍ଥାଗତ ଶାସନ ପ୍ରତି ପ୍ରତିବଦ୍ଧତାକୁ ସମର୍ଥନ କରିବେ ବୋଲି ସୂଚନା ଦିଆଯାଇଛି।

ଇଂ. ବସା ପ୍ରଥମ ଭାରତୀୟ ଭାବେ ୧୯୬୮ରୁ ଗଠିତ ଡବ୍ଲ୍ୟୁଏଫ୍‌ଇଓର ଆଭ୍ୟନ୍ତରୀଣ ଅଡିଟର ନିଯୁକ୍ତ ହୋଇଛନ୍ତି। ଏହାପୂର୍ବରୁ ସେ ୨୦୨୨-୨୫ ଅବଧିରେ ଡବ୍ଲ୍ୟୁଏଫ୍‌ଇଓର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ସେ ହେଉଛନ୍ତି ତତ୍କାଳୀନ ଆର୍.ଇ.ସି. ତଥା ବର୍ତ୍ତମାନର ଏନ୍.ଆଇ.ଟି. ରାଉରକେଲାର ପୂର୍ବତନ ଛାତ୍ର। ପୂର୍ବରୁ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ଅଧ୍ୟକ୍ଷ ଥିଲେ। ତାଙ୍କର ଏହି ନୂଆ ନିଯୁକ୍ତି ଭାରତୀୟ ଇଞ୍ଜିନିୟରିଂ ସମୁଦାୟ ପାଇଁ ଗର୍ବର ବିଷୟ ବୋଲି କୁହାଯାଇଛି।

# ରାସ୍ତାକଡ଼ରେ ଔଷଧ: ୨ ଏଏନ୍‌ଏମ୍ ନିଲମ୍ବିତ

ବାଲେଶ୍ୱର, ୧୯।୧୨(ବାଞ୍ଛାନିଧି ଦେ)

ରାସ୍ତା ପାର୍ଶ୍ୱରେ ଏକ୍ସପାଏରୀ ହୋଇ ନ ଥିବା ସରକାରୀ ଔଷଧ ପଡିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଲେଶ୍ୱର ସିଡିଏମଓ ଡା. ପ୍ରଭାତ କୁମାର ବେହେରା ଗୁରୁବାର ୨ ଏଏନ୍‌ଏମ୍‌ଙ୍କୁ ନିଲମ୍ବନ କରିଛନ୍ତି। ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କୁଲିଗାଁ ଏଏନ୍‌ଏମ୍ ତନୁସ୍ମିତା ନାୟକ ଓ ଇଞ୍ଚୁଡ଼ି ଏଏନ୍‌ଏମ୍ କବିତା ବେହେରାଙ୍କୁ କର୍ତ୍ତବ୍ୟରେ ଅବହେଳା ଓ ନିୟମ ଉଲ୍ଲଂଘନ ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ରସାଳପୁର ରାସ୍ତାର ଶ୍ରୀଜଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ମାତ୍ର କିଛି କି.ମି. ଦୂରରେ ଡୁଣ୍ଡରା ରାସ୍ତା ପାର୍ଶ୍ୱରେ ଗତ ୧୧ତାରିଖରେ ଏକ୍ସପାଏରୀ ହୋଇ ନ ଥିବା ସରକାରୀ ଔଷଧ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅବଧି ସରି ନ ଥିବା ଔଷଧ ମେଡ଼ିକାଲରେ ରହିବା ପରିବର୍ତ୍ତେ ରାସ୍ତା ପାଖରେ ଅଳିଆ ଗଦାରେ ପଡ଼ିଥିଲା। ଗୋଟିଏ କି ୨ ପ୍ୟାକେଟ ନୁହଁ ଶହ ଶହ ପ୍ୟାକେଟ ସରକାରୀ ଆଇରନ ଓ ଫଲିକ୍ ଏସିଡ୍ ୫୦ ଏମଏଲର ସିରପ୍ ପଡ଼ିଥିଲା। ଯାହା ରୋଗୀମାନଙ୍କୁ ମାଗଣା ଦିଆଯିବାର ଥିଲା, ସେଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ଯୋଗାଣ, ବିକ୍ରୟ ପାଇଁ ନୁହେଁ ବୋଲି ଲେଖାଥିବା ବେଳେ ସେହି ଔଷଧର ଅବଧି ତାରିଖ ସେପ୍ଟେମ୍ବର ୨୦୨୬ ମଧ୍ୟ ଲେଖା ରହିଥିଲା। କାହିଁକି ଔଷଧ ଫିଙ୍ଗି ଦିଆଗଲା ଓ କେଉଁଠୁ ଔଷଧ ଆସିଲା ସେନେଇ ଏକ ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବରିଷ୍ଠ ଡା. ସଞ୍ଜୀବ ପ୍ରଧାନ, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ରାମଚନ୍ଦ୍ର କିସ୍କୁ ଓ ଡିପିଏମ୍ ଚକ୍ରଧର ଜେନା ତଦନ୍ତ କରି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିଏମଓ ଡା. ବେହେରା ୨ ଏଏନ୍‌ଏମ୍‌ଙ୍କୁ ନିଲମ୍ବନ କରିଛନ୍ତି।

# ଆନ୍ଧ୍ର କୋଟିଆର ମା' ହେବାକୁ ଚେଷ୍ଟା ନ କରୁ: ରାଜସ୍ୱମନ୍ତ୍ରୀ

ପଟ୍ଟାଙ୍ଗି, ୧୯।୧୨
(ଶରତ କୁମାର ଧଳ)

ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୀମାନ୍ତ କୋଟିଆ ପଞ୍ଚାୟତକୁ ଶୁକ୍ରବାର ଗସ୍ତ କରିଛନ୍ତି। ମନ୍ତ୍ରୀ ପୂଜାରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ଯୋଗଦେଇ କୋଟିଆ ଓଡ଼ିଶାର ରହିଛି ଓ ରହିଥିବ ବୋଲି କହିଛନ୍ତି। ଆନ୍ଧ୍ର ପ୍ରଦେଶ ସୀମାନ୍ତ କୋଟିଆରେ ଅନୁପ୍ରବେଶକରି ଏହାକୁ ନିଜର ବୋଲି ଭାବିବା ଭୁଲି ଯାଆନ୍ତୁ। ପଡ଼ୋଶୀ ଆନ୍ଧ୍ର ମାଉସୀ ହୋଇ ରହିଥାଉ, ମା' ହେବାକୁ ଚେଷ୍ଟା ନ କରୁ ବୋଲି ମନ୍ତ୍ରୀ କହିଛନ୍ତି। ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପୂଜାରୀ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥିତ ଅତିଥି ନିବାସରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ୍ ବର୍ମା, ଉପଜିଲାପାଳ ପ୍ରେମଲାଲ ହିଆଲ, ସିଡିଓ ବେଣୁଧର ଶବର, ବିଡିଓ ରାମକ୍ରିଷ୍ଣା ନାୟକ ପ୍ରମୁଖଙ୍କ ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତରେ ବିଭିନ୍ନ ଯୋଜନାର କାର୍ଯ୍ୟକାରୀ ନେଇ ସମୀକ୍ଷା କରିଥିଲେ। ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ ଓ କୋଟପାଡ଼ ବିଧାୟକ ରୂପୁ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ କହିଛନ୍ତି, ସୀମାନ୍ତ କୋଟିଆ ପଞ୍ଚାୟତ ଅଧୀନରେ କିଛି ସରକାରୀ ଜମି ରହିଛି। ଏହାକୁ ନେଇ ସର୍ଭେ କରିବା ସହ ଜମିହୀନ ପରିବାରଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସୀମାନ୍ତବାସୀଙ୍କ ସହିତ ରାଜ୍ୟ ସରକାର ରହିଛନ୍ତି ଓ ରହିବେ ମଧ୍ୟ। କୋଟିଆ ପଞ୍ଚାୟତକୁ ସରକାର ସ୍ୱତନ୍ତ୍ର ଧ୍ୟାନଦେବା ସହ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ଆମର ଦାୟିତ୍ୱ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀ ୩୧ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧ କୋଟି ଟଙ୍କାର ଋଣ ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ।



କୋଟିଆରେ ଆୟୋଜିତ ସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେକ୍ ପ୍ରଦାନ କରୁଛନ୍ତି।

DSPL-430


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭାରତ ସରକାରଙ୍କ ଦ୍ୱାରା
୪ଟି ଶ୍ରମ ସଂହିତା ଲାଗୁ

ମଜୁରି ସଂହିତା - ୨୦୧୯
ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା - ୨୦୨୦
ଶିଳ୍ପ ସମ୍ପର୍କ ସଂହିତା - ୨୦୨୦
ସାମାଜିକ ସୁରକ୍ଷା ସଂହିତା - ୨୦୨୦

ଆତ୍ମନିର୍ଭର ଭାରତ ପାଇଁ ଶ୍ରମ ସଂସ୍କାର

- ନିଯୁକ୍ତିଦାତାମାନଙ୍କ ଦ୍ୱାରା କର୍ମଚାରୀମାନଙ୍କୁ ବାଧ୍ୟତାମୂଳକ ନିଯୁକ୍ତିପତ୍ର ପ୍ରଦାନ
- ପ୍ରତ୍ୟେକ କ୍ଷେତ୍ରରେ ନିୟୋଜିତ ସମସ୍ତ ବର୍ଗର ଶ୍ରମିକ ସର୍ବନିମ୍ନ ମଜୁରି ପରିସରଭୁକ୍ତ
- ମହିଳା ଓ ପୁରୁଷ କର୍ମଚାରୀଙ୍କୁ ସମାନ କାମ ପାଇଁ ସମାନ ପାରିଶ୍ରମିକ ପ୍ରଦାନ
- ସ୍ୱିଗି, ଜୋମାଟୋ, ଓଲା, ଉବେର୍ ଆଦି ଅନ୍‌ଲାଇନ୍ ପ୍ଲାଟଫର୍ମରେ ନିୟୋଜିତ ଗିଗ୍ ଓ ପ୍ଲାଟଫର୍ମ୍ କର୍ମଚାରୀମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପାଣ୍ଠି ଗଠନ
- କର୍ମଚାରୀମାନଙ୍କ ନିମନ୍ତେ ବାଧ୍ୟତାମୂଳକ ଦେୟମୁକ୍ତ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା
- ନିର୍ଦ୍ଧାରିତ ଅବଧିର କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀଙ୍କ ପରି ସମାନ ସୁବିଧା ସୁଯୋଗ ସହିତ ଏକ ବର୍ଷର ନିରନ୍ତର ସେବା ପରେ ଗ୍ରାଚ୍ୟୁଇଟି ପାଇବାର ବ୍ୟବସ୍ଥା
- ନିଯୁକ୍ତିଦାତାଙ୍କ ପାଇଁ ଏକକ ପଞ୍ଜୀକରଣ ତଥା ଲାଇସେନ୍‌ସ ପ୍ରଦାନ ବ୍ୟବସ୍ଥା ସହିତ ଏକକ ରିଟର୍ଣ୍ଣ ଦାଖଲର ବ୍ୟବସ୍ଥା

OIPR-17002/13/0023/2526

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାର

**ମୋଦି ସରକାର ଶ୍ରମିକ ବିରୋଧୀ: କଂଗ୍ରେସ**

ଭୁବନେଶ୍ୱର,(ରବିନାରାୟଣ ଜେନା): ସଂସଦରେ ବିକଶିତ ଭାରତ ନିଶ୍ଚିତ ରୋଜଗାର ଆଜୀବିକା-ଗ୍ରାମୀଣ ବିଧେୟକ ଗୃହୀତକୁ ନେଇ ରାଜ୍ୟ କଂଗ୍ରେସ କେନ୍ଦ୍ରକୁ ତୀବ୍ର ସମାଲୋଚନା କରିଛି। ପ୍ରଦେଶ କଂଗ୍ରେସ ଭବନରେ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି, କେନ୍ଦ୍ର ସରକାର ଶ୍ରମିକ ବିରୋଧୀ। ଏହି ବିଲ୍‌ର ନୂଆ ନିୟମ ଅନୁସାରେ କେନ୍ଦ୍ର ୬୦% ଅଂଶଧନ ଏବଂ ରାଜ୍ୟ ସରକାର ୪୦% ଅଂଶଧନ ଦେବେ। ରାଜ୍ୟର ପରିଚାଳନାଗତ ଖର୍ଚ୍ଚକୁ ହିସାବକୁ ନେଲେ ଏହା ୫୦% ପାଖାପାଖି ହୋଇଯିବ। ଏହି ନିୟମ ଅନୁସାରେ କୃଷି ଉତ୍ପାଦନ ଓ ବେଉଷଣ ସମୟରେ ୬୦ ଦିନ ନିଯୁକ୍ତି ପ୍ରଦାନକୁ ସ୍ଥଗିତ ରଖାଯିବ, ଯାହାକି କଂଗ୍ରେସ ସରକାରଙ୍କ ଦ୍ୱାରା ପ୍ରଣୟନ ହୋଇଥିବା 'ଏମ୍‌ଜିଏନ୍‌ଆରଇଜିଏସ୍‌'ରେ ନ ଥିଲା।



**ଝାରପଡ଼ା ଜେଲ: ପାରୋଲରୁ ଫେରିନାହାନ୍ତି ୨କଏଦୀ**




# ନକଲି ହାତୀଦାନ୍ତ ର୍ୟାକେଟ, ଆଉ ୪ ଗିରଫ

## ଗିରଫ ସଂଖ୍ୟା ୧୩କୁ ବୃଦ୍ଧି

ନୀଳଗିରି, ୧୯।୧୨(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ଅଞ୍ଚଳରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ନକଲି ଦାନ୍ତ ତିଆରି ର୍ୟାକେଟର ଆଉ ୪ଜଣଙ୍କୁ ଗିରଫ କରାଯାଇଛି। ଏହି ର୍ୟାକେଟ୍‌ରେ ମୋଟ୍ ଗିରଫଦାରୀ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି।

ଲହାତୀ ମରିଗଲା ପରେ ବନ ବିଭାଗ ପକ୍ଷରୁ ମୃତଦେହକୁ ପୋତି ଦିଆଯାଇଥାଏ। ପରେ ତସ୍କରମାନେ ହାତୀର ହାଡ଼କୁ ମାଟି ତଳୁ ଖୋଳି ବାହାର କରାଯାଇ ଏହାକୁ ଗ୍ରାଇଣ୍ଡିଂ କରି ନକଲି ହାତୀ ଦାନ୍ତ ତିଆରି କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡ଼ିହା ଅଭୟାରଣ୍ୟର ଇନଚାର୍ଜ ତଥା ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ମିଳିତ ଉଦ୍ୟମରେ ଅଚାନକ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାରୀ ଏବଂ ଦେହାବଶେଷ ତସ୍କରୀ ମାମଲାରେ ପୂର୍ବରୁ ୯ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ୪ ଜଣଙ୍କୁ ବାଲେଶ୍ୱର ଓ ବାହାର ଅଞ୍ଚଳରୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏଭଳି କାରନାମାରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ଅଛି ତାହାକୁ ଗୋପନୀୟ ଭାବେ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୪ ତାରିଖରେ ୩ ଜଣ ଶିକାରୀ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାର କରି ଆଣୁଥିବା ବେଳେ ସେମାନଙ୍କ ନିକଟରୁ ବନ ବିଭାଗ ଉଭୟ ମୃତଜନ୍ତୁ ସହିତ ଗୋଟିଏ ଦେଶୀବନ୍ଧୁକ ଏବଂ କିଛି ବିସ୍ଫୋରକ ଜବତ କରିଥିଲା। ସେମାନଙ୍କୁ ଗିରଫ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଶିକାରୀମାନଙ୍କ ମଧ୍ୟରୁ ଗୋଟିଏ ମୋବାଇଲ ତନଖି କରିବା ସମୟରେ ବନ୍ୟଜନ୍ତୁ ଶିକାର ଓ ତସ୍କରୀ ମାମଲାରେ ଅଧିକ ଲୋକଙ୍କ ସାମିଲ ଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକ ପଚରାଉଚୁରା ପରେ ଶିକାରୀମାନେ ସତ ଓଗାଳିଥିଲେ। ଏହାକୁ ଭିତ୍ତି କରି ଗତ ମଙ୍ଗଳବାର ୨ ଜଣ ଏବଂ ବୁଧବାର ଆଉ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନେ ଦାନ୍ତ, ଚମଡ଼ା, ନଖ, ହାଡ଼ ଆଦି ବନ୍ୟଜନ୍ତୁଙ୍କ ଦେହାବଶେଷ ତସ୍କରୀ କରିଥିବା ସ୍ୱୀକାର କରିଥିଲେ। ମୁଖ୍ୟତଃ ପୋତାଯାଇଥିବା ମୃତ ହାତୀର ଦେହାବଶେଷ ସଂଗ୍ରହ କରି ଏହାକୁ ଆଧୁନିକ ଜ୍ଞାନକୌଶଳରେ ହାତୀଦାନ୍ତ ତିଆରି କରି ଉଚ୍ଚ ଦରରେ ବିକ୍ରି କରୁଥିବା ବନ ବିଭାଗ ସନ୍ଦେହ କରିଛି।



ଗିରଫ ୪ ଅଭିଯୁକ୍ତ।

# ୬୭ହଜାର କୋଟିର ନିବେଶ ସୁଯୋଗ ସୃଷ୍ଟି: ମୁଖ୍ୟମନ୍ତ୍ରୀ

## ୫୭ହଜାର ଯୁବବର୍ଗଙ୍କୁ ମିଳିବ ନିଯୁକ୍ତି

ଭୁବନେଶ୍ୱର,୧୯।୧୨(ରବିନାରାୟଣ ଜେନା)

ଓଡ଼ିଶା ଦେଶର ବିକାଶର ଇଞ୍ଜିନ୍ ହେବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ହାଇଦ୍ରାବାଦସ୍ଥିତ ଇନଭେଷ୍ଟର୍ସ ମିଟ୍‌ସର ଉଦ୍‌ଯାପନୀ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ନିବେଶକ ସମ୍ମିଳନୀ ଏକ ଏଭଳି ପ୍ଲାଟ୍‌ଫର୍ମ ଯେଉଁଠି ନିବେଶକମାନେ ଦୀର୍ଘସ୍ଥାୟୀ ଭାବେ ପୁଞ୍ଜି ନିବେଶ କରି ତାଙ୍କର ଶିଳ୍ପକୁ ସୁନିଶ୍ଚିତ କରିପାରିବେ। କାହିଁକି ନା ଓଡ଼ିଶା ସରକାରଙ୍କ ନୀତିଗତ ନିଷ୍ପତ୍ତିରେ ସ୍ଥିରତା, କମ୍ ଖର୍ଚ୍ଚ ଏବଂ ପ୍ରଶାସନିକ ସହଯୋଗ ମିଳିପାରୁଛି। ଏହି ବ୍ୟବସ୍ଥା ମାଧ୍ୟମରେ ଓଡ଼ିଶା ନିଜକୁ ଏକ ଭବିଷ୍ୟତମୁଖୀ ନିବେଶ ଗନ୍ତବ୍ୟସ୍ଥଳ ଭାବେ ଗଢ଼ି ତୋଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଥିଲେ ଯେ, ଓଡ଼ିଶା ନିବେଶକ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପପତିମାନଙ୍କ ସହ ସିଧାସଳଖ ମିଶି ରାଜ୍ୟ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଅନୁକୂଳ ପରିବେଶ ସମ୍ପର୍କରେ ଅବଗତ କରାଇବା ଏବଂ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ନିବେଶ ନିଷ୍ପତ୍ତିକୁ ତ୍ୱରାନ୍ୱିତ କରିବା। ଏହି କାର୍ଯ୍ୟକ୍ରମରେ ବୃହତ୍ କମ୍ପାନୀ, ଶିଳ୍ପ ସମୁଦାୟ ଓ ବ୍ୟବସାୟୀକ ଗୋଷ୍ଠୀଙ୍କୁ ଏକତ୍ରିତ କରି ନୂତନ ନିବେଶ ସୁଯୋଗ ସୃଟି କରିବା। ଯାହାଫଳରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଅଭିବୃଦ୍ଧି ହୋଇପାରିବ। ତେବେ ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଉପସ୍ଥିତ ସାମିଲ ହୋଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ପୂର୍ବୋଦୟ' ବିକାଶରେ ଓଡ଼ିଶା ଏକ ମୁଖ୍ୟ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ଯେଉଁଥିରେ ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ହେବା ସହିତ ଆର୍ଥିକ ଶୃଙ୍ଖଳା ଏବଂ ଦାୟିତ୍ୱଶୀଳ ସୁଶାସନର ସମର୍ଥନ ମିଳୁଛି। ରାଜ୍ୟରେ ଥିବା ବ୍ୟାପକ ସମୁଦ୍ରତଟ, ବନ୍ଦରର ବିକାଶ, ବିସ୍ତାରଶୀଳ ଶିଳ୍ପ କରିଡର ଏବଂ ବିବିଧ ସଂଯୋଗୀକରଣ ସତେ ଯେମିତି ବିଶ୍ୱ ବଜାର ପାଇଁ ଏକ ଖୋଲା ଦ୍ୱାର ଭାବେ ପ୍ରତିପାଦିତ କରୁଛି। ମାତ୍ର ଅନ୍ୟ ସ୍ଥାନରେ ବ୍ୟବସାୟ ପାଇଁ ଅନୁକୂଳ ପରିବେଶ ନାହିଁ। ପ୍ରତିଦ୍ୱନ୍ଦିତାମୂଳକ ବଜାର ସାଙ୍ଗକୁ ନିବେଶ ଲାଗି ଅଧିକ ଖର୍ଚ୍ଚ ଓ ପ୍ରଶାସନିକ ସହଯୋଗରେ ଅସ୍ଥିରତା ରହୁଛି। ଏହି କ୍ଷେତ୍ରରେ ଓଡ଼ିଶାରେ ନିବେଶକମାନେ ସବୁ ଦୃଷ୍ଟିରୁ ସହଯୋଗୀ ପରିବେଶ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ନିବେଶକ ଏବଂ ସରକାରଙ୍କ ମଧ୍ୟରେ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ମାଧ୍ୟମରେ ୨୭,୬୫୦ କୋଟି ଟଙ୍କାର ନିବେଶ ସମ୍ଭାବନା ରହିଥିବାବେଳେ ପ୍ରାୟ ୧୫,୯୦୫ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି। ସେହିପରି ସମ୍ମିଳନୀରେ ୩୯,୧୩୧ କୋଟି ଟଙ୍କାର ନିବେଶ ସ୍ୱୀକୃତି ମିଳିଛି, ଯାହା ମାଧ୍ୟମରେ ୪୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେଥିମଧ୍ୟରେ ଔଷଧ ଶିଳ୍ପ, ଚିକିତ୍ସା ଉପକରଣ, ଅକ୍ଷୟଶକ୍ତି, ବସ୍ତ୍ର,ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଡାଟା ସେଣ୍ଟର, ଆଧୁନିକ ଉତ୍ପାଦନ ଏବଂ ସହଯୋଗୀ ଶିଳ୍ପ ରହିଛି। ଯାହା ଓଡ଼ିଶାର ବିବିଧ ଏବଂ ଭବିଷ୍ୟତମୁଖୀ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ବଢ଼ୁଥିବା ଆକର୍ଷଣକୁ ସ୍ପଷ୍ଟ କରୁଛି ବୋଲି ସମ୍ମିଳନୀରୁ ଜଣାଯାଇଛି।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ଓଡ଼ିଶା ନିବେଶକ ସମ୍ମିଳନୀରେ ମିଳୁଥିବା ଦୃଢ଼ ପ୍ରତିଶ୍ରୁତି ଓଡ଼ିଶାର ନୀତିଗତ ଢାଞ୍ଚା ଏବଂ ପ୍ରଶାସନିକ ମଡେଲ୍ ଉପରେ ଶିଳ୍ପ ସମୁଦାୟର ବିଶ୍ୱାସକୁ ପ୍ରମାଣିତ କରୁଛି। ଏହା ମାଧ୍ୟମରେ ଓଡ଼ିଶା ଶିଳ୍ପ ସମୃଦ୍ଧ ଦିଗରେ ଅଗ୍ରଗତି କରିବା ସହିତ ନିବେଶକମାନଙ୍କୁ ଏକ ସୁସ୍ଥ ପରିବେଶ ଯୋଗାଇବ ବୋଲି ସେ କହିଥିଲେ।




ହାଇଦ୍ରାବାଦସ୍ଥିତ ଇନ୍‌ଭେଷ୍ଟର୍ସ ମିଟ୍ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ନିବେଶକଗଣ।

# ନବୀନଙ୍କ ନିଷ୍ପତ୍ତିରେ ପ୍ରଥମରୁ ନ ଥିଲେ, ଏବେ ବଦଳିଲେ

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କ ଦରମା ଏବଂ ଭତ୍ତା ବୃଦ୍ଧି ସମ୍ପର୍କିତ ବିଲ୍ ଯାହା ବିଧାନସଭାରେ ପାରିତ ହୋଇଛି ସେଥିରେ ସଂଶୋଧନ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ବିଧାୟକମାନେ ଏନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଲ୍ ଉପରେ ପୁନର୍ବିଚାର କରିବା ନେଇ ଦସ୍ତଖତ ସମ୍ବଳିତ ଦରଖାସ୍ତ ଦେବାପରେ ଦରମା ଓ ଭତ୍ତା ବୃଦ୍ଧି ସମ୍ବନ୍ଧିତ ନିଷ୍ପତ୍ତି ବଦଳିପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଶୁକ୍ରବାର ବିଜେଡି ବିଧାୟକମାନଙ୍କ ପକ୍ଷରୁ ମଧ ଏହି ନିଷ୍ପତ୍ତିର ପୁନର୍ବିଚାର ଲାଗି ଦାବି କରାଯାଇଛି। ହେଲେ କିଛିଦିନ ତଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବେ ନାହିଁ, ବରଂ ତାକୁ ଗରିବମାନଙ୍କ କଲ୍ୟାଣରେ ଲଗାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ନବୀନଙ୍କ ଏଭଳି ଚିଠି ପରେ ମଧ୍ୟ ଆଉ ଜଣେ କେହି ବିଜେଡି ବିଧାୟକ ସେମାନଙ୍କ ବର୍ଦ୍ଧିତ ଦରମା ନେବେନି ବୋଲି କହିଲେନି। ଯେତେବେଳେ ଭାଜପା ବିଧାୟକମାନେ ନିଷ୍ପତ୍ତି ବଦଳାଇବାକୁ କହିଲେ, ତା'ପରେ ବିଜେଡି ନିଷ୍ପତ୍ତିର ପୁନର୍ବିଚାର କଥା କହିବା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ବିରୋଧୀ ଦଳ ଉପନେତା ପ୍ରତାପ ଦେବ କହିଛନ୍ତି, ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ବିଜେଡି ସଭାପତି ପୂର୍ବରୁ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ଓ ଏହାକୁ ଗରିବ କଲ୍ୟାଣ କାର୍ଯ୍ୟରେ ବିନିଯୋଗ କରିବା ପାଇଁ କହିଥିଲେ। ଏହାର ପୁନର୍ବିଚାର ପାଇଁ ବିଜେଡି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି। ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକମାନଙ୍କ ପେନସନ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇ ଗତ ୯ ତାରିଖରେ ସର୍ବସମ୍ମତି କ୍ରମେ ବିଲ୍ ପାସ୍ ହୋଇଥିଲା। ଏହି ବର୍ଦ୍ଧିତ ଦରମା ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟାକୁ ସମ୍ମାନ ଜଣାଇ ନବୀନଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପକ୍ଷରୁ ଏହାକୁ ପୁନର୍ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଥିବା ଉଭୟ ନେତା କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଏବଂ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନେଲ୍ କ୍ଲବ ପକ୍ଷରୁ ଅଲ୍ ବ୍ରିଡ୍ସ ଚାମ୍ପିୟନଶିପ୍ ଡଗ୍ ଶୋ, ସ୍ଥାନ: ଓଡ଼ିଶା ଭେଟେରିନାରି କଲେଜ ପରିସର(ଓୟୁଏଟି), ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ସନ୍ଥ ଗେଜ୍ ମିଶନ ପକ୍ଷରୁ ୭୦ତମ ମହାପରିନିର୍ବାଣ ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ସଟଲ୍ ସ୍ମାଶର୍ସ-୨୦୨୫, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ଡିଷ୍ଟ୍ରିକ୍ଟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ୩୩ତମ ଡିଷ୍ଟ୍ରିକ୍ଟ କ୍ୟାମ୍ପୋରି ୨୦୨୫-୨୬, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଭୀମଟାଙ୍ଗି, ସମୟ: ଅପରାହ୍ନ ୪ଟା ୩୫।
- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ୫୨ତମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଏମ୍-୧୫, ବିଜେବି ନଗର, ସମୟ: ଅପରାହ୍ନ ୪ଟା ୩୦।
- ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ୪୧ତମ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ରସୁଲଗଡ଼, ସମୟ: ଅପରାହ୍ନ ୪ଟା ୩୦।

## କଟକ
- କେନ୍ଦ୍ରିକ ବିଦ୍ୟାଳୟର ସାଂସ୍କୃତିକ ପ୍ରଦର୍ଶନୀ ଓ ଖାଦ୍ୟମେଳା, ସ୍ଥାନ: ବିଦ୍ୟାଳୟ ପରିସର, କ୍ୟାଣ୍ଟନମେଣ୍ଟ ରୋଡ୍, ସମୟ: ସକାଳ ୮ଟା।
- ଇଂ ପ୍ରମୋଦ କୁମାର ମିଶ୍ରଙ୍କ ରଚିତ ୫ଟି କବିତା ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଅନ୍ନପୂର୍ଣ୍ଣା ବି' ଗ୍ରୁପ କଳାକାରଙ୍କ ଦ୍ୱାରା ଅଭିନୀତ ହେବ ନାଟକ ପ୍ରେମ ଉପତ୍ୟକାରେ ଝଡ଼, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ବାରପଥର, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ : ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ, ସତ୍ୟବାଦୀ, ସମୟ: ପୂର୍ବାହ୍ନ ୧୧ଟା।
- ଜେଜେବାପା ଓ ଜେଜେମା' ସମ୍ମିଳନୀ, ସ୍ଥାନ: ବାସୁକେରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ଅପରାହ୍ନ ୨ଟା।
- ନବମ ଜାତୀୟ ରୁମାଲ ଦିବସ ପାଳନ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ମହୋତ୍ସବ ଅବସରରେ ନୌକା ଚାଳନା ପ୍ରତିଯୋଗିତା, ସ୍ଥାନ: ଗୋଲ୍ଡେନ ବିଚ୍, ସମୟ: ଅପରାହ୍ନ ୩ଟା।
- ପୁରୀ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୋଲ୍ଡେନ ବିଚ୍, ସମୟ: ସନ୍ଧ୍ୟା ୬ଟା।
- ସତ୍ୟୋତ୍ସବର ଉଦ୍‌ଘାଟନୀ ପର୍ବ, ସ୍ଥାନ: ପୌରସଦନ, ସମୟ: ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ଲେଖକ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସଦାଶିବ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା ୪୫।
- କୋର୍ଟ ସ୍ଥାନାନ୍ତର ପ୍ରତିବାଦରେ ରାସ୍ତାରୋକୋ, ସ୍ଥାନ: ଅଠରନଳା ନିକଟ ପୁରୀ ପ୍ରବେଶ ପଥ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଏକ୍ସଆଇଏକ୍ସ ଏମ୍‌ପିଏସ୍ ଏଡୁ ଏକ୍ସପୋ, ସ୍ଥାନ:ମଡର୍ଣ୍ଣ ପବ୍ଲିକ ସ୍କୁଲ, ମେଘଡ଼ମ୍ବରୁ କ୍ୟାମ୍ପସ, ବାଲେଶ୍ୱର, ସମୟ:ସକାଳ୯ଟା।
- ସ୍ୟାଣ୍ଡ ଫେଷ୍ଟ-୨୦୨୫ ଉଦ୍‌ଘାଟନୀ, ସ୍ଥାନ:ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ:ସନ୍ଧ୍ୟା ୫ଟା ୩୦।

## ଭଦ୍ରକ
- ବ୍ଲକସ୍ତରୀୟ ଶିଶୁ ଉତ୍ସବ, ସ୍ଥାନ: ପିରିପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ସଙ୍କୁଳ କ୍ରୀଡ଼ା,ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ,ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ୧୬ ବର୍ଷରୁ କମ୍ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ମ୍ୟାଚ,ସ୍ଥାନ:ମଧୁବନ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଗୋସାଣୀ ନୂଆଗାଁ ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୧ ଟା।

## ଗଞ୍ଜାମ
- ଶିକ୍ଷକ ଅଭିଭାବକ ବୈଠକ, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୧ ଟା।

## କନ୍ଧମାଳ
- ପ୍ରାକ୍ ଖ୍ରୀଷ୍ଟ ଜୟନ୍ତୀ ମହୋତ୍ସବ, ସ୍ଥାନ: ବ୍ରାହ୍ମଣୀଗାଁ ସ୍ଥିତ କ୍ୟାଥଲିକ ଦେବାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଗଜପତି
- ପିଏମଶ୍ରୀ ଉତ୍ସବ, ସ୍ଥାନ: ପିଏମଶ୍ରୀ ଏସଏସଡି ସରକାରୀ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।

## ଅନୁଗୋଳ
- ଜେଜେବାପା, ଜେଜେମା ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ବେଟି ବଚାଓ ବେଟି ପଢ଼ାଓ ଉପରେ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ନିମାଇଁ ଭବନ, ଟାଉନ ହଲ୍, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କେନ୍ଦ୍ରାପଡ଼ା
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀ ମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡା, ସମୟ: ସକାଳ ୯ଟା।

## ଯାଜପୁର
- ଯାଜପୁର ଯଜ୍ଞ ବରାହ ଜୀଉଙ୍କ ସ୍ୱନକ୍ଷତ୍ର ଦିବସ ପାଳନ, ସ୍ଥାନ: ଯାଜପୁର ବରାହ ମନ୍ଦିର ପରିସର, ସମୟ: ସକାଳ ୭ଟା।

## ନୟାଗଡ଼
- ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିରଠାରୁ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଦେଇ ଗୋଳେଇ ଟ୍ରାଫିକ ଛକ, ସମୟ:ସନ୍ଧ୍ୟା ୬ଟା ।

## ରାୟଗଡ଼ା
- ଉପଖଣ୍ଡ ସ୍ତରୀୟ ଚଇତି ଇଡିତାଲ ଉପଲକ୍ଷେ ମିନି ମାରାଥନ, ସ୍ଥାନ: ଗାୟତ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ କମ୍ପ୍ୟୁଟର ସାଇନ୍ସ ଏବଂ ମ୍ୟାନେଜମେଣ୍ଟ ରେଗେଡାଠାରୁ ବାଇପାସ ଛକ, ଗୁଣପୁର, ସମୟ: ସକାଳ ୭ ଟା।

## ନବରଙ୍ଗପୁର
- ଚାଷୀଙ୍କ ସମସ୍ୟାକୁ ନେଇ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉମରକୋଟ ଦର୍ଗାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ବାଲ ବିବାହ ମୁକ୍ତ ଯୋଜନା ଶୁଭାରମ୍ଭ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୧୦୦ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ନାରୀ ସେବା ସଦନ, ସମ୍ବଲପୁର, ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।

## ରାଉରକେଲା
- ହାଇଡ୍ରୋ ୨୦୨୫ ଅନ୍ତର୍ଜାତୀୟ ସମାବେଶ, ସ୍ଥାନ: ରାଉରକେଲା ଏନ୍‌ଆଇଟି ବିବିଏ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।

## ବରଗଡ଼
- ଧନୁଯାତ୍ରା ମହୋତ୍ସବ କାଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ:ଗାନ୍ଧୀ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କଳାହାଣ୍ଡି
- କ୍ଷୁଦ୍ର ଖାଦ୍ୟଶସ୍ୟ ମେଳା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରେଗଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ଆଦର୍ଶ ବିଦ୍ୟାଳୟ ପରିସର ତେତେଲେଙ୍ଗା, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ,ସ୍ଥାନ: ଟେଭାପଦର,ବୀରମହାରାଜପୁର ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ଷଷ୍ଠ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ, ସ୍ଥାନ:ଝରିଆନାଳା, ଝାରସୁଗୁଡ଼ା, ସମୟ:ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଘରର ଅସଜଡା ପରିସ୍ଥିତିକୁ ସଜାଡ଼ିବାକୁ ଯାଇ ମାନସିକ ସ୍ଥିତି ବିକ୍ଷିପ୍ତ ରହିବ। ଦ୍ୱିଜା ନକ୍ଷତ୍ରର ଗତକାଲିର ଟେନ୍‌ସନ ଆଜି କମିଯାଇପାରେ। ଜମିଜମା, ପୁରାତନ ଗାଡ଼ି ପ୍ରଭୃତି କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ**
ଆପଣଙ୍କ ଉତ୍ତମ ଚିନ୍ତାଧାରା ଓ ସୁସଂଯତ କାର୍ଯ୍ୟଶୈଳୀ ଯୋଗୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ନିକଟରେ ମନର ଦୁଃଖକୁ ଲୁଚାଇ ହସି ହସି କଥା କହିବାକୁ ବାଧ୍ୟ ହେବେ। ଗତକାଲିଠାରୁ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। ମୃଗଶିରା ନକ୍ଷତ୍ର ପରିବହନ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ପୃଷ୍ଠପୋଷକତା ଲାଭକରି ଅଭିଳାଷ ପୂରଣ କରିପାରିବେ। ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ କେତେକ କ୍ଷେତ୍ରରେ ପରିସ୍ଥିତି ଆପଣଙ୍କୁ ଯେସାକୁ ତେସା ନୀତିରେ କାମ କରିବାକୁ ବାଧ୍ୟ କରିପାରେ। ପୁନର୍ବସୁ ନକ୍ଷତ୍ରକୁ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡ଼ିବ।

**କର୍କଟ**
ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଯାଇ ପରିଶ୍ରମଜନିତ ସ୍ୱାସ୍ଥ୍ୟ ହାନି ଘଟିପାରେ। ପାରିବାରିକ ସ୍ଥିତି ଭଲ ରହିବା ସହ ସାମାଜିକ ସ୍ତରରେ ଆଦର ପାଇବେ। ଆଲୋଚନା ସମୟରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟକୃତି ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ଆନୁଷ୍ଠାନିକ କାମରୁ ପ୍ରଶଂସିତ ହେବେ।

**ସିଂହ**
ଆର୍ଥିକ ସ୍ୱଚ୍ଛଳତା ରହିବାରୁ ମାନସିକ ସ୍ଥିରତା ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ନ ଚଳିଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିବାର ଶୁଭସୂଚନା ରହିଛି। ଉତ୍ତରାଫାଲଗୁନୀ ନକ୍ଷତ୍ର ଭୁଲ୍‌ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା**
ହସ୍ତା ନକ୍ଷତ୍ରର ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ ସମସ୍ୟା ନିୟନ୍ତ୍ରିତ ରହିପାରେ। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇ କାମ ବେଳକୁ ଦେଖାଦେବେ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘ ଦିନର ସମସ୍ୟା ସମାଧାନ ହେବ। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତି ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ତୁଳା**
ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ଲକ୍ଷ୍ୟ କରିପାରନ୍ତି। ବିଶାଖା ନକ୍ଷତ୍ର ସଭାସମିତିରେ ବନ୍ଧୁ ଗହଣରେ ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିବେ। ଇଚ୍ଛା ନଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ସାମୟିକ ଆନନ୍ଦ ମିଳିବ।

**ବିଛା**
ସମୟୋଚିତ ପଦକ୍ଷେପ ଅଭାବରୁ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର ନିଜ ପରିସରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ଅଭାବ ନ ଥିଲେ ମଧ୍ୟ ଆବଶ୍ୟକତା ପୂରଣ ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ**
ପୂର୍ବାପେକ୍ଷା ମାନସିକ ଶାନ୍ତିର ଅଭାବ ପରିଲକ୍ଷିତ ହେବ। କର୍ମ ଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ଆଶଙ୍କା ରହିଛି। ପୂର୍ବାଷାଢ଼ା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସରକାରୀ କାମ ଓ କଚେରି ମାମଲାରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

**ମକର**
ମନ ଚାହୁଁଥିଲେ ହେଁ ଆନ୍ତରିକ ଚେଷ୍ଟାର ଅଭାବ ଲକ୍ଷ୍ୟ ପୂରଣରେ ଅନ୍ତରାୟ ସୃଷ୍ଟି କରିବ। ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକ ଦେଖାଦେବ। ପରିବାରରେ, ବନ୍ଧୁମେଳରେ ତଥା କର୍ମକ୍ଷେତ୍ରରେ ଶ୍ରବଣା କୃତକାର୍ଯ୍ୟ ହେବେ। ଧନିଷ୍ଠା ନକ୍ଷତ୍ର ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରି ମୂଳ ଲକ୍ଷ୍ୟକୁ ପାସୋରି ଦେଇପାରନ୍ତି।

**କୁମ୍ଭ**
ଅନୁକୂଳ ଗ୍ରହ ପ୍ରଭାବରେ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଶତଭିଷା ନକ୍ଷତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ସାମାନ୍ୟ ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ଆଶଙ୍କା ରହିଛି। ଖଳ ଲୋକଙ୍କ କାନକୁହା କଥାକୁ ବିଶ୍ୱାସ କରି ପାରିବାରିକ ଜୀବନରେ ସମସ୍ୟା ଆସିବ। ଉତ୍ତରଭାଦ୍ର ନକ୍ଷତ୍ର ନିରୁଦ୍ଦିଷ୍ଟ ବ୍ୟକ୍ତି କିମ୍ବା ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଡିସେମ୍ବର ୨୦ ତାରିଖ, ଶନିବାର, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ସକାଳ ଘ.୦୭।୧୩ ମି. ଗତେ ପୌଷ ଶୁକ୍ଳ ପ୍ରତିପଦା, ରାଶିନକ୍ଷତ୍ର-ମୂଳା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୪୬ ଗତେ ଘ.୦୯।୦୨ ମଧ୍ୟେ, ଘ.୧୨।୦୫ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୯।୦୨ ଗତେ ଘ.୦୧।୨୩ ମଧ୍ୟେ ରାହୁ କାଳ।

## ଗାଡ଼ି କିଣାରୁ ..
ମନ୍ତ୍ରୀଙ୍କ ପାଖକୁ ଯାଇ ନ ଥିଲା ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଦ୍ରବ୍ୟ ସଂଗ୍ରହ ନୀତି ତଥା ସରକାରଙ୍କ ନିୟମ ଅନୁଯାୟୀ, ୧୦ କୋଟି ଟଙ୍କାରୁ ଅଧିକ କାର୍ଯ୍ୟରେ ବିଭାଗୀୟ ମନ୍ତ୍ରୀଙ୍କ ଅନୁମତି ଆବଶ୍ୟକ। ମାତ୍ର ଏହିସବୁ ଗାଡ଼ି କିଣାବେଳେ ସେସବୁକୁ ଗୁରୁତ୍ୱ ଦିଆଯାଇ ନାହିଁ। ତେବେ ଏତେଦିନ ପରେ କଥା ଲୋକଲୋଚନକୁ ଆସିବାର କାରଣ ହେଲା, ବିଭାଗ ପକ୍ଷରୁ ଏତେ ସଂଖ୍ୟକ ଗାଡ଼ି କିଣାଯାଇଥିଲେ ହେଁ ବିଭାଗୀୟ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିନାହାନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ନ୍ୟାୟରେ ଏବେ ଏହାର ଟିକିନିଖି ତଦନ୍ତ ଲାଗି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଧାନସଭାର ପ୍ରମୁଖ ସଦସ୍ୟ ଜଣକ ଅଭିଯୋଗରେ କହିଛନ୍ତି। ତେବେ ବିଭାଗରେ ଦୁର୍ନୀତି ଅଭିଯୋଗକୁ ବରଦାସ୍ତ ନ କରି ମନ୍ତ୍ରୀ ଯେଉଁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ତାହା କି ପ୍ରକାର ନିର୍ଯ୍ୟାସ ଆଣୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଟୋକନ ସମସ୍ୟା: ସମ୍ବଲପୁର ...
ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସଙ୍ଗଠନର ଆବାହକ ଅଶୋକ ପ୍ରଧାନ, ପ୍ରବକ୍ତା ସରୋଜ, ଜିଲା ସଭାପତି ବ୍ୟୋମକେଶ ଠାକୁର, ଉମେଶ ମିଶ୍ର, ଶ୍ରମିକ ନେତା ମହେଶ୍ୱରଷଣ୍ଢପ୍ରମୁଖବିଚାରପତିଙ୍କବାଟଓଗାଳିଚାଷୀଙ୍କସମର୍ଥନରେକାର୍ଯ୍ୟରେ ଯୋଗ ନ ଦେବାକୁ ହାତଯୋଡ଼ି ନିବେଦନ କରିଥିଲେ। ସମ୍ବଲପୁର ସହର ସହ ସହର ଉପକଣ୍ଠସ୍ଥ ସିନ୍ଦୂରପଙ୍କ ତଥା ଜିଲାର କୁଚିଣ୍ଡା, ରେଢ଼ାଖୋଲ, ଜମନକିରା, ପଡ଼ିଆବାହାଲ, ଗୋଶାଳା ଅଞ୍ଚଳକୁ ମଧ୍ୟ ଚାଷୀମାନେ ବନ୍ଦ କରିଥିଲେ।

## ଡଗଡମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆହାର ଛାଟ**
**ଜଗି ନ ରହିଲେ ଯମର ଭେଟ।**
ଆହାର ବା ଖାଦ୍ୟ ଶରୀର ନିର୍ବାହ ପାଇଁ ଆବଶ୍ୟକ। ଏହା ଦେହକୁ କ୍ରିୟାଶୀଳ କରି କାର୍ଯ୍ୟ କରିବାକୁ ଶକ୍ତି ଯୋଗାଏ। ସାଧାରଣତଃ ଲୋକମାନେ ଜିହ୍ୱା ଲାଳସାରେ ଅନେକ ପ୍ରକାର ଖାଦ୍ୟ ଖାଇଦିଅନ୍ତି। ଖାଦ୍ୟର ଉପକାରୀ ଗୁଣ ସହ ଅପକାରୀ ଗୁଣ ମଧ୍ୟ ରହିଛି। ଖାଦ୍ୟର ଗୁଣ, ତତ୍ତ୍ୱ ଓ ପରିମାଣ ବିଚାର ନ କଲେ ଶରୀର ଅସୁସ୍ଥ ହୋଇ ମୃତ୍ୟୁମୁଖରେ ପଡ଼ିବାର ମଧ୍ୟ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗେ ନ ବୁଝି ପଛେ ଭାଳ,**
**ପଛେ ଦେଖିବୁ କୁତା ପାଳ।**
ବୁଝି ବିଚାରି କାମ ନ କଲେ ପଛରେ ଅନୁତାପ କରିବା ହିଁ ସାର ହୋଇଥାଏ। ନେଡ଼ିଗୁଡ଼ କହୁଣି କୁ ବୋହିଯିବା ଭଳି ପଛରେ ଭାଳି ହେଲେ ଆଉ କିଛି ଲାଭ ମିଳି ନ ଥାଏ। ତେଣୁ ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ତା'ର ଭଲ ମନ୍ଦ ଦିଗ ପ୍ରତି ଧ୍ୟାନ ଦିଆଯିବା ଉଚିତ୍ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ପ୍ରତିଦିନ ଓଡ଼ିଶାରୁ ...
ଅନୁମୋଦନଠାରୁ ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନ କରିବା ସହ ସେହି ଅନୁସାରେ ଷ୍ଟାମ୍ପ ଡ୍ୟୁଟି ଏବଂ ରେଜିଷ୍ଟ୍ରେଶନ ଫି ଦେବା ପରିବର୍ତ୍ତେ ଏହା ବିରୋଧରେ ହାଇକୋର୍ଟରେ ରିଟ୍ ପିଟିଶନ ଦାୟର କରିଛନ୍ତି। ଫଳରେ କୋର୍ଟରେ ମାମଲା ଥିବାବେଳେ ଏହି କେତୋଟି କମ୍ପାନୀଠାରୁ ଓଡ଼ିଶା ସରକାର ପାଇବାକୁ ଥିବା ଷ୍ଟାମ୍ପ ଡ୍ୟୁଟି ବାବଦକୁ ୨୩୪ କୋଟି ୫୧ ଲକ୍ଷ ୧୩ ହଜାର ୪୧୭ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି' ବାବଦ ୯୩ କୋଟି ୮୦ ଲକ୍ଷ ୪୫ ହଜାର ୩୬୭ ଟଙ୍କା ଏହିପରି ମୋଟ୍ ୩୨୮ କୋଟି ୩୧ ଲକ୍ଷ ୫୮ ହଜାର ୭୮୪ ଟଙ୍କା ହରାଇଛନ୍ତି। କେବେ ଏ ସମ୍ପର୍କିତ ମାମଲାର ଚୂଡ଼ାନ୍ତ ଶୁଣାଣି ହେବ ଏବଂ କେବେ ସରକାର ତାଙ୍କ ନ୍ୟାଯ୍ୟ ରାଜସ୍ୱ ବାବଦ ଅର୍ଥ ପାଇବେ ତାକୁ ନେଇ ସନ୍ଦେହ ଦେଖାଦେଇଛି। ଏହି ହାତଗଣତି କେତୋଟି କମ୍ପାନୀ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଖଣି ଉତ୍ତୋଳନକରି କୋର୍ଟକୁ ଯିବା ପରେ ସେହି ବାହାନାରେ ରାଜ୍ୟରେ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବା ଆହୁରି ବହୁ କମ୍ପାନୀକୁ ଏହା ସୁହାଇଯାଇଛି। କାରଣ ସେମାନେ ମଧ୍ୟ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନକରି ସେ ସମ୍ବନ୍ଧିତ ଅଧିକ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେଶନ ଫି' ନ ଦେଇ ମାମଲା କୋର୍ଟରେ ଥିବା କହି ରାଜ୍ୟକୁ ମିଳିବାକୁ ଥିବା ରାଜସ୍ୱ ଫାଙ୍କି ସେହି ଟଙ୍କା ସବୁ ନିଜ ପକେଟରେ ପୂରାଇବାରେ ଲାଗିଛନ୍ତି। ଜଣେ ବରିଷ୍ଠ ଖଣି ଅଧିକାରୀଙ୍କ ସୂଚନା ମୁତାବକ, ମାମଲା କୋର୍ଟରେ ଥିବାବେଳେ ବାସ୍ତବରେ ଏବେ ଖଣି ପଟ୍ଟାଧାରୀମାନେ ଦୈନିକ କେତେ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରୁଛନ୍ତି ତା'ର ଠିକ୍ ତଥ୍ୟ ମଧ୍ୟ ବର୍ତ୍ତମାନ ସରକାର ରଖିବାରେ ବିଫଳ ହେଉଛନ୍ତି। ଫଳରେ ଅନେକ ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ରାଜ୍ୟରୁ ଏହି ବାଟରେ ପ୍ରତିଦିନ ଚୋରି ହେବାରେ ଲାଗିଛି।

ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଗତ ୪ ତାରିଖରେ ବିଧାନସଭାରେ ରଖିଥିବା ଉତ୍ତର ଅନୁଯାୟୀ, ଯୋଡ଼ା ଇଷ୍ଟ ଆଇରନ ମାଇନ୍ସରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ବାବଦରେ ଟାଟା ଷ୍ଟିଲ୍ ଲିମିଟେଡ୍ ୪୯ କୋଟି ୪୦ ଲକ୍ଷ ୧୭ ହଜାର ୫୦୦ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଏବଂ ୧୯ କୋଟି ୭୬ ଲକ୍ଷ ୦୭ ହଜାର ଟଙ୍କାର ରେଜିଷ୍ଟ୍ରେଶନ ଫି' ବାବଦ ଅର୍ଥ ବକେୟା ରଖିଛି। ସେହିପରି କତାମାଟି ଆଇରନ ମାଇନ୍ସରୁ ଟାଟା ଷ୍ଟିଲ୍ ଲିମିଟେଡ୍ ଷ୍ଟାମ୍ପ ଡ୍ୟୁଟି ବାବଦକୁ ୬୧ କୋଟି ୪୮ ହଜାର ୨୭ ଲକ୍ଷ ୫୮୮ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି ୨୪ କୋଟି ୫୯ ଲକ୍ଷ ୩୧ ହଜାର ୦୩୫ ଟଙ୍କା, ଇନ୍ଦ୍ରାଣୀ ପଟ୍ଟନାୟକ ଷ୍ଟାମ୍ପ ଡ୍ୟୁଟି ୩୯ କୋଟି ୦୩ ଲକ୍ଷ ୨୮ ହଜାର ୩୬୫ ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି ୧୫ କୋଟି ୬୧ ଲକ୍ଷ ୩୧ ହଜାର ୩୪୬ ଟଙ୍କା, ଟାଟା ଷ୍ଟିଲ୍ ତିରିଙ୍ଗ ପାହାର ମାଇନିଂ ବାବଦରେ ଷ୍ଟାମ୍ପ ଡ୍ୟୁଟି ୩ କୋଟି ୨୬ ଲକ୍ଷ ୫୮ ହଜାର, ୮୧୮ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୧ କୋଟି ୩୦ ଲକ୍ଷ ୬୩ ହଜାର ୫୨୮ ଟଙ୍କା, ବାମେବାରୀ ମାଇନିଂ ବାବଦରେ ଟାଟା ଷ୍ଟିଲ୍ ଷ୍ଟାମ୍ପ ଡ୍ୟୁଟି ୩ କୋଟି ୭୮ ଲକ୍ଷ ୩୬ ହଜାର ୨୨୩ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୧ କୋଟି ୫୧ ଲକ୍ଷ ୩୪ ହଜାର ୪୮୯ ଟଙ୍କା, ଖଣ୍ଡାବନ୍ଧ ମାଇନିଂ ବାବଦକୁ ଟାଟା ଷ୍ଟିଲ୍ ଷ୍ଟାମ୍ପ ଡ୍ୟୁଟି ୬୭ କୋଟି ୮୪ ଲକ୍ଷ ୫୦ ହଜାର ୭୦୦ ଟଙ୍କା ଓ ରେଜିଷ୍ଟ୍ରେଶନ ଫି ୨୭ କୋଟି ୧୩ ଲକ୍ଷ ୮୦ ହଜାର ୨୮୦ ଟଙ୍କା, ଯୋଡ଼ା ୱେଷ୍ଟ ମାଇନିଂ ବାବଦରେ ଟାଟା ଷ୍ଟିଲ୍ ଲିମିଟେଡ୍ ଷ୍ଟାମ୍ପ ଡ୍ୟୁଟି ୯ କୋଟି ୬୯ ଲକ୍ଷ ୯୪ ହଜାର ୨୨୩ ଟଙ୍କା ଓ ରେଜିଷ୍ଟ୍ରେଶନ ଫି' ୩ କୋଟି ୮୭ ଲକ୍ଷ ୯୭ ହଜାର ୬୮୯ ଟଙ୍କା ସରକାରଙ୍କୁ ଦେବାକୁ ରହିଛି। ଏହି କେତୋଟି ସଂସ୍ଥା କୋର୍ଟରେ ମାମଲା କରିଥିବା ନେଇ ସରକାର ବିଧାନସଭାରେ ତଥ୍ୟ ରଖିଛନ୍ତି, ହେଲେ ଏମାନଙ୍କ ବାଟରେ ଆଉ କେତେ ଖଣି କମ୍ପାନୀ ଏପରି ରାଜସ୍ୱ ଟଙ୍କା ବକେୟା ରଖି କୋର୍ଟ ନିଷ୍ପତ୍ତି ଆସିବା ଅପେକ୍ଷାରେ ସରକାରଙ୍କୁ ଠକି ଚାଲିଛନ୍ତି ସେକଥା ସାମ୍ନାକୁ ଅଣାଯାଉ ନାହିଁ। ରାଜ୍ୟ ଆଡଭୋକେଟ୍ ଜେନେରାଲ ଅଫିସ୍ ଏହି ମାମଲାକୁ ନେଇ ଯେମିତି କୋର୍ଟରେ ଲଢ଼ିବା କଥା ଜାଣିଶୁଣି ତାହା ନ କରି ଆନ୍ତରିକତାର ଅଭାବ ଦେଖାଉଛନ୍ତି, ଯେଉଁଥିଲାଗି ପ୍ରତିଦିନ ରାଜ୍ୟ ରାଜକୋଷର କ୍ଷତି ହୋଇଚାଲିଛି। ସୂଚନାଯୋଗ୍ୟ, ରାଜ୍ୟରେ ଅଦ୍ୟାବଧି ୩୮୭ଟି ଖଣି ଅବଧି ଏବେ ବଳବତ୍ତର ରହିଛି। ସେଥିମଧ୍ୟରୁ ୨୦୪ଟି ଖଣି କାର୍ଯ୍ୟକ୍ଷମ ଥିବାବେଳେ ବିଭିନ୍ନ କାରଣ ଯୋଗୁ ୧୮୩ଟି କାର୍ଯ୍ୟକ୍ଷମ ନାହିଁ। ଖଣି ପଟ୍ଟାଧାରୀମାନେ ସେମାନଙ୍କ ଖଣିରୁ ଖଣିଜ ପଦାର୍ଥ ଉତ୍ତୋଳନକରିବା ସହ ଖଣି ଓ ଖଣିଜ ଅଧିନିୟମ ୨୦୧୬ ଅନୁଯାୟୀ ଖଣି ଅଞ୍ଚଳରେ ସର୍ବେକ୍ଷଣ ଅନୁସନ୍ଧାନ କରିବାର ବିଧି ରହିଛି। ଲିଜ୍‌ଧାରୀମାନେ ତାଙ୍କର ଖଣି ଅଞ୍ଚଳର ମାଇନିଂ ପ୍ଲାନ୍ ଏବଂ ସ୍କିମ୍‌ରେ ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ଚାହିଁଲେ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍)ଙ୍କ ଠାରୁ ଅନୁମୋଦନ ନେବା ଜରୁରୀ। ମାତ୍ର ତାହା ମଧ୍ୟ ସେମାନେ ଠିକ୍ ଭାବେ କରୁ ନ ଥିବା ଜଣାପଡ଼ିଛି।

## ଶାସନ, ସେବାକୁ ...
ସହ ଓଡ଼ିଶା କୃତ୍ରିମ ବୁଦ୍ଧିମତ୍ତା ମିଶନ ପୋର୍ଟାଲର ଲୋକାର୍ପଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ମହାଲିଙ୍ଗ କହିଲେ, ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଏଆଇର ମଡ୍ୟୁଲ ଟୁଲ୍ ବ୍ୟବହାର କରାଯିବ। ଏବେ ଏହାକୁ ସୁଭଦ୍ରା ଯୋଜନା ଓ ଧାନକିଣାରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି। ସୁଭଦ୍ରା ଯୋଜନାରେ ମିଳିଥିବା ଅର୍ଥ କେଉଁ କ୍ଷେତ୍ରରେ ବ୍ୟବହାର କରାଯିବ, କେମିତି ମନିଟର ହେବ, କେଉଁ ବୟସର କେତେ ହିତାଧିକାରୀ ରହିଛନ୍ତି ଏହାର ତଥ୍ୟ ମିଳିପାରିବ। ଏଥିସହ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଓ ତୃଣମୂଳସ୍ତରରେ ଯୋଜନା କାର୍ଯ୍ୟକାରୀ କରିବାରେ ଏଆଇର ସହାୟତା ନିଆଯିବ। ସ୍କୁଲ ପାଠ୍ୟକ୍ରମରେ ଏଆଇ ଉପରେ ସ୍ୱତନ୍ତ୍ର ଚାପ୍ଟର ରଖିବାକୁ ଯୋଜନା କରାଯାଉଛି। ରାଜ୍ୟ ସରକାରଙ୍କ ୪୧ଟି ବିଭାଗରେ ଏଆଇକୁ କାର୍ଯ୍ୟକାରୀ କରାଯିବ। ପ୍ରାରମ୍ଭିକ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ସଂସଦୀୟ ବ୍ୟପାର ବିଭାଗରେ ଏହାକୁ ବ୍ୟବହାର କରାଯିବ। ଭାରତ ଏଆଇ ଇମ୍ପାକ୍ଟ ଶିଖରର ନୀତି -୩ ସୂତ୍ର ଏବଂ ୭ ଚକ୍ର ସହିତ ସମ୍ମିଳନୀର ସମନ୍ୱୟ ଉପରେ ମନ୍ତ୍ରୀ ଆଲୋକପାତ କରି କହିଲେ, ଏହି ନୀତିଗୁଡ଼ିକୁ ମାନବ ପୁଞ୍ଜି, ଅନ୍ତର୍ଭୁକ୍ତି, ବିଶ୍ୱାସ, ସ୍ଥିରତା, ବିଜ୍ଞାନ, ସମ୍ବଳ ଏବଂ ସାମାଜିକ ମଙ୍ଗଳକୁ ନେଇ ବହୁପାକ୍ଷିକ କାର୍ଯ୍ୟର ଦୃଢ଼ତା କ୍ଷେତ୍ରରେ ପରିଣତ କରିଥାଏ। ଏପରି ଆଞ୍ଚଳିକ ଏଆଇ ସମ୍ମିଳନୀ ଓଡିଶା ସହ ଅନ୍ୟ ୭ଟି ରାଜ୍ୟରେ ଅନୁଷ୍ଠିତ ହେଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ମୁଖ୍ୟ ସଚିବ ମନୋଜ ଆହୁଜା କହିଲେ, ନୀତିଗତ ଏବଂ ଉତ୍ତରଦାୟୀ ଭାବେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଅଧିକ ଆବଶ୍ୟକ। ଆମକୁ ଏଆଇ କର୍ମଶାଳାରୁ କାର୍ଯ୍ୟ ପ୍ରତି ଧ୍ୟାନ ଦେବାକୁ ପଡିବ। ଫଳରେ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତା ନିଶ୍ଚିତ ରୂପେ ସାର୍ବଜନୀନ ଭିତ୍ତିଭୂମି ସହିତ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିବ ବୋଲି ସେ କହିଥିଲେ। ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ କହିଲେ, ଏଆଇଚାଳିତ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଓଡ଼ିଶା ପ୍ରତିବଦ୍ଧ। ଏଥିସହ ସେ ଏଆଇ କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଭାରତ ସରକାରଙ୍କ ଏମ୍‌ଇଟିୱାଇର ଯୁଗ୍ମ ସଚିବ ସୁଦୀପ ଶ୍ରୀବାସ୍ତବ, ଇଜିପ୍ଟର ଏଆଇ ଶାସନ ବିଶେଷଜ୍ଞ ଡ. ଅହମ୍ମଦ ହେଫନାୱି ଏବଂ ନୀତି ଫ୍ରଣ୍ଟିୟର୍ ଟେକ୍ ହବ୍‌ର ମୁଖ୍ୟ ସ୍ଥପତି ଦେବଯାନୀ ଘୋଷ ପ୍ରମୁଖ ଯୋଗଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବାଂଲାଦେଶରେ ଭାରତ ...
ଏହି କ୍ରମେ ଡିସେମ୍ବର ୧୨ରେ ଢାକାର ପୁରାନା ପଲଟନ୍ ଅଞ୍ଚଳରେ ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍‌ମାନ ହାଡ଼ି ଏକ ନିର୍ବାଚନୀ ପ୍ରଚାରରେ ବ୍ୟସ୍ତ ଥିବାବେଳେ ତାଙ୍କ ଉପରକୁ ଅତର୍କିତ ଆକ୍ରମଣ ହୋଇଥିଲା। ମୁଖାପିନ୍ଧା ବାଇକ୍ ଆରୋହୀମାନେ ଚଳାଇଥିବା ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଢାକା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି ପରେ ଅଧିକ ଚିକିତ୍ସା ପାଇଁ ସିଙ୍ଗାପୁରକୁ ତାଙ୍କୁ ଏୟାରଲିଫ୍ଟ କରାଯାଇଥିଲା। ସେଠାରେ ଶରିଫଙ୍କ ମୃତ୍ୟୁ ଘଟିଛି। ମହମ୍ମଦ ୟୁନୁସ୍ ସରକାର ଏଥିପାଇଁ ଡିସେମ୍ବର ୨୦ରେ ଦେଶବ୍ୟାପୀ ଜାତୀୟ ଶୋକ ଦିବସ ପାଳନ କରିବାକୁ ଘୋଷଣା କରିଛନ୍ତି। ସେହିଦିନ ପାର୍ଲାମେଣ୍ଟର ସାଉଥ୍ ପ୍ଲାଜାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ଏଥିସହ ଭାରତର ସମାଲୋଚକ ହାଡ଼ିଙ୍କ ସ୍ତ୍ରୀ ଓ ପିଲାଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ବାହାରରୁ ଆସିଥିବା ତତ୍ତ୍ୱ ଦେଶରେ ଭିଡ଼ହିଂସା ଭିଆଉଥିବା ଦର୍ଶାଇ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ୟୁନୁସ୍ ଏକ ଟେଲିଭିଜନ୍ ବାର୍ତ୍ତାରେ କହିଛନ୍ତି।

ଏହି ଘଟଣା ପରେ ୧୭୩ ନିୟୁତ ଜନସଂଖ୍ୟା ବିଶିଷ୍ଟ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ତେଜିବାରେ ଲାଗିଥିବାବେଳେ ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଉଛି। ଗୁରୁବାର ରାତିରେ ମିମେସିଂ ସହରରେ ଉତ୍ୟକ୍ତ ଲୋକେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହରେ ନିଆଁ ଲଗାଇ ଜାଳି ଦେଇଛନ୍ତି। ବିକ୍ଷୋଭକାରୀମାନେ ରାଜଶାହିସ୍ଥିତ ଭାରତୀୟ ମିଶନକୁ ଶୋଭାଯାତ୍ରା କରି ଟେକାମାଡ଼ ଓ ଭଙ୍ଗାରୁଜା କରିବାରୁ ସେଠାରେ ଥିବା ୨ଟି ଭିଜା ଆପ୍ଲିକେଶନ୍ ସେଣ୍ଟରରେ ଅପରେଶନ୍ ବନ୍ଦ କରିଦିଆଯାଇଛି। କାରୱା ବାଜାରସ୍ଥିତ ପ୍ରଥମ ଆଲୋ ଏବଂ ଡେଲି ଷ୍ଟାର ନାମକ ୨ଟି ଖବରକାଗଜ ଅଫିସରରେ ନିଆଁ ଲଗାଇ ଦେଇଛନ୍ତି। ସ୍ଥିତିକୁ ଦୃଷ୍ଟିରେ ରଖି ବାଂଲାଦେଶ ସେନା, ସଶସ୍ତ୍ର ବଳ ବାଟାଲିୟନ୍ (ଏଏଫ୍‌ବି) ଏବଂ ପୋଲିସ ମୁତୟନ କରାଯାଇଛି।

## ହାତୀ ପାଇଁ ୧୦ ...
ବେଳେ ଅନ୍ୟ ଏକ ଦନ୍ତାହାତୀ କଳମଚୁଆ ପ୍ରବେଶ କରିବା ପରେ ସେଠାରୁ ଗ୍ରାମବାସୀ ଘଉଡାଇବାରୁ ହାତୀଟି ପଟ୍ଟାଗଡିଆ, କାଳିଆଗଡିଆ, ଶାଳଗଡିଆ କୁପାରୀ ଦେଇ ଖଇରା ଅଞ୍ଚଳକୁ ପ୍ରବେଶ କରିଥିଲା। ସକାଳ ହେବା ବେଳକୁ ହାତୀ ନଟାପଡା, ଶାଳବଣି, ବଟେଶ୍ୱର ଦେଇ କଣ୍ଟାପଡା ଶାସନରେ ପହଞ୍ଚିଥିଲା। ସେଠାରୁ ସୋର-କୁପାରୀ ରାସ୍ତାରେ ପ୍ରବଳ ଜନଗହଳି ଯୋଗୁ ହାତୀ ଅଣନିଃଶ୍ୱାସୀ ହୋଇ ଲୋକଙ୍କ ଉପରେ ପାଲଟା ଆକ୍ରମଣ କରିବା ଆରମ୍ଭ କରି ଦେଇଥିଲା। ସୁଣ୍ଡିରା ଗ୍ରାମରେ ପାଟିତୁଣ୍ଡ ଶୁଣି ହାତୀ ଦେଖିବାକୁ ଆସୁଥିବା ବେଳେ ସୁଣ୍ଡିରା ପଞ୍ଚାୟତ ସମ୍ମୁଖରେ ହାତୀ ସୁରେନ୍ଦ୍ର ଦାସଙ୍କୁ କଂକ୍ରିଟ ରାସ୍ତା ଉପରେ କଚାଡି ମାରି ଦେଇଥିଲା ଓ ଅନ୍ୟ ୨ଜଣଙ୍କୁ ଆହତ କରିଥିଲା। ହାତୀର ଗତିବିଧିକୁ ଲକ୍ଷ୍ୟ କରି ମହତୀପୁର ଓ ସୁଣ୍ଡିରା ପଞ୍ଚାୟତର ସମସ୍ତ ୧୦ଟି ବିଦ୍ୟାଳୟକୁ ବନ୍ଦ ଘୋଷଣା କରାଯାଇଥିଲା । ସୁଣ୍ଡିରାରେ ବିଭୀଷିକା ଘଟାଇ ହାତୀଟି ନୂଆସାହି, ଅଣ୍ଡାଇଲୋ ଗ୍ରାମଦେଇ ନନ୍ଦୁର ପଞ୍ଚାୟତର ଆମ୍ବବନ୍ଧ ବଣ ଭିତରେ ପଶିଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ବାହାରି ନ ଥିଲା। ବିଭାଗ ନିଆଁ ଜାଳିବା ସହ ବାଣ ଫୁଟାଇ ହାତୀ ଘଉଡାଇବାକୁ ଉଦ୍ୟମ ଜାରି ରଖିଛି।

## ଆହୁରି ୭ଦିନ ...
ଝାରସୁଗୁଡା ୮.୨, ଅନୁଗୋଳରେ ୯, ବୌଦ୍ଧ ୯.୪ ଏବଂ ରାଉରକେଲାରେ ୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆଗାମୀ ୭ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେଣୁ ଆହୁରି ୭ଦିନ ପର୍ଯ୍ୟନ୍ତ ଏପରି ଥଣ୍ଡା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଜାରି କରାଯାଇଛି। ଆସନ୍ତା ଦୁଇଦିନ ଅର୍ଥାତ୍ ଶନିବାର ଓ ରବିବାର ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର ଏବଂ କନ୍ଧମାଳ ଜିଲାରେ ପ୍ରବଳ ଥଣ୍ଡା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, କୋରାପୁଟ, କନ୍ଧମାଳ ଏବଂ କଳାହାଣ୍ଡି ଜିଲାରେ ଘନ କୁହୁଡି ନେଇ ସତର୍କ କରାଯାଇଛି।

**ନବୀନଙ୍କୁ ଭେଟିଲେ ହିଞ୍ଜିଳି ନେତା, କର୍ମୀ**

ଭୁବନେଶ୍ୱର,(ସୁନିତ୍ ମିଶ୍ର): ଶେରଗଡ଼ ପରେ ଶୁକ୍ରବାର ହିଞ୍ଜିଳି ମ୍ୟୁନିସିପାଲିଟିର ବିଜେଡି ନେତା ଓ କର୍ମୀମାନେ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ସରକାରୀ ଉଦାସୀନତା ବିରୋଧରେ ଅଭିଯୋଗ କରିଛନ୍ତି। ସରକାରୀ ଅବହେଳା ଯୋଗୁ ହିଞ୍ଜିଳି ମ୍ୟୁନିସିପାଲିଟି ଅଞ୍ଚଳରେ ବିକାଶ କାମ ସ୍ଥାଣୁ ହୋଇଯାଇଥିବା ଓ ଆଇନ ଶୃଙ୍ଖଳା ଅଧୋଗତି ଆଡ଼କୁ ଯାଉଛି। ହିଞ୍ଜିଳି ଉପଖଣ୍ଡ ଡାକ୍ତରଖାନାରେ ଉନ୍ନତ ଭିତ୍ତିଭୂମି ଥିଲେ ମଧ ସରକାରଙ୍କ ଉଦାସୀନତା ଯୋଗୁ ଡାକ୍ତର ଓ ଷ୍ଟାଫ୍ ଅଭାବ ପାଇଁ ଲୋକମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଉନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ନବୀନ ଏସବୁ ବିଷୟରେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



# ପ୍ରତି ବ୍ଲକ୍‌ରେ ଖୋଲିବ ୨ କଲେଜ

ଭୁବନେଶ୍ୱର,୧୯।୧୨ (ସୁଚିସ୍ମିତା ସାହୁ)

ଓଡ଼ିଶାରେ ଉଚ୍ଚଶିକ୍ଷାର ବିକାଶକୁ ନେଇ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ରେ ୪ଟି ପ୍ରମୁଖ ମାନଦଣ୍ଡକୁ ସ୍ଥାନିତ କରାଯାଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୩୬ ସୁଦ୍ଧା ୫୦% ଓ ୨୦୪୭ ସୁଦ୍ଧା ୬୦% ସାମଗ୍ରିକ ଶିକ୍ଷା ଅନୁପାତକୁ ସୁନିଶ୍ଚିତ କରାଯିବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଲିଙ୍ଗଗତ ସମାନତା ଓ ପଛୁଆ ବର୍ଗରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ଅନ୍ତର୍ଭୁକ୍ତୀକରଣ ଉପରେ ପ୍ରାଧାନ୍ୟ ଦିଆଯିବ। ସ୍ନାତକ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରତି ବ୍ଲକରେ ୨ଟି ଉଚ୍ଚଶିକ୍ଷାନୁଷ୍ଠାନ (କଲେଜ) ଏବଂ ପ୍ରତି ଜିଲାରେ ଅନ୍ତତଃ ଗୋଟିଏ ବୈଷୟିକ ଗବେଷଣାଭିତ୍ତିକ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ରାଜ୍ୟର ୨ଟି ଶିକ୍ଷାନୁଷ୍ଠାନକୁ ବିଶ୍ୱର ଶ୍ରେଷ୍ଠ ୫୦୦ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ (ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା)କୁ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳପତି, ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ପାଇଁ ଶୁକ୍ରବାର ଏକ କର୍ମଶାଳା କୃଷି ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସୂରଜ ଯୋଗଦେଇ କହିଥିଲେ, ଉଚ୍ଚଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ଲାଗି ୧୧.୨୫% ଆସନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ଏକକ ସଂରକ୍ଷଣ ପଦ୍ଧତିକୁ ଅନୁସରଣ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡ଼ର ସଂରକ୍ଷଣ) ପ୍ରସ୍ତାବକୁ କ୍ୟାବିନେଟର ଅନୁମୋଦନ ମିଳିଛି। ବିଦେଶ ଶିକ୍ଷାବୃତ୍ତି ଯୋଜନା ମାଧ୍ୟମରେ ୧୨ଲକ୍ଷରୁ କମ୍ ଆୟ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିବାରର ଛାତ୍ରୀଛାତ୍ରଙ୍କୁ ବିଦେଶରେ ପାଠ ପଢ଼ିବା ପାଇଁ ବାର୍ଷିକ ସର୍ବାଧିକ ୨୫ ଲକ୍ଷ ଓ ୨ ବର୍ଷରେ ସର୍ବାଧିକ ୫୦ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି। 'ସମସ୍ତଙ୍କ ପାଇଁ ଶିକ୍ଷା, ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା' ଆମର ଲକ୍ଷ୍ୟ। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣରେ ଶୈକ୍ଷିକ ସମାଜ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ମତପ୍ରକାଶ କରିଥିଲେ।

**ବିକଶିତ ଓଡ଼ିଶା ଗଠନରେ ଶୈକ୍ଷିକ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ**



କର୍ମଶାଳାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବିଭାଗର ଅଧିକାରୀମାନେ।

# ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚାଲିଛି ଗଛକଟା

ବାରିପଦା,୧୯।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦାସ୍ଥିତ ପାଲବଣୀଠାରେ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନେକ ହଜାର ଗଛ କଟାଯାଉଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପରିବେଶବିତ୍ ତଥା ଆଇନଜୀବୀ ଶଙ୍କର ପ୍ରସାଦ ପାଣି ଗଛକଟା ବନ୍ଦ କରାଯାଉ ବୋଲି ସୋସିଆଲ ମିଡିଆରେ ନିବେଦନ କରିଛନ୍ତି। ପ୍ରସ୍ତାବିତ ବସଷ୍ଟାଣ୍ଡ ୫ ଏକର ଜମିରେ ନିର୍ମାଣ ହେବ। ଏଥିପାଇଁ ବୁଧବାର ପ୍ରାୟ ୫,୦୦୦ ଗଛ କଟାଯାଇଛି। ଗଛ କଟା କେବଳ ୫ ଏକର ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଆଗାମୀ ଦିନରେ ଆଖପାଖି ୩୬ ଏକର ଜମିରୁ ଆହୁରି ଗଛ କଟାଯିବ। ଖୋଲା ଓ ସବୁଜ ସ୍ଥାନ ସଙ୍କୁଚିତ ହେଉଥିବାରୁ ଏହି ଜମିକୁ ସହରାଞ୍ଚଳ ଜଙ୍ଗଲ ଭାବରେ ସଂରକ୍ଷିତ କରାଯାଇପାରିଥାନ୍ତା। ଏତେ ଗଛକଟା ହେଲେ ପକ୍ଷୀ ଏବଂ କୀଟପତଙ୍ଗ ବାସସ୍ଥାନ ହରାଇବେ। ଜିଲା ପ୍ରଶାସନ ଯଦି ଗଛ କାଟିବା କାର୍ଯ୍ୟ କରେ, ତେବେ ବନ ସୁରକ୍ଷା ଗୋଷ୍ଠୀ ନିରୁତ୍ସାହିତ ହେବା ସ୍ୱାଭାବିକ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହରର ପାଲବଣୀ ଅଞ୍ଚଳକୁ ଚିହ୍ନଟ କରାଯାଇଥିଲା। ରାଜସ୍ୱ ବିଭାଗ, ଓଏସ୍‌ଆର୍‌ଟିସି, ବନ ବିଭାଗ ଏବଂ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ପକ୍ଷରୁ ମିଳିତ ତଦନ୍ତ କରାଯାଇ ୫ଏକର ଜମି ବିଶିଷ୍ଟ ଅଣଜଙ୍ଗଲ ଜମିରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଧାର୍ଯ୍ୟ କରାଯାଇଥିଲା। ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୦୨୦୯/୧୫।୧୨।୨୦୨୫ରେ ବାରିପଦା ରେଞ୍ଜ ଅଧିକାରୀଙ୍କୁ ଉକ୍ତ ଜମିରେ ଥିବା ୧୭୮୯ ଗଛ କାଟିବାକୁ ଅନୁମତି ଦିଆଯାଇଥିଲା। ଓଏଫ୍‌ଡିସି ପକ୍ଷରୁ ୧୭ ତାରିଖରୁ ଗଛକଟା ଆରମ୍ଭ ହୋଇଛି। ଚିହ୍ନଟ ସ୍ଥାନରେ ପାଖାପାଖି ୫ ହଜାର ଗଛ ଥିବାବେଳେ ଏହା ସହରକୁ ସବୁଜ ସୁନ୍ଦର ଭାବେ ତୋଳି ରଖିଛି। ଅନ୍ୟପକ୍ଷରେ ସହରରେ ବହୁ ସରକାରୀ ଜାଗା ଥିବା ସତ୍ତ୍ୱେ ପାଲବଣୀ ଅଞ୍ଚଳରୁ ଏତେ ସଂଖ୍ୟକ ଗଛ କାଟିବା ଦୁର୍ଭାଗ୍ୟଜନକ ବୋଲି ଜିଲାର ଅଗ୍ରଣୀ ଛାତ୍ର ସଂଗଠନ ଭଞ୍ଜସେନା କହିଛି। ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ବହୁମାତ୍ରାରେ ଯୋଗାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥାନ ଚିହ୍ନଟ ଓ ସେଠାରେ ହଜାର ହଜାର ଗଛ କଟାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି। ସଂଗଠନ ପକ୍ଷରୁ ଗଛ ନ କାଟି ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ଅନ୍ୟତ୍ର ନିର୍ମାଣ ପାଇଁ ୪/୫ ମାସ ପୂର୍ବରୁ ମୟୂରଭଞ୍ଜ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ତା'ସତ୍ତ୍ୱେ ସେହି ଜାଗାରେ ହଜାର ହଜାର ଗଛ କାଟି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାର ଜିଦ ପ୍ରକୃତରେ ପ୍ରଭାବଶାଳୀ ଲୋକଙ୍କୁ ସରକାରୀ ଜାଗା ପ୍ରଦାନ ପାଇଁ ଜିଲା ପ୍ରଶାସନ ପ୍ରତ୍ୟକ୍ଷ ସହଯୋଗ କରୁଛି ବୋଲି ସଂଗଠନ ଅଭିଯୋଗ କରିଛି। ଏଭଳି କାର୍ଯ୍ୟ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆଇନର ଆଶ୍ରୟ ନେବ ବୋଲି ଭଞ୍ଜସେନା ଚେତାବନୀ ଦେଇଛି।



ମୟୂରଭଞ୍ଜ ଜିଲା ପ୍ରଶାସନର ଅନୁମତିକ୍ରମେ ବାରିପଦାସ୍ଥିତ ପାଲବଣୀଠାରେ ଗଛକଟା ଚାଲିଛି।

# ବିଜେଡି ନେତାଙ୍କ ଭୋଜି: ନେତୃତ୍ୱକୁ ବିରୋଧ ଚର୍ଚ୍ଚା

ଭୁବନେଶ୍ୱର, ୧୯।୧୨(ସୁନିତ୍ ମିଶ୍ର)

ବିଜେଡିର କେତେଜଣ ପୂର୍ବତନ ବିଧାୟକ ଏବଂ ଗତ ନିର୍ବାଚନରେ ପରାଜିତ ନେତା ଭୁବନେଶ୍ୱର ଉପକଣ୍ଠରେ ଏକାଠି ହୋଇ ଏକ ଭୋଜିର ଆୟୋଜନ କରିଥିଲେ। ଏହି ଭୋଜିରେ ଯୋଗଦେଇଥିବା ନେତାମାନଙ୍କ ମଧ୍ୟରୁ କିଏ ତା'ର ନେତୃତ୍ୱ ନେଇଥିଲେ ସେକଥା ହୋଇପାରି ନାହିଁ। ହେଲେ ଯେଉଁ କେତେଜଣ ଭୋଜି ଆୟୋଜନ କରିଥିଲେ ସେମାନେ ମଧ ଜାଣି ନ ଥିଲେ ଏଥିରେ ୪୦ ନେତା ସାମିଲ ହେବେ। ତେବେ ଏହି ଭୋଜିରେ ଯୋଗଦେଇଥିବା ୨ ଜଣ ନେତା ସେମାନଙ୍କ ନାମ ଗୋପନ ରଖି କହିଛନ୍ତି, ଦଳର ବ୍ୟବସ୍ଥା ବିରୋଧରେ ଏବେ ଏକାଠି ନ ହେଲେ ସମସ୍ତଙ୍କ ରାଜନୈତିକ ଜୀବନ ବିପଦ ଭିତରକୁ ଚାଲିଯିବ। ଯେଉଁ ୫ରୁ ୬ ଜଣ ନେତା ଦଳର ସବୁ ବିଷୟରେ ମୁଣ୍ଡ ପୂରାଉଛନ୍ତି ସେଥିରେ ପରିବର୍ତ୍ତନ କରାଯାଉ। ଦଳର ସଭାପତି ଭାବେ ନବୀନ ପଟ୍ଟନାୟକ ଅନ୍ୟ ନେତାଙ୍କୁ ଦାୟିତ୍ୱ ଦେବା ଦରକାର। ଯେଉଁ ନେତାମାନେ ସବୁଥିରେ ମୁଣ୍ଡ ପୂରାଉଛନ୍ତି ସେମାନଙ୍କ କେବଳ ଇଚ୍ଛା ପାଣିଆନଙ୍କୁ କିପରି ଦଳରେ ପୁଣି ମୁଖ୍ୟସ୍ରୋତକୁ ଫେରାଇ ଅଣାଯାଇପାରିବ। ରାଜ୍ୟବାସୀ ଯେତେବେଳେ ସେହିଜଣେ ବ୍ୟକ୍ତିପାଇଁ ବିଜେଡିକୁ ପ୍ରତ୍ୟାଖ୍ୟାନ କରିଦେଲେ ପୁଣିଥରେ ତାଙ୍କୁ ଆଣିବା ପାଇଁ ଯେଉଁ ଉଦ୍ୟମ ଚାଲିଛି, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଦରକାର। ଯେଉଁମାନେ ଭୋଜିରେ ଥିଲେ ସେମାନେ ସମସ୍ତେ ନିଜ ନିର୍ବାଚନମଣ୍ଡଳୀରେ ସଙ୍ଗଠନ ପାଇଁ କାମ କରୁଛନ୍ତି। ଲୋକେ ଯାହା ପ୍ରତ୍ୟାଖ୍ୟାନ କରୁଛନ୍ତି ସେ ଦିଗରେ ଦଳ ଚାଲିଲେ କ୍ଷତି ହେବ, ତା' ଉପରେ ମୁଖ୍ୟତଃ ଆଲୋଚନା ଥିଲା ବୋଲି ସେମାନେ କହିଛନ୍ତି।

ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ଭୋଜି କରିବାକୁ ଆସିଥିଲୁ, ଏହା ପଛରେ କିଛି ଆଉ ନାହିଁ। ରାଜନୀତିଆ ଲୋକ ବୋଲି କ'ଣ ଭୋଜି କରିପାରିବେ ନାହିଁ। କୌଣସି କଥାକୁ ଅନର୍ଥ କରିବାର ଆବଶ୍ୟକତା ନାହିଁ। ଯେଉଁମାନେ ଭୋଜି କରିବାକୁ ଆସିଛନ୍ତି ସମସ୍ତେ ହାଜିକି ଅଛନ୍ତି, କେହି ସେମାନଙ୍କର କିଛି କରିପାରିବେ ନାହିଁ। ସୂଚନାଯୋଗ୍ୟ, ଦଳର ନେତାମାନେ ବାହାରେ ଭୋଜିଭାତ ନ କରିବା ଲାଗି ନବୀନ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏଭଳି ଆୟୋଜନ କାହିଁକି ବୋଲି ଚର୍ଚ୍ଚା ହେଉଛି। ନବୀନଙ୍କ ଦଳୀୟ ନିଷ୍ପତ୍ତି ବିରୋଧରେ ଏହି ମେଳି ବୋଲି କୁହାଯାଉଛି।

# ଏକତା, ସହଯୋଗକୁ ଗୁରୁତ୍ୱ

**ଅନ୍ତର୍ଜାତୀୟ ମାନବ ସଂହତି ଦିବସ**

ଲୋକଙ୍କ ମଧ୍ୟରେ ଏକତା ଏବଂ ସହଯୋଗର ଗୁରୁତ୍ୱକୁ ପ୍ରତିଭାତ କରିବା ପାଇଁ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ସଂହତି ଦିବସ ପାଳିତ ହୋଇଆସୁଛି। ଏହି ଦିବସ ବ୍ୟକ୍ତି, ସମ୍ପ୍ରଦାୟ ଓ ରାଷ୍ଟ୍ରଗୁଡ଼ିକୁ ସାମାଜିକ ଓ ଆର୍ଥିକ ପ୍ରଗତି, ଅସମାନତା ହ୍ରାସ ଏବଂ ମାନବ ମର୍ଯ୍ୟାଦା ବୃଦ୍ଧି ପାଇଁ ଏକାଠି କାମ କରିବାକୁ ଉତ୍ସାହିତ କରେ। ସହସ୍ରାବ୍ଦ ଘୋଷଣାନାମା ଗ୍ରହଣ ପରେ ୨୦୦୫ରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଅନ୍ତର୍ଜାତୀୟ ମାନବ ସଂହତି ଦିବସ ଘୋଷଣା କରାଯାଇଥିଲା। ଜାତିସଂଘ ସଂହତିକୁ ଲୋକ, ସମାଜ ଏବଂ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମ୍ପର୍କ ପାଇଁ ମୌଳିକ ଭାବରେ ବିବେଚନା କରେ। ଯଦିଓ ଚଳିତ ବର୍ଷ ଉକ୍ତ ଦିବସ ପାଇଁ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ବିଷୟବସ୍ତୁ ଘୋଷଣା କରାଯାଇ ନାହିଁ, ତେବେ ପ୍ରମୁଖ ସୂତ୍ରଗୁଡ଼ିକ ସୂଚାଉଛନ୍ତି ଯେ ଏହା 'ନିରନ୍ତର ବିକାଶ ପାଇଁ ଏକତା: ଏକ ଅଂଶୀଦାର ଭବିଷ୍ୟତ ପାଇଁ ସମ୍ପ୍ରଦାୟକୁ ଏକତା' ଉପରେ ଧ୍ୟାନ ଦେବ। ଏଥିସହ ଦାରିଦ୍ର୍ୟ, ଅସମାନତା ଦୂର ଓ ସାମୂହିକ କାର୍ଯ୍ୟ ଏବଂ ସହଯୋଗ ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ଏକତା ଉପରେ ଗୁରୁତ୍ୱ ଦେବ।






> ମଣିଷକୁ ତା'ର ପରିବେଶ ପରିସ୍ଥିତି ଉପରେ କର୍ତ୍ତୃତ୍ୱ ଆଣିବାକୁ ହେବ। କିନ୍ତୁ ତା'ସହିତ ତାକୁ ବିଶ୍ୱ-ଐକ୍ୟ ଓ ବିଶ୍ୱ-ସଂହତି ଆଣିବା ଦିଗରେ ତତ୍ପର ହେବାକୁ ପଡିବ। ମଣିଷ ତା'ର ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ନିଶ୍ଚୟ ଉପଲବ୍ଧି କରିବ। କିନ୍ତୁ ତା'ସଙ୍ଗେ ସଙ୍ଗେ ତାକୁ ଅହଂ ସତ୍ତାକୁ ବିଶ୍ୱାତ୍ମା ସହିତ ଏକ ହେବା ଲାଗି ବଢାଇ ଚାଲିବାକୁ ହେବ। ଅଗ୍ରିମରୁ ସେ ପାଇବ ଏକ ବିଶ୍ୱଜନୀନ ଓ ଆଧ୍ୟାତ୍ମିକ ଆନନ୍ଦ। -ଶ୍ରୀଅରବିନ୍ଦ



# ବାହ୍ୟ ସୁରକ୍ଷାର ପୁନର୍ବିଚାର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ରାହୁଲ ରାସଗୋତ୍ରାଙ୍କୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଭାବରେ ପୋର୍ଟ ଲୁଇସ୍ (ମରିସସ୍ ରାଜଧାନୀ)କୁ ପଠାଇବା ଏକ ନିୟମିତ ଘୋଷଣା ନ ଥିଲା, ବରଂ ଥିଲା ଏକ ଯୋଜନାବଦ୍ଧ ସଙ୍କେତ। ଅନେକ ବର୍ଷ ହେଲା ମରିସସ୍ ଏନ୍‌ଏସ୍‌ଏ ପଦବୀ ସାଧାରଣତଃ ଏକ ଦୃଢ଼ ବାହ୍ୟ ଗୁପ୍ତଚର କିମ୍ବା ସାମରିକ ପୃଷ୍ଠଭୂମି ଥିବା ଅଧିକାରୀମାନଙ୍କୁ ଦିଆଯାଇଆସିଛି। କିନ୍ତୁ ରାସଗୋତ୍ରାଙ୍କ କ୍ଷେତ୍ରରେ ଏହା ଭିନ୍ନ। ସେ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ, ଯାହାଙ୍କ କ୍ୟାରିୟର ଘରୋଇ ଗୁପ୍ତଚର, ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ସୀମା ପରିଚାଳନା ସହ ଜଡ଼ିତ। ପ୍ରଥମେ ଇଣ୍ଟେଲିଜେନ୍ସ ବ୍ୟୁରୋରେ ଏବଂ ପରେ ଆଇଟିବିପିର ମହାନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଛନ୍ତି। ମରିସସ୍ ଏବେ ଇତିହାସ ଏବଂ ପ୍ରବାସୀ ସମ୍ପର୍କ ଦୃଷ୍ଟିରୁ ଭାରତ ପାଇଁ କେବଳ ଏକ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱୀପ ନ ହୋଇ ଭାରତ ମହାସାଗର ଅଞ୍ଚଳରେ ରଣନୈତିକ ପ୍ରବେଶ ପଥ ଭାବେ ଉଭା ହୋଇଛି। ଏହା ସାମୁଦ୍ରିକ ସୁରକ୍ଷା, ସାଇବର ନେଟୱର୍କ, ଆର୍ଥିକ ଗୁପ୍ତଚର ଏବଂ ମୌଳବାଦ ବିରୋଧୀ ଶକ୍ତିର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମୟରେ, ମରିସସ୍‌ରେ ଗୁପ୍ତରେ ଚାଇନା ପ୍ରଭାବ ବିସ୍ତାର କରୁଛି। ଏଭଳି ସ୍ଥିତିରେ, ଭାବନାର ମୂଲ୍ୟ କିଛି ନାହିଁ ବରଂ ପରିସ୍ଥିତିକୁ ଦେଖି ସଚେତନ ହୋଇ କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ଭାରତ 'ବାହ୍ୟ' ସୁରକ୍ଷାର କିଭଳି ପୁନର୍ବିଚାର କରୁଛି ତାହା ରାସଗୋତ୍ରାଙ୍କ ନିଯୁକ୍ତି ସୂଚାଇ ଦିଏ। ଏବକାର ଅନେକ ବିପଦ ଯଥା ଡିଜିଟାଲ କ୍ଷେତ୍ରରେ ସାଇବର ଅପରାଧର ପ୍ରବେଶ, ଆର୍ଥିକ ଅପରାଧ, ଆତଙ୍କବାଦୀ ନେଟୱର୍କ ଭଳି ବିପଦ କାର୍ଯ୍ୟକୁ ପ୍ରଭାବିତ କରୁଛି। ଏହି ଦୃଷ୍ଟିରୁ ଦେଖିଲେ, ରାସଗୋତ୍ରାଙ୍କ ନିଯୁକ୍ତି ଭବିଷ୍ୟତ ପାଇଁ ଭଲ।

### ଭିଆର୍‌ଏସ୍ ଲହରି

ଏବେ ଉତ୍ତର ପ୍ରଦେଶର ବରିଷ୍ଠ ଆଇଏଏସ୍ ଅଧିକାରୀମାନଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନଗୁଡ଼ିକ ନେଇ ଅସ୍ଥିରତା ଦେଖାଦେଇଛି। ଅଭିଜ୍ଞ ବାବୁମାନେ କ୍ୟାରିୟର ମଝିରୁ ଛାଡ଼ି ଚାଲିଯିବା ଧାରା ଆରମ୍ଭ ହୋଇଥିବା ମନେହେଉଛି। ଆନୁଷ୍ଠାନିକ ଭାବରେ ଏହା ପଛର କାରଣ ସ୍ୱାସ୍ଥ୍ୟ, ବ୍ୟକ୍ତିଗତ କିମ୍ବା ପାରିବାରିକ ସମସ୍ୟା ଥିବା କୁହାଯାଉଥିଲେ ମଧ୍ୟ ଅଣଆନୁଷ୍ଠାନିକ ଭାବରେ କ୍ୟାରିୟରରେ ବାଧା, ଅଟକି ରହିଥିବା ନିଯୁକ୍ତି ତାଲିକା, କେନ୍ଦ୍ରୀୟ ଡେପୁଟେଶନ ବନ୍ଦ ହେବା ଏବଂ ବୃତ୍ତିଗତ କଣ୍ଠରୋଧ ବୋଲି କୁହାଯାଉଛି। ଅନେକେ ଭାବୁଛନ୍ତି ଏବେ ଦକ୍ଷତା କିମ୍ବା ଅଭିଜ୍ଞତାର ଗୁରୁତ୍ୱ ନାହିଁ ବରଂ ପାଖ ଓ ଚିହ୍ନା ମୁହଁକୁ ପ୍ରାଧାନ୍ୟ ଦିଆଯାଉଛି। ଯଦି ଆପଣ ଠିକ୍ ସମୟରେ ଠିକ୍ ଜାଗାରେ ନ ରହନ୍ତି ତେବେ କ୍ୟାରିୟରର ଅଧୋଗତି ଶୀଘ୍ର ହୋଇଥାଏ। ସମୟକ୍ରମେ ଏଥିରେ ବିଚ୍ଛିନ୍ନତା ଦେଖାଦିଏ ଏବଂ ସେବାରେ ଅଧୋଗତି ଘଟେ। ଉଲ୍ଲେଖନୀୟ, ଏଭଳି ଘଟଣାରେ ୟୁପି ଆଇଏଏସ୍ ଆସୋସିଏଶନ ପ୍ରାୟ ନୀରବ। ଏହା ଏକଦା ସାମୂହିକ ଆତ୍ମନିରୀକ୍ଷଣ ଏବଂ ସମସ୍ୟା ସମାଧାନର ମଞ୍ଚ ଥିଲା। ବର୍ତ୍ତମାନ ପ୍ରାୟତଃ କେବଳ ଲୋକଦେଖାଣିଆ ଭାବେ ରହିଛି। ଅଧିକାରୀମାନେ ଆଭ୍ୟନ୍ତରୀଣ ସମସ୍ୟା ଉପରେ ସ୍ୱର ଉଠାଉ ନାହାନ୍ତି। ଏଥିରୁ ବୁଝାପଡ଼େ, ସେମାନେ କଥା କହିବା ଦ୍ୱାରା କିଛି ହାସଲ ହୋଇପାରୁନାହିଁ ବୋଲି ସେମାନେ ନିଶ୍ଚିତ ହୋଇଯାଇଛନ୍ତି। ଉତ୍ତର ପ୍ରଦେଶ ଏହାର ଆକାର, ମହତ୍ତ୍ୱାକାଂକ୍ଷା ଏବଂ ଶାସନ ସଂସ୍କାରକୁ ନେଇ ଗର୍ବ କରେ। ସଂସ୍କାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଜ୍ଞ ବ୍ୟକ୍ତି ଆବଶ୍ୟକ। ଯେତେବେଳେ ବରିଷ୍ଠ ବାବୁମାନେ ଧୈର୍ଯ୍ୟ ଧରି ରହିବା ଅପେକ୍ଷା ଛାଡ଼ି ଚାଲିଯିବାକୁ ପସନ୍ଦ କରୁଛନ୍ତି, ସେତେବେଳେ ରାଜ୍ୟରେ ଅଧିକାରୀଙ୍କ ସଂଖ୍ୟା କମିବା ସହ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ସାଂଗଠନିକ ଅଭିଜ୍ଞତା, ପ୍ରଶାସନିକ ସହଯୋଗ ଏବଂ ପରାମର୍ଶ ପାଇପାରିବ ନାହିଁ।

### କଠୋର ପଦକ୍ଷେପ

ମଧ୍ୟପ୍ରଦେଶରେ ଆଇଏଏସ୍ ଅଧିକାରୀ ସନ୍ତୋଷ ବର୍ମାଙ୍କୁ ବହିଷ୍କାର ସୁପାରିସ୍ ଏକ ବିରଳ ପଦକ୍ଷେପ। ସେ ଦେଇଥିବା ଗମ୍ଭୀର ତଥା ଆପତ୍ତିଜନକ ଜାତିଗତ ମନ୍ତବ୍ୟର ଭିଡିଓ ଭାଇରାଲ ହୋଇଥିଲା। ଏହା ସହ ତାଙ୍କ ନିଜ ପଦୋନ୍ନତି ସମ୍ପର୍କିତ ଜାଲ୍ କାଗଜପତ୍ରକୁ ନେଇ ପ୍ରଶ୍ନ ମଧ୍ୟ ଉଠିଥିଲା। ଏହି ସମୟରେ ରାଜ୍ୟ ସରକାର ସରଳରେ ବଦଳି କରାଯାଇ ଏହାକୁ ସମାଧାନ କରାଯାଇପାରିବ ନାହିଁ ବୋଲି ଭାବି ବହିଷ୍କାର ପାଇଁ ସୁପାରିସ କରିବାକୁ ନିଷ୍ପତ୍ତି ନେଇଥିଲେ। ସଂରକ୍ଷଣ ଏବଂ ଆନ୍ତଃଜାତି ବିବାହ ଉପରେ ବର୍ମାଙ୍କର ଏହା ଏକ ନିନ୍ଦନୀୟ ଓ ଉତ୍ତେଜକ ମନ୍ତବ୍ୟ ଥିଲା। ଏହିସବୁ ମନ୍ତବ୍ୟ ଦେଉଥିବା ବ୍ୟକ୍ତି ତାଙ୍କ ପଦବୀରେ ରହିବା ପାଇଁ ମଧ୍ୟ ଯୋଗ୍ୟ ହୋଇ ନ ପାରନ୍ତି। ଏହା ପଛକୁ ରହିଛି ଜାଲ୍ କାଗଜପତ୍ର ଏବଂ ଏକ ସନ୍ଦେହଜନକ ସଚ୍ଚୋଟତା ପ୍ରମାଣପତ୍ର। ଗୋଟିଏ ପଟେ କ୍ୟାମେରା ସମ୍ମୁଖରେ ପକ୍ଷପାତ ମନ୍ତବ୍ୟ ଏବଂ କାଗଜପତ୍ରରେ ପ୍ରକ୍ରିୟାଗତ ତ୍ରୁଟି ଭଳି ଘଟଣା ଅତ୍ୟନ୍ତ କ୍ଷତିକାରକ। ସରକାରଙ୍କର ଚାକିରିରୁ ବହିଷ୍କାର ପାଇଁ ସୁପାରିସ୍ କରିବା ନିଷ୍ପତ୍ତି ପ୍ରକୃତରେ ସେବା ଆଇନରେ ଏକ କଠୋର ବିକଳ୍ପ। ଏହା ସୂଚାଇ ଦିଏ ଯେ ଏହି ମାମଲା ଅତ୍ୟନ୍ତ କ୍ଷତିକାରକ। ଆଇଏଏସ୍ କେବଳ ଏକ ଚାକିରି ନୁହେଁ; ଏହା ନୈତିକ ଅଧିକାର ଉପରେ ପର୍ଯ୍ୟବସିତ। ଯେତେବେଳେ ଜଣେ ଅଧିକାରୀ ଭାଷଣ ଏବଂ ବ୍ୟବସ୍ଥା ଉଭୟର ଅପବ୍ୟବହାର କରୁଥିବା ଦେଖାଯାଏ, ସେତେବେଳେ ଏହାର ନକାରାତ୍ମକ ପରିଣାମ ବ୍ୟକ୍ତିଙ୍କୁ ନୁହେଁ ବରଂ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ। ନିଶ୍ଚିତ ଭାବରେ, ବର୍ମା କୋର୍ଟର ଆଶ୍ରୟ ନେଇପାରନ୍ତି ଏବଂ ପ୍ରକ୍ରିୟା ତା' ବାଟରେ ଯିବ। କିନ୍ତୁ ବଡ଼ ପ୍ରଶ୍ନଟି ହେଉଛି କିପରି ଏତେ ଦୂର ପର୍ଯ୍ୟନ୍ତ ଘଟଣା ଗଲା ? ସମସ୍ତେ ଆଖିବୁଜି ଦେଇଥିଲେ ନା ଅସୁବିଧାଜନକ ତଥ୍ୟକୁ ଅଣଦେଖା କରାଯାଇଥିଲା ?

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 1 | 3 | | | |
| 7 | | | 2 | | | 5 | | |
| | | | | | | | 1 | |
| | | | 3 | 6 | | | 2 | |
| 1 | | 4 | | | | | | |
| | | | 1 | 8 | | 6 | | |
| 6 | 3 | | | | 7 | 8 | | 9 |
| | | 8 | | | | 3 | | |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 6 | 9 | 7 | 5 | 8 | 1 | 2 |
| 5 | 2 | 8 | 1 | 3 | 6 | 7 | 9 | 4 |
| 1 | 9 | 7 | 8 | 4 | 2 | 3 | 5 | 6 |
| 6 | 4 | 1 | 7 | 5 | 8 | 2 | 3 | 9 |
| 2 | 5 | 9 | 3 | 6 | 4 | 1 | 7 | 8 |
| 8 | 7 | 3 | 2 | 1 | 9 | 6 | 4 | 5 |
| 9 | 1 | 5 | 6 | 2 | 7 | 4 | 8 | 3 |
| 7 | 8 | 2 | 4 | 9 | 3 | 5 | 6 | 1 |
| 3 | 6 | 4 | 5 | 8 | 1 | 9 | 2 | 7 |

ଗତକାଲିର ଉତ୍ତର

# ଆଶା ନିରାଶାର ଖେଳ



ବୈକୁଣ୍ଠନାଥ ମିଶ୍ର

ଆଶା ଭବିଷ୍ୟତର ସୂଚକ। ଆଶାର ଅନାଗତ ସ୍ୱରୂପ ମଣିଷର ପରିକଳ୍ପନା ମାତ୍ର। ସେହି ଆଶାର ସାମୟିକ ଝଲକ ତାକୁ ବର୍ତ୍ତମାନର କର୍ମ ସମ୍ପାଦନ ପାଇଁ ଉତ୍ସାହିତ ଓ ଉତ୍ପ୍ରେରିତ କରେ। ଆଶା ହିଁ ଏକ ମାତ୍ର ମହୌଷଧି ଯାହା ବର୍ତ୍ତମାନର ଅନ୍ଧକାରକୁ ଦୂରେଇ ଦେଇ ଭବିଷ୍ୟତ ସୁଖର ଆଲୋକ ବର୍ତ୍ତିକା ସାଜେ। ଆଶାଶୂନ୍ୟ ହେଲେ ମଣିଷର ମନୋବଳ ଭାଙ୍ଗିଯାଏ ଓ ନିରାଶାର କଳାବାଦଲ ତା' ହୃଦୟ ଆକାଶକୁ ଆଚ୍ଛାଦିତ କରେ।

ଦିବ୍ୟଜନନୀ ଶ୍ରୀମା'ଙ୍କର 'ଦି କରେଜ' ପ୍ରବନ୍ଧର କଥାବସ୍ତୁ ଅନୁସାରେ ବିଭୀଷଣ ଭ୍ରାତା ରାବଣଙ୍କୁ ଯେତେବେଳେ ଉପଦେଶ ଦେଲେ ଯେ ସେ ପରମ ସାଧ୍ୱୀ ଜଗଜ୍ଜନନୀ ମାତା ଜାନକୀଙ୍କୁ ପ୍ରଭୁ ଶ୍ରୀରାମଙ୍କୁ ଅର୍ପଣ କରି ପ୍ରଭୁଙ୍କର ଶରଣାପନ୍ନ ହୁଅନ୍ତୁ ସେତେବେଳେ ସେ ଆଶା କରିଥିଲେ ଯେ, ରାବଣ ତାଙ୍କ ଉପଦେଶ ଗ୍ରହଣ କରିବେ। ଅବଶ୍ୟ ବିଭୀଷଣଙ୍କର ଆଶା ଅମୂଳକ ନ ଥିଲା କାରଣ ସ୍ୱର୍ଣ୍ଣଲଙ୍କାକୁ ରକ୍ଷା କରିବାର ଏହା ଥିଲା ଏକମାତ୍ର ବିକଳ୍ପ। ବିଚିତ୍ର ରାମାୟଣରେ କବି ବିଶ୍ୱାନାଥ ଖୁଣ୍ଟିଆଙ୍କର ବର୍ଣ୍ଣନା ଅନୁସାରେ ସୀତାଙ୍କୁ ହରଣ କଲା ଦିନରୁ ହିଁ ରାବଣ ନିଧନ ଓ ଲଙ୍କା ବିନାଶର ପଥ ସୁଗମ ହୋଇଥିଲା। କବିଙ୍କ ଭାଷାରେ 'ବୋଲେ ବିଶି ସୀତା ହରିଲା ଦିନରୁ ଦଇବ ତାହାକୁ ଛାଡିଲା'। ବିଭୀଷଣଙ୍କର ସକଳ ଆଶା ମଉଳିଗଲା ଯେତେବେଳେ ରାବଣ ତାଙ୍କୁ ପଦାଘାତ କରି ଲଙ୍କାରୁ ବହିଷ୍କୃତ କଲେ। ବର୍ତ୍ତମାନ ବିଭୀଷଣଙ୍କ ପାଖରେ ଦୁଇଟି ବିକଳ୍ପ ଯଥା ରାବଣଙ୍କୁ କ୍ଷମା ଯାଚନା କରିବା କିମ୍ବା ନିର୍ବିବାଦରେ ଲଙ୍କା ତ୍ୟାଗକରି ଶ୍ରୀରାମଙ୍କର ଶରଣାପନ୍ନ ହେବା। ବିଭୀଷଣ ତାହା ହିଁ କଲେ ଯାହା ଜଣେ ସଦାଚାରୀ ହିଁ କରିଥାଏ।

ଏଠାରେ ଏକ ସତ୍ୟ ଘଟଣାର ଅବତାରଣା ପ୍ରାସଙ୍ଗିକ ମନେହୁଏ। ଆମେରିକାର ଏକ ସାଧାରଣ ଗରିବ ପରିବାରରେ ଜନ୍ମ ନେଇଥିଲେ ପ୍ରଖ୍ୟାତ ଗଣିତଜ୍ଞ 'ଚାର୍ଲସ୍ ଡି ଫୋଷ୍ଟ'। ପିଲାଦିନୁ ଗଣିତ ବିଦ୍ୟା ଥିଲା ତାଙ୍କର ଅସାଧାରଣ ପ୍ରତିଭାର ପ୍ରତୀକ। ସେ ଆଶା କରିଥିଲେ ଜଣେ ଶ୍ରେଷ୍ଠ ଗଣିତଜ୍ଞ ହେବେ। କିନ୍ତୁ ତାଙ୍କ ଆଶାର ଜୁଆରରେ ଭଟ୍ଟା ଆସିଗଲା ଯେତେବେଳେ ବାଲ୍ୟ ଅବସ୍ଥାରେ ପିତାଙ୍କୁ ହରାଇଲେ। ପରିବାର ପ୍ରତିପୋଷଣର ଅନ୍ୟ ମାର୍ଗ ନ ଥିବାରୁ ସେ ଜୋତା ମରାମତି କରି ଅର୍ଥ ରୋଜଗାର କଲେ। ହେଲେ ତାଙ୍କ ଆଶାର ମୃତ୍ୟୁ ଘଟି ନ ଥିଲା। ନିଜ ଭିତରେ ଏକ ଗଭୀର ଆତ୍ମପ୍ରତ୍ୟୟ ସୃଷ୍ଟି ହେଲା। ସେ ସଞ୍ଚିତ ଅର୍ଥରେ କିଛି ବହିକିଣି ଅବସର ସମୟରେ ପଢିବାକୁ ଲାଗିଲେ। ସଞ୍ଚିତ ଅର୍ଥରେ ବିଦ୍ୟାଳୟରେ ନାମ ଲେଖାଇ ପୁନଃ ଆନୁଷ୍ଠାନିକ ଶିକ୍ଷା ଲାଭ କଲେ। ଛୁଟିଦିନ ଓ ବିଦ୍ୟାଳୟ ଛୁଟି ପରେ ସେ ଜୋତା ମରାମତି କରି ଅର୍ଥ ଉପାର୍ଜନ ମଧ୍ୟ କଲେ। ଶେଷରେ ତାଙ୍କ ଆଶା ଫଳବତୀ ହେଲା। ସେ ସାମାନ୍ୟ ଜୋତା ମରାମତି କରୁଥିବା ବାଳକରୁ ଦିନେ ଆମେରିକାର ଜଣେ ଶ୍ରେଷ୍ଠ ଗଣିତଜ୍ଞ ହୋଇପାରିଲେ। ଆର୍ଥିକ ସ୍ୱଚ୍ଛଳତା ନୁହେଁ, ଦୃଢ଼ ଇଚ୍ଛାଶକ୍ତି ଓ ସକାରାତ୍ମକ ଆଶା ହିଁ ତାଙ୍କୁ କରିଥିଲା ଏତେବଡ଼ ଗୌରବର ଅଧିକାରୀ। କେବଳ କୌଣସି ଆଶା ମଣିଷକୁ ସାଫଲ୍ୟମଣ୍ଡିତ କରିପାରିବ ନାହିଁ। ଆଶା ସହିତ ଦୃଢ଼ ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତିର ଆବଶ୍ୟକତା ଅଛି। ଇଂଲିଶରେ ଗୋଟିଏ ପ୍ରବାଦ ଅଛି 'ଇଫ୍ ଉଇସେସ୍ ଓ୍ୱାର ହର୍ସେସ୍ ବେଗର୍ସ ମାଇଟ୍ ରାଇଡ୍' ଅର୍ଥାତ୍ ମଣିଷର ସମସ୍ତ ଇଚ୍ଛା ଯଦି ପୂରଣ ହୋଇଯାଏ, ତେବେ ପୃଥିବୀରେ ଦରିଦ୍ରତମ ଭିକାରିଟି ମଧ୍ୟ ଘୋଡ଼ା ଚଢ଼ି ବୁଲନ୍ତା।



ସରକାର ପରେ ସରକାର କ୍ଷମତାକୁ ଆସନ୍ତି। କ୍ଷମତା ଦଖଲ ପୂର୍ବରୁ ଜନତାଙ୍କ ମନରେ କେତେ ଆଶା ସଂଚାର କରନ୍ତି। ଭୋଟ ବିନିମୟରେ ଭୋଟଦାତା ଆଶା କରେ ଯେ ସରକାର ଦେଶର ବା ରାଜ୍ୟର ବିକାଶକୁ ପ୍ରାଧାନ୍ୟ ଦିଅନ୍ତୁ। ଆଶା କରୁଥିବା ବ୍ୟକ୍ତିଟି ସମ୍ପୂର୍ଣ୍ଣ ଆତ୍ମକେନ୍ଦ୍ରିକ ହୋଇଥିଲେ, ତା' ଆଶାଗୁଡିକ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଥାଏ। ମାତ୍ର ମତଦାତା ବିଶାଳ ହୃଦୟବିଶିଷ୍ଟ ହୋଇଥିଲେ ସେ ଆଶାକରେ ସରକାର ସମୂହ ବିକାଶକୁ ପ୍ରାଧାନ୍ୟ ଦେଇ ଦେଶ ତଥା ରାଜ୍ୟର ସର୍ବାଙ୍ଗୀନ ବିକାଶ ସାଧନରେ ବ୍ରତୀ ହୁଅନ୍ତୁ। ସାଧାରଣ ଜନତାର ହାଣ୍ଡିଶାଳକୁ ଯେଉଁ ସବୁ ଜିନିଷର ସର୍ବନିମ୍ନ ଆବଶ୍ୟକତା ରହିଛି ତା'ର ସୁଲଭତା, ବଜାର ଦର ନିୟନ୍ତ୍ରଣ କରିବା, ବିଶେଷକରି ଦେଶରୁ ବେରୋଜଗାର ହଟାଇବା ଇତ୍ୟାଦି ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରିବା ଆବଶ୍ୟକ। କିନ୍ତୁ ବାସ୍ତବ ଦୃଶ୍ୟପଟ ଅତ୍ୟନ୍ତ ଜଟିଳ ହେବାରେ ଲାଗିଛି। କ୍ରମବର୍ଦ୍ଧମାନ ଉଚ୍ଚ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ସାଙ୍ଗକୁ ସରକାର କର୍ମ ସଂସ୍ଥାନ ଯୋଗାଇବାରେ ବିଫଳ ହେଉଛନ୍ତି। ଉତ୍ତର ପ୍ରଦେଶର ୩୦୮ ପିଅନ ଚାକିରି ପାଇଁ ଆବେଦନକାରୀଙ୍କ ସଂଖ୍ୟା ଥିଲା ୨୩ଲକ୍ଷ; ଯେଉଁମାନଙ୍କ ମଧ୍ୟରେ ଥିଲେ ହଜାର ହଜାର ବି.ଟେକ୍, ଏମ୍.ଏସ୍‌ସି. ଏମ୍.ଏ. ଓ ଏମ୍.କମ୍. ଛାତ୍ର। ଆଶ୍ଚର୍ଯ୍ୟର କଥା ହେଲା ସେମାନଙ୍କ ଭିତରେ ଥିଲେ ୨୫୫ ଜଣ ପିଏଚ୍.ଡି.ଧାରୀ। ସେହିପରି ଛତିଶଗଡ଼ ସରକାରଙ୍କର ୩୦ଟି ପିଅନ ପୋଷ୍ଟ ପାଇଁ ଆବେଦନକାରୀ ଥିଲେ ୭୫ହଜାର ଯୁବତୀ ଯୁବକ। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ କିମ୍ବା ଯୁକ୍ତ୨ ଆବଶ୍ୟକ ଥିବାବେଳେ ଉଚ୍ଚଶିକ୍ଷିତମାନେ ଯେଉଁ ଭଳି ପିଅନ ଚାକିରି ଖଣ୍ଡେ ପାଇଁ ଆତୁର ହୋଇ ଉଠୁଛନ୍ତି ସେଥିରେ ବେଶ୍ ଅନୁମେୟ ଯେ ଆଶାୟୀଙ୍କ ସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି ଓ ସେମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ସରକାରଙ୍କ ପକ୍ଷରେ ଏକ ବିରାଟ ଆହ୍ୱାନ।

ଅଧିକ ଲାଭ ପାଇବା ଆଶାରେ ଆଶାୟୀମାନେ ବ୍ୟାଙ୍କରେ ଅର୍ଥ ଜମା ନ କରି ମଧ୍ୟସ୍ଥମାନଙ୍କର ମନ ଭୁଲାଣିଆ କଥାରେ ନିଜର କଷ୍ଟାର୍ଜିତ ଧନକୁ ଚିଟ୍‌ଫଣ୍ଡରେ ଜମାକରି ଶେଷରେ ନିରାଶା ମଧ୍ୟକୁ ଠେଲି ହୋଇଯାଇଛନ୍ତି। ସେହିପରି ସାହାରା ଇଣ୍ଡିଆ ଭଳି ପ୍ରତିଷ୍ଠିତ ସଂସ୍ଥା ଜମାକାରୀଙ୍କର କୋଟି କୋଟି ଜମା ଅର୍ଥକୁ ଫେରସ୍ତ ନ ଦେଇ କମ୍ପାନୀ ବନ୍ଦ ହୋଇଯାଇଛି। ସଂସ୍ଥା ଚାଲୁଥିବାବେଳେ ଲୋକେ ଟଙ୍କା ଜମାକରୁଥିଲେ ଓ ଏକଥା ସରକାର ମଧ୍ୟ ଭଲଭାବେ ଜାଣିଥିଲେ। ସରକାରଙ୍କ ଅଜ୍ଞାତରେ ଯେ ଏହିସବୁ ସଂସ୍ଥାମାନେ ତାଙ୍କ ବ୍ୟବସାୟ ଚାଲୁ ରଖୁଥିଲେ ଏକଥା ନୁହେଁ। ସରକାର ଏହିସବୁ ଜମାକାରୀଙ୍କ କାରାବାର ବିଷୟରେ ବେଶ୍ ଅବଗତ ଥିଲେ। ସରକାର ପ୍ରଥମରୁ କମ୍ପାନୀଙ୍କ ଉପରେ ନିୟନ୍ତ୍ରଣ ଜାହିର କରିବାର ଆବଶ୍ୟକତା ଥିଲା। ଏବେ ଯେତେବେଳେ ଜମାକାରୀମାନେ ଜମାଟଙ୍କା ହରାଇ ନିରାଶାର କରାଳଗର୍ଭକୁ ଠେଲି ହୋଇଯାଇଛନ୍ତି ସେତେବେଳେ କମ୍ପାନୀ କିମ୍ବା ସରକାର କୌଣସି ପଦକ୍ଷେପ ନ ନେବା ଘୋର ପରିତାପର ବିଷୟ। ସର୍ବତ୍ର ନିରାଶ ହୋଇ ଜମାକାରୀଟି ବିଚରା ଆଶଙ୍କିତ ଚିତ୍ତରେ ଦିନକାଟୁଛି।

ଆଶା ନିରାଶାର ଦୋଛକିରେ ଠିଆ ହୋଇଛି ମଣିଷ। ଆଶା ପୂରଣ ହେଲେ ତାକୁ ଗଡ଼ ଜିଣିଲା ପରି ଲାଗେ ଓ ଆଶା ନିରାଶାରେ ପରିବର୍ତ୍ତିତ ହେଲେ ଜୀବନ ଦୁର୍ବିଷହ ହୋଇଯାଏ। ଚାଲ୍‌ସ ଡି ଫୋଷ୍ଟଙ୍କ ପରି ବହୁ କମ୍ ଭାଗ୍ୟଶାଳୀ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଆଶା ଫଳବତୀ ହୁଏ। କାହାର ଭାଗ୍ୟରେ ଆଶାର ଆଲୋକ ଝଲମଲ ହୁଏ ତ କିଏ ପୁଣି ନିରାଶାର ଗଭୀର ଅନ୍ଧକାର ଗହ୍ୱରକୁ ଠେଲି ହୋଇଯାଏ। ଆଶା ନିରାଶାର ଖେଳ ମଧ୍ୟରେ ଗତିଶୀଳ ଏ ଜୀବନ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# କେଉଁ ଗଛ ଲଗାଇବା



ଡ. ପ୍ରମୋଦ କୁମାର ପଣ୍ଡା

ପରିବେଶ ଉପରେ ବୃକ୍ଷହାନିର ପ୍ରତିକୂଳ ପ୍ରଭାବକୁ ଦୂର କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ମାତ୍ର କେଉଁ ସ୍ଥାନ ବା ସିଚୁଏଶନରେ କେଉଁ ବୃକ୍ଷ ଲଗାଇବା ଦ୍ୱାରା ମାତ୍ରାଧିକ ଲାଭପ୍ରାପ୍ତି ହେବ, ସେ ବିଷୟରେ ଧ୍ୟାନକେନ୍ଦ୍ରିତ ନ କରି ଆମେ ମନଇଚ୍ଛା ବୃକ୍ଷ ରୋପଣ କରୁଥିବାରୁ ସେ ସବୁ କାର୍ଯ୍ୟରୁ ଯେତେ ଲାଭ ମିଳିବା କଥା ତାହା ମିଳିପାରୁନାହିଁ।

ବର୍ତ୍ତମାନ ବୃକ୍ଷ ରୋପଣର ବିଭିନ୍ନ ଆଧାର ରହିଛି। କିଛି ଲୋକ ଭାବୁଛନ୍ତି ଜଗନ୍ନାଥ ନିମ୍ବ କାଠରେ ତିଆରି, ଆମକୁ ନିମ୍ବ ଗଛ ଲଗାଇବାର ଅଛି। ଆଉ କିଛି ଭାବୁଛନ୍ତି ଦେବଦାରୁ ଭଲ ଦିଶିବ ତେଣୁ ତାକୁ ଲଗାଇବା। ଆଉ କିଛି ଲୋକ ଇଉକାଲିପଟାସକୁ ପସନ୍ଦ କରି ଲଗାଉଥିବା ବେଳେ କିଛି ଲୋକ ବିଦେଶରୁ କେବଳ ପତ୍ର ଥିବା ଶୋ'ଗଛ ଆମଦାନୀ କରି ପାର୍କରେ ଲଗାଇଲେଣି। ଅନେକେ ରାସ୍ତାର ଦୁଇ ପାର୍ଶ୍ୱରେ ଚାକୁଣ୍ଡା ଗଛ ଲଗାଇବାକୁ ପସନ୍ଦ କରୁଛନ୍ତି। ମାତ୍ର ବୃକ୍ଷରୋପଣ ଧାର୍ମିକ ଓ ମନଗତ ପସନ୍ଦ ନ ହୋଇ ବୈଜ୍ଞାନିକ ଆଧାରରେ ହେବା ଆବଶ୍ୟକ। ବୃକ୍ଷ ଚୟନ ପାଇଁ ନିମ୍ନଲିଖିତ ଆଧାରକୁ ବିଚାରକୁ ନେବା ଉଚିତ। ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେଉଁ ବୃକ୍ଷଟିକୁ ଚୟନ କରୁଛନ୍ତି, ସେ ଯେମିତି ଆମ ମାଟି, ପାଣି ଏବଂ ଜୈବ ବିବିଧତାକୁ ନଷ୍ଟ ନ କରି ସୁରକ୍ଷା ପ୍ରଦାନ କରୁଥିବ। ପ୍ରଥମ କଥା ହେଲା ଗଛଟି ପ୍ରଚୁର ମାତ୍ରାରେ ଅମ୍ଳଜାନ ପ୍ରଦାନ କରୁଥିବା ଆବଶ୍ୟକ। ଦ୍ୱିତୀୟ କଥା ହେଲା ଏଥିରେ ପ୍ରଚୁର ଫୁଲ ଫଳ ଫୁଟି ଏହା ଉଭୟ ମନୁଷ୍ୟ ଓ ପଶୁପକ୍ଷୀଙ୍କ ଆବଶ୍ୟକତା ପୂରଣ କରୁଥିବ। ତୃତୀୟ କଥା ହେଲା ବୃକ୍ଷଟିର ଚେର ମାଟିର ଗଭୀର ଅଂଶକୁ ଯାଉଥିବ। ଏହା ମଧ୍ୟ ପର୍ଯ୍ୟାପ୍ତ ଛାୟା ପ୍ରଦାନ କରୁଥିବ। ଏହାର ପତ୍ର ଖୁବ୍ କମ୍ ସମୟରେ ପଡିଯାଇ ଖତରେ ପରିଣତ ହୋଇ ଯାଉଥିବ। ଏହାର ଚେର କିମ୍ବା ଡାଳପତ୍ର ମାଟିରେ କୌଣସି ପ୍ରକାର ବୃକ୍ଷ ବୃଦ୍ଧି ବିରୋଧୀ ତତ୍ତ୍ୱ କିମ୍ବା ଆଲିଲୋକେମିକାଲ ଛାଡୁ ନ ଥିବେ। ଏହା ଆମକୁ ଗୃହ ଉପଯୋଗୀ କାଠ ପ୍ରଦାନ କରୁଥିଲେ ଭଲ ଏବଂ ଭୂଜଳକୁ ଖୁବ୍ ଶୀଘ୍ର ସାରୁ ନ ଥିବ ଇତ୍ୟାଦି ଇତ୍ୟାଦି।

କହିବାକୁ ଗଲେ ବୃକ୍ଷଗୁଡିକ ଜୈବ ବିବିଧତା ସୁରକ୍ଷାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଭାଗୀଦାରି ଥିବେ। ଅଧିକ ଅମ୍ଳଜାନ ପ୍ରଦାନକାରୀ ବୃକ୍ଷ ଯଥା ବରଗଛ, ଓସ୍ତ ଗଛ, ନିମ୍ବଗଛ, ଆମ୍ବ ଗଛ, ଅର୍ଜୁନ ଗଛ, ଅଶୋକ ଗଛକୁ ଲଗାଇବା କଥା। ଖାଦ୍ୟ ପ୍ରଦାନକାରୀ ଗଛ ଯଥା ଆମ୍ବ, ବେଲ, ଜାମୁ, ବଉଳ, ତେନ୍ତୁଳି, କରମଙ୍ଗା, ଆମ୍ବଡା, କଇଥ, ମହୁଲ, ପଣସ ଇତ୍ୟାଦି ଗଛକୁ ମଧ୍ୟ ପ୍ରାଧାନ୍ୟ ଦେବା। କରଞ୍ଜ, ସାଆଡା ପ୍ରଭୃତି ଗଛକୁ ମଧ୍ୟ ଲଗାଇବା ଜରୁରୀ। ସାଆଡା ଫଳକୁ ହଳଦୀବସନ୍ତ ଖାଇ ବଞ୍ଚିଥାନ୍ତି। ମାତ୍ର ସାଆଡା ବୃକ୍ଷ ଅଭାବରୁ ହଳଦୀବସନ୍ତ ବଂଶ ଲୋପ ପାଇବାକୁ ବସିଲାଣି। ଆଜିକାଲି କିଛି ଲୋକଙ୍କର ପସନ୍ଦ ଇଉକାଲିପଟାସ ଓ ଝାଉଁ ଗଛ। ଉଭୟ ଗଛ ପତ୍ର ଛେଦରେ ଅଧିକ ବାଷ୍ପୀକରଣ କରିଥାନ୍ତି ଓ ମୃତ୍ତିକାର ଜଳସବୁ



ସାରିଦେଇଥାନ୍ତି। ତେଣୁ ରାସ୍ତା କଡ, ଢିପ ଜମି ଓ ମଧ୍ୟମ କିଷମ ଜମିରେ ଏହାକୁ ନ ଲଗାଇ କେବଳ ଜଳୀୟ ଓ ଜଳାଶ୍ରୟ ସ୍ଥାନରେ ଲଗାଇଲ ଭଲ। ଇଉକାଲିପଟାସର ଆଉ ଏକ ନକାରାତ୍ମକ ଦିଗ ହେଉଛି ଏହା ମୃତ୍ତିକାକୁ ଆଲିଲୋକେମିକାଲ ଛାଡିଥାଏ, ଯଦ୍ୱାରା ସେ ଜମିରେ ଅନ୍ୟାନ୍ୟ ବୃକ୍ଷ ବଢିପାରେ ନାହିଁ। ଆମ ରାଜ୍ୟ ବାତ୍ୟାପ୍ରବଣ ରାଜ୍ୟ। ଆମେ ଏମିତି ଗଛ ଲଗାଇବା ଉଚିତ ଯେଉଁମାନଙ୍କର ଚେର ଗଭୀର ମାଟିକୁ ପ୍ରବେଶ କରେ ଏବଂ ବାତ୍ୟାରେ ଉପୁଡେ ନାହିଁ। ପ୍ରାୟ ଦେଶୀ ଗଛ ସବୁର ଚେର ମାଟି ଭିତରକୁ ଯାଏ। ସେଗୁଡିକ ଭଲ। ଧାର୍ମିକ ଦୃଷ୍ଟିକୋଣରୁ ହେଉ କିମ୍ବା ସୌନ୍ଦର୍ଯ୍ୟ ପାଇଁ ହେଉ, ଜନସାଧାରଣ ଗୋଟିଏ ଜାତିର ଗଛକୁ ବହୁ ସଂଖ୍ୟାରେ ଲଗାଇବାକୁ ପସନ୍ଦ କରନ୍ତି; ଯଥା ନିମ୍ବ, ଚାକୁଣ୍ଡା, ଦେବଦାରୁ ଇତ୍ୟାଦି।

ଆମେ ଜଳବାୟୁ ପରିବର୍ତ୍ତନ ପରିସ୍ଥିତିରେ ବଞ୍ଚୁଛେ। ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି, ଥଣ୍ଡାର ମାତ୍ରା ବୃଦ୍ଧି ହ୍ରାସ, ରୋଗପୋକର ଆବିର୍ଭାବ ଏକପ୍ରକାର ବୃକ୍ଷକୁ ସମ୍ପୂର୍ଣ୍ଣ ନଷ୍ଟକରିଦିଅନ୍ତି। ସେପରି ସ୍ଥଳେ ମିଶ୍ରିତ ବୃକ୍ଷଜାତି ରୋପଣ କରିଥିଲେ ଗୋଟେ ଜାତି ବୃକ୍ଷର ମୃତ୍ୟୁ ହେଲେ ଅନ୍ୟଗୁଡିକ ପ୍ରଭାବ ମୁକ୍ତ ହୋଇ ବଞ୍ଚନ୍ତି। ତା' ଛଡା ବିଭିନ୍ନ ପ୍ରକାର ବୃକ୍ଷ ବିଭିନ୍ନ ପ୍ରକାର ପଶୁପକ୍ଷୀ, କୀଟ ପତଙ୍ଗର ଖାଦ୍ୟ ଓ ବାସସ୍ଥଳୀ ଭାବେ କାମରେ ଲାଗିଥାଏ। ଆମେ ମିଶ୍ରିତ ବୃକ୍ଷ ରୋପଣ କଲେ ଏହା ସବୁଠୁ ଭଲ। କିଛି ଜଙ୍ଗଲ କର୍ମଚାରୀ ଭାବନ୍ତି ଜଙ୍ଗଲ ଅର୍ଥ ଶାଳ, ପିଆଶାଳ, ଶାଗୁଆନ, ଶିଶୁ, ଗମ୍ଭାରୀ ଇତ୍ୟାଦି ଓ ସେଗୁଡିକୁ ଲଗାନ୍ତି। ମାତ୍ର ସେମାନେ ଭାବିବା ଉଚିତ ଯେ ଜଙ୍ଗଲରେ ହାତୀ, ମାଙ୍କଡ, ଭାଲୁ, ଅନ୍ୟାନ୍ୟ ଜୀବଜନ୍ତୁ, ପକ୍ଷୀ, କୀଟପତଙ୍ଗ, ସରୀସୃପ ମଧ୍ୟ ବାସ କରନ୍ତି। ଯଦି ସେମାନଙ୍କ ଖାଦ୍ୟ ବୃକ୍ଷ ବାଉଁଶ, ଆମ୍ବ, ପଣସ, ତେନ୍ତୁଳି, ପିଜୁଳି, କଦଳୀ, ଧାନ, କଇଥ, ବେଲ ଇତ୍ୟାଦି ଆମେ ଜଙ୍ଗଲରେ ନ ଲଗାନ୍ତି, ସେମାନେ ନିଶ୍ଚୟ ଖାଦ୍ୟ ପାଇଁ ଜନବସତିମୁହାଁ ହେବେ। ତେଣୁ ଆଜି ହାତୀ ହେଉ କିମ୍ବା ମାଙ୍କଡ, ସବୁ ଗାଁକୁ ପଳାଇଆସି କୃଷକର ଫସଲ ନଷ୍ଟ କରୁଛନ୍ତି। ବୃକ୍ଷରୋପଣ କଲାବେଳେ ଖାଦ୍ୟଜାତୀୟ ବୃକ୍ଷରୋପଣ କଲେ ଆମେ ସେଥିରୁ ରାଜସ୍ୱ ପାଇପାରିବା ଓ ପରିବେଶ ସୁରକ୍ଷା କରିପାରିବା। ବିଶେଷକରି ସରକାରୀ ଜମିରେ ଅର୍ଥକରୀ ବୃକ୍ଷ ଯଥା କାଜୁ, ସପେଟା, ଆତ, ଆମ୍ବ, ପଣସ, ଲିଚୁ, ତେନ୍ତୁଳି, ନଡିଆ ପ୍ରଭୃତି ଗଛ ଲଗାଇଲେ, ଏହା ଆମ ପଞ୍ଚାୟତ କିମ୍ବା ଜିଲା କିମ୍ବା ରାଜ୍ୟ ଓ ଦେଶର ଆର୍ଥିକ ସ୍ଥିତି ମଜଭୁତ କରିବାରେ ସହାୟକ ହୋଇଥାଏ। ଆଜିକାଲି ବଜ୍ରପାତ ଓ ବିଜୁଳି ସ୍ପର୍ଶରେ ଅନେକ ଧନଜୀବନ ନଷ୍ଟ ହେଉଛି। ତେଣୁ ବିଲ ହୁଡା, ଗାଁ ଗଣ୍ଡାରେ ତାଳ ଓ ନଡିଆ ଗଛ ଲଗାଇଲେ ଆମେ ସେ ସମସ୍ୟାରୁ ମୁକ୍ତ ହେବା। ସମୁଦ୍ରକୂଳ ଅଞ୍ଚଳରେ ଝାଉଁ ଓ ହେନ୍ତାଳ, ସମୁଦ୍ରକୂଳ ଗାଁମାନଙ୍କରେ ନଡିଆ ବୃକ୍ଷ ଆଦି ଲଗାଇବାକୁ ହେବ। ମୋଟାମୋଟି ସ୍ଥାନର ପ୍ରକାରଭେଦ, ବୃକ୍ଷର ମୃତ୍ତିକା ଜଳବାୟୁ ପସନ୍ଦ ଓ ଆମର ନାନାବିଧ ଆବଶ୍ୟକତାକୁ ବିଚାରକୁ ନେଇ ଆମେ କେଉଁ ସ୍ଥାନରେ କେଉଁ ବୃକ୍ଷ ରୋପଣ କରିବା ତା'ର ଖସଡା ପ୍ରସ୍ତୁତି କରି ତାକୁ କାର୍ଯ୍ୟକାରୀ କରିବା ଉଚିତ।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ: ୮୯୧୭୪୨୬୪୪୦

## ଏଇ ଭାରତରେ

କରଣ କୁମାରଙ୍କ ବୟସ ଏବେ ୨୦। କଲେଜରେ ପଢୁଛନ୍ତି। ଦିଲ୍ଲୀର ଏହି ଯୁବକ ବର୍ଜ୍ୟ ରିସାଇକ୍ଲିଂ କରି ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ପ୍ରମୁଖ ଭୂମିକା ନେଉଛନ୍ତି। ସେ 'ଫିନୋବାଦ' କମ୍ପାନୀ ଗଠନ କରି ତା'ମାଧ୍ୟମରେ ୪୫୦ ଟନ୍ ବର୍ଜ୍ୟ ରିସାଇକ୍ଲିଂ କରିସାରିଲେଣି। ବର୍ଜ୍ୟ ସଂଗ୍ରହ କରୁଥିବା ବ୍ୟକ୍ତିଙ୍କୁ ସେମାନଙ୍କ ପ୍ରାପ୍ୟ ଦେଉଛନ୍ତି। ଏହା ସହ ବିଭିନ୍ନ ବର୍ଜ୍ୟକୁ ଅଲଗା କରି ରିସାଇକ୍ଲିଂକୁ ପଠାଇବା କାର୍ଯ୍ୟରେ ସେ ମହିଳାମାନଙ୍କୁ ନିଯୁକ୍ତ କରିଛନ୍ତି। ସେ ୭୦ ଜଣ ବର୍ଜ୍ୟ ସଂଗ୍ରହକାରୀଙ୍କୁ ରୋଜଗାର ଦେଇଛନ୍ତି। କରଣଙ୍କ ଜନ୍ମ ବିହାର ସମସ୍ତିପୁରରେ। ୧୯୯୦ ଦଶନ୍ଧିରେ ସେ ତାଙ୍କ ପରିବାର ସହ ଦିଲ୍ଲୀ ଆସିଥିଲେ। ସେ ସ୍କୁଲରେ ତାଙ୍କ ସାଙ୍ଗଙ୍କ ସହ ମିଶି ବିଶେଷକରି ପଡ଼ୋଶୀଙ୍କଠାରୁ ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ଏକ ଓ୍ୱେବସାଇଟ ଓ ଆପ୍ ମାଧ୍ୟମରେ କବାଡିବାଲାଙ୍କୁ ତାଙ୍କ ସହ ଯୋଡ଼ିଥିଲେ। ୨୦୨୪ରେ ଫିନୋବାଦ ପଞ୍ଜୀକୃତ କରି ସେ ଆଗକୁ ବଢ଼ିଥିଲେ। ଏହି କାର୍ଯ୍ୟରେ ଆରମ୍ଭରୁ ତାଙ୍କ ସାନ ଭାଇ ଅପୂର୍ବ ସହଯୋଗ କରିଆସୁଛନ୍ତି। ବଡ଼ କଥା ହେଉଛି, ପ୍ରତ୍ୟେକ ୧୦୦ କେ.ଜି. ବର୍ଜ୍ୟ ରିସାଇକ୍ଲିଂ ହେବା ପରେ ଫନୋବାଦ ପକ୍ଷରୁ ଗୋଟିଏ ଗଛ ଲଗାଯାଉଛି। ଏବେ ସୁଦ୍ଧା ୩୩୨୦ ଗଛ ଲଗାଯାଇସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୭୬

- ଇଣ୍ଡିଆନ ଏୟାରଲାଇନ୍ସ ପକ୍ଷରୁ ନାଇଜେରିଆ ଓ ଘାନାକୁ ପ୍ରଥମ କରି ବିମାନ ଚଳାଚଳ ଆରମ୍ଭ ହୋଇଛି।
- ଭାରତ ସରକାର ମହୀଶୂର ହିନ୍ଦୀ ପ୍ରଚାର ପରିଷଦ ହିନ୍ଦୀ 'ରତ୍ନ' ଉପାଧିକୁ ସ୍ନାତକ ଉପାଧି ସହ ସମାନ ବୋଲି ସ୍ୱୀକୃତି ଦେଇଛନ୍ତି।

## ଚିରନ୍ତନୀ

ଯେତେ କଥା ଆଜି ହଜିଗଲା ମନ ଭିତରେ
ବିଚାରଇଁ ସବୁ ଗାଇଯିବି ଖାଲି ଗୀତରେ !
ହୁଡ଼ିଗଲି କେତେ ହେଲି ବାଟବଣା
ରହିଗଲା ବହୁ ଅକୁହା ଅଜଣା,
ଚମକିଲା ଛାତିକେତେ ଯେ ବରଷା
ଶୀତରେ
ବିଚାରଇ ଆଜି ଗାଇଯିବି ସବୁ ଗୀତରେ ।
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀ ଜଳ ବିବାଦର ସମାଧାନ କେବେ

ମହାଶୟ,

ଏକଦା କାବେରୀ ଜଳ ବିବାଦ ଜାତୀୟ ସ୍ତରରେ ଚର୍ଚ୍ଚିତ ଖବର ହୋଇଥିଲା ଓ ପରେ ନର୍ମଦା ବଞ୍ଚାଅ ଆନ୍ଦୋଳନ ମଧ୍ୟ ଅନୁରୂପ ଖବର ପାଲଟିଥିଲା। ତେବେ ଦିନେ ମହାନଦୀ ଜଳ ବିବାଦ ଓଡ଼ିଶାବାସୀଙ୍କ ମୁଣ୍ଡବିନ୍ଧାର କାରଣ ସାଜି ରାଜନୈତିକ ନାଟକବାଜିରେ ରୂପାନ୍ତରିତ ହେବ ବୋଲି କିଏ ଭାବିଥିଲା ? ଗୋଟିଏ ଦୀର୍ଘକାଳୀନ କ୍ଷମତାସୀନ ସରକାର ଏଥିପାଇଁ ନେଇଥିବା ପଦକ୍ଷେପ କେବଳ ପତ୍ରଲିଖନରେ ସୀମିତ ଥିବା ସ୍ଥଳେ ଓଡ଼ିଆ ଅସ୍ମିତା ଦାହି ଦେଇ ସଂପ୍ରତି କ୍ଷମତା ମଧୁ ଚାଖିଥିବା ରାଜନୈତିକ ଦଳ ମଧ୍ୟ ସେହି ବାଟ ଧରିଲାଣି। କେବଳ କମିଟିରେ ଗୋଟିଏ/ଦୁଇଟି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିଧାୟକଙ୍କୁ ରଖି ଓ ସଦସ୍ୟ ଚୟନରେ ତାହାକୁ ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ଗଠିତ ହୋଇଯିବାର ବାହାଦୁରି ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଗଲାଣି। ଏହାଦୃଶ ରାଜନୈତିକ ଆଖଡ଼ା ଆଉ କେତେଦିନ।

-ଡି.ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ବିକଶିତ ଓଡ଼ିଶାର ଅଂଶୀଦାର ହେବାକୁ ଆହ୍ୱାନ'



ଖୋର୍ଦ୍ଧା ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ବୋଧନ ଦେଉଛନ୍ତି।

ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ)

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ପାଇକଙ୍କ ବୀରତ୍ୱ, ବଳିଦାନ ଅତୁଳନୀୟ। ଖୋର୍ଦ୍ଧାଗଡ଼ ଇତିହାସ ମୂକସାକ୍ଷୀ ଭାବେ ଦଣ୍ଡାୟମାନ ରହିଛି। କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏ ମାଟିର ସନ୍ତାନ ସୁନାମ ଅର୍ଜନ କରିଛନ୍ତି। ସମାଜ ତଥା ଦେଶ ପ୍ରତି ସମସ୍ତଙ୍କର ଉତ୍ତରଦାୟିତ୍ୱ ରହିଛି। ୧୯୩୬ ମସିହାରେ ଭାଷାଭିତ୍ତିକରେ ଗଠନ ହୋଇଥିବା ରାଜ୍ୟ ୨୦୩୬ ବେଳକୁ ଶତାବ୍ଦୀ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ବିକାଶର ମନ୍ତ୍ରରେ ସବୁବର୍ଗର ଜନସାଧାରଣ ବ୍ରତୀ ହୋଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଅଂଶୀଦାର ହେବାକୁ ଖୋର୍ଦ୍ଧା ମହୋତ୍ସବ ୪ର୍ଥ

**ଖୋର୍ଦ୍ଧା ମହୋତ୍ସବର ୪ର୍ଥ ସନ୍ଧ୍ୟା**

ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଆହ୍ୱାନ ଦେଇଛନ୍ତି।

ଅନୁଷ୍ଠାନ ସଭାପତି ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଏହି ମହୋତ୍ସବରେ ମୁଖ୍ୟବକ୍ତା ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଖୋର୍ଦ୍ଧାଗଡ଼, ପାଇକ ବିଦ୍ରୋହ ପୃଷ୍ଠଭୂମି, ବୀରତ୍ୱର ଗାଥାକୁ ମନେପକାଇଥିଲେ। ସେ କହିଥିଲେ, ଏ ମାଟିର ଇତିହାସ ଓ ଚେତନା ଅନନ୍ୟ। ଓଡ଼ିଶାର ଇତିହାସରେ ଖୋର୍ଦ୍ଧାମାଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ। ବ୍ରିଟିଶ୍ ବିରୋଧରେ ପାଇକମାନେ ଯୁଦ୍ଧଂଦେହି ଡାକରା ଦେଇଥିଲେ। ଏହି ଐତିହାସିକ ସଂଗ୍ରାମ ଖୋର୍ଦ୍ଧାମାଟିକୁ ଗୌରବାନ୍ୱିତ କରିଛି। ବର୍ତ୍ତମାନ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଥିବା ବେଳେ ଖୋର୍ଦ୍ଧା ବିକଶିତ ଓଡ଼ିଶା ନିର୍ମାଣରେ ଶିଳ୍ପର ଅପୂର୍ବ ବିକଶିତ ଯୋଜନା ରୂପାୟନ ଦ୍ୱାରା ଐତିହ୍ୟ ସଂସ୍କୃତି ପାଇକ ସ୍ମାରକୀ ତୀର୍ଥ ସ୍ଥାନ, ଆଉଟର ରିଂ ରୋଡ୍ ଯୋଜନା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଉପଜିଲାପାଳ କିଶୋର କୁମାର ପଣ୍ଡା, ପୂର୍ବତନ ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ଉପାଧ୍ୟକ୍ଷ ଖୋର୍ଦ୍ଧା ପଞ୍ଚାୟତସମିତି ପ୍ରକାଶ ସାମନ୍ତରାୟ, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି, ପୂର୍ବତନ ଭାଜପା ସଭାପତି ରଶିରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ମୁଖ୍ୟ ଉପଦେଷ୍ଟା ବିଧାୟକ ପ୍ରଶାନ୍ତ ଜଗଦେବ ସ୍ୱାଗତ ଭାଷଣରେ ଖୋର୍ଦ୍ଧାର ଗରିମାମୟ ଇତିହାସ, ପର୍ଯ୍ୟଟନ, ଐତିହ୍ୟ ସମ୍ପର୍କ ରେ କହିଥିଲେ। ମହୋତ୍ସବ କମିଟି ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଶ୍ରୀକାନ୍ତ ନାୟକ ମଞ୍ଚ ଉପସ୍ଥାପନା କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଡିଭାଇନ୍ ଡ୍ୟାନ୍ସ ଗ୍ରୁପ୍, ଶିକ୍ଷା ପ୍ଲେ ସ୍କୁଲ ଡ୍ୟାନ୍ସ, ନୀଳଶୈଳ ଡ୍ୟାନ୍ସ ଗ୍ରୁପ୍, କିଡ୍‌ଜୀ ସ୍କୁଲ ପିଲାଙ୍କ ଦ୍ୱାରା ନୃତ୍ୟ, ଶ୍ରୀହରି ଡ୍ୟାନ୍ସ ଗ୍ରୁପ୍, ବ୍ଲାକ ସ୍ୱାଇଡର, ଗୁରୁକୁଳ ଏକାଡେମୀ, ଦେବୀ ଡ୍ୟାନ୍ସ, ତାରିଣୀ ଡ୍ୟାନ୍ସ ଗ୍ରୁପ୍, ଅଜିତ୍ ଡ୍ୟାନ୍ସ ଗ୍ରୁପ୍‌ର କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ।

## ୪୨ ଦୋକାନ ଗୃହ ଉଚ୍ଛେଦ

**ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଚାଲିଛି। ପଲ୍ଲା ଛକରେ ୪୨ଟି ଦୋକାନ ଗୃହ ଉଚ୍ଛେଦ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ପୌର ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ତହସିଲଦାର ବିଭାସ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଡି.ଗୋପାଳ ରେଡ୍ଡୀଙ୍କ ସହ ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ ଉପସ୍ଥିତ ଥିଲେ। ରାଜସ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ବରିଷ୍ଠ ଭାଜପା ନେତା ରାଜୀବ ଲୋଚନ ଷଡ଼ଙ୍ଗୀ ଏହି ଅଞ୍ଚଳରେ ଜବରଦଖଲରେ ଥିବା ପାରଦ୍ୱୀପ ପୋର୍ଟ ଜମି ମୁକ୍ତ ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିକଟରେ ଅଗଷ୍ଟ ୨୦୧୪ରେ ଅଭିଯୋଗ କରିଥିଲେ। ଏହା ବିଧବଦ୍ଧ ଭାବେ ଯାଞ୍ଚ କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୀର୍ଘ ବର୍ଷ ପରେ ଜରବଦଖଲରେ ଥିବା ପାରଦ୍ୱୀପ ପୋର୍ଟ ଜମି ମୁକ୍ତ ପାଇଁ ପୌର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ଜାଗେଶ୍ୱରୀ ସେବା ସମିତିରେ ଅନିୟମିତତା ଅଭିଯୋଗ

ବେଗୁନିଆ,୧୯।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

**ତାଲା ପକାଇ ଚାଷୀଙ୍କ ଧାରଣା**



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ହଜ ପଞ୍ଚାୟତ ଅନ୍ତର୍ଗତ ନିଧିପୁର ଗ୍ରାମରେ ଥିବା ମା' ଜାଗେଶ୍ୱରୀ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ୪ ଦଫା ଦାବିରେ ଶୁକ୍ରବାର ଧାରଣା ଦେଇଥିଲେ। ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ପ୍ରକ୍ରିୟା ଜାରି ରହିଛି ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଙ୍କିଆ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଥାଉ କି, ୧୯୫୭ ମସିହାରେ ନିଧିପୁର ଗ୍ରାମରେ ମା' ଜାଗେଶ୍ୱରୀ ସେବା ସମିତି କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ଏଥିରେ ହଜ ପଞ୍ଚାୟତ ଅନ୍ତର୍ଗତ କଲରାଝର, ମୁକ୍ତାପୁର, ବାଲଧାଡ଼ି, ହଜ, ନିଧିପୁର ଆଦି ଗ୍ରାମର ଚାଷୀମାନେ ନିର୍ଭର କରନ୍ତି। ଏଠାରେ ସରକାରୀ ସହାୟତା ଏବଂ ସବ୍‌ସିଡି ଜରିଆରେ ସାର, ବିହନ ଆଦି ଯୋଗାଣରେ ଅନିୟମିତତା କରାଯାଉଥିବା ଅଭିଯୋଗ ଉଠିଥିଲା। ଏପରିକି ଚଳିତ ଖରିଫ୍ ଋତୁରେ ସାର ବସ୍ତା ପ୍ରତି ଅତ୍ୟଧିକ ଦର ବୃଦ୍ଧି କରାଯାଇ ଚାଷୀଙ୍କୁ ଯୋଗାଣ ହୋଇଛି। ଫସଲ ବୀମା ବାବଦକୁ ବିନା ରସିଦରେ ଅର୍ଥ ଆଦାୟ କରାଯାଉଛି। ୨୦୨୩ ଖରିଫ୍ ଋତୁରେ ହୋଇଥିବା ମରୁଡ଼ିଜନିତ କ୍ଷୟକ୍ଷତିରେ ତାଲିକାଭୁକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନରେ ଅନିୟମିତତା ଏବଂ ଚଳିତ ବର୍ଷ ସାର ବଣ୍ଟନ ସମୟରେ ଜଣେ ଚାଷୀଙ୍କୁ ମାଡ଼ ମରାଯିବା ପରେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ଆଦି ୪ ଦଫା ଦାବି ନେଇ ଚାଷୀ ପ୍ରତିନିଧିମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏନେଇ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ ଏବଂ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲା। ପରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଗତ ଏକମାସ ହେବ ତଦନ୍ତ କରାଯାଇଥିଲା। ହେଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଫଳରେ ବାଧହୋଇ ତାଲା ପକାଇ ଧାରଣା ଦେଇଛୁ ବୋଲି କ୍ଷତିଗ୍ରସ୍ତ ଚାଷୀ ପ୍ରତିନିଧିମାନେ କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ଶୁକ୍ରବାର ସକାଳ ୯ଟାରେ ସେବା ସମବାୟ ସମିତିର ମୁଖ୍ୟଦ୍ୱାରରେ ତାଲା ପକାଇ ଧାରଣାରେ ବସିଥିଲେ। ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ସମ୍ପାଦକ କାର୍ଯ୍ୟରେ ଯୋଗଦେଇପାରି ନ ଥିଲେ।

# ସଫଳତା ପାଇଁ ଶୃଙ୍ଖଳା ଜ୍ଞାନ ଜରୁରୀ

ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜେଜେଆର.ଏସ୍‌ସି ବାଳିକା ଛାତ୍ରୀନିବାସର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀନିବାସ ଅଧୀକ୍ଷିକା ଅଲିଭା ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟ ପରିଚାଳନା ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଆତ୍ମବିଶ୍ୱାସର ସହ ଆଗକୁ ବଢ଼। ବିଭିନ୍ନ କ୍ଷେତ୍ରରେ ମହିଳାମାନେ ପାରଦର୍ଶିତା ଅର୍ଜନ କରୁଛନ୍ତି। ନିଷ୍ଠା,ଏକାଗ୍ରତାର ସହ ପରିଶ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ। ଚଳଚ୍ଚିତ୍ର ପ୍ରଡ୍ୟୁସର ଅନାମ ଚରଣ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ ଯେ, ଶୃଙ୍ଖଳାଜ୍ଞାନ, ସମାୟାନୁବର୍ତ୍ତିତା ସଫଳତାର ମାର୍ଗ ପ୍ରଶସ୍ତି କରିଥାଏ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ବକ୍ତା, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡ.ପ୍ରିୟବ୍ରତ ମହାନ୍ତି, ମଧୁସ୍ମିତା ଛୋଟରାୟ, ଡଲି ମିଶ୍ର, ଡ.ରଶ୍ମିରେଖା ବାରିକ, ସରୋଜ କୁମାର ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେବା ସହ ମହାବିଦ୍ୟାଳୟର ଗୌରବ ବଢ଼ାଇବାକୁ କହିଥିଲେ। ଏହି ଅବସରରେ ପ୍ରତିଭାଧାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଆଇଏନ୍‌ଟିଓବିଏଚ୍‌ଏସ୍-ଏଫ୍-୧୭୧୨୨୫, ଭାରତର ରାଷ୍ଟ୍ରପତିଙ୍କ ଜରିଆରେ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍ ଜରିଆରେ ସେଥିପାଇଁ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ୨ ବର୍ଷ ଅବଧି ପାଇଁ ହାଓଡା-ପୁରୀ ଏବଂ ହାଓଡା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍‌ଏସ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ । **ଟେଣ୍ଡର ମୂଲ୍ୟ:** ₹୫,୩୩,୪୩,୩୨୭.୦୩ (ଜିଏସ୍‌ଟି ସମେତ) । **ଇଏମ୍‌ଡି:** ₹୪,୧୬,୭୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ:** ତା୧୭।୦୧।୨୦୨୬ରିଖ ୧୧.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦ (ଅଣଫେରସ୍ତଯୋଗ୍ୟ) । **(PR-976)**

# ରୋଟାରି କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ବାଲୁଗାଁ,୧୯।୧୨ (ସଂଗ୍ରାମ ପାଇକରାୟ):** ବାଣପୁର-ବାଲୁଗାଁ ରୋଟାରି କ୍ଲବ୍ ପକ୍ଷରୁ 'ପ୍ରୋଜେକ୍ଟ କ୍ଲିନ ସିଟି' କାର୍ଯ୍ୟକ୍ରମକୁ ସାକାର କରିବା ଉଦ୍ଦେଶ୍ୟରେ ଚାରିଦିନ ଧରି ବାଲୁଗାଁସ୍ଥିତ ଉମାମହେଶ୍ୱର ମନ୍ଦିର ପୋଖରୀରୁ ଦଳ ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ସଫେଇ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ କ୍ଲବ ସଭାପତି ସୁନୀଲ କୁମାର ପାତ୍ର, ସମ୍ପାଦକ ହିମାଂଶୁ କୁମାର ପାତ୍ର, ଆସନ୍ତା ବର୍ଷର ସଭାପତି ଡ.ଚିନ୍ତାମଣୀ ମିଶ୍ର, ପୂର୍ବତନ ସଭାପତି ସୁରେଶ ଚନ୍ଦ୍ର ବେହେରା, ବିଜୟ କୁମାର ବେହେରା, ଧୀରେନ୍ଦ୍ର ନାଥ ପାତ୍ର, ରବି ନାରାୟଣ ନାୟକ, ଜଗଦୀଶ ଲାଖେଟିଆ, ଶ୍ୟାମସୁନ୍ଦର ପୃଷ୍ଟି, ଗୋପାଳ ଚନ୍ଦ୍ର ନାୟକ, ସଞ୍ଜୟ କୁମାର ସାହୁ, ଗଗନ ବିହାରୀ ବେହେରା, ସଚ୍ଚିଦାନନ୍ଦ ସେଠୀ, ସୂର୍ଯ୍ୟନାରାୟଣ ସେନାପତି ପ୍ରମୁଖ ପରିଚାଳନା କରିଥିଲେ ।

# ବାଲି ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

**ବେଗୁନିଆ,୧୯।୧୨ (ସନ୍ଧ୍ୟାରାଣୀ ମିଶ୍ର):** ବେଆଇନ ଭାବେ ବାଲି ବୋଝେଇ ହୋଇ ଚାଲାଣ ହେଉଥିବା ଏକ ଗାଡ଼ିକୁ ବାଘମାରୀ ବଜାର ନିକଟରୁ ପୋଲିସ ଜବତ କରିବା ସହିତ ଚାଳକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲଣ କରିଛି। ଗାଡ଼ି ଚାଳକ ଦୀପକ ପ୍ରଧାନଙ୍କ ଘର ବାଙ୍କୀ ଥାନା ଅନ୍ତର୍ଗତ ପାଥପୁର ଗ୍ରାମ ବୋଲି ଥାନା ଅଧିକାରିଣୀ ସୁଚିତ୍ରା ଜେନା ସୂଚନା ଦେଇଛନ୍ତି।

**GOVERNMENT OF ODISHA** No.O-1816
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
No. Tender Online RCK-24/25 Letter No.-4261 Date : 15.12.2025

**e-Procurement NOTICE**

1. Name of the work : Tender for the Building works in the Dist. of Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-24/25 | 22.12.2025 at 11.00 A.M. | 08.01.2026 to 5.00 P.M. | 08.01.2026 upto 2.00 P.M. | 09.01.2026 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

Sd./- Chief Construction Engineer
Rural Works Circle, Kendrapara-Jajpur
OIPR-25129/11/0073/2526

**IFCI LIMITED**
आई एफ सी आई लिमिटेड
(A Government of India Undertaking)
(भारत सरकार का उपक्रम)

ପଞ୍ଜୀକୃତ କାର୍ଯ୍ୟାଳୟ: ଆଇଏଫ୍‌ସିଆଇ ଟାୱାର, ୬୧ ନେହେରୁ ପ୍ଲେସ୍ ନୂଆଦିଲ୍ଲୀ - ୧୧୦୦୧୯
ଟେଲି: ୦୧୧-୪୧୭୯୨୮୦୦, ୪୧୭୩୨୦୦୦
ୱେବ୍‌ସାଇଟ୍: www.ifciltd.com
ସିଆଇଏନ୍: L74899DL1993GOI053677

**ପ୍ରାଇମ୍ ପ୍ରପର୍ଟି ବିକ୍ରୟ ପାଇଁ ଉପଲବ୍ଧ**

ଆଇଏଫ୍‌ସିଆଇ ନିମ୍ନ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ଜରିଆରେ **''ଯେପରି ଅଛି ଯେଉଁଠି ଅଛି, ଯେପରି ଅଛି ଯାହା ଅଛି, ସେଠାରେ ଯାହା ବି ଅଛି ଏବଂ ଅନନ୍ୟୋପାୟ ଭିତ୍ତିରେ''** ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବିଡରଙ୍କୁ ଆମନ୍ତ୍ରଣ କରୁଛି:-

| କ୍ର. ନଂ. | ସମ୍ପତ୍ତିର ନାମ ଏବଂ ଠିକଣା | ସଂରକ୍ଷଣ ମୂଲ୍ୟ (କୋଟି ଟଙ୍କାରେ) | ଇ-ନିଲାମ ତାରିଖ |
|---|---|---|---|
| | **ବାଣିଜ୍ୟିକ ସମ୍ପତ୍ତି** | | |
| (i) | ଆଇଏଫ୍‌ସିଆଇ ଭବନ ନଂ.୨, କ୍ୟୁବନପେଟ, ମେନ୍ ରୋଡ, ଏନଆର୍ ଛକ, ହୁଡସନ୍ ସର୍କଲ, ବେଙ୍ଗାଲୁରୁ - ୫୬୦୦୦୨ | 33.851 | 19/01/2026 |
| (ii) | ୮ମ ମହଲା, ତାରାମଣ୍ଡଳ କମ୍ପ୍ଲେକ୍ସ, ଦ୍ୱାର ନଂ. ୫-୯-୧୩, ସୈଫାବାଦ୍, ହାଇଦ୍ରାବାଦ - ୫୦୦୦୦୪ | 15.574 | 20/01/2026 |
| (iii) | ୨ୟ ଏବଂ ୩ୟ ମହଲା, ୧୪୨, ଏମ୍.ଜି. ରୋଡ, ନୁଗାମବାକ୍କମ୍, କଣ୍ଟିନେଣ୍ଟାଲ ଚ୍ୟାମ୍ବର, ଚେନ୍ନାଇ - ୬୦୦୦୩୪ | 22.57 | 21/01/2026 |
| | **ଆବାସିକ ସମ୍ପତ୍ତି** | | |
| (iv) | ଶିବଶକ୍ତି ଆପାର୍ଟମେଣ୍ଟ, ୧୮/୨, ବାଲିଗୁଞ୍ଜ ସର୍କଲ ରୋଡ, ୧ମ ମହଲା, କୋଲକାତା - ୭୦୦୦୧୯ | 2.372 | 22/01/2026 |
| (v) | ଫ୍ଲାଟ ନଂ. ଏଚଆଇଜି-୪/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୦୨ | 0.451 | 23/01/2026 |
| (vi) | ନିଧି ଆପାର୍ଟମେଣ୍ଟ, ୪୦, ନେତାଜୀ ରୋଡ, ଫର୍ଜର ଟାଉନ, ବେଙ୍ଗାଲୁରୁ - ୫୬୦୦୦୫ (୪ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨୦୮ | 1.115 | 27/01/2026 |
| | ଫ୍ଲାଟ ନଂ. ୪୦୩ | 1.132 | |
| | ଫ୍ଲାଟ ନଂ. ୫୦୪ | 1.084 | |
| | ଫ୍ଲାଟ ନଂ. ୫୦୮ | 1.117 | |
| (vii) | ନନ୍ଦିନୀ ଏସ୍‌ଏଫ୍‌ଏଚ୍‌ଏସ୍ ଏକ୍ସଟେନସନ, ନନ୍ଦିନୀ ଲେଆଉଟ, ବେଙ୍ଗାଲୁରୁ - ୫୬୦୦୯୬ (୬ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ଏମ୍‌ଏଫ-୧୭/୧୨ | 0.514 | 28/01/2026 |
| | ଫ୍ଲାଟ ନଂ. ଏମ୍‌ଏଫ-୧୮/୧୧ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୨ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୩ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୫ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୬ | 0.511 | |
| (viii) | ଶ୍ରୀଜି ଆପାର୍ଟମେଣ୍ଟ, ଆଜାଦ ସୋସାଇଟି ପାଖ, ଅମ୍ବାଡି, ଅହମଦାବାଦ-୩୮୦୦୧୫ (୫ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨/୧ - ତଳ ମହଲା | 0.67 | 29/01/2026 |
| | ଫ୍ଲାଟ ନଂ. ୨/୨ - ତଳ ମହଲା | 0.67 | |
| | ଫ୍ଲାଟ ନଂ. ୨/୩ - ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୪ - ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୫ - ଦ୍ୱିତୀୟ ମହଲା | 0.45 | |

୧. ଇ-ନିଲାମର ସବିଶେଷ ପଦ୍ଧତି ଏବଂ ବିକ୍ରୟର ନିୟମ ଓ ସର୍ତ୍ତାବଳୀର ବିବରଣୀ ସମ୍ବଳିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଆଇଏଫ୍‌ସିଆଇ ୱେବ୍‌ସାଇଟ୍ www.ifciltd.com ଏବଂ ଇ-ନିଲାମ ପୋର୍ଟାଲ https://eauction.auctiontiger.netରୁ **୧୨ ଡିସେମ୍ବର ୨୦୨୫, ମଧ୍ୟାହ୍ନ ୧୨.୦୦ ଘଟିକା** ପରଠାରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଇଏମ୍‌ଡି ଦାଖଲର ଶେଷ ତାରିଖ ହେଉଛି **୦୮ ଜାନୁଆରୀ, ୨୦୨୬, ଅପରାହ୍ନ ୫.୩୦ ଘଟିକା ।**
୨. ଯୋଗାଯୋଗ ବ୍ୟକ୍ତିମାନେ ନିମ୍ନ ଅନୁଯାୟୀ ଅଟନ୍ତି:
ଶ୍ରୀ ରାହୁଲ ଅଗ୍ରୱାଲ, ଜିଏମ୍- ୦୧୧-୪୧୭୩୨୪୫୬/୯୯୯୦୭୨୫୯୦୨ ; ଶ୍ରୀ ବବିତ ଲାଲ, ଏଡି - ୦୧୧-୪୧୭୩୨୧୪୧/୯୫୯୯୫୦୨୬୬୩;
ଶ୍ରୀ ବରୁଣ ଖୋୱାଲା, ଏଜିଏମ୍- ୦୧୧-୪୧୭୩୨୨୮୨/୯୯୮୭୫୬୧୭୫୭, ଶ୍ରୀ ଅମିତ ଜୋଶୀ, ଏଜିଏମ୍-୦୧୧-୪୧୭୩୨୧୭୪/୭୦୪୨୫୦୫୦୮୭ ।
୩. ସମସ୍ତ ଅପ୍‌ଡେଟ୍, ସଂଶୋଧନ, ଶୁଦ୍ଧିପତ୍ର ଆଦି (ଯଦି ଥାଏ) କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୧୯ ଡିସେମ୍ବର ୨୦୨୫

ସ୍ୱା./-
ମହାପ୍ରବନ୍ଧକ (ଇନ୍ଭେଷ୍ଟମେଣ୍ଟ)
ଆଇଏଫ୍‌ସିଆଇ ଲିଃ.

**Fakir Mohan University**
Vyasa Vihar, Balasore, Odisha-756089
Website : www.fmuniversity.nic.in

No.FMU/OMBRIC/01/2025/9113 Date : 19.12.2025

**ADVERTISEMENT FOR WALK-IN-INTERVIEW**
**FOR VARIOUS PROJECT POSITIONS UNDER THE OMBRIC PROJECT**
(Sanction Order No. ST-BT-MISC-0029-2025-6109/ST, Bhubaneswar dated 14.11.2025)

A walk-in interview will be conducted on **Dt.06.01.2026 at 11.00 A.M.** in the Conference Hall, Administrative Building of the University for various Project Positions **(Research Associate I (RA)-02 posts, Junior Research Fellow (JRF)-03 posts and Project Assistant (PA)-02 posts under the OMBRIC Project sponsored by Science & Technology Department, Govt. of Odisha**. All the project positions are purely temporary and intially for a period of one year which may be extended up to Five years based on the performance. For details regarding qualifications, experience and other conditions, visit www.fmuniversity.nic.in.

Sd./- Registrar

**କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ପ୍ରତିଷ୍ଠିତ)
ତେଜସ୍ୱିନୀ ହିଲ୍ସ, ପେରିୟେ, କାସରଗଡ଼-୬୭୧୩୨୫

ନଂ. ସିୟୁକେ/ଆରସି/ଏଫ୍‌ଓ/୨୦୨୩

**କର୍ମନିଯୁକ୍ତି ବିଜ୍ଞପ୍ତି**

ନିମ୍ନଲିଖିତ ପଦବୀଗୁଡ଼ିକୁ ସିଧା ନିଯୁକ୍ତିଭିତ୍ତିରେ ପୂରଣ କରିବା ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି:
୧) ରେଜିଷ୍ଟ୍ରାର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୨/୨୦୨୫
୨)ଫାଇନାନ୍ସ ଅଫିସର,୦୧ (ୟୁଆର୍),ସିୟୁକେ/ଆର୍‌ସି/ଏସ୍‌ଓ/୦୧/୨୦୨୫
୩)ଲାଇବ୍ରେରିଆନ୍,୦୧(ୟୁଆର୍),ସିୟୁକେ/ଆର୍‌ସି/ଏସ୍‌ଓ/୦୩/୨୦୨୫
ବେତନ ସ୍ତର ୧୪ (୧,୪୪,୨୦୦-୨,୧୮,୨୦୦)
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ୨୩।୦୧।୨୦୨୬-ରାତ୍ର ୧୧.୫୯ ଘଟିକା
ଆବେଦନର ହାର୍ଡ କପି ପ୍ରାପ୍ତିର ଶେଷ ତାରିଖ: ୦୬।୦୨।୨୦୨୬ -ଅପରାହ୍ନ ୦୫.୦୦ ଘଟିକା
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ www.cukerala.ac.in

cbc 21353/12/0005/2526 ରେଜିଷ୍ଟ୍ରାର

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
**OFFICE OF THE SENIOR GENERAL MANAGER, (PROJECTS) - I**
**OPTCL TECH TOWER, JANPATH, SAHEED NAGAR, BHUBANESWAR-751007**

**NOTIFICATION**

No. 876(6) Dated : 12.12.2025

In accordance with section 164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 40 Crore Approx. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.GM(Project)-1, OPTCL, Bhubaneswar, within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), EHT (Projects) Division, Jajpur Road, as mentioned against the work, on any working day during office hours.

**Name of the Work:-** Construction of proposed 220kV LILO line in both circuits from 220kV TTPS-Joda DC line(existing Loc. No. 392) to proposed 400kV Sub-station at Basudevpur, Keonjhar (proposed 220kV Joda-Basudevpur line).

**Name of the Village in which the line will Pass :**
**Tahasil:** Keonjhar Sadar, **RI Circle:** Palaspanga, **Revenue Village:** Rengalbera, Dhanurjaypur, Tulasipur, kunjarbahal, Silisuan; **Tahasil:** Jhumpura, **(a)RI Circle:** Balibandha, **Revenue Village:** Dhaulipat, Fakirpur, Nahabeda, Ramachandrapur alias balabhadrapur, Kashipala; **(b)RI Circle:** Gumura, **Revenue Village:** Hirapur, Goda, Angulia, Pratapadhanrjayapura, Naradapur, Jagannathpur; **(c)RI Circle:** Ukhunda, **Revenue Village:** Manoharpur; **Tahasil:** Barbil, **RI Circle:** Chamakpur, **Revenue Village:** Ramachandrapur, Basudevpur.

**Perceived benefit that may accrue :** This will facilitate un-interrupted power supply to the domestic & industrial loads in & around Joda, Barbil, Champua & Jumpura command area in particular & overall development of Keonjhar district in general.

ER. SUNIL KUMAR DANDSENA
Sr. General Manager (Projects- I)
FIPR-70/2025-26
/optcl.odisha /optcl_odisha

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**HIGHWAY TRADING PVT. LTD.**
REQUIRED
**JUNIOR/SENIOR ACCOUNTANT**
Experienced in Tally with at least 1-5 years of experience
**SALES EXECUTIVE**
Any Graduate with MBA / B.Com.
Walk in for interview :
MONDAY-SATURDAY - 10 A.M. TO 7 P.M.
Address : JANPATH, BHUBANESWAR
Contact : Rajiv Agarwal, M-9437006047

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/-
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
At - Phulanakhara, Cuttack
Mob : 7809525452

**REQUIRED**
Required Used Car **Manager** for a 4-Wheeler Automobile Dealership at Bhubaneswar.
Call: **7855040457**
Send CV:
csgargsongroup@gmail.com
siddharth9909@gmail.com

**REQUIRED**
**Admin Manager** Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
csgargsongroup@gmail.com
Cc to:
siddharth9909@gmail.com
Call - +91 7855040457

**WANTED FOR A PHARMACEUTICAL UNIT IN ODISHA**
- **QUALITY CONTROL OFFICER (Min. 3 years experience).** Knowledge of Operation of HPLC Systems is a must.
- **QUALITY ASSURANCE OFFICER (Min. 3 years experience)** should be able to face ISO & GMP audit.
- **LABORATORY ASSISTANT:** B.Sc./B.Pharma Graduates with devotion and determination to work honestly.
- **PHARMACIST:** D.Pharma Graduates with devotions and determination to work honestly.
- Please apply with confidence to email: **odishacareerconsul@gmail.com** within 15 days of intimating expected salary.

**GOVERNMENT OF JHARKHAND**
**DEPARTMENT OF MINES AND GEOLOGY**
**DIRECTORATE OF GEOLOGY**
(Engineers' Hostel No-2, 2nd Floor, Dhurwa, Ranchi-834004)

**CORRIGENDUM NOTICE**

This is to inform all concerned that the Tender Document of the Notice Inviting Quotation (NIQ) No. 08/2025-26, dated 17.12.2025, published vide PR No. 368771, dated 17.12.2025 for the "Supply of Press Palette Machine" can be downloaded from the website:www.jharkhand.gov.in.All other terms and conditions of the NIQ shall remain unchanged. Interested Bidders are hereby requested to submit their bids accordingly.

Sd/-
Director, Geology
Directorate of Geology,
Department of Mines & Geology,
Government of Jharkhand

PR 369021 (Mines and Geology)25-26*D

**OFFICE OF THE EXECUTIVE ENGINEER**
**MINOR IRRIGATION DESIGN DIVISION,**
**DUMKA, CAMP-DEOGHAR**

**e-Procurement Tender Notice**
**Two Envelope System**
**Tender Reference No. :- WRD/M.I.D.D.D.C/DEOGHAR/B.D./S.L.I-03/2025-26 Dt:-19.12.2025**

| | | |
|---|---|---|
| 1. | Name of the work | Construction of Chief Minister Solar Based Lift Irrigation Scheme at **Chandna** under Block-Sarwan, District-Deoghar. |
| 2. | Estimated Cost (in Rs.) | Rs. **1,26,19,719.54** |
| 3. | Cost of Tender Document (in Rs.) | Rs. 10,000.00 only (non-refundable) |
| 4. | Earnest Money Deposit (in Rs.) | Rs. 1,27,000.00 only |
| 5. | Time of Completion | 11 Months |
| 6. | Mode of Submission of Tender | Online through www.jharkhandtenders.gov.in |
| 7. | Date of Publication of Tender on website (http://jharkhandtenders.gov.in) | Date: 24.12.2026, 11:00 A.M. |
| 8. | Last Date/ Time for downloading of bidding documents and submission of Tender on Website | Date: 08.01.2026, 05:00 P.M. |
| 9. | Submission of Tender Fee and EMD | Start Date: 24.12.2025, 11:00 A.M. Last Date: 08.01.2026, 05:00 P.M. |
| 10. | Technical Bid Opening Date | Date: 09.01.2026, 05:00 P.M. |
| 11. | Officer Inviting Bids | Executive Engineer, Minor Irrigation Design Division, Dumka, Camp-Deoghar. |
| 12. | Contact No. of Procurement Officer email of Procurement Officer | Mob. No.-7257990512 Email Id-eemdddum-cemd-jhr@nic.in |
| 13. | Help line No. of Procurement Cell | Mob. No.-8789032339 |

- **Note :- Estimated cost may increase or decrease.**
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website **http://jharkhandtenders.gov.in.**

Executive Engineer
Minor Irrigation Design Division ,
Dumka, Camp-Deoghar

PR 369003 Water Resource(25-26)D

**ଆହତ ଯୁବକଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ପଠାଇଲେ ବିଧାୟକ**

**ବାରଙ୍ଗ,(ଲିଙ୍ଗରାଜ ରାଉତ):** ଗାଡ଼ି ଧକ୍କାରେ ଗୁରୁବାର ବିଳମ୍ବିତ ରାତିରେ ମୁଣ୍ଡୁଳି ଗ୍ୟାରେଜ୍ ଉପରେ ଜଣେ ଯୁବକ ଗୁରୁତର ହୋଇଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯିବା ସହ ରାସ୍ତା ଉପରେ ପଡ଼ି ରହିଥିଲେ। ଏହି ସମୟରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ଯାଉଥିବା ବେଳେ ଘଟଣା ଜାଣିବା ପରେ ଆମ୍ବୁଲାନ୍ସ ଡାକି ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇବା ସହ ଥାନାକୁ ସୂଚନା ଦେଇଥିଲେ।



## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ବୃଦ୍ଧାଙ୍କୁ ଲୁଟ୍ କରି ହତ୍ୟା ମାମଲା**

**ଭୁବନେଶ୍ୱର,୧୯।୧୨(ସତ୍ୟଜିତ ରାଉତ)**

ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆର୍‌ସି ଭିଲେଜରେ ଘରେ ପଶି ଜଣେ ବୃଦ୍ଧାଙ୍କୁ ଆକ୍ରମଣ କରି ଲୁଟ୍‌ପାଟ୍ ଓ ହତ୍ୟା ମାମଲାର ରାୟ ଶୁକ୍ରବାର ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ହିମାଂଶୁ ଶେଖର ମଲ୍ଲିକ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ନାରାୟଣ ମହାନ୍ତିଙ୍କୁ ୧୦ ବର୍ଷ ଜେଲଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ସହ ଅଭିଯୁକ୍ତ ଥିବା ଜଣେ ନାବାଳକଙ୍କ ବିଚାର ପ୍ରକ୍ରିୟା ବ୍ରହ୍ମପୁରସ୍ଥିତ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ ନିକଟରେ ଚାଲିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମୃତ ମହିଳା ଜଣକ ହେଲେ ତୁଳସୀ ଦେବୀ। ସ୍ୱାମୀ ଚକ୍ରପାଣିଙ୍କ ସହ ସେ ଆଇଆର୍‌ସି ଭିଲେଜସ୍ଥିତ ନିଜ ଘରେ ରହୁଥିଲେ। ପ୍ରଥମ ମହଲାରେ ସେମାନେ ରହୁଥିବା ବେଳେ ତଳ ଓ ଦ୍ୱିତୀୟ ମହଲାକୁ ସେ ଭଡା ଲଗାଇଥିଲେ। ୨୦୨୦ ଜୁଲାଇ ୨୬ ସକାଳ ପ୍ରାୟ ୯ଟା ୧୫ରେ ସେ ମାଛ କିଣିବା ଲାଗି ନିକଟ ବଜାରକୁ ଯାଇଥିଲେ। ଏହି ସମୟରେ ନାରାୟଣ ଓ ସହଯୋଗୀ ଜଣକ ତାଙ୍କ ଘରେ ପଶି ତୁଳସୀଙ୍କୁ କଟୁରୀରେ ହାଣି ସୁନାଚେନ୍ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ତୁଳସୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ୪ ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ନୟାପଲ୍ଲୀ ଥାନା ପୋଲିସ ଏକ ମାମଲା (ନଂ.୨୭୫/୨୦୨୦) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲା। କୋର୍ଟ ୧୭ଜଣଙ୍କ ସାକ୍ଷ୍ୟ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଭିଯକ୍ତ ନାରାୟଣଙ୍କୁ ଆଇପିସି ଦଫା ୩୯୪, ୪୫୦ ଓ ୩୦୪ (ଭାଗ-୨) ଆଧାରରେ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଶୁଭଶ୍ରୀ ଜେନା ମାମଲା ପରିଚାଳନା କରିଥିଲେ।

# ଆରମ୍ଭ ହେଲା 'ଡଗ୍ ଶୋ'

■ଜର୍ମାନ୍ ଶେଫର୍ଡ ସ୍ପେଶାଲିଟି ଶୋ'ରେ 'ଜାଙ୍ଗୋ', 'ଇଜି' ପ୍ରଥମ

■ଆଜି 'ଓବିଡିଏନ୍ସ ଟ୍ରାଏଲ'

**ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)**

ଓଡ଼ିଶା କେନେଲ୍ କ୍ଲବ୍ (ଓକେସି) ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜ ଖେଳପଡ଼ିଆରେ ଶୁକ୍ରବାର 'ଡଗ୍ ଶୋ' ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓୟୁଏଟି କୁଳପତି ପ୍ରଭାତ ରାଉଳ ଏବଂ ଭେଟେରିନାରି ଡିନ୍ ଡା. ସୁସେନ୍ ପଣ୍ଡା ଉଦ୍‌ଘାଟନ କରିଥିଲେ। ୩ଦିନ ଧରି ଚାଲିବାକୁ ଥିବା ଏହି ଶୋ'ର ପ୍ରଥମ ଦିନରେ ଜର୍ମାନ୍ ଶେଫର୍ଡ ସ୍ପେଶାଲିଟି ଶୋ' ପ୍ରଦର୍ଶିତ ହୋଇଥିଲା। ଏଥିରେ ୨ ପ୍ରକାର ଜର୍ମାନ୍ ଶେଫର୍ଡ ଯଥା ଷ୍ଟକ୍ କୋର୍ଟ ଏବଂ ଲଙ୍ଗ୍ ହେୟାର କଳାକୌଶଳ ଦେଖାଇଥିଲେ। ଶୋ'ରେ ପଞ୍ଜାବ, ହାଇଦ୍ରାବାଦ୍, କୋଏମ୍ବାଟୁର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଜାମଶେଦପୁର ଆଦି ରାଜ୍ୟରୁ ମୋଟ୍ ୯୭ଟି ଜର୍ମାନ୍ ଶେଫର୍ଡ ସହ ସେମାନଙ୍କ ମାଲିକ ଅଂଶଗ୍ରହଣ କରିଛନ୍ତି। ଜର୍ମାନ୍ ଶେଫର୍ଡ ସ୍ପେଶାଲିଟି ଶୋ'ରେ ଡଗ୍‌ମାନଙ୍କର ବଡି ପୋସ୍‌ଚରଠାରୁ ଆରମ୍ଭକରି ସେମାନଙ୍କ ଦାନ୍ତ, ନଖ, ଆଖିର ରଙ୍ଗ ଆଦି ବିଭିନ୍ନ ପର୍ଯ୍ୟାୟକୁ ତନଖି କରାଯାଇଥିଲା। ଅନ୍ତର୍ଜାତୀୟ ବିଚାରକ ୟହନ୍ ପ୍ରଲ୍ ବିଚାରକ ଭାବେ ଯୋଗଦେଇଥିଲେ। ଅଣ୍ଡିରା ବର୍ଗରେ ତକ୍‌ସନ୍ ମୂର୍ତ୍ତିଙ୍କ ଜର୍ମାନ୍ ଶେଫର୍ଡ ଡଗ୍ 'ଜାଙ୍ଗୋ' ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଆରବ୍ ଦେବ୍‌ଙ୍କ ଜର୍ମାନ ଶେଫର୍ଡ 'ୟୋଗୋ' ଦ୍ୱିତୀୟ ଏବଂ ଜର୍ମାନ ଶେଫର୍ଡ 'ଡଲାସ' ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ମାଈ ବର୍ଗରେ ବୈଭବ ରୟାଲ୍‌ଙ୍କ 'ଇଜି' ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଧୀରଜ ଦେବଙ୍କ 'ଡାନି' ଦ୍ୱିତୀୟ ଏବଂ ହରିଶ୍ କପିଳଙ୍କ 'କିଙ୍ଗସ୍‌ୱେ ପିଙ୍କି' ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଶନିବାର ଦ୍ୱିତୀୟ ଦିନରେ 'ଓବିଡିଏନ୍ସ ଟ୍ରାଏଲ୍ସ' ଏବଂ 'ଅଲ୍ ବ୍ରିଡ୍ ଶୋ' ପ୍ରଦର୍ଶିତ ହେବ। ଏଥିରେ ୩୦ଟି ବ୍ରିଡ୍‌ର ଡଗ୍ ଅଂଶଗ୍ରହଣ କରିବେ। ୧୦ଟି ଗ୍ରୁପ୍‌ରେ ପ୍ରତିଯୋଗିତା କରାଯିବ। ତେବେ ଇଣ୍ଡିଆନ୍ ବ୍ରିଡ୍ ଡଗ୍ ଏହି ଶୋ'ର ଆକର୍ଷଣ ସାଜିବ ବୋଲି କ୍ଲବ୍‌ର ସଭାପତି ସୁବ୍ରତ ପୃଷ୍ଟି ସୂଚନା ଦେଇଛନ୍ତି।



(ଫଟୋ– ବିକାଶ ନାୟକ)

# ରାତିରେ ଦ୍ରୁତଗତିରେ ଗାଡ଼ି ଚଳାଇ ଆତଙ୍କ

**ଭୁବନେଶ୍ୱର,୧୯।୧୨(ତ୍ରିନାଥ ମହାନ୍ତି)**

**ପୋଲିସକୁ ପିଟି ୩ ଗିରଫ**

ନିଶାଗ୍ରସ୍ତ ଅବସ୍ଥାରେ ଦ୍ରୁତବେଗରେ କାର୍ ଚଲାଇ ଆତଙ୍କ କଲେ। ପୋଲିସ ଅଟକାଇବାରୁ ମାଡ଼ ମାରିଲେ। ଶେଷରେ ପୋଲିସ ମାମଲା ରୁଜୁକରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ରହୁଥିବା ସତ୍ୟରଞ୍ଜନ ସ୍ୱାଇଁ, ରାଜେଶ ବଳବନ୍ତ ରାୟ ଏବଂ ରାଜକିଶୋର ରାଉତ।

ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ପିସିଆର୍-୨୫ ଭରତପୁର ଥାନା ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ଏକ କାର୍ ଦ୍ରୁତଗତିରେ ବିପଜ୍ଜନକ ଭାବେ ଯାଉଥିବା କଣ୍ଟ୍ରୋଲ ରୁମ୍‌କୁ ଫୋନ୍ ଆସିଥିଲା। ସୂଚନା ଆଧାରରେ ପିସିଆର୍ କର୍ମଚାରୀମାନେ ଗାଡ଼ିଟିକୁ ଚିହ୍ନଟକରି ଖଣ୍ଡଗିରିବାରି ନିକଟରେ ରୋକିଥିଲେ। ଗାଡ଼ି ଭିତରେ ଡ୍ରାଇଭର ସହିତ ମୋଟ ୩ଜଣ ଲୋକ ଥିବା ଦେଖାଯାଇଥିଲା। ତାଙ୍କ ମଧ୍ୟରୁ ୨ଜଣ ଗାଡ଼ିରୁ ଓହ୍ଲାଇ ପିସିଆର୍‌ରେ ଥିବା ପୋଲିସ ଅଧିକାରୀଙ୍କୁ ମାଡ଼ ମାରିଥିଲେ। ଏହା ବ୍ୟତୀତ ସେମାନଙ୍କ ମଧ୍ୟରୁ ଜଣେ ଜୋରଜବରଦସ୍ତ ପୋଲିସଠାରୁ ମୋବାଇଲ ଫୋନ ଓ ବଡି କ୍ୟାମେରା ଛଡ଼ାଇ ନେଇଯାଇଥିଲେ। ସୂଚନାପାଇ ପିସିଆର୍-୩୯ ଘଟଣାସ୍ଥଳରେ ପହଞ୍ଚିବା ପରେ ସମସ୍ତେ ମିଶି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ତଦନ୍ତରୁ ଜଣାପଡ଼ିଛି, ଅଭିଯୁକ୍ତ ସତ୍ୟରଞ୍ଜନ, ରାଜେଶ ଏବଂ ରାଜକିଶୋର ଗୋଟିଏ ଗାଁର ବାସିନ୍ଦା ଏବଂ ପିଲା ବେଳର ସାଙ୍ଗ। ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ସତ୍ୟରଞ୍ଜନ ଭରତପୁର ଅନ୍ତର୍ଗତ ନୂଆଗାଁକୁ ଆସି ଭଡ଼ାରେ ରହୁଥିବା ରାଜେଶ ଓ ରାଜକିଶୋରଙ୍କୁ ଭେଟିଥିଲେ। ସେଠାରେ ସମସ୍ତେ ମିଶି ପାର୍ଟି କରିବା ସହ ମଦ୍ୟପାନ କରିଥିଲେ। ତା'ପରେ ସମସ୍ତେ ମିଶି ରାଜକିଶୋରଙ୍କ କାର୍‌ରେ ବୁଲିବାକୁ ବାହାରିଥିଲେ। କାର୍‌କୁ ରାଜକିଶୋର ଅତ୍ୟଧିକ ବେପରୁଆ ଓ ଅସାବଧାନ ଭାବରେ ଚଳାଉଥିଲେ।

# ଚରିତ୍ର ସଂହାର କରିବାରୁ ନାବାଳିକାଙ୍କ ଆତ୍ମହତ୍ୟା, ଦମ୍ପତି ଗିରଫ

**ଭୁବନେଶ୍ୱର,୧୯। ୧୨(ତ୍ରିନାଥ ମହାନ୍ତି)**

ମାଲିକାଣି ଚରିତ୍ର ସଂହାର କରିବାରୁ ଘରୋଇ ସହାୟିକା ଭାବେ କାମ କରୁଥିବା ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ତମାଣ୍ଡୋ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଏନେଇ ନାବାଳିକାଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଘର ମାଲିକ କଳିଙ୍ଗନଗରରେ ରହୁଥିବା ଅଶୋକ ମଲ୍ଲିକ ଓରଫ ଅମନ ଓ ତାଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ମଲ୍ଲିକଙ୍କୁ ଗିରଫ କରିଛି। ସେମାନେ ହେଲେ କଳିଙ୍ଗ ବିହାରରେ ରହୁଥିବା ଅଶୋକ ମଲ୍ଲିକ ଓରଫ ଅମନ ଏବଂ ବିଜୟଲକ୍ଷ୍ମୀ ମଲ୍ଲିକ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ପରିବାର ସହ ତମାଣ୍ଡୋ ଥାନା ଅଞ୍ଚଳରେ ରହୁଛନ୍ତି। ସେମାନେ ଅନ୍ୟ ଲୋକଙ୍କ ଘରେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ତାଙ୍କ ନାବାଳିକା କନ୍ୟା କଳିଙ୍ଗନଗରର ଏଲଆଇଜି କେ-୪/୧୨୮ରେ ରହୁଥିବା ଅଭିଯୁକ୍ତ ଅଶୋକଙ୍କ ଘରେ ପ୍ରାୟ ୨ ବର୍ଷ ଧରି ଘରୋଇ ସହାୟକ ଭାବେ କାମ କରିଆସୁଥିଲେ। ପୂର୍ବରୁ ତାଙ୍କ ବଡ଼ ଝିଅ ମଧ୍ୟ ସେଠାରେ କାମ କରୁଥିଲେ। ହେଲେ ତାଙ୍କର ବିବାହ ପରେ ତାଙ୍କ ନାବାଳିକା ଭଉଣୀ କାମରେ ନିୟୋଜିତ ଥିଲେ। ଗତ ମାସ ୧୬ ତାରିଖରେ ଅଭିଯୁକ୍ତ ଅଶୋକଙ୍କ ସ୍ତ୍ରୀ ବିଜୟଲକ୍ଷ୍ମୀ ନାବାଳିକାଙ୍କ ଘରକୁ ଯାଇ ପଡ଼ୋଶୀଙ୍କ ସମ୍ମୁଖରେ ତାଙ୍କ ଚରିତ୍ର ସଂହାର କରିଥିଲେ। ତାଙ୍କ ସ୍ୱାମୀଙ୍କ ସହ ଅନୈତିକ ସମ୍ପର୍କ ନେଇ ଅଭିଯୋଗ କରିଥିଲେ। ଏହାପରେ ସେ ଜବରଦସ୍ତ ସମ୍ପୃକ୍ତ ନାବାଳିକାଙ୍କୁ ସାଙ୍ଗରେ ଘରକୁ ନେଇ ସ୍ୱାମୀ ଅଶୋକଙ୍କ ସହିତ ଅନୈତିକ ସମ୍ପର୍କ ବିଷୟରେ ସ୍ପଷ୍ଟ କରିବାକୁ କହିଥିଲେ। ଅଶୋକ ମଧ୍ୟ ତାଙ୍କୁ ମାଡ଼ ମାରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଆଇଏନ୍‌ଟିଓବିଏଚ୍‌ଏସ୍-ଏଫ୍-୧୭୧୨୨୫, ଭାରତର ରାଷ୍ଟ୍ରପତିଙ୍କ ଜରିଆରେ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍ ଜରିଆରେ ସେଥିପାଇଁ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି। କୌଣସି ଅଫଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **କାର୍ଯ୍ୟର ନାମ:** ୨ ବର୍ଷ ଅବଧି ପାଇଁ ହାଓଡା-ପୁରୀ ଏବଂ ହାଓଡା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍‌ଏସ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ। **ଟେଣ୍ଡର ମୂଲ୍ୟ:** ₹୫,୩୩,୪୩,୩୨୭.୦୩ (ଜିଏସ୍‌ଟି ସମେତ)। **ଇଏମ୍‌ଡି:** ₹୪,୧୬,୭୦୦/-। **ଟେଣ୍ଡର ବନ୍ଦ ହେବାର ତାରିଖ:** ତା୧୭।୦୧।୨୦୨୬ରିଖ ୧୧.୦୦ ଘଟିକା। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦ (ଅଣଫେରସ୍ତଯୋଗ୍ୟ)। **(PR-976)**

### ନବବଧୂଙ୍କୁ ପୋଡ଼ି ହତ୍ୟା ଅଭିଯୋଗ

**କଣାସ,୧୯।୧୨(ବିଭୂତି ଭୂଷଣ ତ୍ରିପାଠୀ)**

ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଧୀନ ତଇଲୋ ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇ ପୋଡ଼ି ମାରିଦିଆଯାଇଛି। ମୃତା ହେଲେ କଣାସ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ କଳାପଦର ଗ୍ରାମର ଅଚ୍ଛବ ସାହୁଙ୍କ କନ୍ୟା ସୁଜାତା ସାହୁ। ତାଙ୍କୁ ଶାଶୁଘର ଲୋକେ ପେଟ୍ରୋଲ ଢାଳି ପୋଡ଼ି ମାରିଦେଇଥିବା ତାଙ୍କ ମା' କମଳନୀ ସାହୁ ଶୁକ୍ରବାର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ. ୨୦୨/୨୦୨୫) ରୁଜୁ କରି ସୁଜାତାଙ୍କ ସ୍ୱାମୀ ସୁଜିତ ଓ ଶାଶୁଙ୍କୁ ଅଟକ ରଖି ପଚରାଉଚରା କରୁଛି। କଟକ ମଙ୍ଗଳାବାଗ ଥାନା ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଟ୍ରାନ୍ସଫର୍ମର ଉପରକୁ ଚଢ଼ି ଜଳିଗଲେ ଯୁବକ

**ସଙ୍କଟାପନ୍ନ ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି**

**ଭୁବନେଶ୍ୱର,୧୯। ୧୨(ତ୍ରିନାଥ ମହାନ୍ତି)**

ଖଣ୍ଡଗିରି ଥାନା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମ ଉପରକୁ ଜଣେ ଯୁବକ ଚଢ଼ି ଯାଇଥିଲେ। ଫଳରେ ବିଦ୍ୟୁତ୍ ଆଘାତ ଲାଗିବାରୁ ସେ ଜଳିଯାଇ ଖସି ପଡିଥିଲେ। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯିବା ସହ ମୁଣ୍ଡ ମାଡ଼ ହୋଇ ଫାଟିଯାଇଛି। ତାଙ୍କୁ ଥାନା କର୍ମଚାରୀ ଆମ୍ବୁଲାନ୍ସରେ ଏମ୍ସ ପଠାଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ଯୁବକଙ୍କ ପରିଚୟ ପାଇବାକୁ ପୋଲିସ ଛାନ୍‌ଭିନ କରୁଛି। ଯୁବକ ଜଣକ ଅଟୋରେ ଆସି ଓହ୍ଲାଇବା ପରେ ହଠାତ୍ ଟ୍ରାନ୍ସଫର୍ମର ଉପରକୁ ଚଢ଼ିଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**

No.O-1816

AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com

**No. Tender Online RCK-24/25 Letter No.-4261 Date : 15.12.2025**

**e-Procurement NOTICE**

1. Name of the work : Tender for the Building works in the Dist. of Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-24/25 | 22.12.2025 at 11.00 A.M. | 08.01.2026 to 5.00 P.M. | 08.01.2026 upto 2.00 P.M. | 09.01.2026 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

**Sd./- Chief Construction Engineer**
**Rural Works Circle, Kendrapara-Jajpur**

**OIPR-25129/11/0073/2526**

**IFCI LIMITED**
आई एफ सी आई लिमिटेड
(A Government of India Undertaking)
(भारत सरकार का उपक्रम)

**ପଞ୍ଜୀକୃତ କାର୍ଯ୍ୟାଳୟ:** ଆଇଏଫ୍‌ସିଆଇ ଟାୱାର, ୬୧ ନେହେରୁ ପ୍ଲେସ୍ ନୂଆଦିଲ୍ଲୀ – ୧୧୦୦୧୯
**ଟେଲି:** ୦୧୧-୪୧୭୯୨୮୦୦, ୪୧୭୩୨୦୦୦
**ୱେବ୍‌ସାଇଟ୍: www.ifciltd.com**
**ସିଆଇଏନ୍: L74899DL1993GOI053677**

**ପ୍ରାଇମ୍ ପ୍ରପର୍ଟି ବିକ୍ରୟ ପାଇଁ ଉପଲବ୍ଧ**

ଆଇଏଫ୍‌ସିଆଇ ନିମ୍ନ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ଜରିଆରେ **"ଯେପରି ଅଛି ଯେଉଁଠି ଅଛି, ଯେପରି ଅଛି ଯାହା ଅଛି, ସେଠାରେ ଯାହା ବି ଅଛି ଏବଂ ଅନନ୍ୟୋପାୟ ଭିତ୍ତିରେ"** ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବିଡରଙ୍କୁ ଆମନ୍ତ୍ରଣ କରୁଛି:-

| କ୍ର. ନଂ. | ସମ୍ପତ୍ତିର ନାମ ଏବଂ ଠିକଣା | ସଂରକ୍ଷଣ ମୂଲ୍ୟ (କୋଟି ଟଙ୍କାରେ) | ଇ-ନିଲାମ ତାରିଖ |
|---|---|---|---|
| | **ବାଣିଜ୍ୟିକ ସମ୍ପତ୍ତି** | | |
| (i) | ଆଇଏଫ୍‌ସିଆଇ ଭବନ ନଂ.୨, କ୍ୟୁବନପେଟ, ମେନ୍ ରୋଡ, ଏନଆର୍ ଛକ, ହୁଡସନ୍ ସର୍କଲ, ବେଙ୍ଗାଲୁରୁ – ୫୬୦୦୦୨ | 33.851 | 19/01/2026 |
| (ii) | ୮ମ ମହଲା, ତାରାମଣ୍ଡଳ କମ୍ପ୍ଲେକ୍ସ, ଦ୍ୱାର ନଂ. ୫-୯-୧୩, ସୈଫାବାଦ୍, ହାଇଦ୍ରାବାଦ – ୫୦୦୦୦୪ | 15.574 | 20/01/2026 |
| (iii) | ୨ୟ ଏବଂ ୩ୟ ମହଲା, ୧୪୨, ଏମ୍.ଜି. ରୋଡ, ନୁଗାମବାକ୍କମ୍, କଣ୍ଟିନେଣ୍ଟାଲ ଚ୍ୟାମ୍ବର, ଚେନ୍ନାଇ – ୬୦୦୦୩୪ | 22.57 | 21/01/2026 |
| | **ଆବାସିକ ସମ୍ପତ୍ତି** | | |
| (iv) | ଶିବଶକ୍ତି ଆପାର୍ଟମେଣ୍ଟ, ୧୮/୨, ବାଲିଗୁଞ୍ଜ ସର୍କଲ ରୋଡ, ୧ମ ମହଲା, କୋଲକାତା – ୭୦୦୦୧୯ | 2.372 | 22/01/2026 |
| (v) | ଫ୍ଲାଟ ନଂ. ଏଚଆଇଜି-୪/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର – ୭୫୧୦୦୨ | 0.451 | 23/01/2026 |
| (vi) | ନିଧି ଆପାର୍ଟମେଣ୍ଟ, ୪୦, ନେତାଜୀ ରୋଡ, ଫର୍ଜର ଟାଉନ, ବେଙ୍ଗାଲୁରୁ – ୫୬୦୦୦୫ (୪ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨୦୮ | 1.115 | 27/01/2026 |
| | ଫ୍ଲାଟ ନଂ. ୪୦୩ | 1.132 | |
| | ଫ୍ଲାଟ ନଂ. ୫୦୪ | 1.084 | |
| | ଫ୍ଲାଟ ନଂ. ୫୦୮ | 1.117 | |
| (vii) | ନନ୍ଦିନୀ ଏସ୍‌ଏଫ୍‌ଏଚ୍‌ଏସ୍ ଏକ୍ସଟେନସନ, ନନ୍ଦିନୀ ଲେଆଉଟ, ବେଙ୍ଗାଲୁରୁ – ୫୬୦୦୯୬ (୬ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ଏମ୍‌ଏଫ-୧୭/୧୨ | 0.514 | 28/01/2026 |
| | ଫ୍ଲାଟ ନଂ. ଏମ୍‌ଏଫ-୧୮/୧୧ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୨ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୩ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୫ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୬ | 0.511 | |
| (viii) | ଶ୍ରୀଜି ଆପାର୍ଟମେଣ୍ଟ, ଆଜାଦ ସୋସାଇଟି ପାଖ, ଅମ୍ବାଡି, ଅହମଦାବାଦ-୩୮୦୦୧୫ (୫ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨/୧ – ତଳ ମହଲା | 0.67 | 29/01/2026 |
| | ଫ୍ଲାଟ ନଂ. ୨/୨ – ତଳ ମହଲା | 0.67 | |
| | ଫ୍ଲାଟ ନଂ. ୨/୩ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୪ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୫ – ଦ୍ୱିତୀୟ ମହଲା | 0.45 | |

୧. ଇ-ନିଲାମର ସବିଶେଷ ପଦ୍ଧତି ଏବଂ ବିକ୍ରୟର ନିୟମ ଓ ସର୍ତ୍ତାବଳୀର ବିବରଣୀ ସମ୍ବଳିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଆଇଏଫ୍‌ସିଆଇ ୱେବ୍‌ସାଇଟ୍ www.ifciltd.com ଏବଂ ଇ-ନିଲାମ ପୋର୍ଟାଲ https://eauction.auctiontiger.netରୁ ୧୨ ଡିସେମ୍ବର ୨୦୨୫, ମଧ୍ୟାହ୍ନ ୧୨.୦୦ ଘଟିକା ପରଠାରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଇଏମ୍‌ଡି ଦାଖଲର ଶେଷ ତାରିଖ ହେଉଛି ୦୮ ଜାନୁଆରୀ, ୨୦୨୬, ଅପରାହ୍ନ ୫.୩୦ ଘଟିକା।
୨. ଯୋଗାଯୋଗ ବ୍ୟକ୍ତିମାନେ ନିମ୍ନ ଅନୁଯାୟୀ ଅଟନ୍ତି:
ଶ୍ରୀ ରାହୁଲ ଅଗ୍ରୱାଲ, ଜିଏମ୍- ୦୧୧-୪୧୭୩୨୪୫୬/୯୯୯୦୭୨୫୯୦୨ ; ଶ୍ରୀ ବବିତ ଲାଲ, ଏଡି – ୦୧୧-୪୧୭୩୨୧୪୧/୯୫୯୯୫୦୨୬୬୩;
ଶ୍ରୀ ବରୁଣ ଖୋୱାଲା, ଏଜିଏମ୍- ୦୧୧-୪୧୭୩୨୨୮୨/୯୯୮୭୫୬୧୭୫୭, ଶ୍ରୀ ଅମିତ ଜୋଶୀ, ଏଜିଏମ୍-୦୧୧-୪୧୭୩୨୧୭୪/୭୦୪୨୫୦୫୦୮୭।
୩. ସମସ୍ତ ଅପଡେଟ୍, ସଂଶୋଧନ, ଶୁଦ୍ଧିପତ୍ର ଆଦି (ଯଦି ଥାଏ) କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୧୯ ଡିସେମ୍ବର ୨୦୨୫

ସ୍ୱା./-
ମହାପ୍ରବନ୍ଧକ (ଇଷ୍ଟେଟ୍ସ)
ଆଇଏଫ୍‌ସିଆଇ ଲିଃ.

**Fakir Mohan University**
**Vyasa Vihar, Balasore, Odisha-756089**
Website : www.fmuniversity.nic.in

**No.FMU/OMBRIC/01/2025/9113** **Date : 19.12.2025**

**ADVERTISEMENT FOR WALK-IN-INTERVIEW**
**FOR VARIOUS PROJECT POSITIONS UNDER THE OMBRIC PROJECT**
**(Sanction Order No. ST-BT-MISC-0029-2025-6109/ST, Bhubaneswar dated 14.11.2025)**

A walk-in interview will be conducted on **Dt.06.01.2026 at 11.00 A.M.** in the Conference Hall, Administrative Building of the University for various Project Positions **(Research Associate I (RA)-02 posts, Junior Research Fellow (JRF)-03 posts and Project Assistant (PA)-02 posts under the OMBRIC Project sponsored by Science & Technology Department, Govt. of Odisha**. All the project positions are purely temporary and intially for a period of one year which may be extended up to Five years based on the performance. For details regarding qualifications, experience and other conditions, visit www.fmuniversity.nic.in.

**Sd./- Registrar**

**କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ପ୍ରତିଷ୍ଠିତ)
ତେଜସ୍ୱିନୀ ହିଲ୍ସ, ପେରିୟେ, କାସରଗଡ଼-୬୭୧୩୨୫

ନଂ. ସିୟୁକେ/ଆର୍‌ସି/ଏଫ୍‌ଓ/୨୦୨୩

**କର୍ମନିଯୁକ୍ତି ବିଜ୍ଞପ୍ତି**

ନିମ୍ନଲିଖିତ ପଦବୀଗୁଡ଼ିକୁ ସିଧା ନିଯୁକ୍ତିଭିତ୍ତିରେ ପୂରଣ କରିବା ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି:
୧) ରେଜିଷ୍ଟ୍ରାର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୨/୨୦୨୫
୨) ଫାଇନାନ୍ସ ଅଫିସର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୧/୨୦୨୫
୩) ଲାଇବ୍ରେରିଆନ୍, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୩/୨୦୨୫
ବେତନ ସ୍ତର ୧୪ (୧,୪୪,୨୦୦-୨,୧୮,୨୦୦)
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ୨୩।୦୧।୨୦୨୬-ରାତ୍ର ୧୧.୫୯ ଘଟିକା
ଆବେଦନର ହାର୍ଡ କପି ପ୍ରାପ୍ତିର ଶେଷ ତାରିଖ: ୦୬।୦୨।୨୦୨୬ -ଅପରାହ୍ନ ୦୫.୦୦ ଘଟିକା
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ www.cukerala.ac.in

cbc 21353/12/0005/2526

ରେଜିଷ୍ଟ୍ରାର

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha

**OFFICE OF THE SENIOR GENERAL MANAGER, (PROJECTS) - I**
**OPTCL TECH TOWER, JANPATH, SAHEED NAGAR, BHUBANESWAR-751007**

**NOTIFICATION**

**No. 876(6)** **Dated : 12.12.2025**

In accordance with section 164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 40 Crore Approx. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.GM(Project)-1, OPTCL, Bhubaneswar, within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), EHT (Projects) Division, Jajpur Road, as mentioned against the work, on any working day during office hours.

**Name of the Work:-** Construction of proposed 220kV LILO line in both circuits from 220kV TTPS-Joda DC line(existing Loc. No. 392) to proposed 400kV Sub-station at Basudevpur, Keonjhar (proposed 220kV Joda-Basudevpur line).

**Name of the Village in which the line will Pass :**
**Tahasil:** Keonjhar Sadar, **RI Circle:** Palaspanga, **Revenue Village:** Rengalbera, Dhanurjaypur, Tulasipur, kunjarbahal, Silisuan; **Tahasil:** Jhumpura, **(a)RI Circle:** Balibandha, **Revenue Village:** Dhaulipat, Fakirpur, Nahabeda, Ramachandrapur alias balabhadrapur, Kashipala; **(b)RI Circle:** Gumura, **Revenue Village:** Hirapur, Goda, Angulia, Pratapadhanrjayapura, Naradapur, Jagannathpur; **(c)RI Circle:** Ukhunda, **Revenue Village:** Manoharpur; **Tahasil:** Barbil, **RI Circle:** Chamakpur, **Revenue Village:** Ramachandrapur, Basudevpur.

**Perceived benefit that may accrue :** This will facilitate un-interrupted power supply to the domestic & industrial loads in & around Joda, Barbil, Champua & Jumpura command area in particular & overall development of Keonjhar district in general.

**ER. SUNIL KUMAR DANDSENA**
**Sr. General Manager (Projects- I)**

FIPR-70/2025-26

/optcl.odisha /optcl_odisha

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**HIGHWAY TRADING PVT. LTD.**
**REQUIRED**
**JUNIOR/SENIOR ACCOUNTANT**
Experienced in Tally with at least 1-5 years of experience
**SALES EXECUTIVE**
Any Graduate with MBA / B.Com.
Walk in for interview :
**MONDAY-SATURDAY - 10 A.M. TO 7 P.M.**
Address : JANPATH, BHUBANESWAR
**Contact : Rajiv Agarwal, M-9437006047**

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/-
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
**At - Phulanakhara, Cuttack**
**Mob : 7809525452**

**REQUIRED**
Required Used Car **Manager** for a 4-Wheeler Automobile Dealership at Bhubaneswar.
Call: **7855040457**
Send CV:
**csgargsongroup@gmail.com**
**siddharth9909@gmail.com**

**REQUIRED**
**Admin Manager** Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
**csgargsongroup@gmail.com**
Cc to:
**siddharth9909@gmail.com**
**Call - +91 7855040457**

**WANTED FOR A PHARMACEUTICAL UNIT IN ODISHA**
- **QUALITY CONTROL OFFICER (Min. 3 years experience).** Knowledge of Operation of HPLC Systems is a must.
- **QUALITY ASSURANCE OFFICER (Min. 3 years experience)** should be able to face ISO & GMP audit.
- **LABORATORY ASSISTANT:** B.Sc./B.Pharma Graduates with devotion and determination to work honestly.
- **PHARMACIST:** D.Pharma Graduates with devotions and determination to work honestly.
- Please apply with confidence to email: **odishacareerconsul@gmail.com** within 15 days of intimating expected salary.

**GOVERNMENT OF JHARKHAND**
**DEPARTMENT OF MINES AND GEOLOGY**
**DIRECTORATE OF GEOLOGY**
(Engineers' Hostel No-2, 2nd Floor, Dhurwa, Ranchi-834004)

**CORRIGENDUM NOTICE**

**This is to inform all concerned that the Tender Document of the Notice Inviting Quotation (NIQ) No. 08/2025-26, dated 17.12.2025, published vide PR No. 368771, dated 17.12.2025 for the "Supply of Press Palette Machine" can be downloaded from the website:**www.jharkhand.gov.in.**All other terms and conditions of the NIQ shall remain unchanged. Interested Bidders are hereby requested to submit their bids accordingly.**

**Sd/-**
**Director, Geology**
**Directorate of Geology,**
**Department of Mines & Geology,**
**Government of Jharkhand**

PR 369021 (Mines and Geology)25-26*D

**OFFICE OF THE EXECUTIVE ENGINEER**
**MINOR IRRIGATION DESIGN DIVISION,**
**DUMKA, CAMP-DEOGHAR**

**e-Procurement Tender Notice**
**Two Envelope System**
**Tender Reference No. :- WRD/M.I.D.D.D.C/DEOGHAR/B.D./S.L.I-03/2025-26 Dt:-19.12.2025**

| | | |
|---|---|---|
| 1. | Name of the work | Construction of Chief Minister Solar Based Lift Irrigation Scheme at**Chandna** under Block-Sarwan, District-Deoghar. |
| 2. | Estimated Cost (in Rs.) | Rs. **1,26,19,719.54** |
| 3. | Cost of Tender Document (in Rs.) | Rs. 10,000.00 only (non-refundable) |
| 4. | Earnest Money Deposit (in Rs.) | Rs. 1,27,000.00 only |
| 5. | Time of Completion | 11 Months |
| 6. | Mode of Submission of Tender | Online through www.jharkhandtenders.gov.in |
| 7. | Date of Publication of Tender on website (http://jharkhandtenders.gov.in) | Date: 24.12.2026, 11:00 A.M. |
| 8. | Last Date/ Time for downloading of bidding documents and submission of Tender on Website | Date: 08.01.2026, 05:00 P.M. |
| 9. | Submission of Tender Fee and EMD | Start Date: 24.12.2025, 11:00 A.M. Last Date: 08.01.2026, 05:00 P.M. |
| 10. | Technical Bid Opening Date | Date: 09.01.2026, 05:00 P.M. |
| 11. | Officer Inviting Bids | Executive Engineer, Minor Irrigation Design Division, Dumka, Camp-Deoghar. |
| 12. | Contact No. of Procurement Officer email of Procurement Officer | Mob. No.-7257990512 Email Id-eemdddum-cemd-jhr@nic.in |
| 13. | Help line No. of Procurement Cell | Mob. No.-8789032339 |

- **Note :- Estimated cost may increase or decrease.**
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website **http://jharkhandtenders.gov.in.**

Executive Engineer
Minor Irrigation Design Division ,
Dumka, Camp-Deoghar

PR 369003 Water Resource(25-26)D

# ସାମାଜିକ ବନ୍ଧନ, ଭାଇଚାରା ରକ୍ଷା ପାଇଁ ମହୋତ୍ସବ ଅପରିହାର୍ଯ୍ୟ

## ଆଠଗଡ଼ ମହୋତ୍ସବ-୨୦୨୫ ଉଦ୍‌ଘାଟିତ

**ଆଠଗଡ,୧୯।୧୨ (ସତ୍ୟ ପ୍ରସାଦ ରଥ)**

ସାମାଜିକ ବନ୍ଧନ, ଭାଇଚାରା ରକ୍ଷା ପାଇଁ ମହୋତ୍ସବ ଆୟୋଜନ ଅପରିହାର୍ଯ୍ୟ ବୋଲି ଆଠଗଡ଼ ମହୋତ୍ସବ-୨୦୨୫ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଆରକ୍ଷୀ ଉପାଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ଭାଜପା ନେତା ବ୍ରଜେନ୍ଦ୍ର ରାଏ ପ୍ରମୁଖ ଯୋଗଦେଇ ଥିଲେ। ଭାଜପା ନେତା ଅଭୟ କୁମାର ବାରିକ ଏଥିରେ ସଂଯୋଜନା କରିଥିଲେ। ମହୋତ୍ସବ ପୂର୍ବରୁ ସନ୍ଧ୍ୟାରେ ଅଟ୍ଟାଳୀ ଜଗନ୍ନାଥଙ୍କ ମନ୍ଦିର, ବୀରକିଶୋରପୁର ମଙ୍ଗଳା ମନ୍ଦିର ଓ କନ୍ତୋଲସ୍ଥିତ ଦକ୍ଷିଣ ଚଣ୍ଡୀ ପୀଠରୁ ୩ ସଂକୀର୍ତ୍ତନ ଦଳ ଶୋଭାଯାତ୍ରା ବାହାରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲା। ମହୋତ୍ସବ ମଞ୍ଚରେ ସ୍ଥାନୀୟ କଳାକାରମାନେ ପାଲା, ସଂକୀର୍ତ୍ତନ, ନୃତ୍ୟ ଓ ସଙ୍ଗୀତ ଆଦି ପ୍ରଦର୍ଶନ କରିଥିଲେ। ୧୫ଟି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଭାଗବତ ସଂକୀର୍ତ୍ତନ, ଲହୁଡ଼ି ଖେଳ, ପାରମ୍ପରିକ ଲୋକଗୀତ, ଲୋକନୃତ୍ୟ ଓ ଲୋକକଳା ଆଦି ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସୁନ୍ଦରଗଡ଼ ଜିଲାର ଖଡିଆ ସାଂସ୍କୃତିକ ମହିଳା ସଂଘ ପକ୍ଷରୁ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ କୁଲଦୀପ ପଟ୍ଟନାୟକ ଓ ତାଙ୍କ ସାଥିଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଛଉ ନୃତ୍ୟଶିଳ୍ପୀ ଜ୍ୟୋତି ଶଙ୍କର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ମହୋତ୍ସବରେ ମଞ୍ଚାସୀନ ଅତିଥି।

## ଅଫିମ ଫଳଗୁଣ୍ଡ ଚାଲାଣକାରୀଙ୍କୁ ୩ ବର୍ଷ ଜେଲ

**ଆଠଗଡ଼,୧୯।୧୨(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ଥାନା ଅନ୍ତର୍ଗତ ରାଧାଦର୍ଶନପୁରରୁ ୨୦୦୬ରେ ଅଫିମ ଫଳଗୁଣ୍ଡ ଜବତ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଅଶୋକ କୁମାର ସାହୁଙ୍କୁ ଆଠଗଡ଼ ସ୍ୱତନ୍ତ୍ର ବିଚାରପତି ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ରାଶି ଅନାଦାୟରେ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୨୦୦୬ ମେ’୨୮ରେ ଆଠଗଡ଼ ପୋଲିସ ପାଟ୍ରୋଲିଂ ସମୟରେ ଆଠଗଡ଼ ଥାନା ଅନ୍ତର୍ଗତ ରାଧାଦର୍ଶନପୁରରେ ଅଭିଯୁକ୍ତ ଅଶୋକ କୁମାର ସାହୁ ପ୍ରାୟ ୧୨ କେଜି ଅଫିମ ଫଳ ଗୁଣ୍ଡ ନେଇ ବାଇକରେ ଯାଉଥିଲେ। ସେ ପୋଲିସକୁ ଦେଖି ଅଫିମଗୁଣ୍ଡ ଫୋପାଡି ଫେରାର ହୋଇଯାଇଥିଲେ। ପରେ ଉଚ୍ଚ ନ୍ୟାୟାଳୟରୁ ସେ ଆଗୁଆ ଜାମିନ ନେଇ ଯାଇଥିଲେ। ଶୁକ୍ରବାର ଆଠଗଡ଼ ସ୍ୱତନ୍ତ୍ର ବିଚାରପତି ରାଜ କୁମାର ଦାସ ମାମଲାର ବିଚାର କରି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରସନ୍ନ ରାଉତ ମାମଲା ପରିଚାଳନା କରିଥିଲେ।

# ୨ ବ୍ଲକ୍‌ରେ କୃଷକ ସଚେତନତା ରଥର ଶୁଭାରମ୍ଭ

**ବାଙ୍କୀ/ତିଗିରିଆ, ୧୯।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର/ଜାଫର ଖାଁ):**

ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏକ କୃଷକ ସଚେତନତା ରଥକୁ ଉପଜିଲାପାଳ ପ୍ରଣବ କୁମାର ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ୩ଦିନ ବ୍ୟାପି ବାଙ୍କୀ ଉପଖଣ୍ଡର ସମସ୍ତ ଗ୍ରାମ ପରିଭ୍ରମଣ କରିବା ସହ ଚଳିତ ଖରିଫ ବର୍ଷ ୨୦୨୫-୨୬ ଧାନ ସଂଗ୍ରହ ବିଷୟରେ କୃଷକମାନଙ୍କୁ ସଚେତନ କରାଇବ। କାର୍ଯ୍ୟକ୍ରମ ଅବସରରେ ନିୟନ୍ତ୍ରିତ ବଜାର କମିଟିର ଭାରପ୍ରାପ୍ତ ସମ୍ପାଦକ ଅଶୋକ କୁମାର ପ୍ରଧାନ, ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଭାତ ମୋହନ ସାହୁ, ଶିମିଳିପୁର ସେବା ସମବାୟ ସମିତି ସଭାପତି ବିଭୁପ୍ରସାଦ ସାମଲ, ବାଙ୍କୀ ରାମଚନ୍ଦ୍ରପୁର ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର, ଅନ୍ୟାନ୍ୟ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସେହିପରି ତିଗିରିଆ ବ୍ଲକରେ କୃଷି କାର୍ଯ୍ୟାଳୟ ତରଫରୁ ପିଏମ କିଷାନ ଯୋଜନାରେ ନାମ ଡିସେମ୍ବର ୩୧ ସୁଦ୍ଧା ପଞ୍ଜୀକରଣ ଓ ଇ କେୱାଇସି କରିବା ପାଇଁ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ତିଗିରିଆ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ଏଥିରେ ଯୋଗଦେଇ ରଥକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ସନାତନ ବେହେରା ଯୋଗଦେଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଆଧାର, ବ୍ୟାଙ୍କ ସଞ୍ଚୟ ଖାତା ଓ ଜମି ପଟ୍ଟାର ନକଲ ଦେଇ ସିଏମ୍ କିଷାନ ପୋର୍ଟାଲରେ ଚାଷୀ ନିଜ ନାମ ପଞ୍ଜୀକରଣ କରିବାକୁ କହିଥିଲେ। ଏହି ରଥ ତିଗିରିଆ ବ୍ଲକ ଅନ୍ତର୍ଗତ ୧୪ ଟି ପଞ୍ଚାୟତର ସମସ୍ତ ରାଜସ୍ୱ ଗ୍ରାମ ପରିକ୍ରମା କରିବ। କାର୍ଯ୍ୟକ୍ରମରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା କମିଟି ସଭ୍ୟ ଗୌରହରି ପରିଡାଙ୍କ ସମେତ ବ୍ଲକ କୃଷି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ତିଗିରିଆରେ କୃଷକ ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

# ଶିକ୍ଷାର୍ଥୀଙ୍କୁ ଜୀବନାଦର୍ଶ ପ୍ରଦାନ କରନ୍ତୁ ଶିକ୍ଷକ

## ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଜଣେ କୃତୀ ପ୍ରତିଯୋଗୀଙ୍କୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପୁରସ୍କୃତ କରୁଛନ୍ତି।

**ତିଗିରିଆ,୧୯।୧୨ ( ଜାଫର ଖାଁ) :**

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ପଦ୍ମନାଭ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ କରିବାକୁ ବିରୋଧ କରିଥିଲେ। ବିଦ୍ୟାଳୟରେ ପାଠ ପାଉଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକ ପାଠ ସହ ଛାତ୍ରୀଛାତ୍ରଙ୍କୁ ଜୀବନାଦର୍ଶ ପ୍ରଦାନ କରିବାକୁ କହିଥିଲେ। ସମ୍ମାନିତ ଅତିଥିଭାବେ ଚୈତନ୍ୟ ସାହୁ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ମିଶ୍ର, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ମହେନ୍ଦ୍ର କୁଣ୍ଡୁ, ଅରୁଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଅମତୁଲ ୱକିଲଙ୍କୁ ଗୀତା ଶ୍ଳୋକ ଗାନ ପାଇଁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯାଇଥିଲା।

## ପିଏମ୍‌ଶ୍ରୀ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

**ତାଳବସ୍ତ,୧୯।୧୨(ସୁବ୍ରତ କୁମାର ନାୟକ)**

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଅଞ୍ଚଳର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କ୍ରୀଡ଼ାରେ କନିଷ୍ଠ ବର୍ଗରେ ୩୫୨ ଓ ସର୍ବକନିଷ୍ଠ ବର୍ଗରେ ବିଭାଗରେ ୫୦ରୁ ଅଧିକ ଛାତ୍ରୀଛାତ୍ର ଭାଗନେଇଥିଲେ। ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ କାମରାଜ ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ବେହେରା, ସିଆର୍‌ସିସି ଶୁଭକାନ୍ତ ପ୍ରଧାନ, ପ୍ରଧାନ ଶିକ୍ଷକ ଦେବାଶିଷ ପାଣି, ବରିଷ୍ଠ ଶିକ୍ଷକ ବନମାଳୀ ରାଉତ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବୀନ୍ଦ୍ର କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଅତିଥିମାନେ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର କର୍ମଚାରୀ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ ଏଥିରେ କରିଥିଲେ।

## ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

**ବାଙ୍କୀ,୧୯।୧୨( ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):**

ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ନୂତନ ସଭାପତିଭାବେ ଶୁଭ୍ରାଂଶୁ ମୋହନ ପାଢ଼ୀ ମନୋନୀତ ହୋଇଛନ୍ତି। ଏନେଇ ବାଙ୍କୀ ନିର୍ବାଚନମଣ୍ଡଳୀର ଭାଜପା କର୍ମୀମାନେ ବାରଙ୍ଗ ବ୍ଲକ ଅନ୍ତର୍ଗତ ତ୍ରିଶୁଳିଆ ଛକରେ ଶୁଭ୍ରାଂଶୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରାକ୍ତନ ଜିଲାପରିଷଦ ସଭ୍ୟ ଅଜୟ କୁମାର ମୁଦୁଲି ଏହାର ନେତୃତ୍ୱ ନେଇଥିଲେ। ଏହାପରେ ବାରଙ୍ଗରୁ ବାଙ୍କୀ ପର୍ଯ୍ୟନ୍ତ ଏକ ବାଇକ୍ ଶୋଭାଯାତ୍ରାରେ ଶୁଭ୍ରାଂଶୁଙ୍କୁ ବାଙ୍କୀ କଲେଜ ପଡ଼ିଆରେ ଆୟୋଜିତ ସଭାସ୍ଥଳକୁ ନିଆଯାଇଥିଲା। ସେଠାରେ ଉପସ୍ଥିତ ଅତିଥିମାନେ ଶୁଭ୍ରାଂଶୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃଷକମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଏହି ଅବସରରେ ଶୁଭ୍ରାଂଶୁ କହିଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଆଇଏନ୍‌ଟିଓବିଏଚ୍‌ଏସ୍-ଏଫ୍-୧୭୧୨୨୫, ଭାରତର ରାଷ୍ଟ୍ରପତିଙ୍କ ଜରିଆରେ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍ ଜରିଆରେ ସେଥିପାଇଁ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି। କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **କାର୍ଯ୍ୟର ନାମ:** ୨ ବର୍ଷ ଅବଧି ପାଇଁ ହାଓଡା-ପୁରୀ ଏବଂ ହାଓଡା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍‌ଏସ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ। **ଟେଣ୍ଡର ମୂଲ୍ୟ:** ₹୫,୩୩,୪୩,୩୨୭.୦୩ (ଜିଏସ୍‌ଟି ସମେତ)। **ଇଏମ୍‌ଡି:** ₹୪,୧୬,୭୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ:** ତା୧୭।୦୧।୨୦୨୬ରିଖ ୧୧.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦ (ଅଣଫେରସ୍ତଯୋଗ୍ୟ)। (PR-976)

**GOVERNMENT OF ODISHA** No.O-1816
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
No. Tender Online RCK-24/25 Letter No.-4261 Date : 15.12.2025

**e-Procurement NOTICE**

1. Name of the work : Tender for the Building works in the Dist. of Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-24/25 | 22.12.2025 at 11.00 A.M. | 08.01.2026 to 5.00 P.M. | 08.01.2026 upto 2.00 P.M. | 09.01.2026 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Kendrapara-Jajpur

OIPR-25129/11/0073/2526

**IFCI LIMITED**
आई एफ सी आई लिमिटेड
(A Government of India Undertaking)
(भारत सरकार का उपक्रम)

ପଞ୍ଜୀକୃତ କାର୍ଯ୍ୟାଳୟ: ଆଇଏଫ୍‌ସିଆଇ ଟାୱାର, ୬୧ ନେହେରୁ ପ୍ଲେସ୍ ନୂଆଦିଲ୍ଲୀ – ୧୧୦୦୧୯
ଟେଲି: ୦୧୧-୪୧୭୯୨୮୦୦, ୪୧୭୩୨୦୦୦
ୱେବ୍‌ସାଇଟ୍: www.ifciltd.com
ସିଆଇଏନ୍: L74899DL1993GOI053677

**ପ୍ରାଇମ୍ ପ୍ରପର୍ଟି ବିକ୍ରୟ ପାଇଁ ଉପଲବ୍ଧ**

ଆଇଏଫ୍‌ସିଆଇ ନିମ୍ନ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ଜରିଆରେ **“ଯେପରି ଅଛି ଯେଉଁଠି ଅଛି, ଯେପରି ଅଛି ଯାହା ଅଛି, ସେଠାରେ ଯାହା ବି ଅଛି ଏବଂ ଅନନ୍ୟୋପାୟ ଭିତ୍ତିରେ”** ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବିଡରଙ୍କୁ ଆମନ୍ତ୍ରଣ କରୁଛି:-

| କ୍ର. ନଂ. | ସମ୍ପତ୍ତିର ନାମ ଏବଂ ଠିକଣା | ସଂରକ୍ଷଣ ମୂଲ୍ୟ (କୋଟି ଟଙ୍କାରେ) | ଇ-ନିଲାମ ତାରିଖ |
|---|---|---|---|
| | **ବାଣିଜ୍ୟିକ ସମ୍ପତ୍ତି** | | |
| (i) | ଆଇଏଫ୍‌ସିଆଇ ଭବନ ନଂ.୨, କ୍ୟୁବନପେଟ, ମେନ୍ ରୋଡ, ଏନଆର୍ ଛକ, ହୁଡସନ୍ ସର୍କଲ, ବେଙ୍ଗାଲୁରୁ – ୫୬୦୦୦୨ | 33.851 | 19/01/2026 |
| (ii) | ୮ମ ମହଲା, ତାରାମଣ୍ଡଳ କମ୍ପ୍ଲେକ୍ସ, ଦ୍ୱାର ନଂ. ୫-୯-୧୩, ସୈଫାବାଦ୍, ହାଇଦ୍ରାବାଦ – ୫୦୦୦୦୪ | 15.574 | 20/01/2026 |
| (iii) | ୨ୟ ଏବଂ ୩ୟ ମହଲା, ୧୪୨, ଏମ୍.ଜି. ରୋଡ, ନୁଗାମବାକ୍କମ୍, କଣ୍ଟିନେଣ୍ଟାଲ ଚ୍ୟାମ୍ବର, ଚେନ୍ନାଇ – ୬୦୦୦୩୪ | 22.57 | 21/01/2026 |
| | **ଆବାସିକ ସମ୍ପତ୍ତି** | | |
| (iv) | ଶିବଶକ୍ତି ଆପାର୍ଟମେଣ୍ଟ, ୧୮/୨, ବାଲିଗୁଞ୍ଜ ସର୍କଲ ରୋଡ, ୧ମ ମହଲା, କୋଲକାତା – ୭୦୦୦୧୯ | 2.372 | 22/01/2026 |
| (v) | ଫ୍ଲାଟ ନଂ. ଏଚଆଇଜି-୪/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର – ୭୫୧୦୦୨ | 0.451 | 23/01/2026 |
| (vi) | ନିଧି ଆପାର୍ଟମେଣ୍ଟ, ୪୦, ନେତାଜୀ ରୋଡ, ଫର୍ଜର ଟାଉନ, ବେଙ୍ଗାଲୁରୁ – ୫୬୦୦୦୫ (୪ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨୦୮ | 1.115 | 27/01/2026 |
| | ଫ୍ଲାଟ ନଂ. ୪୦୩ | 1.132 | |
| | ଫ୍ଲାଟ ନଂ. ୫୦୪ | 1.084 | |
| | ଫ୍ଲାଟ ନଂ. ୫୦୮ | 1.117 | |
| (vii) | ନନ୍ଦିନୀ ଏସ୍‌ଏଫ୍‌ଏଚ୍‌ଏସ୍ ଏକ୍ସଟେନସନ, ନନ୍ଦିନୀ ଲେଆଉଟ, ବେଙ୍ଗାଲୁରୁ – ୫୬୦୦୯୬ (୬ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ଏମ୍‌ଏଫ-୧୭/୧୨ | 0.514 | 28/01/2026 |
| | ଫ୍ଲାଟ ନଂ. ଏମ୍‌ଏଫ-୧୮/୧୧ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୨ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୩ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୫ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୬ | 0.511 | |
| (viii) | ଶ୍ରୀଜି ଆପାର୍ଟମେଣ୍ଟ, ଆଜାଦ ସୋସାଇଟି ପାଖ, ଅମ୍ବାଡି, ଅହମଦାବାଦ-୩୮୦୦୧୫ (୫ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨/୧ – ତଳ ମହଲା | 0.67 | 29/01/2026 |
| | ଫ୍ଲାଟ ନଂ. ୨/୨ – ତଳ ମହଲା | 0.67 | |
| | ଫ୍ଲାଟ ନଂ. ୨/୩ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୪ – ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୫ – ଦ୍ୱିତୀୟ ମହଲା | 0.45 | |

୧. ଇ-ନିଲାମର ସବିଶେଷ ପଦ୍ଧତି ଏବଂ ବିକ୍ରୟର ନିୟମ ଓ ସର୍ତ୍ତାବଳୀର ବିବରଣୀ ସମ୍ବଳିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଆଇଏଫ୍‌ସିଆଇ ୱେବ୍‌ସାଇଟ୍ www.ifciltd.com ଏବଂ ଇ-ନିଲାମ ପୋର୍ଟାଲ https://eauction.auctiontiger.netରୁ **୧୨ ଡିସେମ୍ବର ୨୦୨୫, ମଧ୍ୟାହ୍ନ ୧୨.୦୦** ଘଟିକା ପରଠାରୁ ଡାଉନ୍‌ଲୋଡ୍ କରାଯାଇପାରିବ। ଇଏମ୍‌ଡି ଦାଖଲର ଶେଷ ତାରିଖ ହେଉଛି **୦୮ ଜାନୁଆରୀ, ୨୦୨୬, ଅପରାହ୍ନ ୫.୩୦ ଘଟିକା।**
୨. ଯୋଗାଯୋଗ ବ୍ୟକ୍ତିମାନେ ନିମ୍ନ ଅନୁଯାୟୀ ଅଟନ୍ତି:
ଶ୍ରୀ ରାହୁଲ ଅଗ୍ରୱାଲ, ଜିଏମ୍- ୦୧୧-୪୧୭୩୨୪୫୬/୯୯୯୦୭୨୫୯୦୨ ; ଶ୍ରୀ ବବିତ ଲାଲ, ଏଡି – ୦୧୧-୪୧୭୩୨୧୪୧/୯୫୯୯୫୦୨୬୬୩;
ଶ୍ରୀ ବରୁଣ ଖୋୱାଲା, ଏଜିଏମ୍- ୦୧୧-୪୧୭୩୨୨୮୨/୯୯୮୭୫୬୧୭୫୭, ଶ୍ରୀ ଅମିତ ଜୋଶୀ, ଏଜିଏମ୍-୦୧୧-୪୧୭୩୨୧୭୪/୭୦୪୨୫୦୫୦୮୭।
୩. ସମସ୍ତ ଅପ୍‌ଡେଟ୍, ସଂଶୋଧନ, ଶୁଦ୍ଧିପତ୍ର ଆଦି (ଯଦି ଥାଏ) କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୧୯ ଡିସେମ୍ବର ୨୦୨୫

ସ୍ୱା./-
ମହାପ୍ରବନ୍ଧକ (ଇଷ୍ଟେଟ୍‌ସ)
ଆଇଏଫ୍‌ସିଆଇ ଲି.

**Fakir Mohan University**
Vyasa Vihar, Balasore, Odisha-756089
Website : www.fmuniversity.nic.in

No.FMU/OMBRIC/01/2025/9113 Date : 19.12.2025

**ADVERTISEMENT FOR WALK-IN-INTERVIEW**
**FOR VARIOUS PROJECT POSITIONS UNDER THE OMBRIC PROJECT**
(Sanction Order No. ST-BT-MISC-0029-2025-6109/ST, Bhubaneswar dated 14.11.2025)

A walk-in interview will be conducted on **Dt.06.01.2026 at 11.00 A.M.** in the Conference Hall, Administrative Building of the University for various Project Positions **(Research Associate I (RA)-02 posts, Junior Research Fellow (JRF)-03 posts and Project Assistant (PA)-02 posts under the OMBRIC Project sponsored by Science & Technology Department, Govt. of Odisha**. All the project positions are purely temporary and intially for a period of one year which may be extended up to Five years based on the performance. For details regarding qualifications, experience and other conditions, visit www.fmuniversity.nic.in.

Sd./- Registrar

**କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ପ୍ରତିଷ୍ଠିତ)
ତେଜସ୍ୱିନୀ ହିଲ୍ସ, ପେରିୟେ, କାସରଗଡ଼-୬୭୧୩୨୫

ନଂ. ସିୟୁକେ/ଆର୍‌ସି/ଏଫ୍‌ଓ/୨୦୨୩

**କର୍ମନିଯୁକ୍ତି ବିଜ୍ଞପ୍ତି**

ନିମ୍ନଲିଖିତ ପଦବୀଗୁଡ଼ିକୁ ସିଧା ନିଯୁକ୍ତିଭିତ୍ତିରେ ପୂରଣ କରିବା ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି :
୧) ରେଜିଷ୍ଟ୍ରାର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୨/୨୦୨୫
୨) ଫାଇନାନ୍ସ ଅଫିସର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୧/୨୦୨୫
୩) ଲାଇବ୍ରେରିଆନ୍, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୩/୨୦୨୫
ବେତନ ସ୍ତର ୧୪ (୧,୪୪,୨୦୦-୨,୧୮,୨୦୦)
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ୨୩।୦୧।୨୦୨୬-ରାତ୍ର ୧୧.୫୯ ଘଟିକା
ଆବେଦନର ହାର୍ଡ କପି ପ୍ରାପ୍ତିର ଶେଷ ତାରିଖ: ୦୬।୦୨।୨୦୨୬ –ଅପରାହ୍ନ ୦୫.୦୦ ଘଟିକା
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ www.cukerala.ac.in

cbc 21353/12/0005/2526
ରେଜିଷ୍ଟ୍ରାର

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ** (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED** (A Government of Odisha Undertaking)
OPTCL Lifeline of Odisha
OFFICE OF THE SENIOR GENERAL MANAGER, (PROJECTS) - I
OPTCL TECH TOWER, JANPATH, SAHEED NAGAR, BHUBANESWAR-751007

**NOTIFICATION**

No. 876(6) Dated : 12.12.2025

In accordance with section 164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 40 Crore Approx. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.GM(Project)-1, OPTCL, Bhubaneswar, within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), EHT (Projects) Division, Jajpur Road, as mentioned against the work, on any working day during office hours.

**Name of the Work:-** Construction of proposed 220kV LILO line in both circuits from 220kV TTPS-Joda DC line(existing Loc. No. 392) to proposed 400kV Sub-station at Basudevpur, Keonjhar (proposed 220kV Joda-Basudevpur line).

**Name of the Village in which the line will Pass :**
**Tahasil:** Keonjhar Sadar, **RI Circle:** Palaspanga, **Revenue Village:** Rengalbera, Dhanurjaypur, Tulasipur, kunjarbahal, Silisuan; **Tahasil:** Jhumpura, **(a)RI Circle:** Balibandha, **Revenue Village:** Dhaulipat, Fakirpur, Nahabeda, Ramachandrapur alias balabhadrapur, Kashipala; **(b)RI Circle:** Gumura, **Revenue Village:** Hirapur, Goda, Angulia, Pratapadhanrjayapura, Naradapur, Jagannathpur; **(c)RI Circle:** Ukhunda, **Revenue Village:** Manoharpur; **Tahasil:** Barbil, **RI Circle:** Chamakpur, **Revenue Village:** Ramachandrapur, Basudevpur.

**Perceived benefit that may accrue :** This will facilitate un-interrupted power supply to the domestic & industrial loads in & around Joda, Barbil, Champua & Jumpura command area in particular & overall development of Keonjhar district in general.

ER. SUNIL KUMAR DANDSENA
Sr. General Manager (Projects- I)

FIPR-70/2025-26
/optcl.odisha /optcl_odisha

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**HIGHWAY TRADING PVT. LTD.**
**REQUIRED**
**JUNIOR/SENIOR ACCOUNTANT**
Experienced in Tally with at least 1-5 years of experience
**SALES EXECUTIVE**
Any Graduate with MBA / B.Com.
Walk in for interview :
**MONDAY-SATURDAY - 10 A.M. TO 7 P.M.**
Address : JANPATH, BHUBANESWAR
Contact : Rajiv Agarwal, M-9437006047

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/-
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
**At - Phulanakhara, Cuttack**
**Mob : 7809525452**

**REQUIRED**
Required Used Car **Manager** for a 4-Wheeler Automobile Dealership at Bhubaneswar.
Call: **7855040457**
Send CV:
**csgargsongroup@gmail.com**
**siddharth9909@gmail.com**

**REQUIRED**
**Admin Manager** Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
**csgargsongroup@gmail.com**
Cc to:
**siddharth9909@gmail.com**
**Call - +91 7855040457**

**WANTED FOR A PHARMACEUTICAL UNIT IN ODISHA**
- **QUALITY CONTROL OFFICER (Min. 3 years experience).** Knowledge of Operation of HPLC Systems is a must.
- **QUALITY ASSURANCE OFFICER (Min. 3 years experience)** should be able to face ISO & GMP audit.
- **LABORATORY ASSISTANT:** B.Sc./B.Pharma Graduates with devotion and determination to work honestly.
- **PHARMACIST:** D.Pharma Graduates with devotions and determination to work honestly.
- Please apply with confidence to email: **odishacareerconsul@gmail.com** within 15 days of intimating expected salary.

**GOVERNMENT OF JHARKHAND**
**DEPARTMENT OF MINES AND GEOLOGY**
**DIRECTORATE OF GEOLOGY**
(Engineers' Hostel No-2, 2nd Floor, Dhurwa, Ranchi-834004)

**CORRIGENDUM NOTICE**

This is to inform all concerned that the Tender Document of the Notice Inviting Quotation (NIQ) No. 08/2025-26, dated 17.12.2025, published vide PR No. 368771, dated 17.12.2025 for the "Supply of Press Palette Machine" can be downloaded from the website:www.jharkhand.gov.in.All other terms and conditions of the NIQ shall remain unchanged. Interested Bidders are hereby requested to submit their bids accordingly.

Sd/-
Director, Geology
Directorate of Geology,
Department of Mines & Geology,
Government of Jharkhand

PR 369021 (Mines and Geology)25-26*D

**OFFICE OF THE EXECUTIVE ENGINEER**
**MINOR IRRIGATION DESIGN DIVISION,**
**DUMKA, CAMP-DEOGHAR**

**e-Procurement Tender Notice**
**Two Envelope System**
**Tender Reference No. :- WRD/M.I.D.D.D.C/DEOGHAR/ B.D./S.L.I-03/2025-26 Dt:-19.12.2025**

| | | |
|---|---|---|
| 1. | Name of the work | Construction of Chief Minister Solar Based Lift Irrigation Scheme at**Chandna** under Block-Sarwan, District-Deoghar. |
| 2. | Estimated Cost (in Rs.) | Rs. **1,26,19,719.54** |
| 3. | Cost of Tender Document (in Rs.) | Rs. 10,000.00 only (non-refundable) |
| 4. | Earnest Money Deposit (in Rs.) | Rs. 1,27,000.00 only |
| 5. | Time of Completion | 11 Months |
| 6. | Mode of Submission of Tender | Online through www.jharkhandtenders.gov.in |
| 7. | Date of Publication of Tender on website (http://jharkhandtenders.gov.in) | Date: 24.12.2026, 11:00 A.M. |
| 8. | Last Date/ Time for downloading of bidding documents and submission of Tender on Website | Date: 08.01.2026, 05:00 P.M. |
| 9. | Submission of Tender Fee and EMD | Start Date: 24.12.2025, 11:00 A.M. Last Date: 08.01.2026, 05:00 P.M. |
| 10. | Technical Bid Opening Date | Date: 09.01.2026, 05:00 P.M. |
| 11. | Officer Inviting Bids | Executive Engineer, Minor Irrigation Design Division, Dumka, Camp-Deoghar. |
| 12. | Contact No. of Procurement Officer email of Procurement Officer | Mob. No.-7257990512 Email Id-eemdddum-cemd-jhr@nic.in |
| 13. | Help line No. of Procurement Cell | Mob. No.-8789032339 |

- **Note :- Estimated cost may increase or decrease.**
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website **http://jharkhandtenders.gov.in.**

Executive Engineer
Minor Irrigation Design Division,
Dumka, Camp-Deoghar

PR 369003 Water Resource(25-26)D

# 'ଝିଅକୁ ଶାଶୁଘର ଲୋକେ ପୋଡ଼ି ମାରିଦେଇଛନ୍ତି'

**କଣାସ,୧୯।୧୨(ବିଭୂତି ଭୂଷଣ ତ୍ରିପାଠୀ)**

**ଥାନାରେ ମା'ଙ୍କ ଅଭିଯୋଗ, ସ୍ୱାମୀ ଓ ଶାଶୁ ଅଟକ**

ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଧୀନ ତଇଲୋ ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇ ପୋଡ଼ି ମାରିଦିଆଯାଇଛି। ମୃତା ହେଲେ କଣାସ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ କଳାପଦର ଗ୍ରାମର ଅଚ୍ଛବ ସାହୁଙ୍କ କନ୍ୟା ସୁଜାତା ସାହୁ। ତାଙ୍କୁ ଶାଶୁଘର ଲୋକେ ପେଟ୍ରୋଲ ଢାଳି ପୋଡ଼ି ମାରିଦେଇଥିବା ତାଙ୍କ ମା' କମଳନୀ ସାହୁ ଶୁକ୍ରବାର ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ସୁଜାତା ଛଅ ମାସ ତଳେ ଅର୍ଥାତ ଗତ ଜୁନ୍ ୧୯ରେ ତଇଲୋ ଗ୍ରାମର ଅନନ୍ତ ମାଝୀଙ୍କ ସାନପୁଅ ସୁଜିତ ମାଝୀଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରଠୁ ସୁଜାତାଙ୍କୁ ଶାଶୁଘର ଲୋକେ ବିଭିନ୍ନ ପ୍ରକାର ମାନସିକ ଓ ଶାରିରୀକ ନିର୍ଯାତନା ଦେଇଆସୁଥିଲେ। ତେବେ ଶୁକ୍ରବାର ସୁଜାତା ପୋଡ଼ିଯାଇ ଗୁରୁତର ହୋଇପଡ଼ିଥିବା ତାଙ୍କ ପରିବାର ଲୋକେ ଖବର ପାଇଥିଲେ। ପରେ ଅଭିଯୋଗ ପାଇ ଗଡ଼ିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସ ସୁଜାତାଙ୍କ ଶ୍ୱଶୁର ଘରେ ପହଞ୍ଚି ସୁଜାତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ଭୁବନେଶ୍ୱର ପଠାଇଥିଲେ। ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ କେସ୍ (ନଂ. ୨୦୨/୨୦୨୫) ରୁଜୁ କରି ସୁଜାତାଙ୍କ ସ୍ୱାମୀ ସୁଜିତ ଓ ଶାଶୁଙ୍କୁ ଗଡ଼ିଶାଗୋଦା ଥାନାରେ ଅଟକ ରଖି ପଚରାଉଚରା କରୁଛି। ସେହିପରି କଟକ ମଙ୍ଗଳାବାଗ ଥାନା ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଶନିବାର କଟକରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ସ୍କୁଟି ଉପରେ ଗଛଡାଳ ଭାଙ୍ଗିପଡ଼ିଲା: ଦମ୍ପତି ଗୁରୁତର

**ନିମାପଡ଼ା,୧୯।୧୨(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ବାମନାଳ ରାସ୍ତାରେ ଶୁକ୍ରବାର ଏକ ଚଳନ୍ତା ସ୍କୁଟି ଉପରେ ଗଛଡାଳ ଭାଙ୍ଗିପଡ଼ିବାରୁ ଆରୋହୀ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ନିମାପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଦିଲ୍ଲୀପ କୁମାର ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ରୁପାଲିନ କୁଣ୍ଟି। ସୂଚନା ଅନୁଯାୟୀ, ଦିଲୀପ ଓ ରୁପାଲିନ ଏକ ସ୍କୁଟିରେ ଅଫିସକୁ ବାମନାଳ ରାସ୍ତାରେ ଆସୁଥିଲେ। ଏହି ସମୟରେ ବନ୍ଧମୁଣ୍ଡା ଗ୍ରାମ ନିକଟରେ ରାସ୍ତାପାର୍ଶ୍ୱ ଏକ ଗଛର ବଡ଼ ଡାଳ ଭାଙ୍ଗି ତାଙ୍କ ସ୍କୁଟି ଉପରେ ପଡ଼ିଥିଲା। ଫଳରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଦିଲ୍ଲୀପଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଭଗବାନଙ୍କ ଆଶୀର୍ବାଦରୁ ଆମେ ଅଳ୍ପକେ ବର୍ତ୍ତିଗଲୁ ବୋଲି ଆହତ ଦମ୍ପତି କହିଛନ୍ତି। ଖବର ପାଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ନିମାପଡ଼ା ମେଡିକାଲରେ ପହଞ୍ଚି ଆଶୁ ଆରୋଗ୍ୟ କାମନା କରିଥିଲେ।

# ରାସ୍ତା ଖୋଳି ଦେଲେ: ଛାତ୍ରୀଛାତ୍ର ହଇରାଣ


ଅସ୍ତରଙ୍ଗ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**ଅସ୍ତରଙ୍ଗ/କାକଟପୁର, ୧୯।୧୨ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର):** ବନ୍ତିଲୋସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମ୍ମୁଖ ରାସ୍ତାକୁ କେହି ଖୋଳି ଦେଇଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାତାୟାତ କରିବାରେ ସମସ୍ୟା ଉପୁଜୁଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଅସ୍ତରଙ୍ଗ ତହସିଲ ଅଧୀନ ବନ୍ତିଲୋସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମୁଖ୍ୟରାସ୍ତା ପାର୍ଶ୍ୱରେ ରହିଛି। ମାଣ୍ଟୁକି ମୌଜାର ଖାତା ନଂ.୨୫୭/୮୮ରେ ପ୍ଲଟ ନଂ. ୧୫୬୦/୨୦୬୪ ଜମିର ଘରବାରି ପ୍ଲଟ ଉପରେ ଉକ୍ତ ବିଦ୍ୟାଳୟ ୧୨ବର୍ଷ ହେବ ଚାଲିଛି। ତେବେ ମୁଖ୍ୟ ରାସ୍ତାରୁ ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପଥର ୨ଟି ସ୍ଥାନରେ କେହି ବ୍ୟକ୍ତି ବେଆଇନ ଭାବେ ଜେସିବି ଦ୍ୱାରା ୪ଫୁଟ ଲମ୍ବର ଗର୍ତ୍ତ ଖୋଳିଦେବା ଫଳରେ ଛାତ୍ରୀଛାତ୍ରଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏ ନେଇ ବିଦ୍ୟାଳୟର ସମ୍ପାଦିକା ମମତା ବାରିକ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଅସ୍ତରଙ୍ଗ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ସମ୍ପୃକ୍ତ ସ୍ଥାନର କେତେଜଣ ବ୍ୟକ୍ତିଙ୍କୁ ସେମାନଙ୍କ ଜମିର ଦସ୍ତାବିଜ ନେଇ ଥାନାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଘଟଣା ସମ୍ପର୍କରେ ଜାଣିବା ପରେ କହିଛନ୍ତି, ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ଜମିର ସ୍ଥିତି ଅନୁଧ୍ୟାନ କରିବା ସହ ଆସନ୍ତା ସୋମବାର ପୋଲିସ ଓ ତହସିଲ କର୍ମଚାରୀଙ୍କ ଉପସ୍ଥିତିରେ ଜମିର ସୀମା ଚିହ୍ନଟ ତଥା ମାପଚୁପ କରାଯିବ।

# ଖୋଲିଲା ମଙ୍ଗଳା ମନ୍ଦିର ହୁଣ୍ଡି, ୨୫.୭୩ ଲକ୍ଷ ଟଙ୍କା ସଂଗ୍ରହ

**କାକଟପୁର/ଅସ୍ତରଙ୍ଗ,୧୯।୧୨(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଥିବା ୨ଟି ହୁଣ୍ଡି ଶୁକ୍ରବାର ଖୋଲାଯାଇ ଗଣତି କରାଯିବା ପରେ ୫୦୦ ଟଙ୍କିଆ ନୋଟ ୨୦୧୩ ଖଣ୍ଡ, ୨୦୦ ଟଙ୍କିଆ ନୋଟ ୧୧୦୨ ଖଣ୍ଡ, ୧୦୦ ଟଙ୍କିଆ ନୋଟ ୮୦୭୯ ଖଣ୍ଡ, ୫୦ ଟଙ୍କିଆ ନୋଟ ୭୮୬୮ ଖଣ୍ଡ, ୨୦ ଟଙ୍କିଆ ନୋଟ ୫୮୨୨ ଖଣ୍ଡ, ୧୦ ଟଙ୍କିଆ ନୋଟ ୨୮୫୭ ଖଣ୍ଡ ଏବଂ ୫ ଟଙ୍କିଆ ନୋଟ ୭ ଖଣ୍ଡ ଏହିଭଳି ଭାବେ ମୋଟ ୨୫ଲକ୍ଷ, ୭୩ହଜାର,୨୪୫ ଟଙ୍କା ସଂଗ୍ରହ କରାଯାଇଛି । ରେଜା ଟଙ୍କା ଗଣତି ହୋଇପାରି ନାହିଁ । ଏହି ଗଣତି ସମୟରେ ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ, ଇନ୍ସପେକ୍ଟର ଗୌରୀଶଙ୍କର ସେଠୀ, ସ୍ଥାନୀୟ ୟୁକୋ ବ୍ୟାଙ୍କର କୋଷାଧକ୍ଷ ଦିଲ୍ଲୀପ କୁମାର ମୁଦୁଲି,ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡର ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, କୋଷାଧକ୍ଷ ପ୍ରଭାତ ସିଂ, ପୂଜାପଣ୍ଡା ସେବକ ରଘୁନାଥ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ। ସଂଗ୍ରହ ହୋଇଥିବା ସମସ୍ତ ଟଙ୍କା ସ୍ଥାନୀୟ ୟୁକୋ ବ୍ୟାଙ୍କରେ ମନ୍ଦିର ଟ୍ରଷ୍ଟ ବୋର୍ଡ ଜମା ଖାତାରେ ଜମା କରାଯାଇଥିଲା। ଭକ୍ତଙ୍କ ଏହି ଦାନ ଅର୍ଥ ମଙ୍ଗଳା ମନ୍ଦିରର ଆଭ୍ୟନ୍ତରୀଣ ଉନ୍ନତି ପାଇଁ ବିନିଯୋଗ କରାଯିବ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

# ନିଶା ବିରୋଧରେ ଲଢ଼େଇ ପାଇଁ ଶପଥ ନେଲେ ବିଦ୍ୟାର୍ଥୀ

**ସାକ୍ଷୀଗୋପାଳ,୧୯।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)**

ନିଶାମୁକ୍ତି ଅଭିଯାନ ଆନୁକୂଲ୍ୟରେ ବାସୁକେରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର 'ନିଶାମୁକ୍ତ ବିଦ୍ୟାର୍ଥୀ ନିଶାମୁକ୍ତ ଭବିଷ୍ୟତ' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଓଡ଼ିଶା ସ୍ୱାସ୍ଥ୍ୟସେବା ସମିତିର ଉପସଭାପତି ସ୍ମୃତି ଶେଖର ସାହୁ, ଅବସରପ୍ରାପ୍ତ ଏଜି ଅଫିସର ନବଘନ ଶତପଥୀ, ସାମାଜିକ କର୍ମୀ ଚିତ୍ତରୂପା ଷଡ଼ଙ୍ଗୀ, ବଳରାମ ପଣ୍ଡା, ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡା, ସତ୍ୟବାଦୀ ଦାଶ, ବିଜୟ କୁମାର ପରିଡ଼ା, ମନୋରଞ୍ଜନ ମିଶ୍ର, ହରପ୍ରିୟା କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ତ୍ରିପାଠୀ ଏବଂ ସମ୍ପାଦକ ବାଉରୀବନ୍ଧୁ ସ୍ୱାଇଁ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଶିଶୁମାନେ ଏ ମାଟିର ଅମୂଲ୍ୟ ସମ୍ପଦ ଓ ଦେଶର ଭବିଷ୍ୟତ। ନିଶାର ବିଷବଳୟରୁ ସେମାନେ ଦୂରେଇ ରହିବା ସହ ବିଦ୍ୟାଳୟକୁ ନିଶାମୁକ୍ତ ରଖିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ରମାନେ ନିଶା ବିରୋଧରେ ଲଢ଼ିବା ପାଇଁ ଶପଥ ନେଇଥିଲେ। ପରେ ଜଣା ଅଜଣା କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଥେମ୍ବ ଦାଶ, ଛାତ୍ରୀ ଅଭିପ୍ସା ପ୍ରଧାନ ଓ ଲିଟିକା ସାମନ୍ତରାୟ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଭାଗନେଇ ପୁରସ୍କୃତ ହୋଇଥିଲେ। ବାସୁକେରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଆଇଏନ୍‌ଟିଓବିଏଚ୍‌ଏସ୍-ଏଫ୍-୧୭୧୨୨୫, ଭାରତର ରାଷ୍ଟ୍ରପତିଙ୍କ ଜରିଆରେ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ମଣ୍ଡଳ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ଜରିଆରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାମାନଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ୍ ଜରିଆରେ ସେଥିପାଇଁ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଡକ୍ୟୁମେଣ୍ଟ ସେକ୍ସନରେ ଅପଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **କାର୍ଯ୍ୟର ନାମ:** ୨ ବର୍ଷ ଅବଧି ପାଇଁ ହାଓଡା-ପୁରୀ ଏବଂ ହାଓଡା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍‌ଏସ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ। **ଟେଣ୍ଡର ମୂଲ୍ୟ:** ₹୫,୩୩,୪୩,୩୨୭.୦୩ (ଜିଏସ୍‌ଟି ସମେତ)। **ଇଏମ୍‌ଡି:** ₹୪,୧୬,୭୦୦/- । **ଟେଣ୍ଡର ବନ୍ଦ ହେବାର ତାରିଖ:** ତା୧୬।୦୧।୨୦୨୬ରିଖ ୧୧.୦୦ ଘଟିକା । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦ (ଅଣଫେରସ୍ତଯୋଗ୍ୟ) । (PR-976)


# ପୁରୀ ଜିଲା ଆଧାର କାର୍ଡ ପ୍ରସ୍ତୁତିର ସମୀକ୍ଷା

**ପୁରୀ,୧୯।୧୨ (ଅଜିତ୍ କୁମାର ମହାନ୍ତି)**

ସ୍ଥାନୀୟ ସର୍କିଟ୍ ହାଉସ ଠାରେ ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧକ୍ଷତାରେ ଜିଲାରେ ଆଧାର କାର୍ଡ ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାରେ ୧୧ଟି ବ୍ଲକରେ ସମୁଦାୟ ୧୪ ଲକ୍ଷ ୭୧ ହଜାର ୯୧୬ ଜଣଙ୍କର ଆଧାର କାର୍ଡ ପ୍ରସ୍ତୁତି ସରିଛି। ୫ରୁ ୧୮ ବର୍ଷ ମଧ୍ୟରେ ୨ ଲକ୍ଷ ୬୫ ହଜାର ୬୦୩ ଜଣଙ୍କର ଓ ୧୮ବର୍ଷରୁ ଉର୍ଦ୍ଧ୍ୱ ୧୧ ଲକ୍ଷ ୬୫ ହଜାର ୩୮୯ ଜଣଙ୍କର ଆଧାର କାର୍ଡ ପ୍ରସ୍ତୁତି ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲାରେ ପୂର୍ଣ୍ଣାଙ୍ଗ ଆଧାର କାର୍ଡ ପ୍ରସ୍ତୁତି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଣ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରତି ୧୦ ବର୍ଷରେ ଆଧାର କାର୍ଡ ଅପଡେଟ୍ କରିବା ସମସ୍ତ ବର୍ଗର ଲୋକଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ୟୁଡିଆଇ ଆଧାର ଭୁବନେଶ୍ୱରରୁ ଆସିଥିବା ଅଧିକାରୀ କହିଥିଲେ । ବୈଠକରେ ସାଧାରଣ ଓ ବିବିଧ ବିଭାଗର ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲିକ, ଅତିରିକ୍ତ ଏସ୍‌ପି (ଡି.ଆଇ.ବି) ଦେବୀ ଶଙ୍କର ପ୍ରତାପ, ମ୍ୟାନେଜର ଇଣ୍ଡିଆ ପୋଷ୍ଟ, ଅନୁଜ ମହାନ୍ତି, ଅତିରିକ୍ତ ଯୋଗାଣ ଅଧିକାରୀ ରିଜା ସରିତା ଭୁର, ପୀୟୂଷ ଚକ୍ରବର୍ତ୍ତୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।


**Fakir Mohan University**
Vyasa Vihar, Balasore, Odisha-756089
Website : www.fmuniversity.nic.in

No.FMU/OMBRIC/01/2025/9113 Date : 19.12.2025

**ADVERTISEMENT FOR WALK-IN-INTERVIEW**
**FOR VARIOUS PROJECT POSITIONS UNDER THE OMBRIC PROJECT**
(Sanction Order No. ST-BT-MISC-0029-2025-6109/ST, Bhubaneswar dated 14.11.2025)

A walk-in interview will be conducted on **Dt.06.01.2026 at 11.00 A.M.** in the Conference Hall, Administrative Building of the University for various Project Positions (**Research Associate I (RA)-02 posts, Junior Research Fellow (JRF)-03 posts and Project Assistant (PA)-02 posts under the OMBRIC Project sponsored by Science & Technology Department, Govt. of Odisha**. All the project positions are purely temporary and intially for a period of one year which may be extended up to Five years based on the performance. For details regarding qualifications, experience and other conditions, visit www.fmuniversity.nic.in.

Sd./- Registrar

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**HIGHWAY TRADING PVT. LTD.**
REQUIRED
**JUNIOR/SENIOR ACCOUNTANT**
Experienced in Tally with at least 1-5 years of experience
**SALES EXECUTIVE**
Any Graduate with MBA / B.Com.
Walk in for interview :
MONDAY-SATURDAY - 10 A.M. TO 7 P.M.
Address : JANPATH, BHUBANESWAR
Contact : Rajiv Agarwal, M-9437006047

**ବଗିଚା କାମ ପାଇଁ ମାଳୀ ଆବଶ୍ୟକ।**
ରହିବାକୁ ଘର ଫ୍ରୀ, ଦରମା 12500/-
**Lady Office Asst.**
ରହିବା ଖାଇବା ଫ୍ରୀ। ଦରମା 10000 pm
At - Phulanakhara, Cuttack
Mob : 7809525452

**REQUIRED**
Required Used Car **Manager** for a 4-Wheeler Automobile Dealership at Bhubaneswar.
Call: 7855040457
Send CV:
csgargsongroup@gmail.com
siddharth9909@gmail.com

**REQUIRED**
**Admin Manager** Needed for 4 wheeler Dealership in Bhubaneswar with 2-5 years experience in administration.
Send resume to :
csgargsongroup@gmail.com
Cc to:
siddharth9909@gmail.com
Call - +91 7855040457

**WANTED FOR A PHARMACEUTICAL UNIT IN ODISHA**
- **QUALITY CONTROL OFFICER (Min. 3 years experience).** Knowledge of Operation of HPLC Systems is a must.
- **QUALITY ASSURANCE OFFICER (Min. 3 years experience)** should be able to face ISO & GMP audit.
- **LABORATORY ASSISTANT:** B.Sc./B.Pharma Graduates with devotion and determination to work honestly.
- **PHARMACIST:** D.Pharma Graduates with devotions and determination to work honestly.
- Please apply with confidence to email: **odishacareerconsul@gmail.com** within 15 days of intimating expected salary.

**ଦେଇଲ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

**କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**
(କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅଧୀନରେ ପ୍ରତିଷ୍ଠିତ)
ତେଜସ୍ୱିନୀ ହିଲ୍ସ, ପେରିୟେ, କାସରଗଡ଼-୬୭୧୩୨୫

ନଂ. ସିୟୁକେ/ଆର୍‌ସି/ଏଫ୍‌ଓ/୨୦୨୩

**କର୍ମନିଯୁକ୍ତି ବିଜ୍ଞପ୍ତି**

ନିମ୍ନଲିଖିତ ପଦବୀଗୁଡ଼ିକୁ ସିଧା ନିଯୁକ୍ତିଭିତ୍ତିରେ ପୂରଣ କରିବା ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି:
୧) ରେଜିଷ୍ଟ୍ରାର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୨/୨୦୨୫
୨) ଫାଇନାନ୍ସ ଅଫିସର, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୧/୨୦୨୫
୩) ଲାଇବ୍ରେରିଆନ୍, ୦୧ (ୟୁଆର୍), ସିୟୁକେ/ଆର୍‌ସି/ଏସ୍‌ଓ/୦୩/୨୦୨୫
ବେତନ ସ୍ତର ୧୪ (୧,୪୪,୨୦୦-୨,୧୮,୨୦୦)
ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ: ୨୩।୦୧।୨୦୨୬-ରାତ୍ର ୧୧.୫୯ ଘଟିକା
ଆବେଦନର ହାର୍ଡ କପି ପ୍ରାପ୍ତିର ଶେଷ ତାରିଖ: ୦୬।୦୨।୨୦୨୬ -ଅପରାହ୍ନ ୦୫.୦୦ ଘଟିକା
ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ www.cukerala.ac.in

cbc 21353/12/0005/2526 ରେଜିଷ୍ଟ୍ରାର

**GOVERNMENT OF ODISHA** No.O-1816
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com
No. Tender Online RCK-24/25 Letter No.-4261 Date : 15.12.2025

**e-Procurement NOTICE**

1. Name of the work : Tender for the Building works in the Dist. of Jajpur, 2. Class of Contractor : As specified in the Column-6 of the Annexure, 3. Time of Completion : As specified in the Column-7 of the Annexure, 4. Detail Projects : As per Annexure attached, 5. Other Details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-24/25 | 22.12.2025 at 11.00 A.M. | 08.01.2026 to 5.00 P.M. | 08.01.2026 upto 2.00 P.M. | 09.01.2026 at 11.00 A.M. | Will be intimated later |

Further details can be seen from the website **www.tendersodisha.gov.in**

OIPR-25129/11/0073/2526

Sd./- Chief Construction Engineer
Rural Works Circle, Kendrapara-Jajpur

**IFCI LIMITED**
आई एफ सी आई लिमिटेड
(A Government of India Undertaking)
(भारत सरकार का उपक्रम)

ପଞ୍ଜୀକୃତ କାର୍ଯ୍ୟାଳୟ: ଆଇଏଫ୍‌ସିଆଇ ଟାୱାର, ୬୧ ନେହେରୁ ପ୍ଲେସ୍ ନୂଆଦିଲ୍ଲୀ - ୧୧୦୦୧୯
ଟେଲି: ୦୧୧-୪୧୭୯୨୮୦୦, ୪୧୭୩୨୦୦୦
ୱେବ୍‌ସାଇଟ୍: www.ifciltd.com
ସିଆଇଏନ୍: L74899DL1993GOI053677

**ପ୍ରାଇମ୍ ପ୍ରପର୍ଟି ବିକ୍ରୟ ପାଇଁ ଉପଲବ୍ଧ**

ଆଇଏଫ୍‌ସିଆଇ ନିମ୍ନ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ଜରିଆରେ **''ଯେପରି ଅଛି ଯେଉଁଠି ଅଛି, ଯେପରି ଅଛି ଯାହା ଅଛି, ସେଠାରେ ଯାହା ବି ଅଛି ଏବଂ ଅନନ୍ୟୋପାୟ ଭିତ୍ତିରେ''** ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହୀ ବିଡରଙ୍କୁ ଆମନ୍ତ୍ରଣ କରୁଛି:-

| କ୍ର. ନଂ. | ସମ୍ପତ୍ତିର ନାମ ଏବଂ ଠିକଣା | ସଂରକ୍ଷଣ ମୂଲ୍ୟ (କୋଟି ଟଙ୍କାରେ) | ଇ-ନିଲାମ ତାରିଖ |
|---|---|---|---|
| | **ବାଣିଜ୍ୟିକ ସମ୍ପତ୍ତି** | | |
| (i) | ଆଇଏଫ୍‌ସିଆଇ ଭବନ ନଂ.୨, କ୍ୟୁବନପେଟ, ମେନ୍ ରୋଡ, ଏନଆର୍ ଛକ, ହୁଡସନ୍ ସର୍କଲ, ବେଙ୍ଗାଲୁରୁ - ୫୬୦୦୦୨ | 33.851 | 19/01/2026 |
| (ii) | ୮ମ ମହଲା, ତାରାମଣ୍ଡଳ କମ୍ପ୍ଲେକ୍ସ, ଦ୍ୱାର ନଂ. ୫-୯-୧୩, ସୈଫାବାଦ୍, ହାଇଦ୍ରାବାଦ - ୫୦୦୦୦୪ | 15.574 | 20/01/2026 |
| (iii) | ୨ୟ ଏବଂ ୩ୟ ମହଲା, ୧୪୨, ଏମ୍.ଜି. ରୋଡ, ନୁଗାମବାକ୍କମ୍, କଣ୍ଟିନେଣ୍ଟାଲ ଚ୍ୟାମ୍ବର, ଚେନ୍ନାଇ - ୬୦୦୦୩୪ | 22.57 | 21/01/2026 |
| | **ଆବାସିକ ସମ୍ପତ୍ତି** | | |
| (iv) | ଶିବଶକ୍ତି ଆପାର୍ଟମେଣ୍ଟ, ୧୮/୨, ବାଲିଗୁଞ୍ଜ ସର୍କଲ ରୋଡ, ୧ମ ମହଲା, କୋଲକାତା - ୭୦୦୦୧୯ | 2.372 | 22/01/2026 |
| (v) | ଫ୍ଲାଟ ନଂ. ଏଚଆଇଜି-୪/୮, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୦୨ | 0.451 | 23/01/2026 |
| (vi) | ନିଧି ଆପାର୍ଟମେଣ୍ଟ, ୪୦, ନେତାଜୀ ରୋଡ, ଫର୍ଜର ଟାଉନ, ବେଙ୍ଗାଲୁରୁ - ୫୬୦୦୦୫ **(୪ଟି ଫ୍ଲାଟ)** | | |
| | ଫ୍ଲାଟ ନଂ. ୨୦୮ | 1.115 | 27/01/2026 |
| | ଫ୍ଲାଟ ନଂ. ୪୦୩ | 1.132 | |
| | ଫ୍ଲାଟ ନଂ. ୫୦୪ | 1.084 | |
| | ଫ୍ଲାଟ ନଂ. ୫୦୮ | 1.117 | |
| (vii) | ନନ୍ଦିନୀ ଏସ୍‌ଏଫ୍‌ଏଚ୍‌ଏସ୍ ଏକ୍ସଟେନସନ, ନନ୍ଦିନୀ ଲେଆଉଟ, ବେଙ୍ଗାଲୁରୁ - ୫୬୦୦୯୬ (୬ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ଏମ୍‌ଏଫ-୧୭/୧୨ | 0.514 | 28/01/2026 |
| | ଫ୍ଲାଟ ନଂ. ଏମ୍‌ଏଫ-୧୮/୧୧ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୨ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୩ | 0.506 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୫ | 0.511 | |
| | ଫ୍ଲାଟ ନଂ. ଏମ୍‌ଏଫ-୨୨/୬ | 0.511 | |
| (viii) | ଶ୍ରୀଜି ଆପାର୍ଟମେଣ୍ଟ, ଆଜାଦ ସୋସାଇଟି ପାଖ, ଅମ୍ବାଡି, ଅହମଦାବାଦ-୩୮୦୦୧୫ (୫ଟି ଫ୍ଲାଟ) | | |
| | ଫ୍ଲାଟ ନଂ. ୨/୧ - ତଳ ମହଲା | 0.67 | 29/01/2026 |
| | ଫ୍ଲାଟ ନଂ. ୨/୨ - ତଳ ମହଲା | 0.67 | |
| | ଫ୍ଲାଟ ନଂ. ୨/୩ - ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୪ - ପ୍ରଥମ ମହଲା | 0.481 | |
| | ଫ୍ଲାଟ ନଂ. ୨/୫ - ଦ୍ୱିତୀୟ ମହଲା | 0.45 | |

୧. ଇ-ନିଲାମର ସବିଶେଷ ପଦ୍ଧତି ଏବଂ ବିକ୍ରୟର ନିୟମ ଓ ସର୍ତ୍ତାବଳୀର ବିବରଣୀ ସମ୍ବଳିତ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଆଇଏଫ୍‌ସିଆଇ ୱେବ୍‌ସାଇଟ୍ www.ifciltd.com ଏବଂ ଇ-ନିଲାମ ପୋର୍ଟାଲ https://eauction.auctiontiger.netରୁ **୧୨ ଡିସେମ୍ବର ୨୦୨୫, ମଧ୍ୟାହ୍ନ ୧୨.୦୦ ଘଟିକା** ପରଠାରୁ ଡାଉନ୍‌ଲୋଡ୍ କରାଯାଇପାରିବ । ଇଏମ୍‌ଡି ଦାଖଲର ଶେଷ ତାରିଖ ହେଉଛି **୦୮ ଜାନୁଆରୀ, ୨୦୨୬, ଅପରାହ୍ନ ୫.୩୦ ଘଟିକା** ।
୨. ଯୋଗାଯୋଗ ବ୍ୟକ୍ତିମାନେ ନିମ୍ନ ଅନୁଯାୟୀ ଅଟନ୍ତି:
ଶ୍ରୀ ରାହୁଲ ଅଗ୍ରୱାଲ, ଜିଏମ୍- ୦୧୧-୪୧୭୩୨୪୫୬/୯୯୯୦୭୨୫୯୦୨ ; ଶ୍ରୀ ବବିତ ଲାଲ, ଏଡି - ୦୧୧-୪୧୭୩୨୧୪୧/୯୫୯୯୫୦୨୬୬୩ ;
ଶ୍ରୀ ବରୁଣ ଖୋଓ୍ୱାଲା, ଏଜିଏମ୍- ୦୧୧-୪୧୭୩୨୨୮୨/୯୯୮୭୫୬୧୭୫୭, ଶ୍ରୀ ଅମିତ ଜୋଶୀ, ଏଜିଏମ୍-୦୧୧-୪୧୭୩୨୧୭୪/୭୦୪୨୫୦୫୦୮୭ ।
୩. ସମସ୍ତ ଅପ୍‌ଡେଟ୍, ସଂଶୋଧନ, ଶୁଦ୍ଧିପତ୍ର ଆଦି (ଯଦି ଥାଏ) କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: ୧୯ ଡିସେମ୍ବର ୨୦୨୫

ସ୍ୱା./-
ମହାପ୍ରବନ୍ଧକ (ଇଷ୍ଟେଟ୍‌ସ)
ଆଇଏଫ୍‌ସିଆଇ ଲି.

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି.**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
OFFICE OF THE SENIOR GENERAL MANAGER, (PROJECTS) - I
OPTCL TECH TOWER, JANPATH, SAHEED NAGAR, BHUBANESWAR-751007

**NOTIFICATION**

No. 876(6) Dated : 12.12.2025

In accordance with section 164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 40 Crore Approx. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.GM(Project)-1, OPTCL, Bhubaneswar, within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), EHT (Projects) Division, Jajpur Road, as mentioned against the work, on any working day during office hours.

**Name of the Work:-** Construction of proposed 220kV LILO line in both circuits from 220kV TTPS-Joda DC line(existing Loc. No. 392) to proposed 400kV Sub-station at Basudevpur, Keonjhar (proposed 220kV Joda-Basudevpur line).

**Name of the Village in which the line will Pass :**
**Tahasil:** Keonjhar Sadar, **RI Circle:** Palaspanga, **Revenue Village:** Rengalbera, Dhanurjaypur, Tulasipur, kunjarbahal, Silisuan; **Tahasil:** Jhumpura, **(a)RI Circle:** Balibandha, **Revenue Village:** Dhaulipat, Fakirpur, Nahabeda, Ramachandrapur alias balabhadrapur, Kashipala; **(b)RI Circle:** Gumura, **Revenue Village:** Hirapur, Goda, Angulia, Pratapadhanrjayapura, Naradapur, Jagannathpur; **(c)RI Circle:** Ukhunda, **Revenue Village:** Manoharpur; **Tahasil:** Barbil, **RI Circle:** Chamakpur, **Revenue Village:** Ramachandrapur, Basudevpur.

**Perceived benefit that may accrue :** This will facilitate un-interrupted power supply to the domestic & industrial loads in & around Joda, Barbil, Champua & Jumpura command area in particular & overall development of Keonjhar district in general.

ER. SUNIL KUMAR DANDSENA
Sr. General Manager (Projects- I)

FIPR-70/2025-26
/optcl.odisha /optcl_odisha

**GOVERNMENT OF JHARKHAND**
**DEPARTMENT OF MINES AND GEOLOGY**
**DIRECTORATE OF GEOLOGY**
(Engineers' Hostel No-2, 2nd Floor, Dhurwa, Ranchi-834004)

**CORRIGENDUM NOTICE**

This is to inform all concerned that the Tender Document of the Notice Inviting Quotation (NIQ) No. 08/2025-26, dated 17.12.2025, published vide PR No. 368771, dated 17.12.2025 for the "Supply of Press Palette Machine" can be downloaded from the website:www.jharkhand.gov.in.All other terms and conditions of the NIQ shall remain unchanged. Interested Bidders are hereby requested to submit their bids accordingly.

Sd/-
Director, Geology
Directorate of Geology,
Department of Mines & Geology,
Government of Jharkhand

PR 369021 (Mines and Geology)25-26*D

**OFFICE OF THE EXECUTIVE ENGINEER**
**MINOR IRRIGATION DESIGN DIVISION,**
**DUMKA, CAMP-DEOGHAR**

**e-Procurement Tender Notice**
**Two Envelope System**
**Tender Reference No. :- WRD/M.I.D.D.D.C/DEOGHAR/ B.D./S.L.I-03/2025-26 Dt:-19.12.2025**

| | | |
|---|---|---|
| 1. | Name of the work | Construction of Chief Minister Solar Based Lift Irrigation Scheme at **Chandna** under Block-Sarwan, District-Deoghar. |
| 2. | Estimated Cost (in Rs.) | Rs. **1,26,19,719.54** |
| 3. | Cost of Tender Document (in Rs.) | Rs. 10,000.00 only (non-refundable) |
| 4. | Earnest Money Deposit (in Rs.) | Rs. 1,27,000.00 only |
| 5. | Time of Completion | 11 Months |
| 6. | Mode of Submission of Tender | Online through www.jharkhandtenders.gov.in |
| 7. | Date of Publication of Tender on website (http://jharkhandtenders.gov.in) | Date: 24.12.2026, 11:00 A.M. |
| 8. | Last Date/ Time for downloading of bidding documents and submission of Tender on Website | Date: 08.01.2026, 05:00 P.M. |
| 9. | Submission of Tender Fee and EMD | Start Date: 24.12.2025, 11:00 A.M. Last Date: 08.01.2026, 05:00 P.M. |
| 10. | Technical Bid Opening Date | Date: 09.01.2026, 05:00 P.M. |
| 11. | Officer Inviting Bids | Executive Engineer, Minor Irrigation Design Division, Dumka, Camp-Deoghar. |
| 12. | Contact No. of Procurement Officer email of Procurement Officer | Mob. No.-7257990512 Email Id-eemdddum-cemd-jhr@nic.in |
| 13. | Help line No. of Procurement Cell | Mob. No.-8789032339 |

- **Note :- Estimated cost may increase or decrease.**
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website **http://jharkhandtenders.gov.in.**

Executive Engineer
Minor Irrigation Design Division ,
Dumka, Camp-Deoghar

PR 369003 Water Resource(25-26)D



# ରେଳ ମାନଚିତ୍ରରେ ଯୋଡ଼ିହେଲା ବୌଦ୍ଧ

୨୦୨୫ରେ ବୌଦ୍ଧବାସୀଙ୍କ ଦୀର୍ଘଦିନର ଅପେକ୍ଷାର ଅନ୍ତ ହୋଇଛି। ରେଳ ମାନଚିତ୍ରରେ ଯୋଡ଼ିହୋଇଛି ବୌଦ୍ଧ ଜିଲା। ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ବୌଦ୍ଧ ଓ ପୁରୁଣାକଟକ ଷ୍ଟେଶନରୁ ଟ୍ରେନ୍ ଚଳାଚଳ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତ ଅବସରରେ ଭୁବନେଶ୍ୱରରୁ ଆଭାସି ମାଧ୍ୟମରେ ଦୁଇଟି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ। ଏଥିସହ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସୋନପୁରଠାରୁ ବୌଦ୍ଧ ଜିଲାର ପୁରୁଣାକଟକ ପର୍ଯ୍ୟନ୍ତ ୧୩୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭୩ କିଲୋମିଟର ରେଳପଥର ଶୁଭ ଉଦ୍‌ଘାଟନ ହୋଇଥିଲା।



# ୪ ଦଶନ୍ଧି ପରେ ଚୋରି ମୂର୍ତ୍ତି ଫେରିଲା

ସୁବର୍ଣ୍ଣପୁର ସହର ଗୋପାଳଜୀ ମନ୍ଦିରରୁ ଚୋରି ହୋଇଥିବା ଅଷ୍ଟଧାତୁରେ ନିର୍ମିତ ବିରଳ ପ୍ରାଚୀନ ମୂର୍ତ୍ତି ୪ ଦଶନ୍ଧି ପରେ ଫେରିଛି। ୪୨ ବର୍ଷ ନ୍ୟାୟିକ ଲଢ଼େଇ ଓ ଜିଲା ପ୍ରଶାସନର ତତ୍ପରତା ପରେ ସୁବର୍ଣ୍ଣପୁରକୁ ଫେରିଛି ସମସ୍ତ ମୂର୍ତ୍ତି। ମନ୍ଦିରରେ ପୁନଃ ପ୍ରତିଷ୍ଠା କରାଯିବ। ୧୯୮୩ ମସିହାରେ ମୂର୍ତ୍ତି ଚୋରି ହୋଇଥିଲା। ଏନେଇ ସୋନପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମୂର୍ତ୍ତି ଠାବ କରିପାରି ନ ଥିଲା କିମ୍ବା ଅଭିଯୁକ୍ତଙ୍କ ଟେର୍ ପାଇ ନ ଥିଲା। ଏହି ମୂର୍ତ୍ତିଗୁଡ଼ିକୁ ବିଦେଶକୁ ଚାଲାଣ ପାଇଁ କୋଟି କୋଟି ଟଙ୍କାର ଡିଲ୍ ହୋଇଥିଲା। ୧୯୯୩ରେ ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ବିଦେଶକୁ ଚାଲାଣ କରାଯାଉଥିଲା। ଦିଲ୍ଲୀ ସିବିଆଇ ଟିମ୍ ଚଢ଼ାଉ କରି ମୂର୍ତ୍ତିକୁ ଜବତ କରିଥିଲା। ମୂର୍ତ୍ତି ଚୋରଙ୍କୁ ଜେରା ପରେ ଓଡ଼ିଶାର ସୁବର୍ଣ୍ଣପୁରରୁ ୧୨ଟି ମୂର୍ତ୍ତି ଚୋରି ହୋଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ଭୁବନେଶ୍ୱର ସିବିଆଇ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ସେହିଦିନଠାରୁ ଜବତ ମୂର୍ତ୍ତି ସିବିଆଇ ମାଲଖାନାରେ ଥିଲା।

ଆଉ କିଛିଦିନ ପରେ ବିଦାୟ ନେବ ୨୦୨୫। ଏହି ବର୍ଷ ପଶ୍ଚିମ ଓଡ଼ିଶା ପାଇଁ ଥିଲା ଅତ୍ୟନ୍ତ ଘଟଣା ବହୁଳ। ବହୁ ଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ଆସିଥିଲା ଏହି ବର୍ଷ। ବଲାଙ୍ଗୀରରେ ଶିଶୁ ବିକ୍ରି, ଧର୍ମଗଡ଼ ଉପଜିଲାପାଳ ଭିଜିଲାନ୍ସ ହାତରେ ଧରାପଡ଼ିବା ଥିଲା ଚର୍ଚ୍ଚିତ ଘଟଣା। ହାତୀ-ମଣିଷ ଲଢ଼େଇ ବି ଚରମ ସୀମାରେ ପହଞ୍ଚିଥିଲା। ନୂତନ ଜ୍ଞାନକୌଶଳ ବିକଶିତ କରିବାରେ ସମ୍ଭାବନା ସୃଷ୍ଟି କରିଥିଲେ ରାଉରକେଲା ଏନ୍‌ଆଇଟି ଛାତ୍ରୀଛାତ୍ର। ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ଓ ଉପନିର୍ବାଚନ, ରେଳ ମାନଚିତ୍ରରେ ବୌଦ୍ଧ ଜିଲା ସଂଯୋଗ, ସମ୍ବଲପୁରରେ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ଆୟୋଜନ, ଜାତୀୟ ପାରା-ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ବଲାଙ୍ଗୀର ଭିନ୍ନକ୍ଷମ ଝିଅ ପାୟଲ ଚାମ୍ପିୟନ ହେବା, ବରଗଡ଼ ଧନୁଯାତ୍ରା ପାଇଁ ନୂତନ କଂସ ଅଭିନେତା ଚୟନ ଏବଂ ସୋନପୁରରୁ ଚୋରି ପ୍ରାଚୀନ ବିରଳ ମୂର୍ତ୍ତି ୪୨ବର୍ଷ ପରେ ସିବିଆଇ ଲକରରୁ ମନ୍ଦିରକୁ ଫେରିବା ଆଦି ପଶ୍ଚିମ ଓଡ଼ିଶାର ପ୍ରମୁଖ ଖବର ପାଲଟିଥିଲା। ଏଭଳି କିଛି ଘଟଣା ପ୍ରବାହକୁ ନେଇ ଏଥର ବର୍ଷାନ୍ତ ଉପସ୍ଥାପନା ।



# ପୁଞ୍ଜିଲାଲଙ୍କୁ ସଜା

**ପାର୍ସଲ ବୋମା ବିସ୍ଫୋରଣ ମାମଲା ରାୟ**

ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ଘଟଣା ଘଟିବାର ୭ ବର୍ଷ ୨ ମାସ ୪ ଦିନ ପରେ ମେ ୨୮ରେ ପ୍ରକାଶ ପାଇଥିଲା। ପାଟଣାଗଡ଼ ଏଡିଜେ ସୋନାଲି ପଟ୍ଟନାୟକ ଏହି ବହୁପ୍ରତୀକ୍ଷିତ ରାୟ ଶୁଣାଇ ମାମଲାର ଏକମାତ୍ର ଅଭିଯୁକ୍ତ ଭଇଁଷା କଲେଜର ତତ୍କାଳୀନ ଇଂଲିଶ୍ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ। ଏହି ମାମଲାକୁ ଏକ ସଙ୍ଗିନ ମାମଲା ବୋଲି କୋର୍ଟ ବିବେଚନା କରିଥିଲେ ମଧ୍ୟ ଏହା ବିରଳରୁ ବିରଳତମ ନୁହେଁ ବୋଲି ଦର୍ଶାଇଥିଲେ। ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ଅଧ୍ୟାପକ ରବୀନ୍ଦ୍ର ସାହୁ ଓ ଭଇଁଷା ଜ୍ୟୋତି ବିକାଶ କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ନବବିବାହିତ ପୁତ୍ର ସଫ୍ଟୱେର ଇଞ୍ଜିନିୟର ସୌମ୍ୟଶେଖର ସାହୁ ଓ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂଲିଶ୍ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ପ୍ରାୟ ୨ ହଜାର ପୃଷ୍ଠାର ଚାର୍ଜଶିଟ୍, ବୈଜ୍ଞାନିକ ପ୍ରମାଣ, ପାରିପାର୍ଶ୍ୱିକ ପ୍ରମାଣ, ଗୁରୁତ୍ୱପୂର୍ଣ୍ଣ ଭିଡିଓ ପ୍ରମାଣ, ୬୨ ଜଣଙ୍କ ସାକ୍ଷ୍ୟ ଓ ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଏଡିଜେ ଏହି ରାୟ ଶୁଣାଇଥିଲେ।





# ୬୦ ହଜାର କୋଟିର ପ୍ରକଳ୍ପ ଶିଳାନ୍ୟାସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୨୭ରେ ଝାରସୁଗୁଡ଼ା ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଅନୁଷ୍ଠିତ ସର୍ବଭାରତୀୟ ଯୁବ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ ଦେଶ ପାଇଁ ୬୦ ହଜାର କୋଟି ଟଙ୍କାର ଅନେକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିସହ ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪-ଜି ସେବାର ସେ ଉଦ୍‌ଘାଟନ କରିଥିଲେ। ଏଥିସହ ବ୍ରହ୍ମପୁର-ସୁରଟ ମଧ୍ୟରେ ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ।

# ନବ ଦାସ ହତ୍ୟା ଘଟଣା: ତଦନ୍ତ ପୁଣି ଆରମ୍ଭ କଲା କ୍ରାଇମବ୍ରାଞ୍ଚ

ରାଜ୍ୟରେ ଭାଜପା ସରକାର ଆସିବା ପରେ ପୂର୍ବତନ ମନ୍ତ୍ରୀ ନବକିଶୋର ଦାସ ହତ୍ୟା ଘଟଣାର ତଦନ୍ତକୁ ରିଓପନ କରିଥିଲା। ୨୦୨୫ ମାର୍ଚ୍ଚ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକଙ୍କ ସହ ୨ ଜଣିଆ ଟିମ୍ ଝାରସୁଗୁଡ଼ା ଯାଇ ନବଙ୍କ ସ୍ତ୍ରୀ ମିନତି ଦାସ, ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସଙ୍କୁ ପଚରାଉଚରା କରିଥିଲା। ସେହିପରି ନବଙ୍କୁ ଗୁଳି କରାଯାଇଥିବା ସ୍ଥାନ, ଏୟାରପୋର୍ଟ, ମୁଖ୍ୟ ଡାକ୍ତରଖାନାରେ ତଦନ୍ତ କରିବା ସହ ତଦନ୍ତକାରୀ ପୋଲିସ ଅଧିକାରୀଙ୍କୁ ପଚରାଉଚରା କରିଥିଲା। ଏଥିସହ ସମସ୍ତ ସାକ୍ଷୀଙ୍କ ବୟାନ ଆଧାରରେ ଝାରସୁଗୁଡ଼ା ଜିଲା କୋର୍ଟରେ ଦସ୍ତାବିଜ ଦାଖଲ କରିଥିଲା। ତେବେ ଏହି ଘଟଣାର ନିଷ୍କର୍ଷ କ'ଣ ହେଲା, ତାହା ଏବେ ବି ଅସ୍ପଷ୍ଟ ରହିଛି। ୨୦୨୩ ଜାନୁଆରୀ ୨୯ରେ ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କୁ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀ ଛକଠାରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ତଦନ୍ତଭାର ନେଇଥିବା କ୍ରାଇମବ୍ରାଞ୍ଚ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିଲା। ନବଙ୍କ ପରିବାର ଘଟଣାର ସିବିଆଇ ତଦନ୍ତ ଦାବି କରିଥିବାବେଳେ ଭାଜପା ସରକାର ଘଟଣାର ପୁନଃ କ୍ରାଇମବ୍ରାଞ୍ଚ ତଦନ୍ତ କରାଇଛି।



# ପରଲୋକରେ ପଦ୍ମଶ୍ରୀ ବିନୋଦ ପଶାୟତ

ବିଶିଷ୍ଟ ସମ୍ବଲପୁରୀ ସାହିତ୍ୟ ସାଧକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଅଗଷ୍ଟ ୨୦ରେ ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଥିଲା। ସାଧାରଣ ପରିବାରରେ ଜନ୍ମିତ ବିନୋଦ ଅସାଧାରଣ କୃତିତ୍ୱ ହାସଲ କରିପାରିଥିଲେ। ସେ ୧୯୫୯ ମସିହାରେ ଆକାଶବାଣୀ କଟକ ଓ ୧୯୬୫ ମସିହାରେ ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଗୀତିକାର ଭାବେ ସ୍ୱୀକୃତି ଲାଭ କରିଥିଲେ। ଫକୀର ପଟ୍ଟନାୟକଙ୍କ ସହ ତାଙ୍କର ଯୋଡ଼ି ଦେଇଥିଲା ଗୋଟିଏ ପରେ ଗୋଟିଏ ସୁପରହିଟ୍ ସମ୍ବଲପୁର ସଙ୍ଗୀତ। ମା' ଠାନୁ ବଳି ବଡ଼ କିଏ ଅଛେ, ଏ ନନୀ ସୁଲଚନାଁ, ରଥ ଚକା ଚାଲେ ଘିଡ଼ିଘିଡ଼ି, ବୋଇଲେ ରାଧିକା ଶୁଣରେ ଦୂତିକା, ଗଲା ରାତି ଝୁମରା ସୁରେ ସୁପରହିଟ ଗୀତ ସହ ଉଖୀ, ମୁଇଁ ନାଇଁ ମରେ ଭଳି ୧୨ଟି ସୁପରହିଟ୍ ସମ୍ବଲପୁରୀ ନାଟକର ସେ ନାଟ୍ୟକାର ଥିଲେ।



# ଚରମସୀମାରେ ହାତୀ-ମଣିଷ ଲଢ଼େଇ

ହାତୀ-ମଣିଷ ଲଢ଼େଇର ଧାରା ଚଳିତ ବର୍ଷ ମଧ୍ୟ ପଶ୍ଚିମ ଓଡ଼ିଶାରେ ଅବ୍ୟାହତ ରହିଥିଲା। ହାତୀ ଆକ୍ରମଣରେ ମୋଟ ୫୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବିଭିନ୍ନ କାରଣରୁ ମୋଟ ୧୪ ହାତୀଙ୍କ ଜୀବନ ଯାଇଛି। ଦେବଗଡ଼ ଜିଲାରେ ସର୍ବାଧିକ ୭ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନ୍ଦରଗଡ଼ରେ ୪, ସମ୍ବଲପୁର ୨, ସୁବର୍ଣ୍ଣପୁରରେ ୧ ହାତୀଙ୍କ ମୃତ୍ୟୁ ଘଟିଛି। ସେହିପରି ହାତୀ ଆକ୍ରମଣରେ ସୁନ୍ଦରଗଡ଼ ଜିଲାରେ ୧୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦେବଗଡ଼ରେ ୧୪, ସମ୍ବଲପୁର ୯, କଳାହାଣ୍ଡି ୪, ଝାରସୁଗୁଡ଼ା ୧, ବରଗଡ଼ରେ ୨ ଓ ବଲାଙ୍ଗୀରରେ ୨ଜଣଙ୍କ ମୃତ୍ୟୁ ଘଟିଛି।



# ସମ୍ବଲପୁରରେ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍

ସମ୍ବଲପୁରରେ ଡିସେମ୍ବର ୨ରୁ ୬ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ଆୟୋଜିତ ହୋଇଥିଲା। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଅଧୀନରେ ଓଡ଼ିଶା ସାଇକ୍ଲିଂ ସଂଘ ଏବଂ ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚାମ୍ପିୟନଶିପ୍‌ରେ ସାରା ଦେଶରୁ ୪ଶହ ମହିଳା ପ୍ରତିଯୋଗୀଙ୍କ ସହ ୮୫୦ ରାଇଡର୍ସ ଓ ୧୨୨ଜଣ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ରାଜସ୍ଥାନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ହରିୟାଣା ଦ୍ୱିତୀୟ ଏବଂ ଓଡ଼ିଶା ୮ମ ସ୍ଥାନରେ ରହିଥିଲା।

# ବିଧାୟକଙ୍କ ମୃତ୍ୟୁ, ନୂଆପଡ଼ା ଉପନିର୍ବାଚନ





ନୂଆପଡ଼ା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ସେପ୍ଟେମ୍ବର ୮ରେ ପରଲୋକ ପରେ ନଭେମ୍ବର ୧୧ରେ ଉପନିର୍ବାଚନ ହୋଇଥିଲା। ଏଥିରେ ଦିବଂଗତ ବିଧାୟକଙ୍କ ପୁଅ ଜୟ ଢୋଲକିଆ ଭାଜପାରୁ ପ୍ରାର୍ଥୀ ହୋଇ ଜିତାପଟା ହାସଲ କରିଥିଲେ। ବିଜେଡି ହାତରୁ ଖସିଯାଇଥିଲା ନୂଆପଡା ବିଧାନସଭା। ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮ ହଜାର ୪୦୮ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ୪୦ ହଜାର ୧୨୧ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାଜପା ପ୍ରାର୍ଥୀ ଜୟଙ୍କୁ ମିଳିଥିଲା ୧ ଲକ୍ଷ ୨୩ ହଜାର ୮୬୯ ଭୋଟ। ରେକର୍ଡ ୮୩ ହଜାର ୭୪୮ ଖଣ୍ଡ ଭୋଟ ବ୍ୟବଧାନରେ ସେ ନିକଟତମ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇ ବିଜୟୀ ହୋଇଥିଲେ। ୨୪ବର୍ଷର ବିଜେଡି ସରକାରକୁ ହଟାଇ ରାଜ୍ୟରେ ୨୦୨୪ ସାଧାରଣ ନିର୍ବାଚନରେ ଭାଜପା ସରକାର ଆସିବା ପରେ ଏହି ନିର୍ବାଚନ ରାଜନୈତିକ ଦୃଷ୍ଟିକୋଣରୁ ଶାସକ ଓ ବିରୋଧୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ଭାବେ ଉଭା ହୋଇଥିଲା। ଚାରି ଥର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ଏହି ଉପନିର୍ବାଚନର ଆବଶ୍ୟକତା ପଡ଼ିଥିଲା।

# ବଦଳିଲେ କଂସ ମହାରାଜା



ବୃହତ୍ ମୁକ୍ତାକାଶ ବରଗଡ଼ ଧନୁଯାତ୍ରା ମହୋତ୍ସବର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ୧୧ଦିନ ଧରି ଚାଲୁଥିବା ଏହି ମହୋତ୍ସବରେ ବରଗଡ଼ ସହର ମଥୁରା ନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିଯାଏ। ସେହିପରି ବରଗଡ଼ ସହର ଏବଂ ଅମ୍ବାପାଲି ମଝିରେ ବହି ଯାଇଥିବା ଜିରାନଦୀ ଯମୁନା ହୁଏ। ଏହି ମହୋତ୍ସବରେ କଳାକାରଙ୍କ ମହାକୁମ୍ଭ ଦେଖିବାକୁ ମିଳୁଥିବା ବେଳେ କଂସ ମହାରାଜଙ୍କ ଅଭିନୟ ମହୋତ୍ସବର ଭିନ୍ନ ଏକ ଆକର୍ଷଣ। ପ୍ରତି ୩ ବର୍ଷରେ କଂସ ସମେତ ଅନ୍ୟ ପାର୍ଶ୍ୱ ଚରିତ୍ର ପାଇଁ କଳାକାର ଚୟନ କରାଯିବାର ପରମ୍ପରା ରହିଛି। ଏହି କ୍ରମରେ ଗତ ନଭେମ୍ବର ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ କଂସ ମହାରାଜ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ହୋଇଥିଲା ଏବଂ ନଭେମ୍ବର ୧୮ରେ କଳାକାରଙ୍କ ନାମ ଘୋଷଣା ହୋଇଥିଲା। ଏଥର ବରଗଡ଼ ଜିଲା ଚିଚିଣ୍ଡା ଗ୍ରାମର ସୁଶୀଲ କୁମାର ମେହେର କଂସ ମହାରାଜ ଚରିତ୍ର ପାଇଁ ମନୋନୀତ ହୋଇଛନ୍ତି। ବିଗତ ବର୍ଷରେ ହୋଇଥିବା ଚୟନ ପ୍ରକ୍ରିୟାରେ ମଧ୍ୟ ସୁଶୀଲ ଅଂଶଗ୍ରହଣ କରିଆସୁଥିଲେ, ମାତ୍ର ସେ ସଫଳ ହୋଇ ନ ଥିଲେ। କିନ୍ତୁ ଏଥର ସୁଶୀଲ ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା ୪୩ଜଣଙ୍କୁ ପଛରେ ପକାଇ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି।

# ଶିଶୁ ବିକ୍ରି ପାଇଁ ହଇଚଇ

ଚଳିତ ବର୍ଷ ଏକାଧିକ ଶିଶୁ ବିକ୍ରି ପ୍ରସଙ୍ଗ ଥିଲା ଚର୍ଚ୍ଚିତ। ଏପ୍ରିଲ ୯ରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରୁ ଜଣେ ନବଜାତ ଶିଶୁପୁତ୍ର ୨୦ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ଖବର ହଇଚଇ ସୃଷ୍ଟି କରିଥିଲା। ବଲାଙ୍ଗୀର ସହର ମାଲପଡ଼ାଠାରେ ରହୁଥିବା ଜଣେ ମହିଳାଙ୍କ ନବଜାତ ଶିଶୁପୁତ୍ରକୁ ଟିଟିଲାଗଡ଼ର ଜଣେ ମହିଳା ମଧ୍ୟସ୍ଥ ଭାବେ ବିକ୍ରି ପାଇଁ ନେଇଥିଲେ। ପରେ ଶିଶୁପୁତ୍ରଟି ଟିଟିଲାଗଡ଼ ନିକଟ ବଲାଙ୍ଗୀର-କଳାହାଣ୍ଡି ସୀମାରୁ ଉଦ୍ଧାର ହୋଇଥିଲା। ସେହି ଏପ୍ରିଲରେ ମୁରିବାହାଲ ଥାନା କର୍ଲା ଗାଁର ଏକ ନବଜାତ ଶିଶୁକନ୍ୟା ଛତିଶଗଡ଼ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା। ଗତ ଜୁଲାଇରେ ଆଉ ଏକ ଶିଶୁ ବିକ୍ରି ଘଟଣା ହଇଚଇ ସୃଷ୍ଟି କରିଥିଲା। ଟିଟିଲାଗଡ଼ ଥାନା ବାଗଡେର ଗାଁରୁ ବିକ୍ରି ହୋଇଥିବା ଶିଶୁ ବରଗଡ଼ ଜିଲା ପାଇକମାଲଠାରୁ ଉଦ୍ଧାର ହୋଇଥିଲା। ନଭେମ୍ବରରେ ପୁଣି ଥରେ ଶିଶୁ ବିକ୍ରି ଅଭିଯୋଗ ହୋଇଥିଲା। ବଲାଙ୍ଗୀର ଜିଲା ଲୋଇସିଂହା ଥାନା କନ୍ଧାଜୁରୀ ଗାଁର ଜଣେ ମହିଳା ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଯାଆଁଳା ଶିଶୁ ଜନ୍ମ ଦେବା ପରେ ଦୁଇ ଜଣ ବ୍ୟକ୍ତିଙ୍କୁ ବେଆଇନ ହସ୍ତାନ୍ତର କରିଥିଲେ।

# ଲାଞ୍ଚ ନେଇ ବଦନାମ ହେଲେ ଉପଜିଲାପାଳ

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଆଇଏଏସ୍ ଅଫିସର ଧୀମାନ ଚକ୍‌ମା ଜୁନ୍ ୮ରେ ଜଣେ କ୍ରଶର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କ ସରକାରୀ ବାସଭବନ ଛାନ୍‌ଭିନ୍ କଲାବେଳେ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେ ଜେଲ ଯାଇଥିଲେ।



# ପିପ୍ପଳିରୁ କୋଲନ କ୍ୟାନ୍‌ସର ଚିକିତ୍ସା

ଚଳିତବର୍ଷ ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ବିଭିନ୍ନ କ୍ଷେତ୍ରରେ ଗବେଷଣା କରି କୃତିତ୍ୱ ହାସଲ କରିଛି। ସେଥିମଧ୍ୟରୁ ଜମିଜମା ମାପିବା ପ୍ରଣାଳୀକୁ ସହଜ କରିବା ପାଇଁ ଏନ୍‌ଆଇଟି କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ପ୍ରଥମ ସ୍ୱୟଂଚାଳିତ ଡ୍ରୋନ ସିଷ୍ଟମ ବିକଶିତ କରାଯାଇଥିଲା। ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସମ୍ମିତ ବକ୍ସିଙ୍କ ନେତୃତ୍ୱରେ ରିସର୍ଚ୍ଚ ଗ୍ରାଜୁଏଟ୍ ଡ. ତନ୍ମୟ କୁମାର ବେହେରା, ଡ. ଦେବବ୍ରତ ଚୌଧୁରୀ ଏବଂ ରିସର୍ଚ୍ଚ ସ୍କଲାର୍ କାମେଲିଆ ରାୟ ପ୍ରମୁଖ ଏହାକୁ ବିକଶିତ କରିଥିଲେ। ସେହିପରି ଏନ୍‌ଆଇଟି ଜୀବ ବିଜ୍ଞାନ ବିଭାଗ ପକ୍ଷରୁ କୋଲନ କ୍ୟାନ୍‌ସର ବିରୋଧରେ ପିପ୍ପଳିରୁ ଏକ ପ୍ରଭାବଶାଳୀ ଏବଂ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ ଉପଶମ ବିକଶିତ କରାଯାଇଥିଲା। ଏନ୍‌ଆଇଟି ଜୀବ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ପ୍ରଫେସର ବିଜେଶ ବିଶ୍ୱାଳ, ରିସର୍ଚ୍ଚ ସ୍କଲାର ରାଜୀବ ସାହୁ, ସ୍ମୃତି ବିଶ୍ୱାଳ, ସମ୍ମିତ ପାତ୍ର ପ୍ରମୁଖ ଏହି ଗବେଷଣାରେ ପ୍ରମୁଖ ଭୂମିକା ତୁଲାଇଥିଲେ।



# ଋଣବୋଝରୁ ଜୀବନ ହାରିଲେ ୨ ଚାଷୀ





ବଲାଙ୍ଗୀର ଜିଲାର ଦୁଇଜଣ ଚାଷୀ ବିଷପାନ କରି ଆତ୍ମହତ୍ୟା କରିବା ଥିଲା ୨୦୨୫ର ଆଉ ଏକ ଦୁଃଖଦ ଅଧ୍ୟାୟ। ମୁରିବାହାଲ ବ୍ଲକ ଦନ୍ଦରା ଗାଁରେ ଅଗଷ୍ଟ ୧ ତାରିଖରେ କୀଟନାଶକ ପିଇ ଚାଷୀ ରାଜକୁମାର ପାତ୍ର ଆତ୍ମହତ୍ୟା କରିଥିଲେ। ବର୍ଷାଭାବରୁ ଚାଷହାନି ଏବଂ ଋଣବୋଝ ଚିନ୍ତାରେ ସେ କୀଟନାଶ ପିଇ ଜୀବନ ହାରିଥିବା ଅଭିଯୋଗ ହୋଇଥିଲା। ସେହିପରି ଅଗଷ୍ଟ ୧୩ରେ ଟିଟିଲାଗଡ ବ୍ଲକ କୁରସୁଡ଼ ପଞ୍ଚାୟତ ଅଧୀନ କଣ୍ଡରା ଗାଁର ଚାଷୀ ଦୁର୍ଗାଚରଣ ଭୋଇ ଲଟା ମାରିବାକୁ ଥିବା ବିଷ ପାନ କରି ଆତ୍ମହତ୍ୟା କରିଥିବା ଜଣାପଡିଥିଲା। ଋଣ ବୋଝ ଚାପ ଏବଂ ଚାଷହାନି ଆଶଙ୍କାରେ ଅତିଷ୍ଠ ହୋଇ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।



## ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସିବ 'ଚକ୍ରାନ୍ତ'

ଭୁବନେଶ୍ୱର,୧୯।୧୨(ସୌମ୍ୟରଞ୍ଜନ ରାଉତ): ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସିବ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'। ଏହି ସିନେମାରେ ଭିନ୍ନ ଏକ କାହାଣୀ ଦେଖିବାକୁ ମିଳିବ। ପରିବାର ଛାଡ଼ି ଅନେକେ ବାହାରକୁ ଆସନ୍ତି। କିଏ ପାଠ ପଢ଼ିବା ଲକ୍ଷ୍ୟରେ ତ, କିଏ ଚାକିରି କରିବା ଉଦ୍ଦେଶ୍ୟରେ। ଜୀବନର ପ୍ରକୃତ ଲକ୍ଷ୍ୟକୁ ପଛରେ ଛାଡ଼ି ସମୟ, ପରିସ୍ଥିତି ସହ ଆମେ ଭିନ୍ନ ମୋଡ଼ରେ ପାଦ ଦେଇଥାଉ। କୁସଙ୍ଗରେ ପଡ଼ି ଜୀବନର ମୋଡ଼ ବଦଳିଛି ଏବଂ ସାଙ୍ଗର ଅପରାଧ ଓ ଚକ୍ରାନ୍ତରେ ଛନ୍ଦି ହୋଇପଡ଼ିଛି। ଘର ଲୋକ ଭାବୁଛନ୍ତି ଝିଅ ହଷ୍ଟେଲରେ ରହି ପାଠ ପଢୁଛି, କିନ୍ତୁ ଏପଟେ ଝିଅଟି ପ୍ରେମ ପାଇଁ ଆତ୍ମହତ୍ୟା କରିଦେଉଛି। ଅନ୍ୟପଟେ ପୁଅର ବାପା ନିଜ ପୁଅକୁ ସମାଜରେ ପ୍ରତିଷ୍ଠିତ କରିବା ପାଇଁ ଚେଷ୍ଟା କରୁଥିଲା ବେଳେ ପୁଅଟି କେମିତି କୁସଙ୍ଗରେ ପଡ଼ି ଚକ୍ରାନ୍ତରେ ଫସିଯାଉଛି। ଏଭଳି ଏକ ସମ୍ବେଦନଶୀଳ କାହାଣୀକୁ ନେଇ ଆସନ୍ତା ଜାନୁଆରୀରେ ମୁକ୍ତିଲାଭ କରିବାକୁ ଯାଉଛି 'ଚକ୍ରାନ୍ତ'। ଲକ୍ଷେଶ୍ୱର ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ ମଣ୍ଟୁ ନଜର ଆସୁଛନ୍ତି। ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ପିନୁ ନାୟକ।

# ଟ୍ରାଙ୍କୁଲାଇଜ୍ ପରେ ଅସୁସ୍ଥ ହାତୀର ଚିକିତ୍ସା ଆରମ୍ଭ

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)

ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ୨ଦିନର ମାରାଥନ୍ ଅପରେଶନ ପରେ ଶୁକ୍ରବାର ଆହତ ଦନ୍ତା ହାତୀକୁ ଟ୍ରାଙ୍କୁଲାଇଜ୍ କରିବାରେ ସଫଳ ହୋଇଛି ବନ ବିଭାଗ। ଏଥିପାଇଁ ଓୟୁଏଟି, ଚନ୍ଦକା, ନନ୍ଦନକାନନ ରେଞ୍ଜକୁ ନେଇ ଟିମ୍ ଗଠିତ ହୋଇଥିଲା। ଅପରାହ୍ନ ପ୍ରାୟ ୩ଟା ୩୦ ବେଳକୁ ହାତୀକୁ ଟ୍ରାଙ୍କୁଲାଇଜ୍ କରାଯାଇ ଓୟୁଏଟି ଏବଂ ନନ୍ଦନକାନନ ଟିମ୍ ଦ୍ୱାରା ଚିକିତ୍ସା ଆରମ୍ଭ ହୋଇଛି। ଗୁଳିମାଡ଼, ତୀରମାଡ଼ କିମ୍ବା କେଉଁ କାରଣରୁ ହାତୀର ବାମ ଜଙ୍ଘରେ କେତେ ମାତ୍ରାରେ ସଂକ୍ରମଣ ହୋଇଛି ତାହା ଜାଣିବାକୁ ସମୟ ଲାଗିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଅଭୟାରଣ୍ୟର ଭାଲୁଙ୍କା ଗ୍ରାମ ନିକଟ ଜଙ୍ଗଲରେ ଦନ୍ତାଟି ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଫସଲ ନଷ୍ଟକରିବା ଉଦ୍ଦେଶ୍ୟରେ ହାତୀଟି ଜଙ୍ଗଲରୁ ଚାଲି ଆସିଥିବା ଅନୁମାନକରି ସଂଘବଦ୍ଧ ହୋଇ ଦନ୍ତାକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଦନ୍ତା ହାତୀଟି ଆହତ ଥିବାରୁ ବେଶି ଦୂରକୁ ଯାଇପାରି ନ ଥିବା ଦେଖିବାକୁ ମିଳିଥିଲା। ହାତୀ ଦାନ୍ତ ପାଇଁ କେହି ଗୁଳି କରିଥିବା ସନ୍ଦେହକରି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ବନ ବିଭାଗ ପକ୍ଷରୁ ୪ଟି ଟିମ୍ କରାଯାଇ ଅସୁସ୍ଥ ହାତୀକୁ ଠାବ କରାଯିବା ସହ ଡ୍ରୋନ୍ ସାହାଯ୍ୟରେ ହାତୀର ଗତିବିଧି ନିରୀକ୍ଷଣ କରାଯାଇଥିଲା। ଗୁରୁବାର ଟ୍ରାଙ୍କୁଲାଇଜ୍ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ହାତୀ ଦଳ ସମ୍ପୃକ୍ତ ଦନ୍ତାକୁ ଘେରି ରହିଥିବାରୁ ସମ୍ଭବ ହୋଇ ନ ଥିଲା। ଏଥିସହ ଟ୍ରାଙ୍କୁଲାଇଜ୍ ସମୟରେ ଚନ୍ଦକା ଫରେଷ୍ଟର ଦୀପକ ନାୟକ ତଳେ ପଡ଼ିଯିବାରୁ ତାଙ୍କ ବାମ ହାତ ଭାଙ୍ଗିଯିବା ସହ ବାମ ଗୋଡ଼ରେ ଆଘାତ ଲାଗିଥିଲା। ତେଣୁ ଶୁକ୍ରବାର ମିଳିତ ଟିମ୍ ଦ୍ୱାରା ହାତୀଟିକୁ ଉଦ୍ଧାର କରିବାକୁ ନିଷ୍ପତ୍ତି ହୋଇଥିଲା।



ଦନ୍ତାହାତୀର ପଛଗୋଡ଼ ଫୁଲିଯାଇଛି। ଟ୍ରାଙ୍କୁଲାଇଜ୍ ପରେ ହାତୀଟିର ଚିକିତ୍ସା କରାଯାଉଛି।

# ୨୩ରୁ ଓଡ଼ିଶା ଖାଦ୍ୟ ମହୋତ୍ସବ

## ଲୋକେ ଜାଣିବେ ୩୦ ଜିଲାର ପ୍ରସିଦ୍ଧ ଖାଦ୍ୟର ସୁଆଦ

ଭୁବନେଶ୍ୱର,୧୯।୧୨(ସୁଚିସ୍ମିତା ସାହୁ)

ବିଶ୍ୱ ଓଡ଼ିଶା ପରିବାର ପକ୍ଷରୁ ଆସନ୍ତା ୨୩ ତାରିଖରୁ ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଆ ଖାଦ୍ୟ ମହୋତ୍ସବ-୨୦୨୫ ଆରମ୍ଭ ହେବ। ଓଡ଼ିଆ ଖାଦ୍ୟ ସଂସ୍କୃତି ଓ ପରମ୍ପରାର ପ୍ରସାର ପାଇଁ ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶାର ୩୦ ଜିଲାର ପ୍ରସିଦ୍ଧ ଖାଦ୍ୟର ସୁଆଦ ଜାଣିବେ ସହରବାସୀ। ମହୋତ୍ସବରେ ୧୪୦ଟି ଷ୍ଟଲ୍‌ରେ ବ୍ୟବସ୍ଥା ରହିଥିବାବେଳେ ଓଡ଼ିଆ ଖାଦ୍ୟ ସମ୍ବନ୍ଧୀୟ ଚିତ୍ରାଙ୍କନ,ପିଠା ଓ ମିଠା, ନିରାମିଷ ଓ ଆମିଷ ଖାଦ୍ୟ, ଆଦିବାସୀ ଖାଦ୍ୟ, ପୁନଃ ପ୍ରକ୍ରିୟାକାରଣ ଖାଦ୍ୟ,ଶାକାହାରୀ ଖାଦ୍ୟ,ଚିତ୍ର ଖାଦ୍ୟ,ସଜ ଭୋଗ ଥାଳି, ତେଇଁ ତେଇଁ ଖାଇବା,ବିନା ଅଗ୍ନିରେ ରାନ୍ଧିବା ଭଳି ବିଭିନ୍ନ ପ୍ରକାର ପ୍ରତିଯୋଗିତା ହେବ। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଷ୍ଟଲ୍ ଖୋଲା ରହିବ। ନୂତନ ପିଢ଼ିଙ୍କୁ ଓଡ଼ିଶାର ଖାଦ୍ୟ ସହ ପରିଚିତ କରାଇବା ପାଇଁ ଏଭଳି ଏକ ପରିକଳ୍ପନା କରାଯାଇଛି ବୋଲି ଶୁକ୍ରବାର ଭୂମିପୂଜନ କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ପ୍ରକାଶ କରିଛନ୍ତି। ଶର୍ମା କହିଛନ୍ତି, ଓଡ଼ିଆ ଖାଦ୍ୟର ପ୍ରସ୍ତୁତି, ବିଭିନ୍ନ ଉପାଦାନ ଓ ରନ୍ଧନ ଶୈଳୀ ପ୍ରଦର୍ଶନ କରାଯିବ। ଏଥିସହ ପ୍ରତିଦିନ ଓ ଖାଦ୍ୟ ସଂସ୍କୃତି ସମ୍ବନ୍ଧରେ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟ ତଥା କଲୋନି ବାସିନ୍ଦା, ହୋଟେଲ ମ୍ୟାନେଜମେଣ୍ଟ କଲେଜ ଓ ସ୍କୁଲ ପିଲା ଏବଂ ପ୍ରସିଦ୍ଧ ହୋଟେଲ ମଧ୍ୟରେ ରୋଷେଇ ପ୍ରତିଯୋଗିତା ସହ ଓଡ଼ିଆ ଖାଦ୍ୟକୁ ନେଇ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଓଡ଼ିଆ ଖାଦ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାରରେ ସାମିଲ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, ସାମାଜିକ କର୍ମୀ ଜାଗନ୍ନାଥ ପ୍ରଧାନ, ଚଳଚ୍ଚିତ୍ର ଅଭିନେତ୍ରୀ ପିଙ୍କି ପ୍ରଧାନ, ହୋଟେଲ ଡାଲ୍‌ମାର ପ୍ରତିଷ୍ଠାତା ଦେବ ପଟ୍ଟନାୟକ, ଶିଳ୍ପୋଦ୍ୟୋଗୀ ଦୁଲାଲ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ଆଧୁନିକ ଶକ୍ତି ପ୍ରଣାଳୀର ସୁରକ୍ଷା ପାଇଁ ଏଆଇର ପ୍ରୟୋଗକୁ ଗୁରୁତ୍ୱ

## ଓୟୁଟିଆର୍‌ରେ ୫ଦିନିଆ କର୍ମଶାଳା ଆଜି ସରିବ

ଭୁବନେଶ୍ୱର,୧୯।୧୨(ଅନୁରାଧା ମହାରଣା)

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)ର ସ୍କୁଲ ଅଫ୍ ଇଲେକ୍ଟ୍ରିକାଲ ସାଇନ୍ସେସ୍ ଓ ଅଲଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ(ଏଆଇସିଟିଇ) ପକ୍ଷରୁ ୬ଦିନିଆ କର୍ମଶାଳା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଛି। ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏନ୍‌ଆଇଟି ରାଉରକେଲାର ପୂର୍ବତନ ନିର୍ଦ୍ଦେଶକ ସୁନୀଲ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କର୍ମଶାଳାର ପ୍ରସଙ୍ଗ 'ସ୍ଥାୟୀ ଶକ୍ତି ଉତ୍ସ ସହିତ ସମନ୍ୱିତ ଆଧୁନିକ ଶକ୍ତି ପ୍ରଣାଳୀର ସୁରକ୍ଷା ପାଇଁ ଏଆଇର ପ୍ରୟୋଗ' ଉପରେ ଗୁରୁତ୍ୱାରୋପ କରିବା ସହ ଏନେଇ ଆଲୋଚନା କରିଥିଲେ। ପ୍ରଫେସର ଡ. ଏଲ୍. ଏନ୍. ତ୍ରିପାଠୀ ଓ ପ୍ରଫେସର ଶାନ୍ତନୁ ସେନ୍ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। କର୍ମଶାଳାରେ ୧୦ଟି ଅଧିବେଶନ ରହିଥିବାବେଳେ ଇଣ୍ଡଷ୍ଟ୍ରିଆଲ ଭିଜିଟ୍ ଭଳି କାର୍ଯ୍ୟକ୍ରମରେ ବିଶେଷଜ୍ଞ, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଉଛନ୍ତି। ଏହାସହ ଆର୍ଟିକିଲ ଆଲୋଚନା ଦ୍ୱାରା ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି।

# ରିଲିଜ୍ ହେଲା ଓଡ଼ିଆ ସିନେମା 'ମୋଟରସାଇକେଲ'


ଚଳଚ୍ଚିତ୍ର ରିଲିଜ୍ ଅବସରରେ ଏକ ସିନେମା ହଲ୍‌ରେ ଅଭିନେତା, ଅଭିନେତ୍ରୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୯।୧୨(ସୌମ୍ୟରଞ୍ଜନ ରାଉତ)

ବିଶ୍ୱାଳ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଫିଚର ଫିଲ୍ମ 'ମୋଟରସାଇକେଲ' ଶୁକ୍ରବାର ରାଜ୍ୟର ସବୁ ସିନେମା ହଲ୍‌ରେ ମୁକ୍ତିଲାଭ କରିଛି। ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ପରିବାରିକ ତଥା ମନୋରଞ୍ଜନରେ ପରିପୂର୍ଣ୍ଣ। ପ୍ରଯୋଜିକା ଝୁନିଲତା ବିଶ୍ୱାଳ ଓ ନିର୍ଦ୍ଦେଶକ ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମୋଟରସାଇକେଲ'ରେ ଓଡ଼ିଆ ମାଟି, ସମ୍ପର୍କ ଓ ଭାବନାକୁ ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି। ସିନେମାରେ କୁନା ତ୍ରିପାଠୀ, ଜ୍ୟୋତିରଞ୍ଜନ ନାୟକ, ଅଭିଷେକ ପଣ୍ଡା, ପ୍ରୀତି, ପିହୁ, ପୃଥ୍ୱୀରାଜ, ଆଲିଶା, ଭାସ୍ୱତୀ ବସୁ, ରାଜଶ୍ରୀ, ସୁଶାନ୍ତ ଦାସ ମହାପାତ୍ରଙ୍କ ସମେତ ବହୁ କଳାକାର ଅଭିନୟ କରିଛନ୍ତି। ଚିତ୍ରଗ୍ରହଣ ଅକ୍ଷୟ କୁମାର ନାୟକ, ସମ୍ପାଦନା ମାନସ କୁମାର ସାହୁ ଏବଂ ସଙ୍ଗୀତରେ ସୋମେଶ ଶତପଥୀ ରହିଛନ୍ତି। ହ୍ୟୁମାନ ସାଗର ଓ ଅନ୍ୟ କଣ୍ଠଶିଳ୍ପୀଙ୍କ ସ୍ୱର ସିନେମାକୁ ଅଧିକ ଆକର୍ଷଣୀୟ କରିଛି।

# ବାଲିପାଟଣା ବ୍ଲକସ୍ତରୀୟ ଶିଶୁ ଉତ୍ସବ

ବାଲିପାଟଣା,୧୯।୧୨(ଅଭିମନ୍ୟୁ ନାୟକ)

ଓଷ୍ଟା ପକ୍ଷରୁ ଶୁକ୍ରବାର ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ବାଲିପାଟଣାଠାରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲାମାନେ ଗୀତ, ନୃତ୍ୟ, ଏକକ ଅଭିନୟ, ଚିତ୍ରାଙ୍କନ, ରଚନା ପାଠ ଓ ଦଳୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଆଦସ୍ୟା ପ୍ରିୟଦର୍ଶିନୀ ଖଟେଇଙ୍କ ସମେତ ୧୦ ଜଣ ଜିଲାସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। ମୁଖ୍ୟ ଅତିଥିଭାବେ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ କୁମାର ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଷ୍ଟା ବାଲିପାଟଣା ବ୍ଲକ ସଭାପତି ବିଜୟ ବେହେରା, ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଘନଶ୍ୟାମ ସ୍ୱାଇଁ, ଏବିଇଓ ବିଜୟ ବେହେରା, ସାଧାରଣ ସମ୍ପାଦକ ରଞ୍ଜନ ଦାସ, ସୁନୀଲ ପଣ୍ଡା, କାର୍ଯ୍ୟକାରୀ ସଭାପତି ସନ୍ତୋଷ ସାହୁ ଉପସ୍ଥିତ ଥିଲେ।

# କିଟ୍‌ରେ 'ମାର୍ଚ୍ଚିଂ ବିୟଣ୍ଡ ଦି ଲାଇବ୍ରେରି' ସମ୍ମିଳନୀ



ଭୁବନେଶ୍ୱର,୧୯।୧୨(ଅନୁରାଧା ମହାରଣା)

ମ୍ୟାନେଜମେଣ୍ଟ ଲାଇବ୍ରେରି ନେଟ୍‌ୱର୍କ (ମାନଲିବନେଟ୍) ଏବଂ ଆଇସିଏମ୍‌ବିଏଲ୍ ୨୦୨୫ ପକ୍ଷରୁ ତିନିଦିନିଆ 'ଅନ୍ତର୍ଜାତୀୟ ଲାଇବ୍ରେରି' ସମ୍ମିଳନୀ ଶୁକ୍ରବାର କିଟ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଦେଶବିଦେଶରୁ ପ୍ରଫେସର, ଶିକ୍ଷାବିତ୍, ସୂଚନା ବୈଜ୍ଞାନିକ, ଗବେଷକ ଓ ଲାଇବ୍ରେରି ବୃତ୍ତିଗତମାନେ ଯୋଗଦେଇ ଲାଇବ୍ରେରି ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଓ ପରିବର୍ତ୍ତନ ଉପରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଆଲୋଚନା କରୁଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର କେ. ଡି. ରାଜୁ ଯୋଗଦେଇ କହିଲେ, ଗ୍ରନ୍ଥାଗାରିକମାନେ ଆଉ କେବଳ ବୁକ୍‌କିପର ଭୂମିକାରେ ସୀମିତ ନୁହନ୍ତି, ବରଂ ଦ୍ରୁତଗତିରେ ଟେକ୍ନୋକ୍ରାଟ, ଡିଜିଟାଲ କ୍ୟୁରେଟର ଏବଂ ଶିକ୍ଷାଗତ ସହଯୋଗୀରେ ପରିଣତ ହେଉଛନ୍ତି। ସମ୍ମିଳନୀ ନିର୍ଦ୍ଦେଶକ ପ୍ରଫେସର ବି. ରମେଶ ବାବୁ ଉନ୍ନତ ସୂଚନା ପ୍ରଯୁକ୍ତିର ବିସ୍ତାରିତ ଦିଗ ଏବଂ ସୂଚନା ପ୍ରଣାଳୀର ପରିଚାଳନା ଓ ନିୟନ୍ତ୍ରଣରେ ଏହାର ବ୍ୟବହାରିକ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମ୍ୟାନେଜମେଣ୍ଟ ଲାଇବ୍ରେରି ନେଟ୍‌ୱର୍କର ସଭାପତି ଡ. ଏମ୍. ଜି. ଶ୍ରୀକୁମାର, ମାନଲିବନେଟ ସାଧାରଣ ସମ୍ପାଦକ ଡ. ଅଖତର ପରଭେଜ, କିଟ୍ ଲାଇବ୍ରେରି ନିର୍ଦ୍ଦେଶିକା ତଥା ଲାଇବ୍ରେରି ସାଇନ୍ସ ବିଭାଗୀୟ ମୁଖ୍ୟ ଡ. ବିଜୟାଲକ୍ଷ୍ମୀ ରାଉତରାୟ ପ୍ରମୁଖ ପାଠାଗାର ବିକାଶର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦିଲୀପ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ରମାଦେବୀରେ ରାଧାକାନ୍ତ ମିଶ୍ର ସେମିନାର ହଲ୍ ଉଦ୍‌ଘାଟିତ


ସେମିନାର ହଲ୍‌କୁ ଉଦ୍‌ଘାଟନ କରିବା ଅବସରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୯।୧୨
(ସୌମ୍ୟରଞ୍ଜନ ରାଉତ)

ଉଚ୍ଚଶିକ୍ଷା ବିଭାଗ ଓ ରମାଦେବୀର ପୁରାତନ ଛାତ୍ରୀ ଡ. ସ୍ନେହଲତା ଦାସଙ୍କ ଅବଦାନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗରେ 'ପ୍ରଫେସର ରାଧାକାନ୍ତ ମିଶ୍ର ସେମିନାର ହଲ୍' ଖୋଲିଛି। ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପ୍ରଫେସର ଜୟନାରାୟଣ ମିଶ୍ର ଓ ସୁମିତା ନେପାକ ପ୍ରମୁଖ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଓ ରେଜିଷ୍ଟ୍ରାର ମନସିନୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ହିନ୍ଦୀ ଓ ଅନ୍ୟ ବିଭାଗର ଛାତ୍ରୀ, ଗବେଷିକା, ଅଧ୍ୟାପିକା ଓ ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜନସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବିଏମ୍‌ସି ପକ୍ଷରୁ ତାଲିମ

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)

ଭେକ୍ଟରବାହିତ ଓ ଜଳବାହିତ ରୋଗର ନିରୀକ୍ଷଣ, ମହାମାରୀ ପ୍ରସ୍ତୁତି, ଗୋଷ୍ଠୀ ସହଭାଗିତା ଏବଂ ସହରାଞ୍ଚଳ ପରିମଳକୁ ଗୁରୁତ୍ୱ ଦେଉଛି ବିଏମ୍‌ସି। ଏନେଇ ଶୁକ୍ରବାର ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ସୀମା ମଧ୍ୟରେ ଜନସ୍ୱାସ୍ଥ୍ୟ ପ୍ରତିକ୍ରିୟା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ମେୟର ସୁଲୋଚନା ଦାସ ଗୁରୁତ୍ୱାରୋପ କହିଥିଲେ। ଏଥିସହ ସହରାଞ୍ଚଳରେ ରୋଗ ପ୍ରକୋପ ରୋକିବା ପାଇଁ ସମନ୍ୱିତ ଏବଂ ନିରନ୍ତର କ୍ଷେତ୍ରସ୍ତରୀୟ ପ୍ରୟାସକୁ ଗୁରୁତ୍ୱ ଦେଇଥିଲେ। ଏଥିସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଗଧାଡ଼ିର କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ପ୍ରଭାବଶାଳୀ ସମନ୍ୱୟ, ସମୟୋଚିତ କାର୍ଯ୍ୟ ଏବଂ ଗୋଷ୍ଠୀ ଅଂଶଗ୍ରହଣ ରୋଗ ପ୍ରତିରୋଧର ପ୍ରମୁଖ ଆୟୁଧ ସାଜିଛି ବୋଲି କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ତଥା ନୋଡାଲ ଅଫିସର ଡା. ପ୍ରମିଳା ବରାଳ ସମୟୋଚିତ ରୋଗ ନିରୀକ୍ଷଣ, ତୁରନ୍ତ ରିପୋର୍ଟିଂ ଏବଂ ସକ୍ରିୟ ଗୋଷ୍ଠୀ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ଏଣ୍ଟୋମୋଲୋଜିଷ୍ଟ ଦୀପ୍ତିରଞ୍ଜନ ମହାପାତ୍ର ଭେକ୍ଟର ନିୟନ୍ତ୍ରଣ, ଉତ୍ସ ହ୍ରାସ ଏବଂ ରୋଗ ନିବାରଣ ରଣନୀତି ଉପରେ ବୈଷୟିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଶା, ସାନିଟାରି ଇନ୍ସପେକ୍ଟର ଓ ସ୍ୱଚ୍ଛସାଥୀ, ପର୍ଯ୍ୟବେକ୍ଷକଙ୍କ ସମେତ ୟୁଏମ୍‌ଏସ୍‌ୟୁ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# 'ଛାତ୍ରୀଛାତ୍ର ପ୍ରତ୍ୟେକ ମଣିଷଙ୍କ ମୁହଁରେ ହସ ଫୁଟାନ୍ତୁ'

## ବିଜେଇଏମ୍‌ରେ 'ଡ୍ରିମ୍‌ସ୍କେପ୍' ଉଦ୍‌ଘାଟିତ

ଭୁବନେଶ୍ୱର,୧୯।୧୨(ସୁଚିସ୍ମିତା ସାହୁ)

ବିଜେଇଏମ ସ୍କୁଲର ୫୨ତମ ବାର୍ଷିକ ଉତ୍ସବ 'ଡ୍ରିମସ୍କେପ୍ ୨୦୨୫-୨୬' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଯୋଗଦେଇ କହିଲେ, ମାଆଠାରୁ ଯିଏ ପିଲାଙ୍କୁ ଅଧିକ ଭଲ ପାଏ ସେ ହେଉଛନ୍ତି ଶିକ୍ଷକ। ପ୍ରତ୍ୟେକ ବିଦ୍ୟାର୍ଥୀ ଜଣେ ଜଣେ ଭଲ ମଣିଷ ହୁଅ, ମଣିଷକୁ ଚିହ୍ନିବା ସହ ତା' ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଜେ ଏଜୁକେଶନ ସୋସାଇଟିର ସଭାପତି ରଘୁନାଥ ମିଶ୍ର ଯୋଗଦେଇ କହିଲେ, ପିଲାମାନେ ପୁସ୍ତକ ଓ ପତ୍ରିକା ପଢ଼ିବା ଏକାନ୍ତ ଆବଶ୍ୟକ। ଉନ୍ନତ ଜ୍ଞାନ କୌଶଳ ସହ ପଠନ ଅଭ୍ୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ସଭାପତି ଶିବପଦ ସ୍ୱାଇଁ, ଉପସଭାପତି କାର୍ତ୍ତିକ ଚନ୍ଦ୍ର ଦାସ, ପରିଚାଳକ ପ୍ରତାପ କୁମାର ଜେନା ଯୋଗଦେଇ ପିଲାଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟାଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ବିଜେଇଏମ୍ ସ୍କୁଲର ୫୨ତମ ବାର୍ଷିକ ଉତ୍ସବ 'ଡ୍ରିମସ୍କେପ୍ ୨୦୨୫-୨୬'ରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମାନବାଧିକାର କର୍ମୀ ସମାଜର ସଜାଗ ପ୍ରହରୀ

ଭୁବନେଶ୍ୱର, ୧୯।୧୨ (ବନ୍ଦନା ସେଠୀ)

ମାନବାଧିକାର କର୍ମୀମାନେ ସମାଜର ସଜାଗ ପ୍ରହରୀ। ସେମାନେ ବହୁ କଷ୍ଟ କରି ପୀଡ଼ିତକୁ ତା'ର ମୌଳିକ ଅଧିକାର ସହ ନ୍ୟାୟ ପ୍ରଦାନରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି। ଫଳରେ ନିର୍ଯାତିତ ବା ଅଧିକାରରୁ ବଞ୍ଚିତ ବ୍ୟକ୍ତିରେ ସ୍ୱାଭିମାନ ସହ ବଞ୍ଚିବାର ଆଶା ସଞ୍ଚାର ହୋଇଥାଏ। ସମ୍ମାନର ସହ ବଞ୍ଚିବାକୁ ହେଲେ ବ୍ୟକ୍ତିର ମାନବାଧିକାର ସୁରକ୍ଷା ଜରୁରୀ ବୋଲି ଜାତୀୟ ମାନବାଧିକାର ଆୟୋଗ ସଦସ୍ୟ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ କହିଛନ୍ତି। ଗୁରୁବାର ଜାତୀୟ ମାନବାଧିକାର ଆୟୋଗ, ନୂଆଦିଲ୍ଲୀ ସହାୟତାରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ପକ୍ଷରୁ ମାନବାଧିକାର କର୍ମୀ ତାଲିମ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଗୀତଗୋବିନ୍ଦ ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଜଷ୍ଟିସ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଓଡ଼ିଶା ମାନବାଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାସ ଯୋଗଦେଇ ଉପସ୍ଥିତ ମାନବାଧିକାର କର୍ମୀମାନଙ୍କୁ ମାନବାଧିକାର ଆଇନ ବିଷୟରେ ସଚେତନ କରିଥିଲେ। ଓଡ଼ିଶା ରାଜ୍ୟ ମହିଳା ଆୟୋଗର ସଦସ୍ୟା ଡ. କଳ୍ପନା ମଲ୍ଲିକ ହ୍ୟୁମାନ ରାଇଟ୍ସ ଡିଫେଣ୍ଡରମାନଙ୍କୁ ଉତ୍ସାହିତ କରିଥିଲେ। ବଢ଼ୁଥିବା ମହିଳା ନିର୍ଯ୍ୟାତନା ଉପରେ ଚିନ୍ତାପ୍ରକଟ କରିବା ସହ ମାନବାଧିକାର କର୍ମୀମାନ ମହିଳା ଆୟୋଗଙ୍କ ନଜରକୁ ଆଣିବା ଦରକାର ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ମାନବାଧିକାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳାହାଣ୍ଡିର ମାନବାଧିକାର କର୍ମୀ ଦିଲୀପ ଦାସ, ଶିକ୍ଷାବିତ୍ ଶ୍ରୀକର ମିଶ୍ର, ସ୍ୱାସ୍ଥ୍ୟସେବା ପାଇଁ ଡା. ପୁଷ୍ପରାଜ ସାମନ୍ତସିଂହାର ଓ ସି.ଏସ୍.ଆର ପାଇଁ ହିଣ୍ଡାଲକୋର ଲୋକସମ୍ପର୍କ ଅଧିକାରୀ ଟି.ଏମ୍ ପ୍ରକାଶ ଓ ଶିବଶଙ୍କର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଅଧ୍ୟକ୍ଷ ମନୋଜ ଜେନା କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିବାବେଳେ ଫ୍ରଣ୍ଟର ଆବାହକ ରାଜୀବ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ କଳ୍ପତରୁ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ମେଳନରେ ଜାତୀୟ ମାନବାଧିକାର ଆୟୋଗ ସଦସ୍ୟ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଓ ଅନ୍ୟ ଅତିଥି।

**ପୂର୍ବତନ ସରପଞ୍ଚଙ୍କ ପରଲୋକ**

କଳାପଥର,(ଗଙ୍ଗାଧର ସାହୁ): ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ କୋଦୁଅବେରେଣୀ ଗ୍ରାମର ପୂର୍ବତନ ସରପଞ୍ଚ ମହେଶ୍ୱର ତ୍ରିପାଠୀଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ସଦାଶିବ ମହାପାତ୍ର ଏବଂ ସ୍ଥାନୀୟ ବିଧାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ସରୋଜ କୁମାର ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

# ଭିଓଭୂମି ଯାଞ୍ଚ ନିର୍ଦ୍ଦେଶ, ନିୟମ ଉଲ୍ଲଂଘନକଲେ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ)**


ପିସିପିଏନ୍‌ଡିଟି ଜିଲାସ୍ତରୀୟ ପରାମର୍ଶଦାତା ମଣ୍ଡଳୀ ବୈଠକରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପିସିପିଏନ୍‌ଡିଟି ଜିଲାସ୍ତରୀୟ ପରାମର୍ଶଦାତା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ଜିଲାରେ ପିସିପିଏନ୍‌ଡିଟି ଆକ୍ଟ, ଏହାର ନିୟମାବଳୀ ଅନୁଯାୟୀ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ କହିଥିଲେ। ଅତିରିକ୍ତ ଜିଲାପାଳ ପ୍ରଧାନ ଖୋର୍ଦ୍ଧା ଜିଲାରେ ଚାଲିଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍, କେନ୍ଦ୍ରଗୁଡ଼ିକର ଭିଓଭୂମି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେବା ସହ ନିୟମ ଅନୁପାଳନରେ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା ସହରରେ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକର କାର୍ଯ୍ୟଧାରା, ନୂଆ ଅଲଟ୍ରାସାଉଣ୍ଡ ଓ ନବୀକରଣ ନିମନ୍ତେ ଆସିଥିବା ଦରଖାସ୍ତ, ଅଲଟ୍ରାସାଉଣ୍ଡରେ ଅଭିଜ୍ଞ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ଅଲଟ୍ରାସାଉଣ୍ଡ ମେଶିନ ବ୍ୟବହାର, ଲିଙ୍ଗ ତଥା ଭ୍ରୂଣ ପରୀକ୍ଷଣ କରୁଥିବା ଡାକ୍ତର ଓ ସମ୍ପୃକ୍ତ କ୍ଲିନିକ୍ ମାଲିକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମୀକ୍ଷାପୂର୍ବକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଞ୍ଜୀକରଣ ସମୟରେ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ସ୍ୱଚ୍ଛତା ବଜାୟ ରଖିବା, ବିଶୁଦ୍ଧ ପାନୀୟଜଳ, ଶୌଚାଳୟ, ଅଗ୍ନି ନିର୍ବାପକ ଯନ୍ତ୍ର, ପ୍ରତୀକ୍ଷାଳୟ ଆଦି ମୌଳିକ ସୁବିଧା ଉପଲବ୍ଧ ଏବଂ ପ୍ରତି ତ୍ରୟମାସିକ ଏହାର ସମୀକ୍ଷା ବୈଠକ କରିବାକୁ କହିଥିଲେ। ଜିଲାରେ ଯେଉଁ ସ୍ୱେଚ୍ଛାସେବୀ ସଙ୍ଗଠନ ପିସିପିଏନ୍‌ଡିଟି କମିଟିରେ ସଦସ୍ୟ ସଦସ୍ୟା ଅଛନ୍ତି ତଥା ସମସ୍ତ ଏନ୍‌ଜିଓମାନେ ଲିଙ୍ଗ ତଥା ଭ୍ରୂଣ ନିରୂପଣ କରୁଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକ ଉପରେ ନଜର ରଖି ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ପ୍ରଶାସନ ନଜରକୁ ଆଣିବା ଉପରେ ଅଧ୍ୟକ୍ଷ ପ୍ରଧାନ ଗୁରୁତ୍ୱାରୋପ କରି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ପିସିପିଏନ୍‌ଡିଟି ଜିଲାସ୍ତରୀୟ ପରାମର୍ଶଦାତା ମଣ୍ଡଳୀ ବୈଠକ**

ସୂଚନାଥାଉ କି, ଜିଲାରେ ଅଲଟ୍ରାସାଉଣ୍ଡ କେନ୍ଦ୍ର ୪୫୭ ପିସିପିଏନ୍‌ଡିଟି ଆକ୍ଟ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ବେଳେ ୨୬୩ଟି କାର୍ଯ୍ୟକ୍ଷମ ରହିଛି। ୧୯୪ କେନ୍ଦ୍ର ବନ୍ଦ ରହିଥିବା ବେଳେ ୧୩ଟି ନାମରେ କେସ୍ ଦାଏର ହୋଇଛି। ଏହି କେନ୍ଦ୍ରଗୁଡ଼ିକ ମଧ୍ୟରେ ଟାଙ୍ଗୀ ବ୍ଲକରେ ୪ଟି, ଜଟଣୀରେ ୭, ବୋଲଗଡ଼ରେ ୧, ବେଗୁନିଆରେ ୧, ବାଲିଅନ୍ତାରେ ୩, ବାଲୁଗାଁରେ ୫ ଏବଂ ଖୋର୍ଦ୍ଧା ସହରରେ ୧୦ଟି କାର୍ଯ୍ୟକ୍ଷମ କରୁଛି। ସେହିପରି ପଲ୍ଲୀକ୍ଲିନିକ୍ ଜଟଣୀକୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ଖୋର୍ଦ୍ଧା ସହରର ନନ୍ଦିଘୋଷ ହସ୍ପିଟାଲର ଅଲଟ୍ରାସାଉଣ୍ଡ ମେଶିନ ଜବତ ଓ ଜଉମୁଦ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏମ୍ ଜାତୀୟ ସ୍ୱାସ୍ଥ୍ୟ ମିଶନ ଶୁଭକାନ୍ତ ଗନ୍ତାୟତ, ଡେପୁଟି କଲେକ୍ଟର ରଞ୍ଜନ କୁମାର ମହାନ୍ତି, ଡା. ରିତାଞ୍ଜଳି ମିଶ୍ର, ସଦସ୍ୟା ଶାନ୍ତିଲତା ମାର୍ଥା, ସଦସ୍ୟ ବି. ବରାଳ, ଡିଏମ୍‌ଆରସିଏଚ୍ ରୋଜାଲିନ ମହାପାତ୍ର, ଡା. ଅଭିଷେକ ସାହୁ, ରଞ୍ଜନ କୁମାର ପାଣି ଏବଂ କମିଟି ସଦସ୍ୟା ସଦସ୍ୟ ଯୋଗଦେଇଥିଲେ।

## ‘ସଫଳତା ପାଇଁ ନିରନ୍ତର ପ୍ରଚେଷ୍ଟା ଜରୁରୀ’


ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଅନ୍ୟ ଅତିଥି।

**ଜଟଣୀ,୧୯।୧୨(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ସ୍ପନ୍ଦନ-୨୦୨୫’ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ସ୍ପନ୍ଦନର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତାଭାବେ ନାଇଜର ଭୁବନେଶ୍ୱରର ପଦାର୍ଥ ବିଜ୍ଞାନର ସହକାରୀ ପ୍ରଫେସର ଡ. ତପନ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏଚପିସିଏଲ ଭୁବନେଶ୍ୱର(ଜଟଣୀ) ପ୍ଲାଣ୍ଟର ସିନିୟର ପ୍ଲାଣ୍ଟ ମ୍ୟାନେଜର ଅନିଶ ରଞ୍ଜନ ଦେବ ଏବଂ ତହସିଲଦାର ଶିବାଶିଷ ପରିଡା ଉପସ୍ଥିତ ଥିଲେ। ଆୟୋଜକ ବିଦ୍ୟାଳୟର ପ୍ରିନ୍ସିପାଲ ଜ୍ୟୋତ୍ସ୍ନା ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସଫଳତା ପାଇଁ ନିରନ୍ତର ପ୍ରଚେଷ୍ଟା ଜରୁରୀ ବୋଲି ମତପ୍ରକାଶ ପାଇଥିଲା।

ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଲୋପାମୁଦ୍ରା ପ୍ରିୟଦର୍ଶିନୀ, ସୁମିତ୍ରା ସାବତ, ଅନ୍ନଦା ଜସ୍ମିନ, ହରେକୃଷ୍ଣ ମହାପାତ୍ର, ଶୁଭସୀମା ପାଣିଗ୍ରାହୀ, ନିରୁପମା ପ୍ରଧାନ, ସ୍ୱାଗତିକା ତରାଇ, ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ, ମିନତୀ ମହାପାତ୍ର, ବିଷ୍ଣୁପ୍ରିୟା ବଳିୟାରସିଂହ, ପୁଣ୍ୟପ୍ରଭା ରଥ, ସ୍ମିତା ସୁରଦର୍ଶନୀ, ବର୍ଷା ପ୍ରିୟଦର୍ଶିନୀ, ଅନନ୍ୟା ରଥ, ଦୁଃଶାସନ ଲେଙ୍କା, ବିଶାଖା ନାୟକ, ଆଶୁତୋଷ ଦାଶ, ଦୀପ୍ତିମୟୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଟାଙ୍ଗୀ,୧୯।୧୨(ରଘୁନାଥ ସାହୁ)**

ବଡ଼ପାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟ ବକ୍ତା ପୂର୍ବତନ ସମ୍ପାଦକ ପଠାଣି ସୁନ୍ଦରାୟ, ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି ଅନନ୍ତ ଚରଣ ପରିଡ଼ା, ସଦସ୍ୟ ଜାନକି ବିଶ୍ୱାଳ, ରଞ୍ଜୁବାଳା ଦାସ ପ୍ରମୁଖ ଯୋଗଦେଇ କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ପ୍ରଭାକର ଜୟସିଂ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଶଶିକାନ୍ତ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଖୋର୍ଦ୍ଧା,୧୯।୧୨(ବୁଲା ବାରିକ)**



ଖୋର୍ଦ୍ଧା ନିକଟବର୍ତ୍ତୀ କୁମାରବସ୍ତ ଗ୍ରାମର ଦେବକୀ ଶ୍ରୀଚନ୍ଦନଙ୍କ ୯୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ବନ୍ଧୁବତ୍ସଳ ଓ ଧର୍ମପରାୟଣ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ କାମନା କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ସମ୍ପର୍କୀୟ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ କୈଳାସ ଶ୍ରୀଚନ୍ଦନ ମୁଖାଗ୍ନି ଦେଇଥିଲେ।

### ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ବେଗୁନିଆ,୧୯।୧୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଡାବାଡ଼ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ବକ୍ତା, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବେହେରା ଏବଂ ପରିଚାଳନା କମିଟି ସଭାପତି ପ୍ରଭାତ ନାୟକ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିବା ସହ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ଥିଲେ। ୨୦୨୪- ୨୫ ଶିକ୍ଷା ବର୍ଷରେ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ଏ-୧ରେ ପାସ କରିଥିବା ଛାତ୍ର ସୌମ୍ୟ ରଞ୍ଜନ ଦୀକ୍ଷିତ, ସୌମ୍ୟାଶ୍ରୀ ଦାଶ, ପ୍ରଜ୍ଞା ପରମିତା ବେହେରା ଓ ଚଳିତ ବର୍ଷ ବୈତରଣୀ ହାଉସର୍ ଶ୍ରେଷ୍ଠ ଛାତ୍ର ଭାବେ ସତ୍ୟବ୍ରତ ପାଣିଗ୍ରାହୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ମାନସ କୁମାର ସେଠୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ‘ଭାରତୀୟ ନୀତି ଶାସ୍ତ୍ରର ଆଦର୍ଶ ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନ’ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୧୯।୧୨(ପ୍ରଭାତ ପାଣିଗ୍ରାହୀ)**

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ଦର୍ଶନ ଶାସ୍ତ୍ରର ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ‘ଭାରତୀୟ ନୀତି ଶାସ୍ତ୍ରର ଆଦର୍ଶ ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ବିନ୍ଦୁଶ୍ରୀ ମିଶ୍ର ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ନନ୍ଦିତା ଛୋଟରାୟ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଫେସର ଆଦିତ୍ୟ ମହାନ୍ତି ଆଲୋଚ୍ୟ ପ୍ରସଙ୍ଗର ବିଭିନ୍ନ ଦିଗରେ ଉପରେ ଆଲୋକପାତ ସହ ପିଲାଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ଭାରତୀୟ ଦର୍ଶନ ଶାସ୍ତ୍ର ଅତି ଉଚ୍ଚକୋଟୀର, ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଛି। ବିଭାଗୀୟ ଛାତ୍ରୀଛାତ୍ରଙ୍କ ସମେତ ସ୍ନାତକୋତ୍ତର ବିଦ୍ୟାର୍ଥୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ.ପ୍ରତାପ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଡ.ପ୍ରିୟବ୍ରତ ମହାନ୍ତି, ଡ. ପ୍ରଦୀପ କୁମାର ମହାପାତ୍ର, ପ୍ରାଧ୍ୟାପକ ପ୍ରମୋଦ କୁମାର ସାମଲ, ପ୍ରାଧ୍ୟାପକ ପ୍ରଶାନ୍ତ ପାଣିଗ୍ରାହୀ, ପ୍ରାଧ୍ୟାପିକା ଗୀତା ପଟ୍ଟନାୟକଡ. ଅଜୟ କୁମାର ମିଶ୍ର, ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ, ସୁକୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୁଷ୍ପିତା ତ୍ରିପାଠୀ ଏବଂ ଡ.ରଶ୍ମି ନାୟକ ସଂଯୋଜନା କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବେଗୁନିଆ,୧୯।୧୨(ସନ୍ଧ୍ୟାରାଣୀ ମିଶ୍ର)**

ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ବେଗୁନିଆରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ପୌରାହିତ୍ୟ ଏବଂ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଗାୟତ୍ରୀ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ପ୍ରତାପ ରଥ ମୁଖ୍ୟ ଅତିଥି, ସାଧନକେନ୍ଦ୍ର ସଂଯୋଜକ ସରୋଜ ବେହେରା, ମୁଖ୍ୟବକ୍ତା ପୂର୍ବତନ କ୍ରୀଡା ଶିକ୍ଷକ ପ୍ରଭାତ ମହାରଣା, ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା ପୁଷ୍ପଲତା ଜୟସିଂହ, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନର ଅଧ୍ୟକ୍ଷ ମାୟାଧର ମାର୍ଥା, ଉପାଧ୍ୟକ୍ଷ ଭବାନୀ ଶଙ୍କର ଜୟସିଂହ, ସିଆର୍‌ସିସି ସୂର୍ଯ୍ୟନାରାୟଣ ପଣ୍ଡା, ମାନସ ରଞ୍ଜନ କର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୌମ୍ୟରଞ୍ଜନ ସାହୁ ସ୍ୱାଗତ ଭାଷଣ, ସ୍ମୃତିସ୍ମିତା ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶୁଭଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ପ୍ରଭାତ କୁମାର ନିଶଙ୍କଙ୍କ ତତ୍ତ୍ୱାବଧାନ ଏବଂ ମୋହିନୀକାନ୍ତ ଦାଶ, ଆଶା ମୁର୍ମୁ, ସୁନିତା ପୃଷ୍ଟି, ବିଜୟଲକ୍ଷ୍ମୀ ସାମନ୍ତରାୟ ରିଣା ରଶ୍ମି ପାଇକରାୟ, ସସ୍ମିତା ସାହୁ ଓ ଲକ୍ଷ୍ମୀପ୍ରିୟା ତ୍ରିପାଠୀ ବିଚାରକଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। କନିଷ୍ଠ ଓ ବରିଷ୍ଠ ବାଳକ ବିଭାଗରେ ଯଥାକ୍ରମେ ଏସ୍.କେ ଜୁନେଜ ରହେମାନ ଓ ରାକେଶ ପ୍ରଧାନ, ବାଳିକା ବିଭାଗରେ ଶୁଭଶ୍ରୀ ସାହୁ ଓ ସୁପ୍ରିୟା ନାୟକ ଚାମ୍ପିୟନ ହୋଇଛନ୍ତି। ବିରଞ୍ଚି ନାରାୟଣ ସାହୁ ଏବଂ ବିଶ୍ୱରଞ୍ଜନ ପରିଡା ସହଯୋଗ କରିଥିଲେ।

## ବିଦ୍ୟା ଅଧ୍ୟୟନ ସହ ଖେଳକୁଦ ଜରୁରୀ

**ବୋଲଗଡ଼,୧୯।୧୨(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକ ବାଙ୍କୋଇ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳାଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବବୁଲ ହାସନ ଖାଁ, ସମ୍ମାନିତ ଅତିଥିଭାବେ ବିଆର୍‌ସିସି କୈଳାସ ଚନ୍ଦ୍ର ସ୍ୱାଇଁ, ଏବିଇଓ ଅମିତା ମିଶ୍ର, ଗ୍ରାମ୍ୟବ୍ୟାଙ୍କ ମ୍ୟାନେଜର ଜଗନ୍ନେଶ୍ୱର ବେହେରା, ସରପଞ୍ଚ ରଶ୍ମିତା ରାଉତରାୟ, ସମିତସଭ୍ୟ ରଞ୍ଜନ ଲେଙ୍କା, ମୋ ସ୍କୁଲ ପଞ୍ଚସଖା ଶିକ୍ଷା ସେତୁ ସମ୍ପାଦକ ସୁରେଶ ସାମନ୍ତରାୟ, ସସ୍ମିତା ବଳିୟାରସିଂହ, ସନ୍ତୋଷ ସାମଲ ଯୋଗଦେଇ କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ବରିଷ୍ଠ ଓ କନିଷ୍ଠ ବର୍ଗର ୧୮୪ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସେହିପରି ଟାଙ୍ଗୀ ସାହିସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ, ମୁଖ୍ୟ ବକ୍ତା ଏବିଇଓ ଅମିତା ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଶେଷଦେବ ସ୍ୱାଇଁ, ବାସୁଦେବ ସାମନ୍ତରାୟ, ପ୍ରିୟଦର୍ଶୀ ମହାପାତ୍ର ପ୍ରମୁଖ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିଭା ରଣସିଂହଙ୍କ ବେଦପାଠ ପରେ ଅନୁଷ୍ଠିତ ସଭାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟା ଅଧ୍ୟୟନ ସହ ଖେଳକୁଦ ଜରୁରୀ ବୋଲି ଅତିଥିମାନେ କହିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଖେଳଶିକ୍ଷକ ପ୍ରିୟ ଦେବାଶିଷ ସାମଲଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସ୍ନେହଲତା ବାରିକ, ଶ୍ରଦ୍ଧାଞ୍ଜଳି ସାହୁ, ସୌଦାମିନୀ ଦାସ, ମାନସୀ ବାଳା ସାହୁ, ବିନୋଦିନୀ ସାହୁ, ଭାରତୀ ଦେଇ, ଶିକ୍ଷକ ପ୍ରଭାତ ନିଶଙ୍କ, ଶାନ୍ତନୁ ସାଥୁଆ, ମୁନା ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

## ଶାରୀରିକ, ମାନସିକ ଦକ୍ଷତା ବୃଦ୍ଧି ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ

**ବେଗୁନିଆ,୧୯।୧୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଖେଳ ପଡିଆରେ ଗତ ଗୁରୁବାରରୁ ଶୁଭାରମ୍ଭ ହୋଇଥିବା ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ଦିବାକର ସାହୁ ଅଧ୍ୟକ୍ଷତା କରିଥିଲେ। ମା’ କାଳୀକାଙ୍କ ପୀଠ ପରିସରରୁ ମଶାଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ବାହାରି ଗ୍ରାମ୍ୟ ପରିକ୍ରମା କରିବା ପରେ ଖେଳପଡିଆରେ ପହଞ୍ଚିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମନ୍ମଥ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ ମିର୍ ରହେମତ ଅଲ୍ଲୀ, ଡିଙ୍ଗର କ୍ଲଷ୍ଟର ସଂଯୋଜିକା ରୀନାଞ୍ଜଳି ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶିଶୁଙ୍କ ଶାରିରୀକ ଓ ମାନସିକ ଦକ୍ଷତାକୁ ବୃଦ୍ଧି କରୁଛି କ୍ରୀଡ଼ା ପ୍ରତିଯୋଗିତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ରୀଡା ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ ଏବଂ କାଳୀଚରଣ ଲେଙ୍କା ପରିଚାଳନା କରିଥିଲେ। ବରିଷ୍ଠ ବିଭାଗରେ ଓମ୍ ପ୍ରକାଶ ମହାରଣା ଏବଂ କନିଷ୍ଠ ବିଭାଗରେ ତାପସ ମହାରଣା ଚାମ୍ପିୟନ ହୋଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା, ପୁରସ୍କାର ବିତରଣ ଉତ୍ସବ

**ନିରାକାରପୁର,୧୯।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଲଳିତାପାଟପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପକନିଷ୍ଠ ବର୍ଗରେ ନଅଟି ବିଭାଗ ଓ କନିଷ୍ଠ ବର୍ଗରେ ତେରଟି ବିଭାଗ ଏବଂ ବରିଷ୍ଠ ବର୍ଗରେ ଚଉଦ ବିଭାଗକୁ ପ୍ରାଇଜ ଦିଆଯାଇଥିଲା। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ପଦ୍ମନାଭ ରଥ ବିବରଣୀ ପାଠ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନୀଳକଣ୍ଠ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ସମ୍ମାନିତ ଅତିଥିଭାବେ ଲେଣ୍ଡୋ ସରପଞ୍ଚ ବିନୋଦିନୀ ଦାଶ, ସିଆରସିସି ମଳୟ କୁମାର ମଙ୍ଗରାଜ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଣନିଧି ରାଜଗୁରୁ ମହାପାତ୍ର, ୱାର୍ଡମେମ୍ବର ଅନିତା ସାମନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଞ୍ଚାନନ ସାମନ୍ତରାୟ, ବିଦ୍ୟାଳୟ ଆଲୁମ୍ନି କମିଟି ଅଧ୍ୟକ୍ଷ ଅକ୍ଷୟ ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଧରଣୀଧର ମହନ୍ତରାୟ, ମମତା ବାହିନୀପତି, ଗଦାଧର ସାହୁ, ଲିଙ୍କି ଦାସ ପ୍ରମୁଖ ସହଯୋଗ କରିଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ ରେଙ୍ଗଟାର ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ବିଜୟୀ

**ଯାଁଳା,୧୯।୧୨(ବୁଲା ବାରିକ)**

ମଦନପୁର ହାଇସ୍କୁଲ ଖେଳପଡ଼ିଆରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୪ତମ ମଦନପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଆଫ୍ରିକା ଏକାଦଶକୁ ୨-୧ ଗୋଲରେ ହରାଇ ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ଜଟଣୀ କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ ସମୀର ବିବେଚିତ ହୋଇଥିଲେ।

## ୩୬ ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର


ପରିଚୟପତ୍ର ବଣ୍ଟନ ଅବସରରେ ବରିଷ୍ଠ ନାଗରିକମାନେ।

**ଟାଙ୍ଗୀ,୧୯।୧୨(ରଘୁନାଥ ସାହୁ)**

ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବଳରାମଦେବ ମନ୍ଦିରଠାରେ ଟାଙ୍ଗୀ ଥାନା ପକ୍ଷରୁ ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତଙ୍କ ସଯୋଜନାରେ ସବଇନ୍‌ସ୍ପେକ୍ଟର ପ୍ରଫୁଲ କୁମାର ସାହୁ ଯୋଗଦେଇ ୩୬ଜଣଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ନାରାୟଣ ମହାପାତ୍ର, ଉପଦେଷ୍ଟା ବାଳକୃଷ୍ଣ ମିଶ୍ର, ଲିଙ୍ଗରାଜ ସାହୁ, ରମେଶ କୁମାର ବଳବନ୍ତରାୟ, ରଘୁନାଥ ସାହୁ, ବିଚ୍ଛେନ୍ଦ ଜୟ ସିଂ, ଅଧିକାରୀ ସୁବୁଧି ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ଅରିଶଳ, ଗୁରୁଜଙ୍ଗ ବିଜୟୀ

**ଶୁଭେନ୍ଦୁ ପ୍ରଧାନ, ଅସିତ୍ ପରିଡ଼ା ମ୍ୟାନ ଅଫ୍ ଦି ମ୍ୟାଚ**

**ଯାଁଳା,୧୯।୧୨(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପଳାସପୁର ଏବଂ ଅରିଶଳ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା।

ପଳାସପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୭ଉଇକେଟ ବିନିମୟରେ ୧୪୧ରନ ସଂଗ୍ରହ କରିଥିଲା। ଜବାବରେ ଅରିଶଳ ଟିମ୍ ନିର୍ଦ୍ଧାରିତ ଓଭରରେ ଆବଶ୍ୟକ ରନସଂଗ୍ରହ କରି ବିଜୟୀ ହୋଇଥିଲା। ଶୁଭେନ୍ଦୁ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁଦୀପ୍ତ ମହାନ୍ତି ଏବଂ ଅମରଜିତ୍ ପାଟଶାଣୀ ମ୍ୟାଚ ଚରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଗୁରୁଜଙ୍ଗ ଏବଂ ଯାଁଳା ଟିମ୍ ମଧ୍ୟରେ ହୋଇଥିଲା। ଗୁରୁଜଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରିଥିଲା। ଜବାବରେ ଯାଁଳା ଟିମ୍ ୧୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୧୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅସିତ୍ କୁମାର ପରିଡ଼ା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପରଭେଜ ଖାନ ଏବଂ ବୀରେନ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ।

## ମା’କାମାକ୍ଷା ସ୍ପୋର୍ଟ୍ସ କ୍ଲବ୍ ବକ୍ସର ବିଜୟୀ

**ଟାଙ୍ଗୀ,୧୯।୧୨(ରଘୁନାଥ ସାହୁ)**



କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ମା’କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ଏବଂ ବାରିପଦା କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏହି ମ୍ୟାଚ୍ ଅମୀମାଂସିତ ରହିବା ପରେ ଟ୍ରାଇବ୍ରେକରରେ ୩-୨ ଗୋଲରେ ମା’କାମାକ୍ଷା ସ୍ପୋର୍ଟ୍ସ କ୍ଲବ ବକ୍ସର ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ସାମନ୍ତସିଂହାର, ପୂର୍ବତନ ଜିଲାପରିଷଦ ସଭ୍ୟ ସର୍ବେଶ୍ୱର ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟ କୁମାର ମଙ୍ଗରାଜ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଗୋପାଳ ସାମନ୍ତରାୟ, ଶେଖାୱତ ଖାଁ, ସରୋଜ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ମନୋଜ ମାନସିଂହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶନିବାର ନୟାଗଡ଼ କ୍ରୀଡା ଛାତ୍ରାବାସ ଏବଂ ଚେନ୍ନାଇ ପୋଲିସ ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

**ସର୍ବଭାରତୀୟ୍ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**




୧୯।୧୨।୨୦୨୫

| | |
|---|---|
| ୬,୦୪,୨୧୮ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୫୦ ଗ୍ରାମ୍ |

## ସଂକ୍ଷେପରେ

### ନିମାପଡ଼ା ଜେଲ ପରିଦର୍ଶନ କଲେ ଜିଲା ଜଜ

ନିମାପଡ଼ା,୧୯।୧୨(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ଜଜ୍ ଅଜନ୍ତା ଷଡ଼ଙ୍ଗୀ ଶୁକ୍ରବାର ନିମାପଡ଼ା ଉପକାରାଗାର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ବେଳେ ସେ ଜେଲରେ ଥିବା କଏଦୀମାନଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେ ଜେଲ ପରିବେଶ, ପରିଚ୍ଛନ୍ନତା, ସ୍ୱଚ୍ଛତା, କଏଦୀଙ୍କୁ ଦିଆଯାଉଥିବା ଖାଦ୍ୟ, ସ୍ୱାସ୍ଥ୍ୟସେବା ସମେତ ବିଭିନ୍ନ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ବିଭିନ୍ନ ବ୍ୟବସ୍ଥା, ସ୍ୱଚ୍ଛ ପରିବେଶ ଦେଖି ସେ ସନ୍ତୋଷ ପ୍ରକାଶ କରିଥିବା ଜେଲ ସୂତ୍ରରୁ ଜଣାପଡ଼ିଛି। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ଅତିରିକ୍ତ ଏସ୍‌ପି ସୌମ୍ୟ ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପରିତୋଷ କୁମାର ସେଠୀ, ନିମାପଡ଼ା ଉପକାରାଗାର ଅଧୀକ୍ଷକ ସୁଶାନ୍ତ କୁମାର ରାଉତ, ଅତିରିକ୍ତ ଉପକାରାଗାର ଅଧିକ୍ଷକ ଭବାନୀ ଶଙ୍କର ପୃଷ୍ଟି, ନିମାପଡ଼ା ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ଜଜ୍ ଏବଂ ଅନ୍ୟ ଅତିଥିମାନଙ୍କୁ ଜେଲ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା।

### ଏନ୍‌ଆର୍‌ଟିଏସ୍ ପରୀକ୍ଷା ବ୍ଲକସ୍ତରରେ ଶୁଭମ ଶୁଭ୍ରଜିତ୍ ପ୍ରଥମ

ଗୋପ,୧୯।୧୨ (ଭାରତୀ ଭୂଷଣ ଉପାଧ୍ୟାୟ)



ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ପଞ୍ଚାୟତ ହନ୍ତସରା ନିକଟସ୍ଥ ମା' ଭୂଆଶୁଣି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଶୁଭମ ଶୁଭ୍ରଜିତ୍ ଲେଙ୍କା ଚଳିତ ବର୍ଷ ଏନ୍‌ଆର୍‌ଟିଏସ୍ ପରୀକ୍ଷାରେ ବ୍ଲକ୍‌ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାପାଙ୍କ ଦେହାନ୍ତ ପରେ ପରିବାରର ଏକମାତ୍ର ପୁତ୍ର ପରିବାରର ଅଭାବ ଅସୁବିଧା ସତ୍ତ୍ୱେ ଭବିଷ୍ୟତରେ ଜଣେ ଶୃଙ୍ଖଳିତ, ଚରିତ୍ରବାନ ମଣିଷ ହେବାକୁ ଚେଷ୍ଟା ଜାରି ରଖିଥିବା ଗାଇଡ୍ ଶିକ୍ଷକ ଉମେଶ ଚନ୍ଦ୍ର ବିଶ୍ୱାଳ କହିଛନ୍ତି। ସେ କେବଳ ଶିକ୍ଷା ନୁହେଁ ବିଭିନ୍ନ ସମୟରେ ବ୍ଲକ ସ୍ତରରେ ଓ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଚଳିତ ବର୍ଷ ଶୁଭମ ବ୍ଲକ୍‌ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିବା ପରେ ପ୍ରଧାନଶିକ୍ଷକ ବିଭୁଦତ୍ତ ନାୟକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଓରେଇ ସ୍କୁଲର କ୍ରୀଡ଼ା ଶିକ୍ଷକ ଜୟନ୍ତ କୁମାର ରାୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶ୍ରମିକ ନୁହେଁ, ସମୃଦ୍ଧି ପଥରେ ଶିଶୁଙ୍କୁ ନେବା ଶିଶୁ ଅଧିକାର

ପୁରୀ,୧୯।୧୨(ଅଜିତ୍ କୁମାର ମହାନ୍ତି)



ଶିଶୁ ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଉପଯୁକ୍ତ ଶିକ୍ଷାଲାଭ କରି ଦେଶ ବିକାଶର ସୂତ୍ରଧର ସାଜିବାକୁ ରାଜ୍ୟ ଶିଶୁ ଅଧିକାର ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଟାଉନ୍ ହଲ ଠାରେ ୩ ଦିନିଆ ନାନୋ ଇଣ୍ଟରନ୍ୟାସନାଲ ଚିଲ୍ଡ୍ରେନ ଫିଲ୍ମ ଫେଷ୍ଟିଭାଲ ଅନ ଚାଇଲ୍ଡ ରାଇଟ୍‌ସ ବା ଶିଶୁ ଅଧିକାର ସମ୍ପର୍କରେ ନାନୋ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ପାତ୍ର ପ୍ରତ୍ୟେକ ଶିଶୁ ଅମୃତର ସନ୍ତାନ। ସେମାନଙ୍କର ଏକ ସୁନ୍ଦର ଭବିଷ୍ୟତ ଅଛି। ସେମାନେ ଆମ ରାଷ୍ଟ୍ରର ଅମୂଲ୍ୟ ସମ୍ପଦ। ସେମାନଙ୍କୁ ଆମେ ସୁରକ୍ଷା ଦେବା, ସେମାନଙ୍କ ପ୍ରତିଭା ବିକାଶରେ ସହାୟକ ହେବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ପାଇଁ ଆଇନରେ ଅନେକ ପ୍ରାବଧାନ ରହିଛି।

ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଅଧିକାର ଆୟୋଗର ସଦସ୍ୟ କଳ୍ପନା ଲେଙ୍କା, କସ୍ତୁରୀ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଟାଉନ୍ ଥାନା ଆଇଆଇସି ଗୋକୁଳ ଦାସ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପ୍ରାକ୍ତନ ନଗରପାଳ ଗୌରହରି ପ୍ରଧାନ, ନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିବା ସହ ଶିଶୁ ଚଳଚ୍ଚିତ୍ର ମାଧ୍ୟମରେ ପିଲାଙ୍କ ବୌଦ୍ଧିକ ଓ ମାନସିକ ବିକାଶ ବୁଦ୍ଧିମନ୍ତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଆୟୋଜକ ସଞ୍ଜୀବ କୁମାର ରଥଶର୍ମା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ୩ ଦିନ ମଧ୍ୟରେ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ପିଲା ୩୦୦ରୁ ଊର୍ଦ୍ଧ୍ୱ ଶିକ୍ଷଣୀୟ ଶିଶୁ ଚଳଚ୍ଚିତ୍ର ଦେଖିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନ ହାପିନେସ ଫାଉଣ୍ଡେଶନର ସ୍ୱେଚ୍ଛାସେବୀ ଶୃଙ୍ଖଳା ରକ୍ଷା କରିଥିଲେ।

## ସମର୍ପିତ, ସମର୍ପଣ ଭାବ ରଖି ସେବାକଲେ ପୂର୍ଣ୍ଣତା ମିଳେ

ପୁରୀ,୧୯।୧୨(ଅଜିତ୍ କୁମାର ମହାନ୍ତି)

**ବିକଶିତ ଓଡ଼ିଶା -୨୦୩୬ ଭିଜନ୍ ସମାରୋହ**

ଓଡ଼ିଶା ସ୍ୱେଚ୍ଛାସେବୀ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଜିଲା ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ବିକଶିତ ଓଡ଼ିଶା–୨୦୩୬ ଭିଜନ୍ ଏବଂ ରାଜ୍ୟସ୍ତରୀୟ ଉତ୍କଳମଣି ସେବାସମ୍ମାନ ପ୍ରଦାନ ସମାରୋହ ସଂସ୍କୃତି ଭବନ ଠାରେ ସଂଘର ଅଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ହରିହର କାନୁନଗୋ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁରୀ ବାର୍ ଆସୋସିଏଶନର ପୂର୍ବତନ ସଭାପତି ବିଜୟ କୁମାର ମିଶ୍ର, କ୍ୟାପଟେନ୍ ସଞ୍ଜୀବ କୁମାର ମୁଦୁଲି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ମାନବ ସେବା ହିଁ ମାଧବ ସେବା ଓ ସେବାରେ ଆନନ୍ଦ ଥାଏ ଓ ଦେବା ହିଁ ସେବା ଓ ନେବା କେବେ ସେବା ହୋଇ ନ ପାରେ ଓ ସେବା ସବୁବେଳେ ସମର୍ପିତ ଓ ସମର୍ପଣ ଭାବ ନ ରହିଲେ ସେବାକୁ ପୂର୍ଣ୍ଣତା ମିଳେନାହିଁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ସଂଘର ମୁଖ୍ୟ ଉପଦେଷ୍ଟା ଅମରବର ବିଶ୍ୱାଳ, ଚାନ୍ଦମଣି ଦେଇ, ପ୍ରଧାନ ଧୀରେନ୍ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦିକା ସନ୍ଧ୍ୟାରାଣୀ ରଥ ବିବରଣୀ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱେଚ୍ଛାସେବୀ ଓ ସଂଗଠକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ସଂଗଠକ ଲକ୍ଷ୍ମୀ ନାରାୟଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୃଷ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।


ସମୁଦ୍ରକୂଳ ଥାନା ପକ୍ଷରୁ ଶୁକ୍ରବାର ସଦ୍‌ଭାବନା ଗୃହରେ ଆୟୋଜିତ ରକ୍ତଦାନ ଶିବିରରେ ଏସ୍‌ପି ପ୍ରତୀକ ସିଂ ଏବଂ ଅନ୍ୟ ପୋଲିସ ଅଧିକାରୀ ।

## ରକ୍ତଦାନ ଶିବିର: ୧୦୪ ୟୁନିଟ୍ ସଂଗ୍ରହ

ପୁରୀ,୧୯।୧୨(ଅଜିତ୍ କୁମାର ମହାନ୍ତି)

ସମୁଦ୍ରକୂଳ ଥାନା ପକ୍ଷରୁ ଶୁକ୍ରବାର ସଦ୍‌ଭାବନା ଗୃହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଏସ୍‌ପି ପ୍ରତୀକ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ସାଧାରଣ ଜନତା, ପୋଲିସ, ସାମାଜିକ ସଂଗଠନ ଓ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉଦ୍‌ଘାଟନ ସମୟରେ ଏସ୍‌ପି କହିଛନ୍ତି, ରକ୍ତଦାନ ମହତଦାନ ଏବଂ ଏହା ଦ୍ୱାରା ଅନେକ ମୂଲ୍ୟବାନ ଜୀବନକୁ ବଞ୍ଚାଇ ହେବ। ପୋଲିସ କେବଳ ଆଇନ ଓ ଶୃଙ୍ଖଳା ରକ୍ଷାରେ ସୀମିତ ନୁହେଁ, ସାମାଜିକ ଦାୟିତ୍ୱ ଓ ମାନବିକ ସେବାରେ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛି। ଭବିଷ୍ୟତରେ ଏପରି ସାମାଜିକ ଓ ସ୍ୱାସ୍ଥ୍ୟମୂଳକ କାର୍ଯ୍ୟକ୍ରମ ଆହୁରି ଅଧିକ ଆୟୋଜନ କରାଯିବ ବୋଲି କହିଥିଲେ। ଏହି ଅବସରରେ ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ୍ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ସି ବିଚ୍ ଥାନା ଆଇଆଇସି ମାନସ ଚକ୍ର, ସିଂହଦ୍ୱାର ଥାନା ଆଇଆଇସି ଶ୍ୱେତପଦ୍ମା ଦାଶ, ବାଳିଆପଣ୍ଡା ଥାନା ଆଇଆଇସି ସଂଗୀତା ଦାଶ ଓ ତାଳବଣିଆ ଥାନା ଆଇଆଇସି ଗୀତାଞ୍ଜଳି ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଅଧିକାରୀ ଓ କର୍ମଚାରୀ ରକ୍ତଦାତାଙ୍କୁ ଏସ୍‌ପି ଉତ୍ସାହିତ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ରକ୍ତଦାତା, ସହଯୋଗୀ ସଂଗଠନ ଓ ଚିକିତ୍ସକ ଦଳକୁ ପୁରୀ ପୋଲିସ ପକ୍ଷରୁ ଧନ୍ୟବାଦ ଜଣାଇବା ସହ ମାନପତ୍ର ଦିଆଯାଇଥିଲା।

## 'ପ୍ରୟାସ'ର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା ।

ସାକ୍ଷୀଗୋପାଳ,୧୯।୧୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ଅଞ୍ଚଳର ପ୍ରୟାସ ପରିବାର ପକ୍ଷରୁ ବନ୍ଧୁମିଳନ ଓ ସାଂଗଠନିକ ବୈଠକ ଶୁକ୍ରବାର ସ୍ଥାନୀୟ ଚଣ୍ଡୀମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ସଭାପତି ତଥା ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦେବ ଅଧ୍ୟକ୍ଷତା କରିଥିଲେ। ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ୨୪ଟି ପଞ୍ଚାୟତର ଶତାଧିକ ମହିଳା ଓ ଯୁବ କର୍ମକର୍ତ୍ତା ଯୋଗଦେଇଥିଲେ। କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ପ୍ରକୃତ ହିତାଧିକାରୀ ଯେପରି ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇପାରିବେ ସେଥିପାଇଁ ତୃଣମୂଳ ସ୍ତରରେ ସଂଗଠନ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ସମ୍ପାଦକ କାମାକ୍ଷା ପ୍ରଧାନ କହିଥିଲେ। ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଆଗକୁ କାମ କରିବାକୁ ସଭାରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସତ୍ୟବାଦୀ ବ୍ଲକର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରାତ୍ପୂର୍ଣ୍ଣ ହୋତା ସଭାପତି, ଉମେଶ ଚନ୍ଦ୍ର ମାଝୀ ଉପସଭାପତି, ନୀଳାଦ୍ରି ପ୍ରଧାନ ସମ୍ପାଦକ, ୩୧ ନଂ ଜୋନ ସମ୍ପାଦକ ସଞ୍ଜୟ କୁମାର ସାହୁ, ରାଜନୈତିକ କମିଟି ଓ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ଗଙ୍ଗାଧର ଛାଟୋଇଙ୍କୁ ମନୋନୀତ କରାଯାଇଛି। ବିଶ୍ୱଜିତ ବଡ଼ଜେନା ସଭା ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ ବେହେରା ଧନ୍ୟବାଦ ଦେଇଥିଲେ।

# ବାହାରୁ ମେଡିସିନ୍ କିଣିବାକୁ ବାଧ୍ୟ କରାଯାଉଥିବା ଅଭିଯୋଗ

ପୁରୀ,୧୯।୧୨(ଅଜିତ୍ କୁମାର ମହାନ୍ତି

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପକାଶ ପାଇଛି। କେତେବେଳେ ରୋଗୀଙ୍କୁ ଠିକ୍ ଭାବେ ଚିକିତ୍ସା ମିଳୁନାହିଁ ତ ପୁଣି କେତେବେଳେ ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତ ରହୁଛନ୍ତି। ଏପରିକି ଡାକ୍ତର ଅନେକ ସମୟରେ ଭୁଲ୍ ଔଷଧ ଲେଖିଥିବା ମଧ୍ୟ ନଜିର ରହିଛି। ଶୁକ୍ରବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଦାୟୀତ୍ୱରେ ଥିବା ଡାକ୍ତର ମେଡିକାଲ ସମ୍ମୁଖରେ ଥିବା ଔଷଧ ଦୋକାନରୁ ଔଷଧ କିଣିବାକୁ ରୋଗୀଙ୍କୁ ବାଧ୍ୟ କରିଥିବା ନେଇ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରତାପ କୁମାର ଜୁହାରସିଂ ନାମକ ଜଣେ ବ୍ୟକ୍ତି ଚିକିତ୍ସା ନିମନ୍ତେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତର ମେଡିସିନ ଲେଖି ତାଙ୍କୁ ଆଣିବା ପାଇଁ ପଠାଇଥିଲେ। ପ୍ରତାପ ଜନଔଷଧି କେନ୍ଦ୍ରରୁ ମେଡିସିନ ଆଣି ଡାକ୍ତରଙ୍କୁ ଦେଖାଇବାରେ ସେ କହିଥିଲେ ଯେ, ଜନଔଷଧୀ କେନ୍ଦ୍ରର ଔଷଧ କାମ କରୁନି। ତେଣୁ ମେଡିକାଲ ସମ୍ମୁଖରେ ଥିବା ଦୋକାନରୁ ଔଷଧ ଆଣିବାକୁ କହିଥିଲେ। ଏନେଇ ରୋଗୀ ଜଣଙ୍କ ସିଡିଏମ୍‌ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ସିଡିଏମ ଏ ଘଟଣା ସମ୍ପର୍କରେ ଅବଗତ ହେବା ପରେ ନିରାମୟ କେନ୍ଦ୍ରରୁ ରୋଗୀଙ୍କୁ ମେଡିସିନ ଦିଆଯାଇଥିଲା। ଏପରି ଘଟଣାକୁ ନେଇ ସମ୍ପୃକ୍ତ ଡାକ୍ତରଙ୍କୁ ମେଡିସିନ ଦୋକାନୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବା କୁହାଯାଉଛି। ସଂପ୍ରୃକ୍ତ ଡାକ୍ତର କମିଶନ ରଖି ଜାଣିଶୁଣି ରୋଗୀଙ୍କୁ ନିରାମୟ ଔଷଧ ନ ଲେଖି ବାହାର ଔଷଧ ଲେଖିଛନ୍ତି। ଏପରି ଘଟଣା ପ୍ରଥମ ନୁହେଁ, ଆଗରୁ ମଧ୍ୟ ସଂପୃକ୍ତ ଡାକ୍ତରଙ୍କ ନାମରେ ଅନେକ ଅଭିଯୋଗ ଆସିଛି। ଅପରପକ୍ଷରେ ଦୀର୍ଘବର୍ଷ ଧରି ଡାକ୍ତର ପୁରୀ ମେଡିକାଲରେ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କର ଅନ୍ୟତ୍ର ମଧ୍ୟ ସ୍ଥାନାନ୍ତର କରାଯାଉ ନାହିଁ। ଏହାକୁ ନେଇ ଡାକ୍ତର ତାଙ୍କର ମନମୁଖି କାର୍ଯ୍ୟ ଜାରି ରଖିଥିବା ସାଧାରଣରେ ଅଭିଯୋଗ ହେଉଛି।

## ଔଷଧୀୟ ବୃକ୍ଷ ଉଦ୍ୟାନ, ସାମର୍ଥ୍ୟ ବିକାଶ କର୍ମଶାଳା

ନିମାପଡ଼ା,୧୯।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଏବଂ ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ, ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରାୟୋଜିତ କାର୍ଯ୍ୟକ୍ରମ 'ଔଷଧୀୟ ବୃକ୍ଷ ଉଦ୍ୟାନ ଓ ସାମର୍ଥ୍ୟ ବିକାଶ କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିଥି ଭାବେ ବିଭାଗୀୟ ମୁଖ୍ୟ ରଶ୍ମିରଞ୍ଜନ ପାଣି, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ରନାଥ ପାଢ଼ୀ, ସାଙ୍ଗଠନିକ ସମ୍ପାଦକ ଡ. ରମାକାନ୍ତ ମିଶ୍ର, ପ୍ରଫେସର ଡ. କୁଞ୍ଜବିହାରୀ ଶତପଥୀ, ପ୍ରଫେସର ଡ. ଗୋପାଳ ଚନ୍ଦ୍ର ନନ୍ଦ, ଡ. ଆଶୀର୍ବାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଔଷଧୀୟ ବୃକ୍ଷ ରୋପଣ, ରକ୍ଷଣାବେକ୍ଷଣ ଓ ବ୍ୟବହାର ସମ୍ପର୍କରେ ତଥ୍ୟ ପ୍ରଦାନ, ଔଷଧୀୟ ବୃକ୍ଷର ଚାଷ ପ୍ରଣାଳୀ ଏବଂ ବିଭିନ୍ନ ପ୍ରଜାତି ବୃକ୍ଷର ଔଷଧୀୟ ଗୁଣାବଳୀ ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ସୁରେଶ କୁମାର ବେହେରାଙ୍କ ସମେତ ବିଭାଗୀୟ ଅଧ୍ୟାପକ ଓ ୮୦ ଜଣ ଛାତ୍ରୀଛାତ୍ର କର୍ମଶାଳାରେ ଯୋଗଦେଇଥିଲେ।


କଲେଜ ପରିସରରେ ଔଷଧୀୟ ଚାରା ରୋପଣ କରାଯାଉଛି ।

# କ୍ରିସ୍‌ମାସ, ନବବର୍ଷ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା, ନାକାବନ୍ଦୀ

ପୁରୀ୧୯।୧୨(ଅଜିତ୍ କୁମାର ମହାନ୍ତି)

ଆସନ୍ତା କ୍ରିସ୍‌ମାସ ଓ ନବବର୍ଷ ଅବସରରେ ପୁରୀ ଜିଲାକୁ ବହୁସଂଖ୍ୟକ ପର୍ଯ୍ୟଟକ, ଶ୍ରଦ୍ଧାଳୁ ଓ ସାଧାରଣଜନତାଙ୍କ ଆଗମନ ହେବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ସାର୍ବଜନୀନ ସୁରକ୍ଷା, ଆଇନ ଓ ଶୃଙ୍ଖଳା ବଜାୟ ରଖିବା, ଅପରାଧ ନିୟନ୍ତ୍ରଣ ଓ ଅପ୍ରୀତିକର ଘଟଣା ପ୍ରତିରୋଧ ନିମନ୍ତେ ପୁରୀ ପୋଲିସ୍ ପକ୍ଷରୁ ସମ୍ପୂର୍ଣ୍ଣ ଜିଲାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଉତ୍ସବ ସମୟରେ ପୁରୀ ସହର ସହିତ ସମସ୍ତ ପୋଲିସ୍ ଥାନା ଅଞ୍ଚଳ, ପର୍ଯ୍ୟଟନସ୍ଥଳ, ସମୁଦ୍ରତଟ, ଭିଡ଼ ହେବାର ସମ୍ଭାବନା ଥିବା ସ୍ଥାନ, ହୋଟେଲ, ଲଜ୍, ଧର୍ମଶାଳା, ବସ୍‌ଷ୍ଟାଣ୍ଡ, ରେଲ୍‌ୱେ ଷ୍ଟେଶନ ଓ ମୁଖ୍ୟ ସଡ଼କ ମାର୍ଗରେ ପୋଲିସ୍ ମୁତୟନ କରାଯାଇଛି। ପୁରୀ ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ତଥା ଜଗନ୍ନାଥମନ୍ଦିର, ସମୁଦ୍ରକୁଳ, ସାତପଡ଼ା, କୋଣାର୍କ, ରାମଚଣ୍ଡୀ ମନ୍ଦିର, ବଳିହରୀଚଣ୍ଡୀ ମନ୍ଦିର, ବିଶ୍ୱନାଥ ମୁଣ୍ଡିଆ, ରଘୁରାଜପୁର, ପୀର ଜାହାନିଆ, ପ୍ରବେଶ ଓ ପ୍ରସ୍ଥାନ ପଥ, ସୀମାଞ୍ଚଳ ଅଞ୍ଚଳ, ସମୁଦ୍ରତଟ ନିକଟ ଏବଂ ସହରର ମୁଖ୍ୟ ଛକ ଗୁଡ଼ିକରେ ନିୟମିତ ନାକାବନ୍ଦୀ କରାଯାଉଛି। ଏଥିସହିତ ସମସ୍ତ ପ୍ରକାର ଯାନବାହନର ଯାଞ୍ଚ, ଡକ୍ୟୁମେଣ୍ଟ ଭେରିଫିକେସନ୍, ହେଲମେଟ୍, ସିଟ୍‌ବେଲ୍ଟ, ମଦ୍ୟପାନ କରି ଗାଡ଼ି ଚାଳନା ଓ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଉପରେ କଡ଼ା ନଜର ରଖାଯାଉଛି। ସହର ଓ ଗ୍ରାମାଞ୍ଚଳରେ ଫୁଟ୍ ପାଟ୍ରୋଲିଂ, ମୋବାଇଲ୍ ପାଟ୍ରୋଲିଂ ଓ ନାଇଟ୍ ପାଟ୍ରୋଲିଂ ବଢ଼ାଯାଇଛି। ସନ୍ଦେହଜନକ ବ୍ୟକ୍ତି ଓ ଗତିବିଧି ଉପରେ କଡ଼ା ନଜର ରଖାଯାଉଛି। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଯାଞ୍ଚ ସମୟରେ ପୋଲିସ୍‌କୁ ସହଯୋଗ କରନ୍ତୁ, ଆବଶ୍ୟକ ଡକ୍ୟୁମେଣ୍ଟ ସହ ଯାତ୍ରା କରନ୍ତୁ ଓ ଟ୍ରାଫିକ୍ ନିୟମ ମାନନ୍ତୁ। କୌଣସି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ବ୍ୟକ୍ତି ବିଷୟରେ ତତ୍‌କ୍ଷଣାତ ନିକଟସ୍ଥ ପୋଲିସ୍ ଥାନା କିମ୍ବା ୧୧୨କୁ ସୂଚନା ଦେବାକୁ ଅନୁରୋଧ କରିଛନ୍ତି। ପୁରୀ ପୋଲିସ୍ ସମସ୍ତଙ୍କ ସହଯୋଗରେ ଏହି ଉତ୍ସବ ଋତୁକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୁଖଦ କରିବା ପାଇଁ ପ୍ରତିବଦ୍ଧ।

# ସୌରଶକ୍ତି ଚାଳିତ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ପୁରୀ,୧୯।୧୨(ଅଜିତ୍ କୁମାର ମହାନ୍ତି)

ସ୍ୱାସ୍ଥ୍ୟସେବା ଭିତ୍ତିଭୂମି କ୍ଷେତ୍ରରେ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ କମଳାଦେବୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୌରଶକ୍ତି ଚାଳିତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅକ୍ଷୟ ଶକ୍ତି ମାଧ୍ୟମରେ ଉନ୍ନତ ସ୍ୱାସ୍ଥ୍ୟସେବାକୁ ପ୍ରସାହିତ କରିବାରେ ସେଲ୍‌କୋ ଫାଉଣ୍ଡେଶନ ଏବଂ କୋଲେ କମ୍ପାନୀର ସାମାଜିକ ଉତ୍ତରଦାୟିତ୍ୱ ଏବଂ ଜିଲା ପ୍ରଶାସନର ସହଭାଗୀତାର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସରକାର, ଜିଲା ପ୍ରଶାସନ, ସେଲ୍‌କୋ ଫାଉଣ୍ଡେଶନ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ତଥା ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଯୋଗଦେଇ ସୌରଶକ୍ତିର ସଦୁପଯୋଗ କରି ସ୍ୱାସ୍ଥ୍ୟସେବାକୁ ସମୃଦ୍ଧ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ପୁରୀରେ ଥିବା ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକୁ ସୌରଶକ୍ତି ଦ୍ୱାରା ପରିଚାଳନା ଉପରେ ପଦକ୍ଷେପ ନେବାକୁ କୋନେର ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଯୁଗ୍ମ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ବସନ୍ତ କୁମାର ପ୍ରଧାନ, କୋନେର ବରିଷ୍ଠ ଆଞ୍ଚଳିକ ମହାପ୍ରବନ୍ଧକ (ପୂର୍ବ) ବୋରାଟ ୱାଇ, ଏନ୍, କମ୍ପାନୀର ସାମାଜିକ ଉତ୍ତରଦାୟିତ୍ୱ ମୁଖ୍ୟ ରୁଫସ୍ ଡେଭିଡସନ୍, ଡେପୁଟି ଜେନରେଲ ମ୍ୟାନେଜର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏବଂ ସେଲକୋ ଫାଉଣ୍ଡେଶନର ସୁରଭି ରାଜଗୋପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ସୌର ଶକ୍ତି ଚାଳିତ ସ୍ୱାସ୍ଥ୍ୟସେବା ସହାୟତାର ସକାରାତ୍ମକ ପ୍ରଭାବ ଏବଂ ଭବିଷ୍ୟତର ସମ୍ଭାବନା ବିଷୟରେ ଆଲୋଚନା କରିବା ପାଇଁ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକର ପ୍ରତିନିଧିଙ୍କ ସହିତ ଆଲୋଚନା କରାଯାଇଥିଲା।


ସୌର ଶକ୍ତି ଚାଳିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

# 'ସଂଘବାଦ ଭାରତୀୟ ଏକତାର ମୂଳମନ୍ତ୍ର'

ସାକ୍ଷୀଗୋପାଳ,୧୯।୧୨(ଭରତ ରାଉତ)



ଆଲୋଚନାଚକ୍ରରେ ଅତିଥିଙ୍କ ସହ ବିଦ୍ୟାର୍ଥୀମାନେ ।

ଉତ୍କଳମଣିଗୋପବନ୍ଧୁସ୍ମୃତିମହାବିଦ୍ୟାଳୟର ସଭାଗୃହରେ ଗୁରୁବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଭାରତରେ ସଂଘବାଦ: ଏହାର ସାମ୍ବିଧାନିକ ପ୍ରତିଶ୍ରୁତି ବନାମ ରାଜନୈତିକ ବାସ୍ତବତା' ଶୀର୍ଷକ ସମ୍ମାନ ଆୟୋଜିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏବଂ ମୁଖ୍ୟବକ୍ତା ଭାବେ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଜେନା ଯୋଗଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରତ୍ନାକର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ 'ସଂଘବାଦ ଭାରତୀୟ ଏକତାର ମୂଳମନ୍ତ୍ର' ବୋଲି ମତ ଦେଇଥିଲେ। ଯଦିଓ ଭାରତୀୟ ସମ୍ବିଧାନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ କରାଯାଇଛି, ବାସ୍ତବରେ କେନ୍ଦ୍ର ସମସ୍ତ କ୍ଷେତ୍ରରେ ରାଜ୍ୟଗୁଡ଼ିକଠାରୁ ଅଧିକ ଶକ୍ତିଶାଳୀ' ବୋଲି ଅଧ୍ୟକ୍ଷା ପଟ୍ଟନାୟକ କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ମହାନ୍ତି ନିଜ ବକ୍ତବ୍ୟରେ ଜାତି, ଧର୍ମ ତଥା ଆଞ୍ଚଳିକତା ନାମରେ ଦେଶକୁ ଭାଗ କରିବା ଅନୁଚିତ ବୋଲି କହିଥିଲେ। ସେହିପରି ମୁଖ୍ୟବକ୍ତା ପ୍ରଫେସର ଜେନା ଭାରତୀୟ ସମ୍ବିଧାନରେ ଥିବା ସଂଘୀୟ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିବା ସହ ରାଜ୍ୟଗୁଡ଼ିକର ବିକାଶ ହେଲେ ଦେଶର ଉନ୍ନତି ହେବ ବୋଲି କହିଥିଲେ। ବିଭାଗୀୟ ଛାତ୍ରୀ ବର୍ଷା, ତପସ୍ୱିନୀ ନିଜ ଭିତ୍ତିପତ୍ର ଉପସ୍ଥାପନ କରିଥିଲେ। ଶେଷ ଭାଗରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ପ୍ରାକ୍ତନ କର୍ମଚାରୀ ରାଜକିଶୋର ପତି, ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି, ପ୍ରାଧ୍ୟାପକ ମନୋଜ ପରିଡ଼ା, ପ୍ରାଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ, ଅଧ୍ୟାପକ ଜିତେନ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ବୈକୁଣ୍ଠ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅମରନାଥ ପାଲ୍ ଧନ୍ୟବାଦ ଦେଇଥିଲେ।

**ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

କଟକ,(କାର୍ତ୍ତିକ ସାହୁ): ପିଏମଶ୍ରୀ ରେଭେନ୍ସା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ସୌଦାମିନୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଶିକ୍ଷାବିତ ଶକୁନ୍ତଳା ବଳିୟାରସିଂ ଓ ମୁଖ୍ୟବକ୍ତା ଶିକ୍ଷାବିତ ରଞ୍ଜନ ମହାପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଭଲ ପାଠପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ରୀ ସଂସଦ ସଭାପତି ସୁଜାତା ଜେନା, ଉପସଭାପତି ରୁମ୍ଝୁମ ନାୟକ, ପୁରାତନ ଛାତ୍ରୀ ସଂସଦ ସମ୍ପାଦିକା ପୁଷ୍ପା ସାମଲ, ଆଇଟିଆଇ ଅଧକ୍ଷଙ୍କ ପ୍ରତିନିଧି ପଦ୍ମଲୋଚନ ବେହେରା, ପ୍ରାଣକୃଷ୍ଣ ସାହୁ ପ୍ରମୁଖ ପିଲାମାନଙ୍କୁ ଧନ୍ଦାମୂଳକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଷୀକେଶ ବଳ, ଉପସଭାପତି ଈଶ୍ୱର ବେହେରାଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଯୋଗଦେଇଥିଲେ।

**ସଂକ୍ଷେପରେ**

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

କଟକ,୧୯।୧୨(କାର୍ତ୍ତିକ ସାହୁ)

କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ସାଲେପୁର ଥାନା ଅଞ୍ଚଳର ଜଣେ ନାବାଳିକା ବଳାତ୍କାର ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଗୁହାଳିପୁର ଅଞ୍ଚଳର ଅଭିଯୁକ୍ତ ସେକ ମୋତିନଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଓ ଜରିମାନା ଦେଇ ନ ପାରିଲେ ଅତିରିକ୍ତ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ରାଏରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୪ ଅଗଷ୍ଟ ୪ରେ ନାବାଳିକା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ କ୍ଷୀର ଦେଇ ଘରକୁ ଫେରୁଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ନାବାଳିକାଙ୍କୁ ନିକଟସ୍ଥ ସ୍କୁଲ ପଛପଟକୁ ଟେକିନେଇ ବଳାତ୍କାର କରିଥିଲେ। ନାବାଳିକା ଘରେ ପହଞ୍ଚି ଏ ବାବଦରେ ଜଣାଇଥିଲେ। ନାବାଳିକାଙ୍କ ମା' ସାଲେପୁର ଥାନାରେ ସେହି ଦିନ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ୨୦୨୪ ଅକ୍ଟୋବର ୧ରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ୨୦୨୪ ଅକ୍ଟୋବର ୨୧ରେ ଅଦାଲତ ଚାର୍ଜଫ୍ରେମ କରିଥିଲେ। ସମସ୍ତ ସାକ୍ଷ୍ୟ, ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଓ ବିଶ୍ୱଜିତ୍ ରାୟ ମାମଲା ପରିଚାଳନା କରୁଥିଲେ।

# 'ପ୍ରଯୁକ୍ତିବିଦ୍ୟାର ପ୍ରଗତି ବିକଶିତ ଭାରତ ପାଇଁ ନିତାନ୍ତ ଆବଶ୍ୟକ'

କଟକ,୧୯।୧୨(କାର୍ତ୍ତିକ ସାହୁ)



ପ୍ରଫେସର ଦେବେନ୍ଦ୍ର ଚନ୍ଦ୍ର ମିଶ୍ର ସ୍ମାରକୀ ବକ୍ତୃତାରେ ଯୋଗଦେଇଥିବା ଅତିଥି।

**ପ୍ରଫେସର ଦେବେନ୍ଦ୍ର ଚନ୍ଦ୍ର ମିଶ୍ର ସ୍ମାରକୀ ବକ୍ତୃତା**

ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ ପ୍ରଫେସର ଦେବେନ୍ଦ୍ର ଚନ୍ଦ୍ର ମିଶ୍ର ସ୍ମାରକୀ ବକ୍ତୃତା ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମିଶ୍ର ଥିଲେ ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍ ଏବଂ ସମ୍ମାନଜନକ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଲାଭ କରିଥିବା ପ୍ରଥମ ଓଡ଼ିଆ। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି, ତତ୍କାଳୀନ ଗଙ୍ଗାଧର ମେହେର କଲେଜର ଅଧକ୍ଷ ଏବଂ ରେଭେନ୍ସା ଶିକ୍ଷା ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ ବୋଲି ବକ୍ତାମାନେ କହିଛନ୍ତି। ମୁଖ୍ୟ ଅତିଥି ଭାବେ ଭାରତୀୟ କୃଷି ଗବେଷଣା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପ୍ରତାପ ସିଂହ ବିର୍ଥଲ ବିକଶିତ ଭାରତ ନିମନ୍ତେ କୃଷି ଅର୍ଥନୀତିର ପୁନର୍ଗଠନ ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ବିର୍ଥଲ ବିଭିନ୍ନ ଭାରତୀୟ କୃଷି ଉତ୍ପାଦର ଉତ୍ପାଦକତା ଏବଂ ଏହା ସହ ଜଡ଼ିତ ଆହ୍ୱାନ ସମ୍ବନ୍ଧରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ୨୦୪୭ ସୁଦ୍ଧା ବିକଶିତ ଭାରତ ହେବାର ମହତ୍ତ୍ୱାକାଂକ୍ଷା ପୂର୍ଣ୍ଣ କରିବାରେ ଭାରତୀୟ କୃଷି କ୍ଷେତ୍ରର ଅବଦାନ ଗୁରୁତ୍ୱପୂର୍ଣ୍ଣ। ବିକଶିତ ଭାରତ ହେବାର ଯାତ୍ରାରେ ଭାରତୀୟ କୃଷିର ଭବିଷ୍ୟତ ଏବଂ ବର୍ଦ୍ଧିତ ଭାରତୀୟ ଜନସଂଖ୍ୟାକୁ ଖାଦ୍ୟ ଯୋଗାଣ ଦକ୍ଷତା ସମ୍ବନ୍ଧରେ ପୂର୍ବାନୁମାନ ଜରୁରୀ। ଏତଦବ୍ୟତୀତ କୃଷି ସମ୍ପର୍କିତ ଅନ୍ୟାନ୍ୟ ଆହ୍ୱାନ ଯଥା ଜଳସେଚନ, ଭୂତଳ ଜଳସ୍ତର ହ୍ରାସ, ଜଳବାୟୁ ପରିବର୍ତ୍ତନ ଓ ଫସଲ ବୀମା ଯୋଜନା ବିଷୟରେ ସତର୍କ କରିଥିଲେ। ଅତ୍ୟଧିକ ସାର ଓ କୀଟନାଶକର ବ୍ୟବହାର, ଏକକ ଫସଲ ଉତ୍ପାଦନ ମୃତ୍ତିକାର ଉତ୍ପାଦକତା ହ୍ରାସ କରାଏ ଏବଂ ପରିବେଶ ଉପରେ ଚାପ ପକାଇଥାଏ। ଏସବୁର ସମାଧାନ ଉପରେ ଆଲୋକପାତ କରି ସେ କହିଲେ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆଧାରିତ କୃଷି, ସବ୍‌ସିଡି, ସ୍ଥାୟୀ କୃଷିର ବିକାଶ ଏବଂ କାର୍ବନ କ୍ରେଡିଟ ଆଦି ଭାରତୀୟ କୃଷିକୁ ସୁସ୍ଥ ରଖିବାରେ ସହାୟକ ହେବ। ସ୍ୱଳ୍ପକାଳୀନ ଫସଲ ବୀମା, ପାରାମେଟ୍ରିକ ବୀମା ଏବଂ ଆଞ୍ଚଳିକ ସ୍ଥିତି ଅନୁଯାୟୀ ବିପଦକାଳୀନ ରଣନୀତି କୃଷି କ୍ଷେତ୍ରର ବିକାଶରେ ସହାୟକ ହେବ। ସର୍ବୋପରି ପ୍ରଯୁକ୍ତିବିଦ୍ୟାର ପ୍ରଗତି ଏବଂ ଡିଜିଟାଲ କୃଷିର ଅବଦାନ ବିକଶିତ ଭାରତ ପାଇଁ ନିତାନ୍ତ ଆବଶ୍ୟକ। ପିଜି କାଉନସିଲ ଅଧକ୍ଷ ତଥା ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଧର୍ମବ୍ରତ ମହାପାତ୍ର ଅଧକ୍ଷତା କରିଥିଲେ। ବିଭାଗ ମୁଖ୍ୟ ଡ. ମନୋଜ କୁମାର ଦାସ ସ୍ୱାଗତ ଭାଷଣ, ବରିଷ୍ଠ ଅଧ୍ୟାପିକା ଡ. ଲିପିଶ୍ରୀ ଦାସ ପ୍ରାରମ୍ଭିକ ସୂଚନା ଏବଂ ଡ. କୀର୍ତ୍ତି ରଞ୍ଜନ ପାଲଟାସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ନିରୂପମା ଟେଟେ ଧନ୍ୟବାଦ ଦେଇଥିଲେ। ଅର୍ଥନୀତି ତଥା ଅନ୍ୟାନ୍ୟ ବିଭାଗର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ପିଏଚଡି ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

## ମୋକିମଙ୍କ ସପକ୍ଷରେ ବାହାରିଲେ ନଗର ଜିଲା କଂଗ୍ରେସ ସଭାନେତ୍ରୀ ଗିରିବାଳା

କଟକ,୧୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଇଂ. ମହମ୍ମଦ ମୋକିମଙ୍କ ସପକ୍ଷରେ ବାହାରିଲେ କଟକ ନଗର ଜିଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା। କଂଗ୍ରେସ କାର୍ଯ୍ୟାଳୟରେ ଗିରିବାଳା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ମୋକିମଙ୍କ କଂଗ୍ରେସ ଦଳ ପ୍ରତି ବହୁ ଅବଦାନ ରହିଛି। କଟକରେ କଂଗ୍ରେସର ଚିହ୍ନବର୍ଣ୍ଣ କିଛି ନ ଥିଲା। କେବଳ ମୋକିମଙ୍କ ପ୍ରଚେଷ୍ଟାରେ କଟକରେ କଂଗ୍ରେସ ଜିରୋରୁ ହିରୋ ହୋଇପାରିଛି। ଏପରିକି ବିଜେଡି ବଳବାନ ଥିବା ସମୟରେ କଂଗ୍ରେସକୁ ଶକ୍ତିଶାଳୀ କରିଛନ୍ତି। ସେ ନିଜେ ଓ ତାଙ୍କ ଝିଅ ସୋଫିଆ ଫିର୍ଦ୍ଦୋସ କଟକରୁ ଜିତିଛନ୍ତି। ତାଙ୍କର ଦକ୍ଷତା ଓ ସାଂଗଠନିକ ଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ସମ୍ପୂର୍ଣ୍ଣ ଭୁଲ। ମୋକିମଙ୍କ ବିନା କଟକରେ କଂଗ୍ରେସ ଦିଗହରା ହୋଇଯିବ। ତାଙ୍କୁ ବହିଷ୍କାର କରିବା ଘଟଣା କର୍ମୀ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ନେତା ମାନସ ଚୌଧୁରୀ କହିଛନ୍ତି, କଂଗ୍ରେସ ଦଳରୁ କିଏ ଗଲେ କିଛି ଫରକ ପଡିବ ନାହିଁ। ମୋକିମ ବାବୁଙ୍କ ଚିଠି ଲେଖିବା ଭଲ ନୁହେଁ କିନ୍ତୁ ଚିଠିଟା ଚିଠି ପରି ଲେଖିବାର ଥିଲା। ଚିଠିରେ ଦଳର ନେତାଙ୍କୁ ସମାଲୋଚନା କରିବା ଭୁଲ। ନିଜ ରାଗ, ଅଭିମାନ ପ୍ରକାଶ କରିବା ଠିକ୍ ହେଲେ ଏଭଳି ଢ଼ଙ୍ଗରେ ପ୍ରକାଶ କରିବା ଉଚିତ୍ ନୁହେଁ। ଏହି ଚିଠି ନିଜ ମଧ୍ୟରେ ସୀମିତ ରହିବା ଆବଶ୍ୟକ ଥିଲା ବୋଲି ସେ କହିଛନ୍ତି।

## ତୁରନ୍ତ ସମସ୍ୟା ସମାଧାନ କରିବାକୁ ଚେତାବନୀ ଦେଲା କଂଗ୍ରେସ


ଟିପିସିଓଡିଏଲ୍‌ର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଟକ,୧୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର କଂଗ୍ରେସ ପକ୍ଷରୁ ବାଦାମବାଡ଼ିସ୍ଥିତ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ଟିପିସିଓଡିଏଲ୍‌ର ଅନ୍ୟାୟ ଓ ଅତିରିକ୍ତ ଜମା ପ୍ରତ୍ୟାହାର ଏବଂ ସ୍ମାର୍ଟ ମିଟର ଉଚ୍ଛେଦ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ଏକ ଦାବିପତ୍ର ଟିପିସିଓଡିଏଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଅମରଜିତ୍ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଟିପିସିଓଡିଏଲ୍ ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ପୈଠ କରିବା ଲାଗି ଉପଭୋକ୍ତାମାନଙ୍କୁ ନୋଟିସ ଦେଇ ଏହି ଆର୍ଥିକ ବୋଝକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ଏହାସହ ଉପଭୋକ୍ତାମାନଙ୍କ ମିଟର ଠିକ୍ ଥିଲେ ବି ବାଧ କରି ସ୍ମାର୍ଟ ମିଟର ଲଗାଯାଉଛି। ଟିପିସିଓଡିଏଲ୍‌ର ଅପାରଗତା ଯୋଗୁ ସାଧାରଣ ଜନତା ଓଡ଼ିଶାରେ ଶୋଷଣର ଶିକାର ହେଉଛନ୍ତି, ତୁରନ୍ତ ଏହାକୁ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, ରେଣୁବାଳା ରାଉତ, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ଶୁଭାଶିଷ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡା ଓ ଜେ. କାମେଶ୍ୱର ରାଓଙ୍କ ସମେତ ଅନ୍ୟାନ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ନୃତ୍ୟ ମୟୂରୀ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ୮ମ ମା' କଟକ ଚଣ୍ଡୀ ଫେଷ୍ଟିଭାଲରେ ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ। (ଫଟୋ: ରାଜକିଶୋର ମହାନ୍ତି)

## ସ୍ଥିତି ସଙ୍ଗିନ ହେବାରୁ ବକେୟା ଦରମା ପୈଠ କଲା ସଂସ୍ଥା

**ଧାରଣାରୁ ଓହରି କାର୍ଯ୍ୟରେ ଯୋଗଦେଲେ**

କଟକ,୧୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଶୁକ୍ରବାର ଠିକା ସଂସ୍ଥା କର୍ମଚାରୀଙ୍କ ଧାରଣା ଯୋଗୁ ସ୍ଥିତି ସଙ୍ଗିନ ହୋଇ ପଡ଼ିଥିଲା। ଏଥିରେ ଆଟେଣ୍ଡାଣ୍ଟ, ହାଉସ କିପିଂ କର୍ମଚାରୀ ଧାରଣାରେ ସାମିଲ ହେବା ଯୋଗୁ ସଫେଇ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ସ୍ଥିତି ସଙ୍ଗିନ ହେବାରୁ ଠିକା ସଂସ୍ଥା କ୍ରେସ କର୍ପ ଲିମିଟେଡ୍ ବାଧ ହୋଇ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସମସ୍ତ ଠିକା କର୍ମଚାରୀଙ୍କ ବକେୟା ଦରମା ଟଙ୍କା ପୈଠ କରିଥିଲା। ଫଳରେ କର୍ମଚାରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିବା ସହ କାର୍ଯ୍ୟରେ ଯୋଗଦେଇଥିବା ସୂଚନା ମିଳିଛି। ଏହି ଧାରଣା ଯୋଗୁ ଗୁରୁବାର ରାତି ୮ଟାରୁ ଶୁକ୍ରବାର ସନ୍ଧ୍ୟା ଯାଏଁ ମେଡିକାଲରେ ସଫେଇ ବ୍ୟବସ୍ଥା ଓ ରୋଗୀ ସେବା ପ୍ରଭାବିତ ହୋଇଥିଲା।

## ୪୫୦ ଲିଟର ଦେଶୀମଦ, ସ୍କର୍ପିଓ ଜବତ: ୨ ଗିରଫ, ଡ୍ରାଇଭର ଫେରାର

ମଙ୍ଗୁଳି-ଜଗତପୁର,୧୯।୧୨(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ ଭାବେ ଦେଶୀ ମଦ ଚାଲାଣ ଅଭିଯୋଗରେ ୨ଜଣ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର ଗ୍ରାମର ରାକେଶ ମହାନ୍ତି ଓ ଶଙ୍କରପୁର ଗ୍ରାମର ଚଗଲା ଜେନା। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୪୫୦ ଲିଟର ଦେଶୀମଦ ଓ ସ୍କର୍ପିଓ ଜବତ କରିଥିବା ବେଳେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ୫୫ ନମ୍ବର ଜାତୀୟ ରାଜପଥ ଦେଇ ଯାଉଥିବା ଗାଡିଗୁଡିକୁ ଯାଞ୍ଚ କରିବା ପରେ ଦେଶୀମଦ ମିଳିଥିଲା। ଏ ନେଇ ଅବକାରୀ ବିଭାଗ ନିଜଆଡୁ ୨ଟି ପୃଥକ୍ ମାମଲା (ନଂ. ୧୯୧/୧୯୨/୨୫)ରୁଜୁ କରିଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ଥିଲେ।

# ଅତିରିକ୍ତ ସୁରକ୍ଷା ଜମା ନିଷ୍ପତ୍ତି ପ୍ରତ୍ୟାହାର ଦାବି

ମଙ୍ଗୁଳି-ଜଗତପୁର,୧୯।୧୨(ମାନସ ସାମଲ)


ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଟିପିସିଓଡିଏଲ କାର୍ଯ୍ୟାଳୟରେ ତାଲା ପକାଯାଇଛି।

**ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ତାଲା ପକାଇଲେ ଉପଭୋକ୍ତା**

ଟାଟା ପାୱାର ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଶୁକ୍ରବାର ଜଗତପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଟିପିସିଓଡିଏଲ୍ କାର୍ଯ୍ୟାଳୟ ଘେରାଉ କରି ଗେଟରେ ତାଲା ପକାଇଥିଲେ। ସଂଘ ସଭାପତି ତୀର୍ଥାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଜଗତପୁର ଗୋଲେଇଛକରୁ ଏକ ପଦଯାତ୍ରାରେ ବାହାରି କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ପରେ ଟିପିସିଓଡିଏଲ୍ ମ୍ୟାନେଜର ଇଞ୍ଜିନିୟର ପ୍ରିୟନାଥ ଭଞ୍ଜଙ୍କ ଜରିଆରେ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଉଲ୍ଲେଖ ରହିଛି, ଟାଟା ପାୱାର ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରି କୁହାଯାଇଛି କି ଅତିରିକ୍ତ ସୁରକ୍ଷା ଜମା ୩୦ଦିନ ମଧ୍ୟରେ ଦେଇ ନ ପାରିଲେ ୧୫% ସୁଧ ସହିତ ଦେବାକୁ ପଡ଼ିବ। ଯଦି ୩୦ଦିନ ମଧ୍ୟରେ ଗ୍ରାହକ ନ ଦିଅନ୍ତି ତେବେ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯିବ। ଏହା ଅତ୍ୟନ୍ତ ଦୁଃଖଦାୟକ, ନିନ୍ଦନୀୟ ଏବଂ ଏକଚ୍ଛତ୍ରବାଦର ପ୍ରତୀକ। ୧୯୯୪-୯୫ରେ ଓଡ଼ିଶାରେ ବିଜୁଳି ସଂସ୍କାର ହୋଇଥିଲା। ବିଶ୍ୱବ୍ୟାଙ୍କର ଋଣ ସୁଧ ସହାୟତାରେ ଦୀର୍ଘ ୩୦ ବର୍ଷ ବିଜୁଳି ସଂସ୍କାର ମଧ୍ୟରେ ବିଜୁଳି ନା ଶସ୍ତା, ସୁଲଭ, ନିରବଚ୍ଛିନ୍ନ ନା ଗୁଣାତ୍ମକ ହୋଇପାରିଲା। ବିଜୁଳି କମ୍ପାନୀର ଅପାରଗତା ଓ ଦୁର୍ନୀତିକୁ ଘଣ୍ଟ ଘୋଡାଇବାକୁ ଯାଇ ବିଦ୍ୟୁତ୍ ଶୁଳ୍କର ବୋଝକୁ ଉପଭୋକ୍ତାମାନଙ୍କ ଉପରେ ଲଦି ଦିଆଯାଉଛି। ଅନୁରୂପ ଭାବରେ ଅତିରିକ୍ତ ସୁରକ୍ଷା ଜମା ବୋଝକୁ ମଧ ଖାଉଟିଙ୍କ ଉପରେ ଲଦି ଦେବାକୁ ବସିଛି କମ୍ପାନୀ। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସଂଘ ପକ୍ଷରୁ ରାଜ୍ୟ ସରକାର ଓ ଓଇଆରସିଙ୍କ ନିକଟରେ ଦାବି କରାଯାଇଛି, ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ହେବ ବୋଲି ଜଗତପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## କଖଡ଼ି ନୋଡାଲ ଉଚ୍ଚ ବିଦ୍ୟାଳୟର ୬୫ ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଖୁଣ୍ଟୁଣୀ,୧୯।୧୨(ସଚ୍ଚିଦାନନ୍ଦ ପଣ୍ଡା)

କଖଡ଼ି ନୋଡାଲ ଉଚ୍ଚ ବିଦ୍ୟାଳୟର ୬୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଗାନ୍ଧୀ ହାଟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଖଡି ସରପଞ୍ଚ କଳ୍ପନା ଛତାର ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଶ୍ୱେତକାନ୍ତ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷକ ହେମନ୍ତ କୁମାର ସାହୁ, କ୍ରୀଡା ଶିକ୍ଷକ ପ୍ରୀତି ରଞ୍ଜନ ମନ୍ତ୍ରୀ, କୈଳାସ ଚନ୍ଦ୍ର ଦାସ, ଜ୍ଞାନରଞ୍ଜନ କର, ସୁଜାତା ସାହୁ, ସୁପ୍ରିୟା ପ୍ରିୟଦର୍ଶିନୀ ଦାସ, ଜ୍ୟୋତ୍ସ୍ନା ରାଣୀ ବେହେରା ଓ ସୁଭାଷିନୀ ଦାସ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ।

## ପାର୍ବଣରେ ଉପୁଜିଥିବା ସମସ୍ୟାର ସମାଧାନ ଦିଗରେ ଆଲୋଚନା

କଟକ,୧୯।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ଶାନ୍ତି କମିଟି କର୍ମକର୍ତ୍ତାମାନେ ମିଳିତ ଭାବେ କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କୁ ଭେଟିଥିଲେ। ବିଶେଷ କରି ଦୁର୍ଗାପୂଜା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଭସାଣି ଶୋଭାଯାତ୍ରା ସମୟରେ ବ୍ୟବହାର କରାଯାଇଥିବା ଡାକବାଜି ଯନ୍ତ୍ର ଜନିତ ଶବ୍ଦ ପ୍ରଦୂଷଣ ବିଷୟରେ କମିଶନରେଟ ପୋଲିସ ପକ୍ଷରୁ କେତେକ ପୂଜା ମଣ୍ଡପ ଓ ବାଦ୍ୟଯନ୍ତ୍ର ପରିବେଷଣ କରୁଥିବା ଅନୁଷ୍ଠାନକୁ ପଠାଯାଇଥିବା କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପୂଜା ମଣ୍ଡପ, ବାଦ୍ୟଯନ୍ତ୍ର ପରିବେଷଣ କରୁଥିବା ଅନୁଷ୍ଠାନ କାରଣ ଦର୍ଶାଅ ନୋଟିସର ଯଥାର୍ଥ ଉତ୍ତର ପ୍ରଦାନ କରିଥିବାବେଳେ ଏହାକୁ ନ ବଢ଼ାଇବା ପାଇଁ ପୋଲିସ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୋଲିସ କମିଶନର ସିଂ ବିଭିନ୍ନ କମିଟି ପକ୍ଷରୁ ଦିଆଯାଇଥିବା ଉତ୍ତର ପରିପ୍ରେକ୍ଷୀରେ ଏହାକୁ ଅନୁଧ୍ୟାନ କରି ସକାରାତ୍ମକ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି। ବୈଠକରେ ମହାନଗର ଶାନ୍ତି କମିଟି ଉପଦେଷ୍ଟା ଆଇନଜୀବୀ ଜ୍ୟୋତିପ୍ରକାଶ ଘୋଷ, ସଭାପତି ଦେବେନ୍ଦ୍ରନାଥ ସାହୁ, କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ଚୌଧୁରୀ, କୋଷାଧ୍ୟକ୍ଷ ନରେଶଚନ୍ଦ୍ର ସାହୁ, ଉପସଭାପତି ଆଇନଜୀବୀ ତାପସ କୁମାର ପ୍ରହରାଜ, ରାକେଶ କୁମାର ସାହୁ ଓ ରବୀନ୍ଦ୍ର କୁମାର ବେହେରା ଏବଂ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାରମ୍ବାର ବିଦ୍ୟୁତ୍ ମିଟର ପରିବର୍ତ୍ତନକୁ ବିରୋଧ

କଟକ ସଦର,୧୯।୧୨(ସୁଶାନ୍ତ କୁମାର ଜେନା)

ଟାଟା ପାୱାର ବାରମ୍ବାର ବିଦ୍ୟୁତ୍ ମିଟର ପରିବର୍ତ୍ତନ କରୁଛି। ଏହାକୁ ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ପକ୍ଷରୁ ବିରୋଧ କରାଯାଉଛି। କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସଠାରେ ଶୁକ୍ରବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ପାଦକ ଦେବୀ ପ୍ରସାଦ ପତି, ଯୁବ ସଂଯୋଜକ ସୁବାସ କୁମାର ପଣ୍ଡା ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟର ନିନ୍ଦା କରିଥିଲେ। ୧୯୯୫ରେ ଆନାଲଗ ମିଟର ପ୍ରଚଳନ କରାଯାଇଥିଲା। ସେହି ସମୟରେ ଉପଭୋକ୍ତାମାନେ ୧୦୦ ୱାଟ ବଲ୍‌ବ ବ୍ୟବହାର କରି ମଧ କମ୍ ବିଲ୍ ଦେଉଥିଲେ। ୨୦୦୦ରେ ଡିଜିଟାଲ, ୨୦୧୯ରେ ପ୍ରି ପେଡ ମିଟର ଲାଗିଲା। ବର୍ତ୍ତମାନ ୮ ୱାଟ ବଲ୍‌ବ, ୫ ଷ୍ଟାର ରେଟ ଟିଭି, ଫ୍ରିଜ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କଲେ ମଧ ବିଲ ବଢ଼ି ଚାଲିଛି ବୋଲି ଅଭିଯୋଗ କରାଯାଇଛି। ଖବରଦାତା ସମ୍ମିଳନୀରେ ଉପ ସଭାପତି ସଞ୍ଜୟ କୁମାର ସାହୁ, ପ୍ରଦୀପ୍ତ ମହାପାତ୍ର, ଅନିରୁଦ୍ଧ ରାଉଳ, ଯୁବରାଜ ପଣ୍ଡା, ସତ୍ୟନାରାୟଣ ମହାନ୍ତି, ପୀୟୁଷ ରଞ୍ଜନ ପରିଡ଼ା, ନିର୍ମଳ ଚନ୍ଦ୍ର ଦାସ, ସରୋଜ ଜେନା, ବଳରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କଟକ,୧୯।୧୨(କାର୍ତ୍ତିକ ସାହୁ)

ବକ୍ସିବଜାର ନାୟକ ସାହିସ୍ଥିତ ଶ୍ରୀମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ମୋହନ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ନଗେନ୍ଦ୍ର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ସନ୍ନ୍ୟାସୀନି ବିଦ୍ୟୁତ୍ କୁମାରୀ ଲାଲା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ପୁଷିତା ମହାପାତ୍ର, ମୁଖ୍ୟବକ୍ତା ପଦ୍ମଶ୍ରୀ ଦୀପା ସାହୁ ଓ ସମ୍ମାନିତ ଅତିଥି ଶିକ୍ଷାବିତ୍ ମିହିର କୁମାର ମହାନା, ସମ୍ମାନିତ ବକ୍ତା ନୀରୋଜ କୁମାର ପରିଡ଼ା ଯୋଗଦେଇ ଶିକ୍ଷାରେ କ୍ରୀଡ଼ାର ଭୂମିକା ବିଷୟରେ ଅବଗତ କରାଇଥିଲେ। ପ୍ରଧାନ ଆଚାର୍ଯ୍ୟା ପଙ୍କଜିନୀ ପରିଡ଼ା ସ୍ୱାଗତ ଭାଷଣ ଓ ସମ୍ପାଦକ ଚିତ୍ତରଞ୍ଜନ ପରିଡ଼ା ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ଉତ୍ସବରେ କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ସତ୍ୟବ୍ରତ ମହାପାତ୍ର, ଅଧାପକ କିଶୋର ଦାସ, ସ୍ତମ୍ଭକାର ମୀରା ବେଉରା, ସାମାଜିକ କର୍ମୀ ଜୟଶ୍ରୀ ସାହୁ, ବ୍ରହ୍ମ କୁମାରୀ ମମତା ମଞ୍ଜରୀ ଦାସ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# 'ସୁବିଧାରେ ମିଳିବ ଜରୁରୀ ଅତ୍ୟାଧୁନିକ ଚିକିତ୍ସା ସେବା'

କଟକ,୧୯।୧୨(କାର୍ତ୍ତିକ ସାହୁ)


କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବୈଠକରେ ଯୋଗଦେଇଥିବା ଅତିଥି।

**କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବୈଠକ**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ଗୁହା ପୁନମ ତାପସ କୁମାରଙ୍କ ଅଧକ୍ଷତାରେ ଏସ୍‌ସିବି ମେଡିକାଲରେ ରୋଗୀମାନଙ୍କୁ ସୁବିଧାରେ ଜରୁରୀ ଚିକିତ୍ସା ପ୍ରଦାନ ନିମନ୍ତେ ସ୍ୱାସ୍ଥ୍ୟ ସେବା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରୋଗୀଙ୍କ ଚିକିତ୍ସା ସୁବ୍ୟବସ୍ଥିତ କରିବା ନିମନ୍ତେ ଆର୍‌ଡିସି ଗୁରୁତ୍ୱାରୋପ କରିଛନ୍ତି। ରୋଗୀ ଚିକିତ୍ସା କ୍ଷେତ୍ରରେ ପୂର୍ବାଞ୍ଚଳରେ ଏସ୍‌ସିବି ମେଡିକାଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ପ୍ରତ୍ୟହ ନିୟମିତ ଭାବେ ଦୂରଦୂରାନ୍ତରୁ ବହୁ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ସେମାନଙ୍କୁ ସୁବିଧାରେ ଜରୁରୀ ଓ ଅତ୍ୟାଧୁନିକ ଚିକିତ୍ସା ସେବା ପ୍ରଦାନ ଦିଗରେ ସରକାର ପ୍ରାଥମିକତା ଦେଉଥିବାରୁ ମେଡିକାଲ ପରିସରରେ ସ୍ୱଚ୍ଛତା, ଆବଶ୍ୟକ ଚିକିତ୍ସା ସରଞ୍ଜାମ କ୍ରୟ ଓ ରକ୍ଷଣାବେକ୍ଷଣ, ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା ଆଦି ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଏସବୁ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ଆରଡିସି ଗୁରୁତ୍ୱ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟସେବା ସମିତି ପକ୍ଷରୁ ଏକ ଉପ କମିଟି ଗଠନ କରାଯାଇ ଏସ୍‌ସିବି ମେଡିକାଲରେ ଆବଶ୍ୟକ ମରାମତି ଓ ନିର୍ମାଣ କାର୍ଯ୍ୟର ତଦାରଖ ଆଦି ସମ୍ପୂର୍ଣ୍ଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କଟକ ମହାନଗର ନିଗମର ଆୟୁକ୍ତ କିରଣଦୀପ କୌର ସହୋତା, ଅତିରିକ୍ତ ଜିଲାପାଳ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ମେଡିକାଲ ଡିନ, ସୁପରିଣ୍ଟେଣ୍ଡେଣ୍ଟ ଏବଂ ସ୍ୱାସ୍ଥ୍ୟ ସେବା ସମିତିର ଅନ୍ୟ ସଦସ୍ୟ ପ୍ରମୁଖମାନେ ବୈଠକରେ ଯୋଗ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନୂପ



@ ସୁରେଶ



@ ବିରଞ୍ଚି



@ ଧୀରେନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପାରୋଲରେ ଯାଇ ଜେଲ ଫେରିନାହାନ୍ତି ୭୨ କଏଦୀ

**ହାର୍ଡକୋର୍‌ଙ୍କୁ ପାରୋଲରେ ଛାଡୁଛନ୍ତି ଜେଲ କର୍ତ୍ତୃପକ୍ଷ**

- ପୋଲିସ ଏବଂ ଜେଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ରହୁନି ସମନ୍ୱୟ
- ଖୁବ୍‌ଶୀଘ୍ର ସେମାନଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ: ଏଡିଜି

ଭୁବନେଶ୍ୱର,୧୯।୧୨(ତ୍ରିନାଥ ମହାନ୍ତି)

ରାଜ୍ୟର ବିଭିନ୍ନ ଜେଲରେ ୫ବର୍ଷରେ ୭୨ ଜଣ କଏଦୀ ପାରୋଲରେ ଯାଇ ଆଉ ଜେଲକୁ ଫେରିନାହାନ୍ତି। ଏଥିରେ ବହୁ ହାର୍ଡକୋର୍ ଅପରାଧୀଙ୍କୁ ମଧ୍ୟ ଜେଲ କର୍ତ୍ତୃପକ୍ଷ ପାରୋଲରେ ଛାଡ଼ି ଦେଉଛନ୍ତି। ଫଳରେ ସେମାନେ ସାକ୍ଷୀଙ୍କୁ ପ୍ରଭାବିତ କରିବା ସହ ବହୁ ଅପରାଧରେ ସମ୍ପୃକ୍ତ ରହୁଛନ୍ତି। ଜେଲ ନିୟମାନୁସାରେ, ଯେଉଁମାନେ ପାରୋଲରେ ଯାଉଛନ୍ତି ସେମାନେ ୩୦ ଦିନ ଭିତରେ ଜେଲକୁ ଫେରିବା କଥା। ଯଦି ନ ଫେରିବେ ସେମାନଙ୍କ ନାମରେ ସ୍ଥାନୀୟ ଥାନାରେ ଜେଲ କର୍ତ୍ତୃପକ୍ଷ ଅଭିଯୋଗ କରିବା କଥା। କିନ୍ତୁ ଯେଉଁମାନେ ପାରୋଲରେ ଯାଇ ଫେରୁନାହାନ୍ତି ସେମାନଙ୍କ ବିରୋଧରେ ଜେଲ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରୁନାହାନ୍ତି। ଖାରପଡ଼ା ଜେଲରେ ୨ଜଣ ପାରୋଲରେ ଯାଇ ଫେରି ନ ଥିବା ବେଳେ ଜାମୁଝରୀରେ ୭ଜଣ, ବ୍ରହ୍ମପୁରରେ ୫ଜଣ, ଚୌଦ୍ୱାର ଜେଲରେ ୩ଜଣ, ଜଗତସିଂହପୁର ଜେଲରେ ୨ଜଣ, କେନ୍ଦ୍ରାପଡ଼ାରେ ୪ଜଣ, ଫୁଲବାଣୀ ଜେଲରେ ୪ଜଣ, ଭଦ୍ରକ ଜେଲରେ ୨ଜଣ ଏବଂ ସମ୍ବଲପୁର ଜେଲରେ ୪ଜଣ ଏଭଳି ଏକାଧିକ ଜେଲର ବହୁ କଏଦୀ ବାହାରେ ରହି ଜାମିନ ପିଟିସନ କରିବା ସହ ନିଜ ଅପରାଧିକ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରୁଛନ୍ତି।

କଏଦୀଙ୍କ ପ୍ରତି ଜେଲ ବିଭାଗର ଏପରି ପ୍ରିୟାପ୍ରୀତି ତୋଷଣକୁ ହାଇକୋର୍ଟ ଧରିଥିଲେ। ଗତ କିଛିଦିନ ତଳେ ଜାମୁଝରୀ ଜେଲରୁ ପାରୋଲରେ ଯାଇଥିବା ୨ଜଣ କଏଦୀ ଫେରି ନ ଥିଲେ ମଧ୍ୟ ଜେଲ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗକରି ନ ଥିଲେ। ଫଳରେ ଉକ୍ତ କଏଦୀ ଜେଲ ବାହାରେ ରହି ହାଇକୋର୍ଟରେ ପୁରୁଣା ମାମଲାର ଜାମିନ ପିଟିସନ କରିଥିଲେ। କୋର୍ଟ ଏହି ପିଟିସନକୁ ଯାଞ୍ଚକରିବା ପରେ ଘଟଣା ଜଣାପଡିଥିଲା। ହାଇକୋର୍ଟ ତୁରନ୍ତ ୫ ବର୍ଷରେ ପାରୋଲରେ ଫେରି ନ ଥିବା କଏଦୀଙ୍କ ତଥ୍ୟ ବାହାର କରିବାକୁ ଜେଲ ବିଭାଗକୁ କହିଥିଲେ। ଜେଲ ବିଭାଗ ତଥ୍ୟ ଦେବା ପରେ ତାହା ସମସ୍ତଙ୍କୁ ଚକିତ କରିଦେଇଛି। ସେହିପରି ଖାରପଡ଼ା ଜେଲରେ ରହୁଥିବା ୨ କଏଦୀ ପାରୋଲରେ ଯାଇ ଆଉ ଫେରିନାହାନ୍ତି। ସେମାନେ ହେଲେ ହତ୍ୟା ମାମଲାରେ ସମ୍ପୃକ୍ତ ଫୁଲବାଣୀର ସୁଶୀଲ ଦିଗଲ ଓ ବଳାତ୍କାର ମାମଲାରେ ଢେଙ୍କାନାଳର ରଞ୍ଜିତ ନାୟକ। ବିଶେଷଜ୍ଞ କହନ୍ତି ପାରୋଲରେ କଏଦୀ ଯାଇ ନ ଫେରିବା ପଛରେ ଜେଲ କର୍ତ୍ତୃପକ୍ଷଙ୍କ ଭୂମିକା ରହିଛି। ଜେଲ କର୍ତ୍ତୃପକ୍ଷ ପ୍ରଭାବିତ ହୋଇ ହାର୍ଡକୋର୍‌ଙ୍କୁ ପାରୋଲରେ ଛାଡୁଛନ୍ତି। ବିଶେଷକରି ପାରୋଲରେ ଯାଇ ଫେରୁ ନ ଥିବା କଏଦୀଙ୍କୁ ଧରିଆଣିବା ଦାୟିତ୍ୱ ପୋଲିସର। କିନ୍ତୁ ଥାନାରେ ଜେଲ କର୍ତ୍ତୃପକ୍ଷ ଅଭିଯୋଗ ନ କଲେ କିଭଳି ପୋଲିସ ଜାଣିବ ଓ ସମ୍ପୃକ୍ତ କଏଦୀଙ୍କୁ ଧରିବ ବୋଲି ପୋଲିସ ଅଧିକାରୀମାନେ ପ୍ରଶ୍ନ କରିଛନ୍ତି। ତେବେ ଦୁଇ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପାରୋଲରେ ଯାଉଥିବା କଏଦୀ ଏହାର ଫାଇଦା ନେଉଥିବା କୁହାଯାଉଛି।

ଏନେଇ ଜେଲ ଏଡିଜି ଅମିତାଭ ଠାକୁର କହିଛନ୍ତି, ଯେଉଁମାନେ ପାରୋଲରେ ଯାଇ ଫେରିନାହାନ୍ତି ସେମାନଙ୍କ ତାଲିକା କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆହୁରି ମଧ୍ୟ ଚରତ୍ରକୁ ଦେଖି ପାରୋଲ ଦେବାକୁ କୁହାଯାଇଛି।

## ଯୁକ୍ତ ୨ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ

ଭୁବନେଶ୍ୱର,୧୯।୧୨ (ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପରିଚାଳିତ ଯୁକ୍ତ ୨ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ସାମ୍ସ ଇ-ସ୍ପେସ୍‌ରେ ଶୁକ୍ରବାରଠାରୁ ଉପଲବ୍ଧ ହୋଇଛି। ଏନେଇ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ କଲେଜ ଅଧ୍ୟକ୍ଷମାନଙ୍କୁ ଅବଗତ କରିଛନ୍ତି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ସମେତ ଦୂର ନିରନ୍ତର ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଡମିଟ୍ କାର୍ଡ ପ୍ରଦାନ ସମୟରେ ନାମ, ବାପା ଓ ମା'ଙ୍କ ନାମ, ପରୀକ୍ଷା ବିଷୟ ଆଦିକୁ ଭଲ ଭାବେ ତନଖି କରିବା ସହ ପରୀକ୍ଷାର୍ଥୀଙ୍କୁ ପ୍ରଦାନ ପୂର୍ବରୁ ଉଭୟ ଅଧ୍ୟକ୍ଷ ଓ ପିଲା ସ୍ୱାକ୍ଷର କରିବାକୁ ବାଧ୍ୟତାମୂଳକ କରାଯାଇଛି।

## ଆମ୍ବ ବଉଳ ଲାଗି ହେଲେ ସାକ୍ଷୀଗୋପୀନାଥ

ସାକ୍ଷୀଗୋପାଳ, ୧୯।୧୨(ଭରତ ରାଉତ)

ସାକ୍ଷୀଗୋପୀନାଥଙ୍କ ମନ୍ଦିରରେ ପବିତ୍ର ବକୁଳ ଅମାବାସ୍ୟା ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାକ୍ଷୀଗୋପୀନାଥଙ୍କ ନିକଟରେ ଦ୍ୱିପ୍ରହର ଧୂପରେ ଆମ୍ବ ବଉଳ ଖଣ୍ଡ ସହିତ ଗହମ ଗୁଣ୍ଡରେ ପ୍ରସ୍ତୁତ କରାଯାଇଥିବା ପିଠା ଠାକୁରଙ୍କୁ ଲାଗି କରାଯାଇଥଲା। ସେହିପରି ଗ୍ରାମଗୁଡ଼ିକରେ ଥିବା ମଠ, ମନ୍ଦିର ଓ ଭାଗବତ ଟୁଙ୍ଗିଗୁଡ଼ିକରେ ବଉଳ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି। ଘରଗୁଡ଼ିକରେ ଚାଉଳ ଚୁନାରେ ପ୍ରସ୍ତୁତ ମଣ୍ଡା ପିଠରେ ନଡ଼ିଆ, ମସଲାପୁର ଦେଇ ପ୍ରସ୍ତୁତ କରାଯାଇଥିବା ପିଠାକୁ ବୃକ୍ଷ ଦେବତା, ଘର ଠାକୁର ଓ ଇସାଣରେ ଭୋଗ ଲଗାଇଥିବାର ଦେଖାଯାଇଛି।

# ମାଲେସିଆରେ ସ୍ଥାପନ ହେଲା ଓଡ଼ିଶା ନିର୍ମିତ ବୃହତ୍ ବୁଦ୍ଧମୂର୍ତ୍ତି

**ସ୍ଥାପତ୍ୟ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଓ ଭାଇ ରତ୍ନାକର ସମ୍ମାନିତ**



ମାଲେସିଆର କ୍ୱାଲାଲାମପୁରରେ ସ୍ଥାପିତ ବୁଦ୍ଧଙ୍କ ମୂର୍ତ୍ତି।

ଭୁବନେଶ୍ୱର,୧୯।୧୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାରେ ନିର୍ମିତ ବୃହତ୍ ବୁଦ୍ଧଙ୍କ ମୂର୍ତ୍ତି ମାଲେସିଆର କୁଆଲାଲମପୁରରେ ସ୍ଥାପନ କରାଯାଇଛି। ଓଡ଼ିଶାର ସ୍ଥାପତ୍ୟ ଶିଳ୍ପୀ ଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣା ଓ ତାଙ୍କ ଭାଇ ଜାତୀୟ ପୁରସ୍କାରପ୍ରାପ୍ତ ରତ୍ନାକର ମହାରଣାଙ୍କ ତତ୍ତ୍ୱାବଧାନରେ ୨୫ ଟନ୍‌ର ଏହି ମୂର୍ତ୍ତି ତିଆରି ହୋଇଛି। ମୂର୍ତ୍ତି ସ୍ଥାପନ ଅବସରରେ ସ୍ଥାନୀୟ ୟାୟାସାନ୍ ପେମା ନୋରବୁଭିହାରାର୍ ଅଧ୍ୟକ୍ଷ ଖେନ୍‌ପୋ ଉଗ୍ୟାନ୍ ୱାନଗେହୁକ୍ ପ୍ରଭାକର ଓ ରତ୍ନାକରଙ୍କୁ ସମ୍ମାନିତ କରିଥିଲେ। ସମ୍ମାନ ଗ୍ରହଣ କରି ପଦ୍ମଶ୍ରୀ ପ୍ରଭାକର କହିଛନ୍ତି, ଓଡ଼ିଶା କଳା ନୈପୁଣ୍ୟରେ ବହୁ ପୁରାତନ କାଳରୁ ପ୍ରକାଶିତ ହୋଇଆସୁଛି ଓ ସାରା ପୃଥିବୀରେ ସୁନାମ ଅର୍ଜନ କରିଛି। ଏଠାରେ ଏପରି ବିଶାଳ ମୂର୍ତ୍ତି ତିଆରି ହୋଇ ବିଦେଶ ଯାଉଛି। ଓଡ଼ିଶାରେ ଏହା ସ୍ଥାପନ କରାଗଲେ ଆମ ରାଜ୍ୟର ସୁନାମ ହେବା ସହ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ତେବେ ମିଳିଥିବା ସମ୍ମାନ ଓଡ଼ିଶା ପାଇଁ ଉତ୍ସର୍ଗୀକୃତ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଧଉଳି ପାଦଦେଶରେ କୋଣାର୍କ କଳାର ୮ଜଣ ଶିଳ୍ପୀ ୪ବର୍ଷ ଅକ୍ଳାନ୍ତ ପରିଶ୍ରମକରି ରାଜସ୍ଥାନରୁ ଆସିଥିବା ୪୦ ଟନ୍ ଓଜନର ସ୍ୟାଣ୍ଡ ଷ୍ଟୋନ୍‌ରେ ଏହି ମୂର୍ତ୍ତି ନିର୍ମାଣ କରିଥିଲେ। ନିର୍ଜୀବ ପଥରରେ ବୁଦ୍ଧଙ୍କ ଜୀବନ୍ତ ରୂପ ଦେବାକୁ ଚେଷ୍ଟା କରାଯାଇଛି। ମୂର୍ତ୍ତି ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ କଣ୍ଟେନରରେ କୋଲକତା ବନ୍ଦର ଦେଇ ଜାହାଜରେ ମାଲେସିଆ ନିଆଯାଇଥିଲା।

# ଇଗ୍ନୁର ଜାନୁଆରୀ ଶିକ୍ଷାବର୍ଷ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର,୧୯।୧୨(ସୁଚିସ୍ମିତା ସାହୁ)

ଇଗ୍ନୁ ପକ୍ଷରୁ ଜାନୁଆରୀ୨୦୨୬ ଶିକ୍ଷାବର୍ଷ ପାଇଁ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ଜାନୁଆରୀ ୩୧ ପର୍ଯ୍ୟନ୍ତ ନାମ ଲେଖାଇପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷା ସୁଯୋଗରୁ ବଞ୍ଚିତ ଯେକୌଣସି ବୟସର ବ୍ୟକ୍ତି ଏହାର ସୁଯୋଗ ନେଇପାରିବେ। ଇଗ୍ନୁର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର), ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ସୁବିଧା ଉପଲବ୍ଧ ରହିଛି।

ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ ଅନ୍ତର୍ଗତ କଳା, ବିଜ୍ଞାନ ଓ ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ଲେଖାଉଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃପଞ୍ଜୀକରଣ ଦେୟରେ ୫୦ ପ୍ରତିଶତ ଛାଡ଼ କରାଯାଇଛି। ଯଦି କୌଣସି ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ତେବେ ସେମାନେ ଏହି ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ। ଆଗ୍ରହୀ ଛାତ୍ରୀଛାତ୍ର ଇଗ୍ନୁ ୱେବ୍‌ସାଇଟ www.ignou.ac.in କିମ୍ବା http://ignouadmission.samarth.edu.inରେ ଆବେଦନକରିପାରିବେ। ଏଥିସହିତ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ସହ ଇ-ମେଲ rcbhubaneswar@ignou.ac.in ଏବଂ admissionrc21@ignou.ac.in ମାଧ୍ୟମରେ କିମ୍ବା ଫୋନ୍ ନମ୍ବର -୦୬୭୪୨୯୭୧୦୭୧ ଓ ୦୬୭୪୨୩୦୧୩୪୮ ମାଧ୍ୟମରେ ସମ୍ପର୍କ କରିପାରିବେ। ଏ ସମ୍ପର୍କରେ ଇଗ୍ନୁ ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

ଫର୍ମ ନଂ. ୧୩
ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ମୂଳ ଦରଖାସ୍ତ ନଂ.: ୨୦୨୫ ର ୫୩୪

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର ...ଆବେଦନକାରୀ

ବନାମ

ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ...ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ଶ୍ରୀ କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ପିତା: ଶଙ୍କର ବିଶ୍ୱାଳ, ସ୍ୱତ୍ତ୍ୱାଧିକାରୀ: ମେସର୍ସ ବିଶ୍ୱାଳ ଟ୍ରେଡର୍ସ, ସା: ପ୍ଲଟ୍ ନଂ.: ୨୫୧୭, ପାଣ୍ଡରା, ହାଇ-ଟେକ୍ ମେଡିକାଲ କଲେଜ ନିକଟ, ଭୁବନେଶ୍ୱର-୭୫୧୦୧୦, ଜିଲ୍ଲା: ଖୋର୍ଦ୍ଧା (ଓଡିଶା) ...ପ୍ରତିବାଦୀ ନଂ.୧

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରି ସମନ**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ.: ୨୦୨୫ ର ୫୩୪ ଦ୍ୱାରା ଟ.୪୭,୨୩,୫୫୭.୦୦ ମାତ୍ର ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର ୩୦ଦିନ ମଧ୍ୟରେ କିମ୍ବା ତା.୦୫.୦୩.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ରଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ୧୬ ଡିସେମ୍ବର ୨୦୨୫ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/97, ତା.16.12.2025ରିଖ

(1) ଟେଣ୍ଡର ସଂ. e-tender-CENTKUR-323-2025, ତା.11.12.2025ରିଖ

**ବିବରଣୀ :** ସାନକେରେଜାଙ୍ଗ JSPL-କେରେଜାଙ୍ଗ ଲାଇନ ନିକଟରେ ନାଲକୋ ସାଇଡିଙ୍ଗର ଟେକ୍‌ଅଫ୍ ପଏଣ୍ଟରୁ ରେଲଓ୍ୱେ ୟାର୍ଡର ଇଣ୍ଟରଲକିଙ୍ଗ ନିମନ୍ତେ କେରେଜାଙ୍ଗ ଷ୍ଟେସନର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗରେ ପରିବର୍ତ୍ତନ ସମ୍ବନ୍ଧୀୟ ଗୁମଟିର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 39.37 ଲକ୍ଷ, EMD : ₹ 78,800/-

(2) ଟେଣ୍ଡର ସଂ. e-tender-CENTKUR-324-2025, ତା.11.12.2025ରିଖ

**ବିବରଣୀ :** ଡିପୋଜିଟ୍ ସ୍କିମ୍ ଅଧୀନରେ 3 ବର୍ଷ ଅବଧି ନିମନ୍ତେ ତାଳଚେର ଠାରେ MCL ସାଇଡିଙ୍ଗ (ତାଳଚେର ଷ୍ଟେସନ ଠାରୁ TLSB ୟାର୍ଡ ପର୍ଯ୍ୟନ୍ତ), JNC/64 ପର୍ଯ୍ୟନ୍ତ SPUR-3&4 ସହିତ TLSB କ୍ୟାବିନ୍ (EX) ଠାରୁ ଜଗନ୍ନାଥ ସାଇଡିଙ୍ଗ, TLSB କ୍ୟାବିନ୍ (EX) ଜଗନ୍ନାଥ SILO ଲାଇନ (JNC / 125), ତାଳଚେର ଠାରୁ ଦେଉଳବେଡ଼ା ଏବଂ DB1 ୟାର୍ଡର ER ଲାଇନ ଠାରୁ DL/2/17 ପର୍ଯ୍ୟନ୍ତ) (SPUR-1&2 ଏବଂ ER ଲାଇନ ସହିତ TLSB (EX) ଠାରୁ ସାଉଥ ବଳଣ୍ଡା (UP & DN), SPUR-7&8 ସହିତ ସାଉଥ ବଳଣ୍ଡା (EX) ଠାରୁ ଭରତପୁର ୟାର୍ଡ ଏବଂ ଜଗନ୍ନାଥ ଭରତପୁର-କଳିଙ୍ଗ କନେକ୍ଟିଭିଟି (JNC/64 - JNC4/11))ର ପ୍ରସ୍ତାବିତ ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ବିବିଧ କାର୍ଯ୍ୟସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2310.45 ଲକ୍ଷ, EMD : ₹ 13,05,200/-

(3) ଟେଣ୍ଡର ସଂ. e-tender-NORTHKUR-325-2025, ତା.11.12.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଯାଜପୁର କେନ୍ଦୁଝର ରୋଡ଼ ପରିସୀମା ଅଧୀନରେ ରେଲଗୁଡ଼ିକର ପେଣ୍ଟିଙ୍ଗ, ERCs ର ଗ୍ରୀସିଙ୍ଗ ଏବଂ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 261.27 ଲକ୍ଷ, EMD : ₹ 2,80,600/-

ଶେଷ ହେବା ଅବଧି : 06 (ଛଅ) ମାସ (କ୍ରମ ସଂ. 1 ପାଇଁ), 36 (ଛତିଶି) ମାସ (କ୍ରମ ସଂ. 2 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.01.2026ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

Sd./- Superintending Engineer, M.I. Division, Kalahandi
OIPR-32531/11/0013/2526

---

See Career Appointment on every Wednesday & Saturday

---

**BHUBANESWAR DEVELOPMENT AUTHORITY**
AKASH SHOVA BUILDING,
SACHIVALAYA MARG, BHUBANESWAR-751001
Visit us at: http://www.bda.gov.in/

**INVITATION FOR BIDS**

Bid Identification No.1197/EE-I/BDA/2025-26 Date:19.12.2025

No.CAD-2776: Executive Engineer, Division No.I, BDA on behalf of Bhubaneswar Development Authority, Bhubaneswar invites percentage rate bids in single cover system in ONLINE MODE from eligible contractors for civil works as mentioned below:

1. Nature of Works : Civil Work
2. Total No. of Works : 01 (One) No.
3. Amount put to tender : Rs.16.24 Lakh
4. Class of Contractor : 'D' & 'C' Class
5. Period of Completion : 01 (One) Calendar Month
6. Cost of Bid Documents : Rs.6000.00+ 18% GST (Online transfer by the last date & time for receipt of bids)
7. Earnest Money Deposit (EMD) : 1% of estimated cost put to tender (Online transfer by the last date & time for receipt of bids)
8. Availability of Tender : From 20.12.2025 to 5.00 PM of 29.12.2025 https://tendersodisha.gov.in
9. Date of Opening of Tender : Dt.30.12.2025 at 11.30 AM
10. Place of Opening of Tender : O/o. Executive Engineer, Div-I, BDA Bhubaneswar

Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

Sd./- Executive Engineer, Division No-I, BDA
OIPR-13033/11/0425/2526

---

**ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼**
**OFFICE OF THE MUNICIPAL COUNCIL, TITILAGARH**
(Dept. of Housing & Urban Development, Govt.of Odisha)
At/Po.Ps.Titilagarh, Dist.Balangir-767033, e-mail: titilagarhmunicipality@gmail.com

**e-tender notice details**
Bid identification No.TIG-MPL-18-2025
DTCN No.3744/Dt.17.12.2025

No.C-1822: Bid documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in.

1. Name of the Work : Civil Construction works as mentioned in website.
2. No. of Works : **1 no. of Civil Projects**
3. Tender Cost : **As per DTCN**
4. Period of Completion : 60 days
5. Date & Time of availability of Bid documents in the Portal : From **19.12.2025, 12.00 am to 29.12.2025, 5.00 P.M.**
6. Last date & time for receipt of bids in the portal : upto **29.12.2025 at 5.00 P.M.**
7. Last date & time for deposit Of Fees & Documents (in sealed envelope) at Office tender box : upto **30.12.2025 at 05.00 PM**
8. Bids received online & Offline will be opened on : On **31.12.2025 at 11.00 AM**
9. Name and address of the Officer Inviting Bid : Executive Officer, Titilagarh Municipality

Further details can be seen from the procurement portal i.e. **https://tendersodisha.gov.in.**

Sd./- Executive Officer, Titilagarh Municipality
OIPR-13095/11/0041/2526

---

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JAJPUR**
Letter No.3509/ Dt.17.12.2025
Bid Identification No. online SEMIDJAJ-07/2025-26, eemijajpur@gmail.com

No.A-1149: The Superintending Engineer, Minor Irrigation Division Jajpur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| Name of the Work: | Construction of Canal lining under M.I. Division, Jajpur |
| No. of Works: | 02 (Two) Only |
| Estimated Cost: | Varies from 83.91 to 84.72 lakh (Approximately) |
| Cost of Tender Paper: | 10000/- |
| Period of Completion: | 02 (Two) Calendar Months |
| Availability of bid documents for sale and receipt through online | From dt.20.12.2025, 10.00 AM to dt.29.12.2025, upto 5.00 P.M. |
| Last date/time of receipt of bids in the portal: | 29.12.2025 (5.00 PM) |
| Date of Opening technical bid through online | On dt.30.12.2025 at 11.00 AM in the Office of the S.E.,M.I. Division, Jajpur |
| Date of Opening Financial Bid through online: | On dt.02.01.2026 at 11.00 AM in the Office of the S.E., M.I. Division, Jajpur |
| Mode of Payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) |
| Date of Lottery if required | 08.01.2026 (12.00 Noon) |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Jajpur, At-Bhabaniganj, P.O./ District-Jajpur, Pin No.755001, Email ID: eemijajpur@gmail.com |
| Further details can be seen from the e-Procurement http://tendersorissa.gov.in | |

Sd./- Superintending Engineer, M.I. Division, Jajpur
OIPR-32280/11/0023/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାବାର୍ଡ ଆଗରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା

## ୬ ଦଫା ଦାବି ନେଇ ତୀବ୍ର ହେବ ଆନ୍ଦୋଳନ

ଭୁବନେଶ୍ୱର,୧୯।୧୨(ଅନୁରାଧା ମହାରଣା)

ନାବାର୍ଡରେ ସିଧାସଳଖ ନିଯୁକ୍ତିପ୍ରାପ୍ତ ପେନ୍‌ସନଭୋଗୀଙ୍କ ପେନ୍‌ସନ ସଂଶୋଧନର ଅନୁମୋଦନ ଓ ପରିବାର ପେନ୍‌ସନ ସଂଶୋଧନରେ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ସତ୍ତ୍ୱେ ନାବାର୍ଡ ଦ୍ୱାରା କାର୍ଯ୍ୟକାରିତାରେ ଅହେତୁକ ବିଳମ୍ବ ହେତୁ ପେନ୍‌ସନ ସମ୍ବନ୍ଧୀୟ ପ୍ରସଙ୍ଗ ବିଚାର ହୋଇପାରି ନ ଥିବା ଅଖିଳ ଭାରତୀୟ ନାବାର୍ଡ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘ (ଏଆଇଏନ୍‌ଆରଇଡବ୍ଲ୍ୟୁଏ) ପକ୍ଷରୁ ଅଭିଯୋଗ ହୋଇଛି। ୬ଦଫା ଦାବି ନେଇ ନାବାର୍ଡର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇଏନ୍‌ଆର୍‌ଇଡବ୍ଲ୍ୟୁଏ ୨୦୧୭ ନଭେମ୍ବର ପୂର୍ବରୁ ଅବସରପ୍ରାପ୍ତ ନାବାର୍ଡ ନିଯୁକ୍ତିପ୍ରାପ୍ତଙ୍କ ପାଇଁ ପେନ୍‌ସନରେ ସଂଶୋଧନ ଦାବି କରିଛି। ଏହା ସହ କେନ୍ଦ୍ର ଅନୁମୋଦିତ ପରିବାର ପେନ୍‌ସନର ସଂଶୋଧନ ଏବଂ ପରିବାର ପେନ୍‌ସନର ଉପର ସୀମାକୁ ହଟାଇବା ସହ ୨୦ ବର୍ଷ ଚାକିରି ପରେ ପୂର୍ଣ୍ଣ ପେନ୍‌ସନ ପ୍ରଦାନ ଏବଂ ଶେଷ ଦରମା କିମ୍ବା ହାରାହାରି ୧୦ ମାସର ଦରମା ଆଧାରରେ ପେନ୍‌ସନ ସ୍ଥିର କରିବା ଅନ୍ୟ ଏକ ଦାବି ରହିଛି। ୨୧ ଜୁଲାଇ ୨୦୨୩ର ଆଦେଶ ଅନୁଯାୟୀ ନାବାର୍ଡ ନିଯୁକ୍ତ ପେନ୍‌ସନଭୋଗୀଙ୍କୁ ପେନ୍‌ସନ ସଂଶୋଧନ ପାଇବାରୁ ଅନ୍ୟାୟ ଭାବରେ ବାଦ୍ ଦେଇଛନ୍ତି ଏବଂ ନାବାର୍ଡରେ ୨ ଶ୍ରେଣୀର ଅବସରପ୍ରାପ୍ତ ବ୍ୟକ୍ତି ସୃଷ୍ଟି କରିଛନ୍ତି। ସରକାରୀ ଆଦେଶ କେବଳ ପକ୍ଷପାତମୂଳକ ନୁହେଁ ବରଂ ନାବାର୍ଡ ପେନ୍‌ସନ ନିୟମାବଳୀ ୧୯୯୩ର ମଧ୍ୟ ଉଲ୍ଲଂଘନ କରୁଛି ଏବଂ ସମ୍ବିଧାନର ଧାରା ୧୪ ଅନୁଯାୟୀ ଆଇନ ଆଗେ ସମାନତା ନୀତିର ମଧ୍ୟ ଉଲ୍ଲଂଘନ କରୁଥିବା ସଂଘ ଦର୍ଶାଇଛି। ଏହି ଅବସରରେ ଏକ ଗଣ ପ୍ରତିନିଧିତ୍ୱରେ ପ୍ରଧାନ କାର୍ଯ୍ୟାଳୟରେ ନାବାର୍ଡ ଅଧ୍ୟକ୍ଷଙ୍କୁ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ଓଆଇସିଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ନହେଲେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଆହୁରି ତୀବ୍ର କରାଯିବ ବୋଲ ସଭାପତି ବିକ୍ରମ କୁମାର ଦାଶ ଚେତାବନୀ ଦେଇଛନ୍ତି।



ନାବାର୍ଡର ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଏନ୍‌ଆରଇଡବ୍ଲ୍ୟୁଏ ର ସଦସ୍ୟମାନେ ଧାରଣା ଦେଇଛନ୍ତି। (ଫଟୋ- ବିକାଶ ନାୟକ)

# ଇଚ୍ଛାପୁରୀରୁ ମୁନ୍ଦ୍ରା ବନ୍ଦର ଗଡ଼ିଲା ରପ୍ତାନି କାର୍ଗୋ ଏକ୍ସପ୍ରେସ୍

ଭୁବନେଶ୍ୱର,୧୯।୧୨

ଭାରତୀୟ ରେଳପଥ ରପ୍ତାନି-କେନ୍ଦ୍ରିତ, ନିଶ୍ଚିତ ମାଲ ପରିବହନ ସେବା, ରପ୍ତାନି କାର୍ଗୋ ଏକ୍ସପ୍ରେସ୍, ଗୁରୁଗ୍ରାମର ଇଚ୍ଛାପୁରୀ କଣ୍ଟେନର ଟର୍ମିନାଲରୁ ମୁନ୍ଦ୍ରା ବନ୍ଦର ପର୍ଯ୍ୟନ୍ତ ଏକ ଡବଲ-ଷ୍ଟାକ୍ କଣ୍ଟେନର ଟ୍ରେନ ଭାବରେ ପରିଚାଳନା କରୁଛି। ପୂର୍ବରୁ, ଗୁରୁଗ୍ରାମର ଗଡ଼ିରୁ ନିଶ୍ଚିତ ମାଲ ପରିବହନର ୨୦ଟି ଟ୍ରିପ୍ ପରିଚାଳିତ ହେଉଥିଲା। ଏହି ରେଳ ମାଲ ପରିବହନ ସେବା ପ୍ରଥମ ଥର ପାଇଁ ଗୁରୁଗ୍ରାମର ଇଚ୍ଛାପୁରୀରୁ ପରିଚାଳିତ ହେଉଛି। ମୁନ୍ଦ୍ରା ବନ୍ଦରକୁ ଏହି ସାପ୍ତାହିକ ସେବା ଦ୍ରୁତ, ନିର୍ଭରଯୋଗ୍ୟ ମାଲ ପରିବହନ ସୁନିଶ୍ଚିତ କରି ରପ୍ତାନିକାରୀଙ୍କ ପାଇଁ ଲାଭଦାୟକ ହେବ, ମାଲ ପରିବହନ ବିଳମ୍ବ ଏବଂ ପରିଚାଳନା ଖର୍ଚ୍ଚ ହ୍ରାସ କରିବ। ଉତ୍ତର ରେଳପଥର ଦିଲ୍ଲୀ ଡିଭିଜନ ରପ୍ତାନିକାରୀଙ୍କ ପାଇଁ ନିଶ୍ଚିତ ମାଲ ପରିବହନ ସେବା ପରିଚାଳନା କରୁଛି। ଏହି ସ୍ୱତନ୍ତ୍ର ଭାବରେ ପରିଚାଳିତ ମାଲ ପରିବହନ ଟ୍ରେନ୍ ସର୍ବନିମ୍ନ ଷ୍ଟପେଜ, ନିର୍ବିଘ୍ନ ଗତିବିଧି ଏବଂ ମାଲ ପରିବହନର ଦ୍ରୁତ, ସମୟସୀମା ପ୍ରଦାନକରେ।

# ଆଜି ଯାଜପୁରରୋଡ୍‌ରେ ଖିମ୍‌ଜୀ ଜୁଏଲର୍ସର ଉଦ୍‌ଘାଟନ



ଭୁବନେଶ୍ୱର,୧୯।୧୨(ହର୍ଷବର୍ଦ୍ଧନ ବେହେରା)

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଶନିବାର ଯାଜପୁରରୋଡ୍‌ରେ ଏକ ୬୦୦୦ ବର୍ଗଫୁଟ ବିଶିଷ୍ଟ ଶୋ'ରୁମ୍‌ର ଉଦ୍‌ଘାଟନ କରାଯିବ। ପଙ୍କଜ ହୋଟେଲ ନିକଟସ୍ଥ ବ୍ୟାଙ୍କ ଷ୍ଟ୍ରିଟ୍ ରୋଡ୍‌ରେ ଅବସ୍ଥିତ ଏହି ଶୋ'ରୁମ୍ ଓଡ଼ିଶାର ୧୧ତମ ଶୋ'ରୁମ୍। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ନିର୍ଦ୍ଦେଶକ ସୁମୀତ ଖିମ୍‌ଜୀ, ଖିମ୍‌ଜୀ ପରିବାରର ସଦସ୍ୟମାନେ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିବେ। ଷ୍ଟୋର୍ ଲେଆଉଟ୍ ଗ୍ରାହକମାନଙ୍କୁ ଖିମ୍‌ଜୀ ଜୁଏଲର୍ସର ଅସାଧାରଣ କାରିଗରି ଅନ୍ୱେଷଣ କରିବାର ସୁଯୋଗ ଦେଇଥାଏ ଯାହା କାଳଜୟୀ ସୁନା ଓ ହୀରା ଗହଣାରୁ ଆରମ୍ଭକରି ନୂଆ ରୁପା ଓ ଫ୍ୟାଶନ ଗହଣା ପର୍ଯ୍ୟନ୍ତ ରହିଛି। ଏହି ଷ୍ଟୋର୍ କର୍ପୋରେଟ ଉପହାରର ବଢ଼ୁଥିବା ଚାହିଦାକୁ ମଧ୍ୟ ପୂରଣ କରିବ ଏବଂ କର୍ପୋରେଟ କ୍ଲାଏଣ୍ଟମାନଙ୍କ ପାଇଁ ଅନନ୍ୟ ଓ ବେସ୍ପୋକ ଉତ୍ପାଦ ପ୍ରଦାନ କରିବ । ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଯାଜପୁର ରୋଡ୍ ଦୀର୍ଘ କାଳରୁ ଓ ଶିଳ୍ପ ବିକାଶର କେନ୍ଦ୍ରବିନ୍ଦୁ ରହିଛି ଏବଂ ଖିମ୍‌ଜୀ ଜୁଏଲର୍ସରେ ଆମେ ଏହାକୁ ଯାଜପୁର ରୋଡ୍‌ର ଅଗ୍ରଗତିର ଯାତ୍ରାରେ ଯୋଗଦେବାର ଉପଯୁକ୍ତ ସମୟ ଭାବି ଦେଖୁଛୁ। ଆମର ନୂଆ ଶୋ'ରୁମ୍ ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ କେବଳ ଆମର ବିଶ୍ୱାସ ଓ କାରିଗରିର ଐତିହ୍ୟ ନୁହେଁ ବରଂ ସେମାନଙ୍କ ଆଧୁନିକ ଓ ପ୍ରିମିୟମ ଜୀବନଶୈଳୀର ଆକାଂକ୍ଷା ସହ ମିଶୁଥିବା ଡିଜାଇନ ମଧ୍ୟ ଆଣିବୁ। ନୂଆ ଶୋ'ରୁମ୍‌ର ଶୁଭାରମ୍ଭ ପୂର୍ବରୁ ବିଶେଷ ଉଦ୍‌ଘାଟନୀ ଅଫର ଘୋଷଣା କରାଯାଇଛି । ଗ୍ରାହକମାନେ ସୁନାଗହଣାର ଗଢ଼ା ମଜୁରିରେ ଫ୍ଲାଟ୍ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି ରୁପା ଓଜନ ଆଇଟମ ଗହଣା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି, ରୁପା ଓ ଫ୍ୟାଶନ ଗହଣା ଏମ୍‌ଆର୍‌ପି ଆଇଟମ୍‌ରେ ଫ୍ଲାଟ୍ ୧୫% ରିହାତି ଏବଂ ଆର୍ଟିଫ୍ୟାକ୍ଟସରେ ଫ୍ଲାଟ୍ ୧୦% ରିହାତି ପାଇପାରିବେ । ଖିମ୍‌ଜୀର ଭୁବନେଶ୍ୱରରେ ୪ଟି ଶୋ'ରୁମ୍ ଥିବାବେଳେ କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଅନୁଗୋଳ ଏବଂ ଏବେ ଯାଜପୁର ରୋଡ୍‌ରେ ଶୋ'ରୁମ୍ ସହ ଖିମ୍‌ଜୀ ଜୁଏଲର୍ସ ତା'ର ବ୍ୟବସାୟ ବିସ୍ତାର କରିଛି।

# ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ନାମେଣ୍ଟରେ ଏନ୍‌ସିଏଲ୍ ସିଙ୍ଗରୌଲି ବିଜୟୀ



ଭୁବନେଶ୍ୱର,୧୯।୧୨

ରାଞ୍ଚିସ୍ଥିତ ସିଏମ୍‌ପିଡିଆଇ ସ୍ପୋର୍ଟସ ଗ୍ରାଉଣ୍ଡରେ ଅନୁଷ୍ଠିତ ୩ ଦିନିଆ ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ନାମେଣ୍ଟ ୨୦୨୫-୨୬ ଉଦ୍‌ଯାପିତ ହୋଇଯାଇଛି। ଏକ ରୋମାଞ୍ଚକର ଫାଇନାଲ ମ୍ୟାଚରେ ନର୍ଦ୍ଦର୍ନ କୋଲଫିଲ୍ଡସ ଲିମିଟେଡ୍ (ଏନ୍‌ସିଏଲ୍) ସିଙ୍ଗରୌଲି ପୂର୍ବ କୋଲଫିଲ୍ଡସ ଲିମିଟେଡ୍ (ଇସିଏଲ୍)-ସଙ୍କଟୋରିଆକୁ ୨୮-୨୬, ୨୫-୧୮, ୨୪-୨୬, ୨୫-୨୦ (୩-୧)ରେ ପରାସ୍ତ କରି ଟାଇଟଲ ଜିତିଛି। ଇସିଏଲ୍‌ର କୁନାଲ ଶର୍ମାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଛି। ଆନ୍ତଃ ସିଆଇଏଲ୍ ଭଲିବଲ ଟୁର୍ନାମେଣ୍ଟ ୨୦୨୫-୨୬ ସମୟରେ, ସିଏମ୍‌ପିଡିଆଇ କ୍ରୀଡ଼ାରେ ମହିଳା ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ମହିଳା ଶକ୍ତିକୁ ପାଳନ କରିବା ଏବଂ ସେମାନଙ୍କର ଶକ୍ତି, ଆତ୍ମବିଶ୍ୱାସ ଏବଂ ନେତୃତ୍ୱ କ୍ଷମତା ପ୍ରଦର୍ଶନ କରିବା ପାଇଁ ଏକ ସ୍ୱତନ୍ତ୍ର ମହିଳା ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ, କୋଲ ଇଣ୍ଡିଆର ନିର୍ଦ୍ଦେଶକ (ମାନବ ସମ୍ବଳ) ବିନୟ ରଞ୍ଜନ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ ଏବଂ ସିଏମ୍‌ପିଡିଆଇର ସ୍ୱତନ୍ତ୍ର ଡ୍ୟୁଟି ଅଧିକାରୀ ଚୌଧୁରୀ ଶିବ ରାଜ ସିଂହ ରନର ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସିଏମ୍‌ପିଡିଆଇ ନିର୍ଦ୍ଦେଶକ (ଟେକ୍ନିକାଲ/ସିଆର୍‌ଡି) ଶଙ୍କର ନାଗାଚାରୀ, ନିର୍ଦ୍ଦେଶକ (ଟେକ୍ନିକାଲ/ଇଏସ୍) ରାଜୀବ କୁମାର ସିହ୍ନା, ନିର୍ଦ୍ଦେଶକ (ଟେକ୍ନିକାଲ/ଆର୍‌ଡି ଆଣ୍ଡ ଟି) ନୃପେନ୍ଦ୍ର ନାଥ, ସିଏମ୍‌ପିଡିଆଇ ଏବଂ ସିସିଏଲ୍‌ର ମୁଖ୍ୟ ସତର୍କତା ଅଧିକାରୀ ପଙ୍କଜ କୁମାର, ଜେସିସି ଏବଂ ଟ୍ରେଡ ୟୁନିୟନର ପ୍ରତିନିଧି, ସିଏମ୍‌ଓଏଆଇର ପ୍ରତିନିଧି ଉପସ୍ଥିତ ଥିଲେ।

# ସ୍ମାର୍ଟ ଶିକ୍ଷା ପାଇଁ 'ମୁଥୁଟ୍ ଶିକ୍ଷା ଜ୍ୟୋତି'



ଭୁବନେଶ୍ୱର,୧୯।୧୨

ଭାରତର ସର୍ବବୃହତ୍ ସ୍ୱର୍ଣ୍ଣ-ଋଣ ଏନ୍‌ବିଏଫ୍‌ସି, ମୁଥୁଟ୍ ଫାଇନାନ୍ସ ଏହାର ନୂତନ ସିଏସଆର୍ ପଦକ୍ଷେପ 'ମୁଥୁଟ୍ ଶିକ୍ଷା ଜ୍ୟୋତି' ଆରମ୍ଭ କରିଛି। ଏହା ଡିଜିଟାଲ ଭିତ୍ତିଭୂମି ମାଧ୍ୟମରେ ସ୍ମାର୍ଟ ଶିକ୍ଷାକୁ ସକ୍ଷମ କରିଥାଏ। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଭାବରେ, ବିଭିନ୍ନ କ୍ଷେତ୍ରରେ ସରକାରୀ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟଗୁଡ଼ିକରେ ୬୫-ଇଞ୍ଚ ସ୍କ୍ରିନ ସହିତ ୭୫ଟି ସ୍ମାର୍ଟ ଇଣ୍ଟରାକ୍ଟିଭ ପ୍ୟାନେଲ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବରେ ନୂଆଦିଲ୍ଲୀର ଅଳକନନ୍ଦାର ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲରେ ଆରମ୍ଭ କରାଯାଇଥିଲା ଏବଂ ଏହା ଦିଲ୍ଲୀ, ହରିୟାଣା, ଉତ୍ତର ପ୍ରଦେଶ, ଲୁଧିଆନା (ପଞ୍ଜାବ), ଓଡ଼ିଶା, ମୁମ୍ବାଇ, ଗୁଜରାଟ, ରାଜସ୍ଥାନ, ପୁଣେ, କୋଲକାତା, ସିଲିଗୁଡ଼ି, ରାୟପୁର ଏବଂ ଗୁଆହାଟୀର ସ୍କୁଲଗୁଡ଼ିକୁ ଲାଭଦାୟକ କରିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର ଗୁପ୍ତା, ଗ୍ରେଟର କୈଳାସ ନିର୍ବାଚନମଣ୍ଡଳୀର ବିଧାୟକ, ଶିଖା ରାୟ, ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ମୁଥୁଟ୍ ଫାଇନାନ୍ସ, ଆଲେକଜାଣ୍ଡର ଜର୍ଜ ମୁଥୁଟ୍ ଏବଂ ଉପ ପରିଚାଳନା ନିର୍ଦ୍ଦେଶକ, ମୁଥୁଟ୍ ଫାଇନାନ୍ସ, ଜର୍ଜ ଏମ୍. ଜର୍ଜ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏହି ପଦକ୍ଷେପ ଅଧୀନରେ ପ୍ରଚଳିତ ସ୍ମାର୍ଟ ଇଣ୍ଟରାକ୍ଟିଭ ପ୍ୟାନେଲଗୁଡିକ ଶ୍ରେଣୀଗୃହ ଅଂଶଗ୍ରହଣ ବୃଦ୍ଧି କରିବା, ଡିଜିଟାଲ ଶିକ୍ଷଣ ଉପକରଣଗୁଡ଼ିକୁ ସକ୍ଷମ କରିବା ଏବଂ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥାରେ ଡିଜିଟାଲ ବିଭାଜନକୁ ହ୍ରାସ କରିବା ଲକ୍ଷ୍ୟ ରଖିଛି। ପାଇଲଟ ପ୍ରକଳ୍ପ ସଫଳ ହେଲେ ଏହି କାର୍ଯ୍ୟକ୍ରମ ଅନ୍ୟ ଅଞ୍ଚଳକୁ ବିସ୍ତାର କରାଯିବ।

# 'ସବ୍‌କା ବୀମା ସବ୍‌କି ରକ୍ଷା'କୁ ଏଲ୍‌ଆଇସିର ସ୍ୱାଗତ

ଭୁବନେଶ୍ୱର,୧୯।୧୨

ସବ୍‌କା ବୀମା ସବ୍‌କି ରକ୍ଷା (ବୀମା ଆଇନ ସଂଶୋଧନ) ବିଲ୍, ୨୦୨୫ ସଂସଦରେ ପାରିତ ହେବା ଦ୍ୱାରା ଭାରତର ବୀମା ଢାଞ୍ଚାର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିବା ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ କୁହାଯାଇଛି।। ବୀମା ଆଇନ, ୧୯୩୮, ଜୀବନ ବୀମା ନିଗମ ଆଇନ, ୧୯୫୬ ଏବଂ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ ଆଇନ, ୧୯୯୯ ସଂଶୋଧନକରି, ଏହି ବିଲ୍ ଭାରତର ଦୀର୍ଘକାଳୀନ ବିକାଶ ପ୍ରାଥମିକତା ସହ ସମନ୍ୱିତ ଏକ ଆଧୁନିକ, ନମନୀୟ ଏବଂ ଅନ୍ତର୍ଭୁକ୍ତ ନିୟାମକ ସ୍ଥାପତ୍ୟର ଆବଶ୍ୟକତାକୁ ଦର୍ଶାଉଛି। ଏହି ବିଲ୍ ଅଧୀନରେ ପ୍ରସ୍ତାବିତ ସଂଶୋଧନଗୁଡ଼ିକ '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା' ପାଇଁ ଉଦ୍ଦିଷ୍ଟ ଜାତୀୟ ମିଶନକୁ ସମର୍ଥନ କରୁଛି। ସଂଶୋଧିତ ବିଲ୍ ପୁରୁଣା ବ୍ୟବସ୍ଥାଗୁଡ଼ିକୁ ଅପ୍‌ଡେଟ୍‌କରି ଏବଂ ଶାସନ ମାନଦଣ୍ଡକୁ ସୁଦୃଢ଼ କରି, ସଂଶୋଧନଗୁଡ଼ିକ ବୀମା ଇକୋସିଷ୍ଟମରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ବିବେଚନାମୂଳକ ତଦାରଖକୁ ସୁଦୃଢ଼ କରିବ। ଲୋକସଭାରେ ବୀମା ସଂଶୋଧନ ବିଲ୍‌କୁ ସ୍ୱାଗତକରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସାରା ଦେଶରେ ବୀମା ପ୍ରବେଶ ଏବଂ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଅଧିକ ସଚେତନତା ନାଗରିକମାନଙ୍କୁ କେବଳ ବିପଦରୁ ନିଜକୁ ରକ୍ଷା କରିବାକୁ ସକ୍ଷମ କରିବ ନାହିଁ ବରଂ ସେମାନେ ସେମାନଙ୍କର ଯଥାର୍ଥ ବୀମା ଦାବି ପାଇବାକୁ ମଧ୍ୟ ନିଶ୍ଚିତ କରିବ। ଅର୍ଥମନ୍ତ୍ରୀ ଏହାର ଦୀର୍ଘକାଳୀନ ଅଭିବୃଦ୍ଧି ଏବଂ ସ୍ଥିରତାକୁ ସମର୍ଥନ କରିବା ପାଇଁ ବୀମା କ୍ଷେତ୍ରରେ ପୁଞ୍ଜି ପ୍ରବେଶ ବୃଦ୍ଧିର ଆବଶ୍ୟକତା ଉପରେ ଆହୁରି ଗୁରୁତ୍ୱାରୋପ କରିଥିଲେ।

# ସ୍ମାର୍ଟ ଇଣ୍ଡିଆ ହାକାଥନରେ ସିଜିୟୁ ଛାତ୍ରୀଛାତ୍ରଙ୍କ କୃତିତ୍ୱ



ଭୁବନେଶ୍ୱର,୧୯।୧୨(ଅନୁରାଧା ମହାରଣା)

ଜାତୀୟ ସ୍ମାର୍ଟ ଇଣ୍ଡିଆ ହାକାଥନ ଡିସେମ୍ବର ୮ ଓ ୯ରେ ୬୦ଟି ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରୁ ୮ ଲକ୍ଷ ଛାତ୍ରୀଛାତ୍ର ଭାଗନେଇଥିଲେ। ଏହି ପ୍ରତିଯୋଗିତା ଶିକ୍ଷା ମନ୍ତ୍ରଣାଳୟର ଇନୋଭେଶନ ସେଲ୍ ଦ୍ୱାରା ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ(ଏଆଇସିଟିଇ) ସହଯୋଗରେ ଅନୁଷ୍ଠିତ ଏକ ଜାତୀୟସ୍ତରୀୟ ଇନୋଭେଶନ ଚ୍ୟାଲେଞ୍ଜ ଥିଲା। ଭୁବନେଶ୍ୱରର ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିର କମ୍ପ୍ୟୁଟର ସାଇନ୍ସ ବିଭାଗର ଦ୍ୱିତୀୟ ବର୍ଷର ୬ ଜଣ ଛାତୀଛାତ୍ର ଅନୁଭବ ମିଶ୍ର, ଶତରୂପା ପଣ୍ଡା, ସନ୍ଦୀପ ପୃଷ୍ଟି, ସ୍ୱୟଂ ପି ମହାନ୍ତି, ଶ୍ରେୟା ମହାନ୍ତି ଏବଂ ସାଇ ସୃଷ୍ଟିଙ୍କୁ ନେଇ ସମାଧାନ ବନ୍ଧୁ ନାମକ ଏକ ଟିମ୍ ସ୍ମାର୍ଟ ଇଣ୍ଡିଆ ହାକାଥନ ଫାଇନାଲରେ ଅଂଶ ଗ୍ରହଣ କରିଥିଲେ। ଏହି ଟିମ୍‌ଟି ଏଆଇ ଏବଂ ରୋବୋଟିକ୍ସକୁ ଆଧାରକରି ସମସ୍ୟା ବିବୃତିର ସମାଧାନ କରିଥିଲେ। ସର୍ବଭାରତରେ ପ୍ରଥମ ସ୍ଥାନ ଅଧିକାରକରି ଟ୍ରଫି ଓ ୧.୫ ଲକ୍ଷ ରାଶିର ପୁରସ୍କାର ଅର୍ଜନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ସଞ୍ଜୀବ କୁମାର ରାଉତ, ଭାଇସ୍ ଚାନ୍ସେଲର ପ୍ରଫେସର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ ଏହି ଟିମ୍ ଓ ସେମାନଙ୍କ ମେଣ୍ଟର ଡ. ପ୍ରଶାନ୍ତ କୁମାର ଦାଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜାନୁଆରୀ ୧୫ରୁ ବଦଳିବ ଏକ୍ସ ନିୟମ

ଭୁବନେଶ୍ୱର,୧୯।୧୨

ଏକ୍ସ କମ୍ପାନୀ ତା'ର ସର୍ଭିସ୍ ଟର୍ମସ ଏବଂ ଗୋପନୀୟତା ନୀତିରେ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି। କମ୍ପାନୀର କହିବା ଅନୁଯାୟୀ, ଏହି ପରିବର୍ତ୍ତନଗୁଡ଼ିକ ତା'ର ବ୍ୟବସାୟ ମଡେଲରେ ହେଉଥିବା ପରିବର୍ତ୍ତନ, ନୂଆ ଆଇନଗତ ନିୟମ ଏବଂ ଉପଭୋକ୍ତାମାନଙ୍କୁ ଅଧିକ ସ୍ପଷ୍ଟ ସୂଚନା ପ୍ରଦାନ କରିବାର ଉଦ୍ଦେଶ୍ୟରେ କରାଯାଉଛି। ନୂଆ ନିୟମଗୁଡ଼ିକ ୨୦୨୬ ଜାନୁଆରୀ ୧୫ ରୁ ଲାଗୁହେବ। ଏହି ତାରିଖ ପରେ ମଧ ଉପଭୋକ୍ତା ଏକ୍ସ ବ୍ୟବହାର କରିବେ। ତେବେ ଉପଭୋକ୍ତା ନୂଆ ନିୟମଗୁଡ଼ିକୁ ସ୍ୱୀକାର କରିଛନ୍ତି ବୋଲି ଧରିନିଆଯିବ। ନୂଆ ନିୟମ ଅନୁଯାୟୀ, ଇୟୁ ଏବଂ ୟୁକେ ଭଳି କେତେକ ଦେଶରେ ଏକ୍ସରେ କେବଳ ଅବୈଧ କଣ୍ଟେଣ୍ଟ ନୁହେଁ ବରଂ ସ୍ଥାନୀୟ ଆଇନ ଅନୁଯାୟୀ କ୍ଷତିକାରକ ବା ଅସୁରକ୍ଷିତ ବୋଲି ବିବେଚିତ ହେଉଥିବା କଣ୍ଟେଣ୍ଟକୁ ମଧ୍ୟ ହଟାଇବାକୁ ପଡ଼ିପାରେ। ଏହାର ଅର୍ଥ ହେଉଛି କଣ୍ଟେଣ୍ଟ ମଡରେସନ ପୂର୍ବ ଅପେକ୍ଷା ଅଧିକ କଡ଼ା ହୋଇପାରେ।


# Classified Everyday 0674-2580101, 9692975378



REAL ESTATE
SALE

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273 D-2877

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347 D-2878

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୮୫୧

READY TO MOVE 3BHK DUPLEX BUNGALOW, 3 ATTACHED TOILETS, PARKING, BOTANDA, SUNDARAPADA, BHUBANESWAR. RANGING RS. 1.25CR., CONTACT: 9861125539, 9040521173. D-2867

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୫୦

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Newly open health benifits, Joint pain relax good environment atmosphere 7653969971. D-2853

All types of physiotherapy with massage, Contact number 9556924059/ 7656969134. D-2766

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### AFFIDAVIT

I, Rabindra Behera, S/o.- Brahma Nanda Behera, R/o. Rangiam, Podapada, Mayurbhanj, Odisha- 757073 have changed the name of my minor son namely Tiki Behera (aged 9 years) and he shall hereafter be known as Bimal Kumar Behera for all future purposes. D-2872

I, Tarabati Dei, W/o. Purandar Behera, Vill./ P.O.- Paikpurunakot, P.S.- Kantabania, Dist.- Dhenkanal, Odisha -759121 declare that I have changed my name from TARA DEI to TARABATI DEI, dtd. 17.12.2025 before Notary Public, Dhenkanal.
Tarabati Dei D-2873

I, Kuni Behera, W/o. Rohit Kumar Sahoo, Village- Guagaria, P.O.- Babandha, P.S.- Rasol, Dist.- Dhenkanal, Odisha-759019 declare that I have changed my minor son's name from ROMAN SAHOO to ROHAN SAHOO on dtd. 19.12.2025 before Executive Magistrate, Hindol.
Kuni behera D-2874

I, Kusum Choudhary, W/o.- Shri Dharamraj Kumar, Residing At- Room No. 111, MT Hostel MCL HQ, Jagruti Vihar Burla-768020 (Sambalpur) declare by this affidavit No. 205639, dated- 15.12.2025 that now onwards I shall be known as Kusum Choudhury for all future purposes. D-2878

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଅରୁଣ କୁମାର ଭୂୟାଁ
ଡି-୬, ମୈତ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ- ୧୦।୧୦।୧୯୬୦
ତିରୋଧାନ- ୧୦।୧୨।୨୦୨୫
ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ମ, ନିଷ୍ଠା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୮୭୭

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପୂର୍ଣ୍ଣେନ୍ଦୁ କିଶୋର ମହାନ୍ତି
ପ୍ଲଟ୍ ୪୪୮, ସହିଦନଗର, ଭୁବନେଶ୍ୱର
ତିରୋଧାନ- ୧୧।୧୨।୨୫
ଚାହୁଁ ଚାହୁଁ ୧୦ ଦିନ ବିତିଗଲା। ତୁମ ସହିତ ସବୁ ସ୍ମୃତି ଓ ଅନୁଭୂତି ଆଖି ଆଗରେ ଝଲକି ପଡୁଛି। ତୁମର ସ୍ନେହ, ଆଦର, ପରୋପକାର ଆମ ପାଇଁ ଆଦର୍ଶ ହୋଇ ରହିବ। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ
ଧ-୨୮୭୫

# ଯାଦୁକର

ଗଳ୍ପ

ମନୀଷା ପଣ୍ଡା

ବୁଝିହୁଏନା ବାପା ଏମିତି ସାଦାସିଧା କେମିତି! କେତେ ପୂଜା ପାର୍ବଣ ଯାଏ ଆଉ ଆସେ, ସବୁବେଳେ ଆମ ପାଇଁ ନୂଆ ଡ୍ରେସ୍ ଆସେ। କେତେବେଳେ ମନକୁ ପାଇଲେ ଦୁଇ ତିନି ହଳ ମଧ୍ୟ ନେଇଆସନ୍ତି, ହେଲେ ନିଜେ ଖରା ବର୍ଷା ଶୀତ ବର୍ଷ ତମାମ ଧୋଇ ଶୁଖେଇ ପିନ୍ଧନ୍ତି କେବଳ ଲୁଙ୍ଗି ଦୁଇ, ଗାମୁଛା ଦୁଇ। ବାପା ରାତିସାରା ଥଣ୍ଡା ଜ୍ୱରରେ ବିଛଣାରେ ପଡ଼ି ଛଟପଟ ହୁଅନ୍ତି, ହେଲେ ସକାଳୁ ଉଠି ନିତ୍ୟକର୍ମ ସାରି ଠିକ୍ ସମୟରେ ଅଫିସ୍ ବାହାରିପଡ଼ନ୍ତି। କୋଉଠୁ ବଳ ପାଆନ୍ତି କେଜାଣି, ଜରୁଆ ଅବଶ ଦେହରେ ମଧ୍ୟ ସାଇକେଲର ପ୍ୟାଡେଲ ଖୁବ୍ ଦ୍ରୁତ ବେଗରେ ମାରି ବେଳାବେଳି ଦପ୍ତରରେ ପହଞ୍ଚି ଥାଆନ୍ତି। ଫେରିବାବେଳକୁ କେବେ କମଳା, ସେଓ, ବିସ୍କୁଟ୍, ମିକ୍ଶ୍ଚର୍, ପେଡ଼ା ସାଙ୍ଗରେ ଆଣି ଆସନ୍ତି ହେଲେ ଘରେ ପହଞ୍ଚି ପେଟ ଗରମ ହୋଇ ଯାଇଛି କହି ଆଳୁ ବାଇଗଣ ପୋଡ଼ି ପଖାଳ ଖାଇବାକୁ ମାଆକୁ ମାଗନ୍ତି। ସେଇଥିଲାଗି ମୁଁ ସମସ୍ତଙ୍କୁ କହେ ଏଇ ବାପାମାନେ ସତରେ ଜଣେ ଜଣେ ଯାଦୁକର।



ସେଦିନ ହଷ୍ଟେଲ ହାତଖର୍ଚ୍ଚ ପାଇଁ ବାପା ଦେଇଥିବା ଟଙ୍କାରୁ ମାସ ଶେଷକୁ ବଞ୍ଚିଥିଲା ମୋର ଅଳ୍ପ କିଛି। ଆଗକୁ ଦୁର୍ଗାପୂଜା ଛୁଟି, ଘରକୁ ଯିବି, ସାନ ଭାଇ ପାଇଁ ବରାଦ ମୁତାବକ ସ୍କେଚ୍ ପ୍ୟାକେଟ୍‌ଟା କିଣି ଆଣିବାକୁ ମନକଲି। ଚୁଡ଼ି ମୁଠାଏ ଭାରି ମନ ହେଲା ମାଆ ପାଇଁ ବାଛି ନେବାକୁ। ବାକି ରହିଲେ ବାପା। ସବୁବେଳେ ଇଚ୍ଛାହୁଏ ବାପା ଅଣ୍ଟାରେ ବେଲ୍ଟ ପିନ୍ଧିଲେ କଡ଼ା ଇସ୍ତ୍ରୀଦିଆ ପୋଷାକ ଆହୁରି ମାନନ୍ତା, ହେଲେ ବାପା ଇନ୍ କରିଥା'ନ୍ତି କିନ୍ତୁ ବେଲ୍ଟ ପିନ୍ଧି ନ ଥାନ୍ତି। ମୋ' ଆଖିକୁ ଭାରି ବେଖାପ ଲାଗେ। ହେଲେ କିଛି କହିବାର ଯୁ' ନଥାଏ। ବାପା ଖୁବ୍ କଡ଼ା ମିଜାଜର। କେତେଥର ମୋ' ବହିଖାତା ବ୍ୟାଗ୍ ବସ୍ତାନି ଅଳିଆ ଗଦାରେ ଫୋପାଡ଼ି ଦେଇଛନ୍ତି। କେତେଥର ହସ୍ତାକ୍ଷର ଲେଖିବା ବେଳେ ଅକ୍ଷର ସୁଧାରିବାକୁ ଯାଇ ଚିରି ଦେଇଛନ୍ତି ହସ୍ତାକ୍ଷର ଖାତା।

ପ୍ରତି ଥର ଖାଇବାବେଳେ ଭାରି ସ୍ନେହରେ ଡାକିହାକି ପାଖରେ ବସାନ୍ତି ବାପା। ପୁଣି ଖାଇବା ଢଙ୍ଗରେ କିଛି ତ୍ରୁଟି ଦେଖି ଖୁବ୍ ଗାଳିଦିଅନ୍ତି। ସେଇ ବାପାଙ୍କ ପାଇଁ ପକେଟ ମନିରୁ ବେଲ୍ଟ କିଣିବାବେଳେ ହାତ ଥରୁଥିଲା ମୋର। କାହିଁକି କେଜାଣି ଛାତି ଖୁବ୍ ଜୋର୍‌ରେ ଉଠାପକା ହେବାର ଅନୁଭବ କରୁଥିଲି। ତଥାପି ତେଲୁଣିପୋକ ପରି ଗୁଡ଼େଇ ଦେଇ ଦୋକାନୀ ଭାଇ ହାତକୁ ବଢ଼େଇଦେଲା ନୂଆ ବେଲ୍ଟ ଅଶୀଟଙ୍କା ନେଇ। ଆଉ ମୁଁ ଅତି ଯତ୍ନରେ ପିଠି ବ୍ୟାଗ୍‌ରେ ରଖି ଆଣି ଆସିଲି। ହଷ୍ଟେଲ ଟ୍ରଙ୍କ ଭିତରେ ଅତି ସନ୍ତର୍ପଣରେ ରଖି ନିଇତି ଦେଖୁଥିଲି। ଆଙ୍ଗୁଠି ଗଣୁଥିଲି ହଷ୍ଟେଲରୁ ଫେରିବି ଘରକୁ କେବେ।

ଘରକୁ ଆସିବା ପୂର୍ବଦିନ ରାତିସାରା ବେଲ୍ଟ ଆଉ ବାପା ଉଭୟେ ଶୁଆଇ ଦେଇ ନ ଥିଲେ। ବସ୍‌ରେ ଘରକୁ ଫେରିବାବେଳେ କଡ଼ା କରି ବ୍ୟାଗ୍‌କୁ କୋଳରେ ଧରି ବସିଥିଲି। କାହିଁକି କେଜାଣି ଉପର ଥାକରେ ଥୋଇବାକୁ ମନ କଲିନାହିଁ। ଗାଁ ବସ୍‌ଷ୍ଟାଣ୍ଡରେ ବାପାଙ୍କୁ ଦେଖି ଗୋଡ଼ହାତ ଖୁବ୍ ଜୋର୍‌ରେ ଥରିଲା। ଘରକୁ ଆସିବାର ଖୁସି ବହୁତ ଥିଲା, ହେଲେ କାହିଁକି କେଜାଣି ଭାରି ଡର ମାଡୁଥିଲା ବାପାଙ୍କ ଟଙ୍କାରେ ବାପାଙ୍କୁ ଉପହାର ଦେବାର ପରିଣତିରେ ବାପା ଖୁବ୍ ଶୁଣେଇ ଦେଇପାରନ୍ତି। ଏମିତି ଆଗତ ଭବିଷ୍ୟତ ଚିନ୍ତା କରି ଗୋଡ଼ ଦୁଇଟା ମରିମରି ଯାଉଥିଲା, ତଥାପି ବାପା ବ୍ୟାଗ୍‌କୁ ମୋର ଧରି ଆଗେ ଆଗେ ଚାଲିଥିଲେ ଷ୍ଟାଣ୍ଡରୁ ଘରଆଡ଼କୁ ଆଉ ମୁଁ କେଇ ପାହୁଣ୍ଡ ପଛରେ ସୁନାଝିଅଟି ପରି ଚାଲିଥିଲି। ଘରେ ପହଞ୍ଚି ପ୍ରକୃତିସ୍ଥ ହେବା ପରେ ମାଆ ବ୍ୟାଗ୍ ଖୋଲି ମଇଳା ପ୍ୟାଣ୍ଟ ଶାର୍ଟ ବେଡ୍‌ଶିଟ୍ ସଫା କରିବାକୁ ନେଲାବେଳେ ସାନ ଭାଇ ଖୁବ୍ ଖୁସିରେ ଝାମ୍ପି ନେଇଗଲା ତା' ସ୍କେଚ୍ ପ୍ୟାକେଟ୍। ମାଆ ଥାକରେ ଅତି ଯତ୍ନରେ ଚୁଡ଼ି ମୁଠାକ ଖୁବ୍ ବଢ଼ିଆ ହୋଇଛି କହି ସାଇତି ଦେଲା। ଆଉ ଏବେ ଆସିଲା ମୋ' ଆଡ଼କୁ ମାଆର ପ୍ରଶ୍ନ- ଏଇଟା କ'ଣ?

ବେଲ୍ଟ ନା କ'ଣ କିଣି ଆଣିଛୁ! ପଖାଳ ଭାତ ଗୁଣ୍ଡାକ ପାଟିକୁ ନେଲା ବେଳକୁ ଥମ୍‌କରି ରହିଗଲି। ଏକା ନିଃଶ୍ୱାସରେ କହିପକେଇଲି- ବାପା ଆମର ଇନ୍ କରୁଛନ୍ତି ବେଲ୍ଟଟା ଲଗେଇଲେ ହୁଅନ୍ତାନି, ସବୁବେଳେ ତ ଲୋଭ କଲେ। ମୁଁ ସେଇଥିଲାଗି ନେଇଆସିଛି, ଏବେ ପିନ୍ଧିବେନି ଯିବେ କୁଆଡ଼େ। କଥା ନ ସରୁଣୁ ଦେଖିଦେଲି ବାପା କୋଠରି ବାହାରେ କରିଡର ଆଡ଼କୁ ମୁହାଁଇଛନ୍ତି। ପ୍ରାଣଶୂନ୍ୟ ଲାଗିଲା ମୋତେ କେଇକ୍ଷଣ ପାଇଁ। ଓହୋ ଆଜି ଖଣ୍ଡପ୍ରଳୟ ହେଲା ନିଶ୍ଚୟ। ବାପା ମାରିଦେବେ ମୋତେ। ହେଲେ ବାପା କିଛି ନ ଶୁଣିଲା ଭଳି ନିଜ ବାଟରେ ଚାଲିଗଲେ। ଓହୋ! ମୁଁ ଆଶ୍ୱସ୍ତ ହେଲି, କିଛି ଶୁଣି ପାରି ନାହାନ୍ତି, ଯାହା ହେଉ। ସନ୍ଧ୍ୟାରେ ବହି ଧରି ପଢ଼ାଘରେ ବସିଥାଆନ୍ତି ବାପା। ସେଦିନ ମୋ' ପଢ଼ା ବନ୍ଦ ଥାଏ, ମୁଁ ବିଶ୍ରାମ କରୁଥାଏ। ମାଆ ବାପାଙ୍କ ହାତକୁ ବେଲ୍ଟଟା ବଢ଼େଇ ଦେଇ ମୁଁ ତାଙ୍କ ପାଇଁ ଆଣିଥିବା କଥା କହିଲା ଆଉ ବାପା ଠୋ କରି ହସଟାଏ ହସିଲେ। ମୁଁ ମିଛିମିଛିକା ଆଖି ବନ୍ଦ ରଖି ନ ଥିଲି ଜାଣିଥିଲେ ବୋଧେ ବାପା। ଜୋର୍ ପାଟିକରି ଶୁଣେଇ ଶୁଣେଇ କହିଲେ- ମୋର ପିନ୍ଧିବାର ଥିଲେ ମୁଁ କ'ଣ କିଣିପାରନ୍ତି ନାହିଁ, ମୋ' ଝିଅର ଯୋଉ ବୁଦ୍ଧି! କ'ଣ କହିବ କୁହ, ବେଲ୍ଟ କିଣି ଆଣିଛି ରାଜଧାନୀରୁ। ବାସ୍ ବାପାଙ୍କ ହସ ଭିତରୁ ମୁଁ ବାହାରି ପାରୁ ନଥିଲି, କାରଣ ବାପାଙ୍କ ଓଠରେ ହସ ଖୁବ୍ ବିରଳ ଥିଲା। ନ ପିନ୍ଧନ୍ତୁ ପଛକେ ହସିଦେଲେ ତ ସେତିକି ଭାରି ଭଲ ଲାଗିଲା। ବାପାଙ୍କ ରୁମ୍ ଖଟବାଡ଼ରେ ବେଲ୍ଟଟା ସବୁବେଳେ ଓହଳିଥାଏ। ସବୁଦିନ ନଜର କରେ ବାପା ପ୍ୟାଣ୍ଟ୍ ଶାର୍ଟ ପିନ୍ଧି ରେଡି ହୋଇ ଅଫିସ୍ ବାହାରିଯିବା ବେଳେ କାହିଁକି କେଜାଣି ସେଇଟାକୁ ଥରେ ଅନେଇ ଦେଇ ଯାଆନ୍ତି। କେବେକେବେ ଧୂଳି ଝାଡ଼ି ଗାମୁଛାରେ ପୋଛି ପୁଣି ଟଙ୍ଗେଇ ଦିଅନ୍ତି। ମାଆ କହେ, କାହିଁକି ଅଯଥା ଆଣିଥିଲୁ ସେଇଟା ସେଇମିତି ଥୁଆହୋଇଛି। ବାପା କ'ଣ କେବେ ପିନ୍ଧିବେ? ମାଆ କହି ଦେଇ ଚାଲିଯାଏ ହେଲେ ପ୍ରତିଥର ବାପାଙ୍କ ହସ ମୋର ମନେପଡ଼େ ଆଉ ମୋ' ମନ କୁରୁଳି ଉଠେ। ଇଚ୍ଛା ହୁଏ, ଏଇମିତି କୁଢ଼କୁଢ଼ ଅଯଥା ଜିନିଷ ଗଦେଇ ଦିଅନ୍ତି ଆଉ ବାପା ନ ରାଗି ହସନ୍ତେ ପ୍ରତିଥର। ଏଇ ବାପାମାନେ ଏଇମିତି ଏମାନେ ସାଧାରଣ ମଣିଷ ନୁହନ୍ତି, ସତରେ ବାପା ହିଁ ଜଣେ ଯାଦୁକର।

ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ: ୮୨୪୯୬୮୬୦୯୩

## ପୁସ୍ତକ ପରିଚୟ

### କବିତା ସମଗ୍ର (ପ୍ରଥମ ଭାଗ)



**କବି:** ଭରତ ବେହେରା
**ସଂପାଦନା:** ଭିକାରୀ ଧଳ
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍ ରୋଡ୍, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୫୫୦/-

ଆଲୋଚ୍ୟ 'କବିତା ସମଗ୍ର'ରେ କବି ଭରତ ବେହେରାଙ୍କର ମୋଟ ପାଞ୍ଚଟି କବିତା ସଂକଳନକୁ ଏକତ୍ର କରାଯାଇଛି। ସେଗୁଡ଼ିକ ହେଲା- 'କୁହୁଳା ଭୂଇଁ', 'ପକ୍ଷ ପରାଗ', 'ଉଲଙ୍ଗ ଉପୃତ୍ତି', 'ମୁଦ୍ରିତ ମହକ' ଓ 'ଏ ମାଟି ମୌନାବତୀ'। କବିଙ୍କର ନଅଟି କବିତା ପୁସ୍ତକ ମଧ୍ୟରୁ ପ୍ରଥମ ପାଞ୍ଚଖଣ୍ଡକୁ ଏଥିରେ ସଂକଳିତ କରାଯାଇଛି। ପାଞ୍ଚଟିଯାକ କବିତା ପୁସ୍ତକର ମୋଟ ୨୪୦ କବିତା ଏଥିରେ ସ୍ଥାନିତ। ପ୍ରଚ୍ଛଦ-କାନି (Flap)ରେ କୁହାଯାଇଛି: ଭରତଙ୍କ କବିତାରେ ଥାଏ ''ହାତଗୋଡ଼ ଜୁର କରି ଖଟୁଥିବା ମଣିଷର ଶ୍ରମ ଓ ସମସ୍ୟାକୁ ଖୁବ୍ ନିକଟରୁ ଦେଖି ଦେଖାଇବାର ବେସାଲିସ୍ ଝୁଙ୍କ୍। କବିତା ପଛରେ ତାଙ୍କର ଉଙ୍କିମାରୁଥାଏ ଭାବ-ଉତ୍ତୁରା ସରଳ ଶବ୍ଦର ଆକର୍ଷଣୀୟ ପ୍ରଚ୍ଛଦ, ସ୍ୱପ୍ନର ଶୃଙ୍ଗାର ଏବଂ ମାୟାଲୋକର ରଙ୍ଗିନ୍ ବର୍ଣ୍ଣମାଳା। କଳାର ତନିମାରେ ଲେସି ହୋଇଥାଏ- କଳ୍ପନାର କୁହୁକବର୍ଣ୍ଣୀ ଭବିଷ୍ୟ।'' ଗ୍ରନ୍ଥର ସମ୍ପାଦକ କବି ଭିକାରୀ ଧଳ ଭରତଙ୍କୁ 'ପ୍ରଗତିବାଦୀ କାବ୍ୟଧାରା'ର କବି ଭାବେ ବିବେଚିତ କରିଛନ୍ତି, ଯାହା ଅନେକାଂଶରେ ସତ୍ୟ। ଭରତଙ୍କ କବିତାରେ ତାଙ୍କ ସମକାଳୀନ ସମାଜ ଓ ଜନଜୀବନର ଚିତ୍ର ନିଷ୍କପଟ ଭାଷାରେ ପ୍ରକାଶ ପାଇଥାଏ। ମେହନତୀ ମଣିଷର ବିଶ୍ୱସ୍ତ ରୂପକାର ଭରତ ଓଡ଼ିଆ କବିତାରେ। ତାଙ୍କ କବିତାର ଭାଷା ମଣିଷର ଦୈନନ୍ଦିନର ଭାଷା, ତେଣୁ ଇଚ୍ଛାକୃତ ଜଟିଳତା ନ ଥାଏ। କେତୋଟି ଉଦାହରଣ ନେବା- ୧. ''ଶୀତକାଳ ଅମଳ ଦିନରେ/ କାଟିଚ ପାଚିଲା ଧାନ ବୋହିଚ କଳେଇ/ କ୍ଷେତରୁ ଖଳାକୁ।/ ଆଉ କେବେ ଲରି ଟ୍ରକ୍ କୁଲି ହୋଇ/ ଲଦ ଓ ଉତାର ମୋରମ ବୋଲ୍ଡର/ ବାଲି ଚିପ୍ସ ମେଟାଲ ମାଙ୍କଡ଼ା/ ରକମାରି କୋଠା ଉପାଦାନ/ ସଭ୍ୟତାର ଚିହ୍ନ।'' (କ୍ଷେତମହଲର ନାରୀ, ପୃ:୦୯), ୨. ''ଅସଂଖ୍ୟ ଆତ୍ମାହୁତି ଅଗ୍ନି ସମାଧିରେ/ ଟଳିପଡ଼ିବ ନାହିଁ ମେରୁରୁ ଗର୍ଦ୍ଦନ/ ତରଳିଯିବ ନାହିଁ କଂସେଇର ଟାଣପଣ/ ତମର ନିଶ୍ଚଳ ଅଭିମାନୀ ଅଗ୍ନି/ କ'ଣ ତତେଇ ପାରିଲା/ ଶୋଷଣ ଶିରକୁ?'' (ଅଗ୍ନି ସମାଧି, ପୃ: ୩୫୯)। ଭରତ ମଣିଷର କବି, ବଂଚୁଥିବା ସମୟ ଓ ସମାଜର କବି। ତାଙ୍କର ଏ 'କବିତା ସମଗ୍ର' ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଦୁର୍ଲଭ ସାଧୁଙ୍କ ଚରିତ



**ଲେଖକ:** ସନ୍ତୋଷ କୁମାର ସାହୁ
**ପ୍ରକାଶକ:** ସୃଜନ ସ୍ୱପ୍ନ, ବଡ଼ଗଡ଼, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୮୦/-

ଆଲୋଚ୍ୟ ପୁସ୍ତକଟି ଭକ୍ତକବି ରାମଦାସଙ୍କ ବିରଚିତ 'ଦାର୍ଢ୍ୟତା ଭକ୍ତି'ର କଥାରୂପ। 'ଦାର୍ଢ୍ୟତା ଭକ୍ତି' ଏପରି ଏକ ପୌରାଣିକ କାବ୍ୟ-ଗ୍ରଂଥ, ଯାହାର ଗଠନମୂଳକ ପ୍ରଭାବ ବହୁବର୍ଷ ଧରି ଜନଜୀବନକୁ ପ୍ରଭାବିତ କରିଆସୁଛି। ଏହି ଅମରଗ୍ରନ୍ଥର କାହାଣୀଗୁଡ଼ିକୁ କବିତାର ଶୃଙ୍ଖଳାରୁ ମୁକ୍ତକରି ସରଳ ଗଦ୍ୟରେ ରୂପାୟିତ କରିବାର ଉଦ୍ୟମ ହେଉଛି ଆଲୋଚ୍ୟ ପୁସ୍ତକ। ପୁସ୍ତକର ପ୍ରଥମ ଭାଗ ପୂର୍ବରୁ ପ୍ରକାଶ ପାଇସାରିଛି ଓ ଏହା ହେଉଛି ଦ୍ୱିତୀୟ ଭାଗ। ଏଥିରେ ମୋଟ ୩୦ଟି କାହାଣୀ ସରଳ ଗଦ୍ୟରେ ବିବୃତ ହୋଇଛି। ଶ୍ରୀକୁଳ ଶିଖର, ମଙ୍ଗଳ ଗଉଡ଼, ଭକ୍ତ ସିପୁଟି, ନାରାୟଣ ଦାସ, ଯଶଚନ୍ଦ୍ର ରାଜା ଓ ଦୀନବନ୍ଧୁ ଓତା, ଗୀତା ପଣ୍ଡା, ସାଲବେଗ, ଦାସିଆ ବାଉରୀ, ବାଳକ ରାମଦାସ, କୃପାସିନ୍ଧୁ ଦାସ, ନନ୍ଦ ମହାନ୍ତି, ମୋଚିରାମ, ରଘୁଦାସ, ମିରାବାଈ, ବିଷ୍ଣୁପ୍ରିୟା, ବିଲ୍ୱମଙ୍ଗଳ, ଆନନ୍ଦାଶବର, ଚନ୍ଦ୍ରଧ୍ୱଜ, ଅଜାମିଳ ପଣ୍ଡା ଓ କବି ଜୟଦେବ ପ୍ରମୁଖ ବହୁ ମହାନ୍ ଚରିତ୍ରର ଜୀବନଗାଥା ହେଉଛି ଗଦ୍ୟ-ଗ୍ରଥିତ ଏହି ପୁସ୍ତକ। ଏହା ଅତି ସରଳ, ଜନବୋଧ୍ୟ ଭାଷାରେ ରଚିତ ହୋଇଥିବାରୁ ସାକ୍ଷର, ନିରକ୍ଷର ସବୁଶ୍ରେଣୀର ପାଠିକାପାଠକଙ୍କୁ ଉଦ୍‌ବୁଦ୍ଧ କରିବ।

## କବିତା

### ଭାଇଚାରା

ଗୌରୀଶଙ୍କର ସାହୁ

ଆକାଶରେ ଅସରନ୍ତି ତାରା
ମୁକତି ପସରା
ମନ୍ତ୍ରଦ୍ରଷ୍ଟା ଧ୍ରୁବ, ବଶିଷ୍ଠ, ଅଙ୍ଗିରା
ଜନ୍ନତରେ, ଅନ୍ତରୀକ୍ଷ କୋଳେ
ଉଭେଇଯାଏ, ପରସ୍ତ ପରସ୍ତ ପୀଡ଼ା
ସ୍ୱର୍ଗରେ ପ୍ରବେଶ ପରେ
ବହେ ମହାକାବ୍ୟର ଧାରା
ରାଶି ରାଶି ଆକାଶଗଙ୍ଗା, ବ୍ରହ୍ମାଣ୍ଡସାରା।

ପିଣ୍ଡ ଓ ବ୍ରହ୍ମାଣ୍ଡ ବି ହୋଇପାରେ
ଏକାତ୍ମ- ଅନନ୍ୟ
ନର ବି ହୋଇପାରେ ଦିନେ ନକ୍ଷତ୍ର
ପଢ଼ିବା ପରେ ତାରାଙ୍କ ସଙ୍ଗୀତ,
ଏଇ ତ ବିଶ୍ୱ-ଭ୍ରାତୃତ୍ୱ!

ସ୍ୱର୍ଗ କ'ଣ ଓହ୍ଲାଇପାରେ ଧରାପୃଷ୍ଠକୁ
ଜନ୍ନତ କ'ଣ ଗଢ଼ାଯାଇପାରେ
ପୃଥିବୀ ବକ୍ଷରେ!
ରକ୍ତ ସମ୍ପର୍କ ଥିଲେ ପାଣ୍ଡବ-କୌରବ
ହେଲେ, ଲେଖାହେଲା ଯୁଦ୍ଧର ମହାକାବ୍ୟ
ଶାହାଜାହାନ ହାତରେ ହତ ହେଲେ
ଭାଇ ଶାହାରିୟର, ଖୁସ୍ରୁ ମିର୍ଜା
ଆଉରଙ୍ଗଜେବ ହତ୍ୟା କଲେ ନିଜର ଆତ୍ମଜ
ଭାଇ ହିଁ ଭଗାରି ହୁଏ ଯୁଗେଯୁଗେ
ତଥାପି ଲେଖାଯାଏ
ରାମ-ରହିମ୍‌ର କାହାଣୀ...

ମୋ: ୭୯୭୮୪୨୧୮୩୫

### ଝିଅ

ଚିନ୍ମୟୀ ପଣ୍ଡା

ସବୁଦିନ ଭଳି ସେଦିନ ବି ଗୋଟାଏ
ଏମିତି, ସେମିତି,
ଏଣୁତେଣୁ ଦିନଟିଏ ଥିବ।
ସେଦିନ ବି, କେହି ଜଣେ
କୋହ ରୋକି ହସିଥିବ।
ମୁହଁ ଛିଞ୍ଚାଡ଼ି ଅନ୍ତୁଡ଼ିଶାଳରୁ
କେହି ଜଣେ ଫେରିଯାଇଥିବ।

ସେଦିନ ବି ସୂର୍ଯ୍ୟଙ୍କ ଗତିପଥ
ସବୁଦିନ ଭଳି ଥିବ।
ସେଦିନ ବି ମା'ଟିଏ ଆଖିରୁ ଲୁହକୁ
ଲୁଚି ପୋଛିଦେଇଥିବ।
କେହି ହସିହସି ପଶି ଆସୁଆସୁ
ମତେଦେଖି ଚୁପ୍ ହେଇଯାଇଥିବ।
କିଛି ଫୁସ୍‌ଫୁସ୍ କଣ୍ଠ, ଅସ୍ପଷ୍ଟ ଭାଷା
ପୂରା ନ ଶୁଣି ବି ବୁଝିହେଉଥିବ।

ଯୋଉଦିନ ମୁଁ
ଜନ୍ମ ହେଇଥିବି ଝିଅ ହୋଇ।

ମୋ: ୯୮୬୧୧୯୧୯୬୯

### ରାସ୍ତା

ଅକ୍ଷୟ ପାତ୍ର

ନିର୍ବାଣ ପାଇଁ
ବୁଦ୍ଧତ୍ୱ କାଳେ ଏକ ରାସ୍ତା!
ଶ୍ରମଣ ପାଇଁ
ସଂଘ କାଳେ ଏକ ରାସ୍ତା!
ସୁଖ ପାଇଁ
ନିଷ୍କାମ ଜୀବନ କାଳେ ଏକ ରାସ୍ତା!
ସମୃଦ୍ଧି ପାଇଁ
ତ୍ୟାଗ କାଳେ ଏକ ରାସ୍ତା!
ଆତ୍ମ-ବୀକ୍ଷଣ ପାଇଁ
ଅହିଂସା କାଳେ ଏକ ରାସ୍ତା!

ଆହା!
ଅସରା ରାସ୍ତାରେ ବାଟ ଚାଲୁଁ ଚାଲୁଁ
ଲକ୍ଷ୍ୟସ୍ଥଳ ଆଉରି ଅପହଞ୍ଚ ପ୍ରତେହେବା ହିଁ
ବୋଧେ ଜୀବନର ଇତିକଥା!

ଜୀବନର ଓରମାନ ସବୁକୁ କାନ୍ଧରେ ବୋହି
ବାଟ ଚାଲୁଁ ଚାଲୁଁ
ରାସ୍ତାରେ ଅବେଳରେ
ଝୁଣ୍ଟିପଡ଼ିବା ହିଁ ବୋଧେ
ଅସଲ ବାସ୍ତବତା
ଓ ବିଷୟ ବାସନା ଏଡ଼ି
ନିରଞ୍ଜନା ତଟର ଅଶ୍ୱତ୍ଥ ମୂଳେ
ଧ୍ୟାନସ୍ଥ ହେବା ହିଁ ବୋଧେ
ଫିଟାଇଥାଏ ରାସ୍ତା ଅଧିଆତ୍ମିକତାକୁ
ଯେଉଁଠି ଚିର ଭାସ୍ୱର ଥାଏ
ଆବିଳତାହୀନ ପାରସ୍ପରିକ ରିସ୍ତା!

ମୋ: ୭୦୭୭୯୮୪୯୬୦

### ଗୀତି-କବିତା

### ସୋରିଷ ଫୁଲର ସୁନା ଅଗଣାରେ

ହରିଶ୍ଚନ୍ଦ୍ର ବେହେରା

ସୋରିଷ ଫୁଲର ସୁନା ଅଗଣାରେ
ଖେଳୁଛି କଅଁଳ ଖରା
ସକାଳ ପକ୍ଷୀର ମିଠା କାକଳିରେ
କେତେ ଯେ ଆବେଗ ଭରା।
କ୍ଷେତ ସବୁ ଦିଶେ ପୂରିଲା ପୂରିଲା
ଚାଷୀର ଭରା ଆନନ୍ଦ
ମାର୍ଗଶିର ଝୋଟି ଚିତା ମୁରୁଜରେ
ଲକ୍ଷ୍ମୀଙ୍କର ପଦ୍ମ ପାଦ
ଗେଣ୍ଡୁ ଫୁଲ ଆଉ ଚାମେଲି ଫୁଲରେ
ଧରା ଦିଶୁଅଛି ତୋରା।

କେତେ ଯେ ସରାଗ ସବୁରି ମନରେ
ଲକ୍ଷ୍ମୀ ଯେ ଆସିବେ ଘରେ
ପିଲାଠାରୁ ବୁଢ଼ା ଧାନ କାଟିଯିବେ
ସବୁଠି ଆନନ୍ଦ ଝରେ
କାକରର ମୋତି ପିନ୍ଧି ଲାଜକୁଳି
ସକାଳୁ ପୋଉଁଚି ଖରା।

କଳେଇ ଗଦାରେ ପୂରିଯିବ ଖଳା
ବିଲ ଦିଶିବ ଲଙ୍ଗଳା
କ୍ଷେତ ଜଗୁଥିବା ପାଳଭୂତମାନେ
ଅଚିରେ ହେବେ ବାଉଳା
ଘରେ ଘରେ ହେବ ନୂଆଖିଆ ପର୍ବ
ପ୍ରୀତିର ମାଧୁରୀ ଝରା।

ମୋ: ୯୪୩୭୮୧୩୭୦୮

## କାଳକାଳକୁ



''କବିତା ସବୁଠୁଁ ସୁନ୍ଦର,
ମନୋହାରିଣୀ ଓ ପ୍ରଭାବୀ
ଉପସ୍ଥାପନ କଳା।''
– ମାଥ୍ୟୁ ଆର୍‌ନୋଲ୍ଡ

**ମାଥ୍ୟୁ ଆର୍‌ନୋଲ୍ଡଙ୍କ** ଜନ୍ମ ୨୪ ଡିସେମ୍ବର ୧୮୨୨ରେ ଇଂଲଣ୍ଡର ଲାଲେହାମ୍‌ରେ ଓ ପରଲୋକ ୧୫ ଏପ୍ରିଲ ୧୮୮୮ରେ ଲିଭର୍‌ପୁଲ୍‌ରେ। କବି ଓ ସଂସ୍କୃତି ବିଶାରଦ ମାଥ୍ୟୁ ବୃତ୍ତିରେ ଥିଲେ ସ୍କୁଲ୍ ଇନିସ୍‌ପେକ୍ଟର। ଥୋମାସ୍ ଆର୍‌ନୋଲ୍ଡ ତାଙ୍କ ବାପା। କବିତା ଓ ସମାଜତାତ୍ତ୍ୱିକ ଆଲୋଚନାରେ ସିଦ୍ଧହସ୍ତ ଏହି ଲେଖକଙ୍କର ପ୍ରଖ୍ୟାତ ପୁସ୍ତକ ମଧ୍ୟରେ ଅନ୍ତର୍ଭୁକ୍ତ 'ଡୋଭର୍ ବିଚ୍', 'ଦ ସ୍କଲାର-ଜିପ୍‌ସୀ', 'ଥାଇରସିସ୍', 'କଲ୍‌ଚର୍ ଆଣ୍ଡ୍ ଆନାର୍କି', 'ଲିଟରେଚର୍ ଆଣ୍ଡ୍ ଡଗ୍‌ମା' ଓ 'ଦ ଷ୍ଟଡି ଅଫ୍ ପୋଏଟ୍ରି'। ସେ କହନ୍ତି: ''ବିଜୟରୁ ଶକ୍ତି ଆସେ ନାହିଁ, ଶକ୍ତି ଆସେ ସଂଗ୍ରାମରୁ।''

# ଅଧୁରା ସ୍ୱପ୍ନ

ଲଘୁଗଳ୍ପ

ଅଲେଖ ଚରଣ ପଟ୍ଟନାୟକ

ବୟସ ପାଖାପାଖି ସତୁରି ହେବ। ବିଅସନା ଶିରାଳ ହାତ। କୋଟରଗତ ଚକ୍ଷୁ। ଏ ବୟସରେ ପେଚା ଭଳି ଅନେଇବା ବ୍ୟତୀତ ଆଉ କ'ଣ ଅବା ଚାରା ଅଛି!

'ନାତିଟୋକା କାହ୍ନାର ଚିତ୍କାର'- ''ଜେଜେ ଦେଖ! ବାପା ମୋ' ପାଇଁ ମୋ' ଜନ୍ମଦିନରେ ନୂଆ ମୋବାଇଲ ଆଣିଛନ୍ତି। ଏଥିରେ ବହୁତ ସୁବିଧା ଅଛି। ଦୂର ସାଙ୍ଗ ସହ କଥାବାର୍ତ୍ତା, ଛବି ଦେଖିବା, ଭିଡିଓ କଲ୍ କରିବା, ସିନେମା ଦେଖିବା। ଟ୍ରେନ୍, ବସ୍, ଉଡ଼ାଜାହାଜ ଟିକେଟ ବୁକିଂ କରିହେବ।''

ଜେଜେ ବଲବଲ କରି ଅନେଇଲେ। 'କାଲା ଆଗରେ ମୂଳା ଚୋବାଇବା ଯାହା ସାର'। ଜେଜେ ପଚାରିଲେ, 'ଦେଖା ନାତି, କେମିତି ହୋଇଛି?' ଜେଜେଙ୍କ ହାତକୁ ବଢ଼ାଇ ଦେଇ କାହ୍ନା କହିଲା, 'ଜେଜେ ହୁସିଆର, ହାତରୁ ଖସିପଡ଼ିବ।' ଜେଜେ ଥରଥର ହାତରେ ଧରିନେଲେ। 'ଆହା! କେଡ଼େ ସୁନ୍ଦର! ମୋର ଗୋଟେ ମୋବାଇଲ ଥାଆନ୍ତା କି?'

କାହ୍ନା କହିଲା, ''ବାପାଙ୍କର ମୋବାଇଲ ଦାମ୍ କେତେ ଜାଣିଛ? ଷାଠିଏ ହଜାର! ମୋର ଚାଳିଶ ହଜାର।'' ଜେଜେଙ୍କ ଇଚ୍ଛା ବେଶୀ ଦାମ୍ ନ ହେଲେ ନାଇଁ ହଜାରେ, ଦୁଇ ହଜାର ଭିତରେ ଛୋଟ ମୋବାଇଲ୍‌ଟିଏ ହେଲେ ଭଲହୁଅନ୍ତା। ସେଥିରେ ଗାଁରେ ଥିବା ସାନଭାଇ ଅଜୁ ସହ କଥା ହୁଅନ୍ତେ!

ପୁଅ ଶ୍ରୀକାନ୍ତକୁ ଅନେକ ଥର ଜଣାଇଲେଣି। ଆଜି କାଲି କହି କଥା ଟାଳି ଦେଉଛି।

ହଜିଲା ଦିନର ସ୍ମୃତି ଜେଜେଙ୍କର ମାନସପଟରେ ଆଲୋଡ଼ନ ସୃଷ୍ଟି କରୁଥିଲା। ପୁଅ ଶ୍ରୀକାନ୍ତ ପାଞ୍ଚ ବର୍ଷର ହୋଇଥାଏ। ବାପାଙ୍କ କାନ୍ଧରେ ବସି ମେଳା ବୁଲୁଥାଏ। ଖେଳନା କିଣିବାକୁ ଅଝଟ କରୁଥାଏ। ଅଣ୍ଟିରୁ ଟଙ୍କା ବାହାର କରି ପୁଅ ପାଇଁ ଖେଳନା କାର୍ ଏବଂ ହେଲିକପ୍ଟର କିଣିଥିଲେ। ଟିକିଏ ବଡ଼ ହେଲାପରେ ସାଇକେଲଟିଏ କିଣି ଦେଇଥିଲେ।



ଶ୍ରୀକାନ୍ତଙ୍କୁ ଦେଖି ଦୋହରାଇଲେ ମୋ' ପାଇଁ ଛୋଟ ମୋବାଇଲଟିଏ ଆଣିଦେ ରେ!

ଶ୍ରୀକାନ୍ତ କହିଲେ, ''ବାପା! ତୁମର କ'ଣ ହେବ। ମୋର ତ ଅଛି। କାହ୍ନାର ଅଛି। ବୋହୂ ଦୀପାର ବି ଅଛି। ଘରେ ତିନି ତିନିଟା ମୋବାଇଲ ଥାଉ ଥାଉ ତୁମେ ଆଉ ଗୋଟେ ମୋବାଇଲ୍ କ'ଣ କରିବ?'' ଏମିତିରେ ଛଅ ମାସ ବିତିଗଲା।

ଡିସେମ୍ବର ମାସର ଶୀତ ସକାଳ। ଜେଜେ ଟିକିଏ ଅସୁସ୍ଥ ଅନୁଭବ କଲେ। ଖୁଁ ଖୁଁ କାଶ। ''ବାପା, ମୋର ବୋନସ୍ ମିଳିଲେ ତୁମ ପାଇଁ ଗୋଟିଏ ଛୋଟ ମୋବାଇଲ ଆଣିଦେବି।'' ଶ୍ରୀକାନ୍ତ ସାନ୍ତ୍ୱନା ଦେଲେ।

ସକାଳ ହୁଏ। ସଞ୍ଜଯାଏ। ଜେଜେ ଅନେଇ ରହନ୍ତି। କେଉଁଦିନ କିଣାହେବ ତାଙ୍କ ପାଇଁ ମୋବାଇଲ୍।

ଥରେ ନାତି କାହ୍ନା ଦୟାପରବଶ ହୋଇ ଗାଁରେ ଥିବା ସାନ ଜେଜେଙ୍କ ସହ କଥାବାର୍ତ୍ତା କରାଇ ଦେଇଥିଲା। ବାସ୍ ସେତିକି। ଆଉ ଧରାଛୁଆଁ ଦେଉନି।

ସେଦିନ ସନ୍ଧ୍ୟାରେ ଜେଜେଙ୍କୁ ଖୁବ୍ ଅବଶ ଲାଗିଲା। ଚାଦର ଘୋଡ଼ିହୋଇ ଶୋଇଥା'ନ୍ତି। ପୁଅ ଶ୍ରୀକାନ୍ତ ରାତିରେ ଅନେକ ଡେରିରେ ଘରକୁ ଫେରି ଦେଖିଲେ ବାପା ଶୋଇଯାଇଛନ୍ତି। ନୂଆ ମୋବାଇଲଟିକୁ ବାପାଙ୍କ ତକିଆ ପାଖରେ ରଖିଦେଲେ। ନିଦ ଭାଙ୍ଗିଲେ ଦେଖିବେ। ଏହା ଏକ 'ସରପ୍ରାଇଜ୍' ହେବ।

ରାତି ପାହି ସକାଳ ହେଲା। ଶ୍ରୀକାନ୍ତ ଦେଖିଲେ ଯେଉଁଠି ମୋବାଇଲ ରଖିଥିଲେ ସେଠି ନାହିଁ। ଚାଦର ଆସ୍ତେ ଆଡ଼େଇଲେ। ବାପାଙ୍କ ହାତରେ ଛୋଟ ମୋବାଇଲ୍‌ଟି। ଶ୍ରୀକାନ୍ତ ଭାବିଲେ ରାତିରେ ନିଦ ଭାଙ୍ଗିବାରୁ ବୋଧହୁଏ ଦେଖିଛନ୍ତି। ପୁଣି ଶୋଇଯାଇଛନ୍ତି।

'ଏଥର ବାପା! ଆପଣ ଖୁସି ତ?' ଚାଦର ଘୁଞ୍ଚାଇ ବାପାଙ୍କ ପିଠିରେ ହାତ ବୁଲାଇ ଆଉଁଶି ଦେଲେ। 'ଆରେ! ଦେହ ବରଫ ପରି ଥଣ୍ଡା ଲାଗୁଛି!' 'ବା... ପା...' ଶ୍ରୀକାନ୍ତ ଚିତ୍କାର କରି ଉଠିଲେ। ପାଖ ରୁମ୍‌ରୁ ଦୀପା ଏବଂ କାହ୍ନା ଧାଇଁ ଆସିଲେ।

ଚିରନିଦ୍ରାରେ ଶୋଇଯାଇଥିଲେ ଜେଜେ। ଅଧାମେଲା ପାପୁଲିରେ ସେମିତି ଛୋଟ ମୋବାଇଲ୍‌ଟି ରହିଥିଲା।

ମୋ: ୯୮୫୩୮୯୨୧୨୪


ଯୋଗାଯୋଗ: E-mail:dharitrisahityayana@gmail.com

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଡିସେମ୍ବର ୨୦/୨୦୨୫ Bhubaneswar, Saturday, December 20/ 2025

# ୩-୧ରେ ସିରିଜ ଜିତିଲା ଭାରତ

**ଅହମଦାବାଦ,୧୯।୧୨**

ତିଲକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ପରେ ବରୁଣ ଚକ୍ରବର୍ତ୍ତୀଙ୍କ ୪ ଉଇକେଟ ସଫଳତା ବଳରେ ଭାରତ ଏଠାରେ ଶୁକ୍ରବାର ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୩୦ ରନରେ ପରାସ୍ତ କରିଛି। ଏହି ବିଜୟ ସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତ ୩-୧ରେ ଜିତି ନେଇଛି। ଭାରତ ଦ୍ୱାରା ପ୍ରଦତ୍ତ ୨୩୨ ରନର ବିଶାଳ ଟାର୍ଗେଟ ଆଗରେ ଦ. ଆଫ୍ରିକା ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୨୦୧ ରନ କରିପାରିଥିଲା। ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ପାଇଁ ହାର୍ଦ୍ଦିକଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ଲେୟର୍ ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ୫.୪ ଓଭରରେ ୬୩ ରନର ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଅଭିଷେକ ୨୧ ବଲରେ ୩୪ (୬ ଚୌକା ଓ ୧ ଛକା) ଓ ସଞ୍ଜୁ ୨୨ ବଲରେ ୩୭ (୪ ଚୌକା ଓ ୨ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୫) ବିଫଳ ହୋଇଥିଲେ। ଏହାପରେ ତିଲକ ଓ ହାର୍ଦ୍ଦିକ ବିସ୍ଫୋରକ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଦୁହେଁ ଚତୁର୍ଥ ଉଇକେଟରେ ୪୪ ବଲରେ ୧୦୫ ରନ ଯୋଡ଼ିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ହାର୍ଦ୍ଦିକ ୨୫ ବଲରେ ୬୩ (୫ ଲେଖାଏ ଚୌକା ଓ ଛକା) ଓ ତିଲକ ୪୨ ବଲରେ ୭୩ (୧୦ ଚୌକା ଓ ୧ ଛକା) ରନ କରିଥିଲେ। ଇନିଂସର ଅନ୍ତିମ ୩ ବଲରେ ଶିବମ ଦୁବେ ୧ ଲେଖାଏ ଚୌକା ଓ ଛକା ସହିତ ୧୦ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୧ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପାଇଁ କର୍ବିନ ବୋଶ୍ଚ ୨ ଉଇକେଟ ନେଇଥିଲେ। ଜବାବରେ କ୍ୱିଣ୍ଟନ ଡି କକ୍‌ଙ୍କ ୩୫ ବଲରେ ୬୫ (୯ ଚୌକା ଓ ୩ ଛକା) ବଳରେ ଦକ୍ଷିଣ ଆଫ୍ରିକା ପ୍ରଥମ ୧୦ ଓଭରରେ ୧ ଉଇକେଟରେ ୧୧୮ ରନ କରିଥିଲା। ହେଲେ ୧୧ତମ ଓଭରରେ ଯଶପ୍ରୀତ ବୁମରାଙ୍କ ବଲରେ ଡି କକ୍ ଆଉଟ୍ ହେବା ପରେ ଭ୍ରମଣକାରୀ ଦଳର ବ୍ୟାଟିଂ ଲାଇନ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଦକ୍ଷିଣ ଆଫ୍ରିକା ଶେଷ ବଲ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୨୦୧ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତ ପାଇଁ ବରୁଣ ଚକ୍ରବର୍ତ୍ତୀ ୪ ଓ ଯଶପ୍ରୀତ ବୁମରା ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୨୦ ଓଭରରେ ୨୩୧/୫ (ତିଲକ ବର୍ମା-୭୩, ହାର୍ଦ୍ଦିକ ପାଣ୍ଡ୍ୟା-୬୩, ସଞ୍ଜୁ ସାସମନ-୩୭, ଅଭିଷେକ ଶର୍ମା-୩୪, କର୍ବିନ ବୋଶ୍ଚ-୨/୪୪, ଓଟନିଲ ବାର୍ଟମାନ-୧/୩୯)। ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୨୦୧/୮ (କ୍ୱିଣ୍ଟନ ଡି କକ୍-୬୫, ଡେୱାଲ୍ଡ ବ୍ରେଭିସ-୩୧, ବରୁଣ ଚକ୍ରବର୍ତ୍ତୀ-୪/୫୩, ଯଶପ୍ରୀତ ବୁମରା-୨/୧୭, ହାର୍ଦ୍ଦିକ ପାଣ୍ଡ୍ୟା-୧/୪୧)।



ଟ୍ରଫି ସହ ସିରିଜ ବିଜୟୀ ଭାରତୀୟ ଦଳ।

# ଓଡ଼ିଶା-ହିମାଚଳ ପ୍ରଦେଶ ମ୍ୟାଚ ଡ୍ର

**ବଲାଙ୍ଗୀର, ୧୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲିଥିବା ଓଡ଼ିଶା-ହିମାଚଳ ପ୍ରଦେଶ କୁଚ୍ ବିହାର ଟ୍ରଫି କ୍ରିକେଟ ମ୍ୟାଚ୍ ଶୁକ୍ରବାର ଅମୀମାଂସିତ ଭାବେ ଶେଷ ହୋଇଛି। ଗୁରୁବାର ତୃତୀୟ ଦିବସର ଅସମାପ୍ତ ପାଳିରୁ ହିମାଚଳ ପ୍ରଦେଶ ୨୧୨/୩ରୁ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ଚତୁର୍ଥ ତଥା ଅନ୍ତିମ ଦିବସରେ ହିମାଚଳ

**କୁଚ୍ ବିହାର ଟ୍ରଫି କ୍ରିକେଟ**
**ଟଫେଲ ଅହମ୍ମଦଙ୍କୁ ୬ ଉଇକେଟ**

ପ୍ରଦେଶ ଦଳ ସମସ୍ତ ଉଇକେଟ୍ ହରାଇ ୩୪୨ ରନ୍ କରିଥିଲା। ଓଡ଼ିଶା ଦଳ ପକ୍ଷରୁ ସଫଳ ବୋଲର ଭାବେ ସୟେଦ ଟଫେଲ ଅହମ୍ମଦ ସର୍ବାଧିକ ୬ଟି ଉଇକେଟ ଓ ପ୍ରିୟାଂଶୁ ମହାନ୍ତି ୨ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚରେ ବିଜୟୀ ହେବା ପାଇଁ ଓଡ଼ିଶା ୧୬୫ ରନ୍ ଆବଶ୍ୟକ କରୁଥିଲା। ମାତ୍ର ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହା ସମ୍ଭବ ନ ଥିବାରୁ ଉଭୟ ଦଳର ଅଧିନାୟକ ଆଲୋଚନା କରି ଖେଳ ଆଗକୁ ଜାରି ନ ରଖିବା ଲାଗି ଚାହିଁଥିଲେ ଏବଂ ତାହା ସେମାନେ ଅମ୍ପାୟାରଙ୍କୁ ଜଣାଇଥିଲେ। ଫଳରେ ମ୍ୟାଚ୍ ଡ୍ର' ଘୋଷଣା କରାଯାଇଥିଲା। ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ଯୋଗୁଁ ଓଡ଼ିଶାକୁ ୩ ପଏଣ୍ଟ ଓ ହିମାଚଳ ପ୍ରଦେଶକୁ ୧ ପଏଣ୍ଟ ମିଳିଛି।

ଉଦ୍‌ଯାପନୀ ଦିବସରେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, କାଉନସିଲ ସଭ୍ଯ ପ୍ରଭାତ କୁମାର ମିଶ୍ର, ଶରତ ନନ୍ଦ, ବିଭୁତି ପଣ୍ଡା, ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପୁରୋହିତ, ରମାକାନ୍ତ ସେଠ୍, ସୁଧୀର ଚନ୍ଦ୍ର ପଣ୍ଡା, ରବୀନ୍ଦ୍ର କୁମାର ମିଶ୍ର, ଗୌରଚନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ମିଶ୍ର, କୋଚ ଅରୁଣ କୁମାର ନାଏକ, ପୃଥ୍ୱୀରାଜ ମିଶ୍ର, ସୂର୍ଯ୍ୟ ମିଶ୍ର, ଚେତନାନନ୍ଦ ପଣ୍ଡା, ଶ୍ରୀକାନ୍ତ ରାଉତ, ମନୋରଞ୍ଜନ ଯୋଶୀ ଉପସ୍ଥିତ ରହି ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ।


ସୟେଦ ଟଫେଲ ଅହମ୍ମଦ

# ମୁକ୍ତେଶ୍ୱର କପ୍ କ୍ରିକେଟ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୯।୧୨(ଅନାଦି କର)**

ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଟାଉନ କ୍ଲବ ଓ ଜୁଭେନାଇଲ କ୍ଲବ ବିଜୟୀ ହୋଇଛନ୍ତି।

ପ୍ରଥମ ମ୍ୟାଚ୍‌ରେ ଟାଉନ କ୍ଲବ ଓ ଶ୍ରୀ ଯାଦବ ସ୍ପୋର୍ଟ୍ସ ଆସୋସିଏଶନ ପରସ୍ପରକୁ ଭେଟିଥିଲେ। ପ୍ରଥମେ ବ୍ୟାଟିଂ କରି ଟାଉନ କ୍ଲବ ୨୦ ଓଭରରେ ୩ ଉଇକେଟ ହରାଇ ୧୩୨ ରନ କରିଥିଲା। ଅଧିନାୟକ ଆୟୁଷ ଅମ୍ଲାନ ଅପରାଜିତ ୫୫ ରନ କରିଥିଲେ। ଜବାବରେ ଶ୍ରୀ ଯାଦବ ସ୍ପୋର୍ଟ୍ସ ଆସୋସିଏଶନ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୪ ଉଇକେଟ ହରାଇ ୧୧୩ ରନ କରିପାରିଥିଲା। ଦଳ ପାଇଁ ଅଧିନାୟକ ଆୟୁଷ ପ୍ରଧାନ ୫୦ ରନ କରିଥିବା ବେଳେ ଟାଉନ କ୍ଲବ ପକ୍ଷରୁ ପ୍ରଜ୍ୟୋତ ସାମଲ ୨ ଉଇକେଟ ନେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଆୟୁଷ ଅମ୍ଳାନଙ୍କୁ ଅତିଥି ଭାବେ ମୁକ୍ତେଶ୍ୱର କ୍ଲବ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଆଶିଷ ପଡିହାରି ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଜୁଭେନାଇଲ ୧୩ ରନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଜୁଭେନାଇଲ ୨୦ ଓଭରରେ ୬ ଉଇକେଟ ହରାଇ ୧୨୬ ରନ କରିଥିଲା। ଦଳ ଲାଗି କ୍ରିଷ୍ଣାଜିତ ସାହୁ ୫୧ ରନ କରିଥିଲେ। ଓସ୍କାର ପକ୍ଷରୁ ଓମକାର ଓ ପ୍ରଭୁଦତ୍ତ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଂଶୁମାନ ମିଶ୍ରଙ୍କ ୫୬ ରନର ପାଳି ସତ୍ତ୍ୱେ ଓସ୍କାର ସ୍ପୋର୍ଟିଂ ୨୦ ଓଭରରେ ୯ ଉଇକେଟ ହରାଇ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲା। ବୋଲିଂରେ ଜୁଭେନାଇଲ ପାଇଁ କ୍ରିଷ୍ଣାଜିତ ୨ ଉଇକେଟ ନେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ କ୍ରିଷ୍ଣାଜିତ ସାହୁଙ୍କୁ ଅତିଥି ଭାବେ ସୋଭନ ନନ୍ଦ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବିଏଏ) ସମ୍ପାଦକ ଡ. ସୌର୍ଯ୍ୟ ରଞ୍ଜନ ପରିଜା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟୁର୍ନମେଣ୍ଟକୁ ଉଦ୍‌ଘାଟିତ କରିଛନ୍ତି। ଏହି ଅବସରରେ ପୂର୍ବତନ ରଣଜୀ ଖେଳାଳି ତଥା ବିସିସିଆଇ ମ୍ୟାଚ୍ ରେଫରି ପ୍ରଶାନ୍ତ ମହାପାତ୍ର, ପୂର୍ବତନ ରଣଜୀ ଖେଳାଳି ସୁବାଶିଷ ଭୂୟାଁ ଓ ମୁକ୍ତେଶ୍ୱର କ୍ଲବର କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୌହାନ, ସମ୍ପାଦକ ଗୌର ପ୍ରସାଦ ନନ୍ଦ, ଉପ ସଭାପତି ସରଞ୍ଜିତ ସିଂ, ପ୍ରଦୋଶ ମହାନ୍ତି, ଅଜିତ କୁମାର ବିଶ୍ୱାସଳ, ଆସିଷ୍ଟାଣ୍ଟ ସମ୍ପାଦକ ଆଞ୍ଜେଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୁନୀଲ ସାହୁ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ଆଡିଲେଡ୍ ଟେଷ୍ଟ

**ଆଡିଲେଡ୍,୧୯।୧୨**

ଇଂଲଣ୍ଡ ବିପକ୍ଷରେ ଆଡିଲେଡ୍ ଓଭାଲଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟ ତୃତୀୟ ଦିନ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୩୭୧ ରନ କରିଥିବା ବେଳେ ଇଂଲଣ୍ଡ ୨୮୬ ରନରେ ସୀମିତ ରହିଛି। ଫଳରେ ୮୫ ରନରେ ଆଗୁଆ ଥିବା ଘରୋଇ ଅଷ୍ଟ୍ରେଲିଆ ଟ୍ରାଭିସ ହେଡ୍‌ଙ୍କ ଅପରାଜିତ ଶତକ ବଳରେ ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୨୭୧ ରନ କରିଛି। ମ୍ୟାଚ୍‌ରେ ଏବେ ବି ଦୁଇ ଦିନ ବାକି ଥିବାବେଳେ ଅଷ୍ଟ୍ରେଲିଆ ହାତରେ ୬ ଉଇକେଟ ରଖି ୩୫୬ ରନ ଆଗରେ ରହିଛି।

ଶୁକ୍ରବାର ଇଂଲଣ୍ଡ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୧୩/୮ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଅଧିନାୟକ ବେନ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚ୍ଚର ନବମ ଉଇକେଟରେ ୧୦୬ ରନ ଯୋଡ଼ିଥିଲେ। ଷ୍ଟୋକ୍ସ (୮୩ ରନ୍, ୮ ଚୌକା)ଙ୍କୁ କ୍ଲିନ ବୋଲ୍ଡ କରି ମିଚେଲ ଷ୍ଟାର୍କ ଏହି ଯୋଡ଼ି ଭାଙ୍ଗିଥିଲେ। ଆର୍ଚ୍ଚର ୫୧ (୫ ଚୌକା ଓ ୧ ଛକା) ରନ କରି ଆଉଟ୍ ହେବା ସହ ଇଂଲଣ୍ଡ ୨୮୬ ରନରେ ଅଲଆଉଟ୍ ହୋଇଯାଇଥିଲା।

# ଫୁଟ୍‌ବଲର ଶ୍ରଦ୍ଧାଞ୍ଜଳିଙ୍କୁ ଡକ୍ଟରେଟ ଉପାଧି


ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ରାଜ୍ୟପାଳ ଡକ୍ଟରେଟ ଉପାଧି ପ୍ରଦାନ କରୁଛନ୍ତି ।

**ଗୋପାଳପୁର,୧୯।୧୨ (ନବୀନ ରାଜ୍ ଆଚାରୀ)**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ପାଲୁର ହିଲସ୍ଥିତ ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟବକ୍ତା ଭାବେ କେନ୍ଦ୍ର ସରକାରଙ୍କ ଏଆଇଟିଇ ଉପାଧ୍ୟକ୍ଷ ଡ. ଅଭୟ ଜେରା ଯୋଗଦେଇ ଏକାଡେମିକ୍ ଓ ପ୍ରଶାସନିକ କୋଠାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଡ. ଗର୍ଦ୍ଧନଭାଇ ନାଥଲାଲ ପଟେଲ ଓ ସୁବ୍ରତ ତ୍ରିପାଠୀଙ୍କୁ ସମ୍ମାନସୂଚନ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଶ୍ରଦ୍ଧାଞ୍ଜଳି ୧୯୯୨ରେ ତାଙ୍କ ବଡ଼ ଭଉଣୀ ଗୀତାଞ୍ଜଳିଙ୍କ ସହିତ ମିଶି ଓଡ଼ିଶାରେ ସର୍ବପ୍ରଥମ ମହିଳା ଫୁଟ୍‌ବଲ ଦଳ ଗଠନ କରିଥିଲେ। ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଜାତୀୟ ଓ ଅନ୍ତର୍ଜାତୀୟ ଫୁଟ୍‌ବଲ ସହ ଜଡ଼ିତ ରହି ରାଜ୍ୟ ଓ ଦେଶ ପାଇଁ ବହୁ ସୁନାମ ଆଣିଦେଇଛନ୍ତି। ୧୯୯୮ରେ ଶ୍ରଦ୍ଧାଞ୍ଜଳି ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ୧୩ତମ ଏସିଆଡ୍‌ରେ ଭାରତ ପକ୍ଷରୁ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୈବାହିକ ଜୀବନକୁ ପ୍ରତ୍ୟାଖ୍ୟାନ କରି ସେ ଫୁଟ୍‌ବଲକୁ ନିଜର ପେସା ଓ ନିଶା ଭାବରେ ଗ୍ରହଣ କରି ଆଗକୁ ମାଡ଼ି ଚାଲିଛନ୍ତି।

# ସମ୍ଭାବ୍ୟ ଦଳରେ ଓଡ଼ିଆ ଝିଅ ଆକାଶୀ

**କେନ୍ଦୁଝର, ୧୯।୧୨( ଦୀପକ ମିଶ୍ର)**

୧୭ ବର୍ଷରୁ କମ୍ ଭାରତୀୟ ସାମ୍ଭାବ୍ୟ ମହିଳା ଫୁଟବଲ ଦଳରେ ଓଡ଼ିଶାରୁ ଏକ ମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି କେନ୍ଦୁଝର ଜିଲା ଯୋଡ଼ା ବସ୍ତିର ଆକାଶୀ ନାଏକ। ସେ କେବଳ କେନ୍ଦୁଝର ଜିଲା ନୁହେଁ ସମଗ୍ର ରାଜ୍ୟକୁ ଗୌରାବାନ୍ୱିତ କରିଛନ୍ତି। କ୍ୟାମ୍ପରେ ଯୋଗଦେବା ପାଇଁ ଆକାଶୀ ବେଙ୍ଗାଲୁରୁର

**୧୭ ବର୍ଷରୁ କମ୍ ମହିଳା ଫୁଟବଲ**

ହାରୋହଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି କ୍ୟାମ୍ପରୁ ସାଫ୍ ଗେମ୍ସ ଏବଂ ଏଏଫ୍‌ସି ଟୁର୍ନାମେଣ୍ଟ ପାଇଁ ୧୭ ବର୍ଷରୁ କମ୍ ମହିଳା ଭାରତୀୟ ଦଳ ଚୟନ କରାଯିବ। ଗ୍ରାମାଞ୍ଚଳର ଏହି ଲୁକ୍କାୟିତ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରି ଜିନ୍ଦଲ ଷ୍ଟିଲ ଫାଉଣ୍ଡେଶନର ମୁଖ୍ୟ କୋଚ୍ କୃଷ୍ଣଚନ୍ଦ୍ର ମହାନ୍ତ ତାଙ୍କୁ ପ୍ରଥମେ ୨୦୨୦ରେ ଜଜାଙ୍ଗର ଜେଏସ୍‌ଡବ୍ଲ୍ୟୁକୁ ଆଣି ଫୁଟବଲ ଖେଳ ପ୍ରଶିକ୍ଷଣ ଦେଇଥିଲେ। ପରେ ଦୃଢ ମନୋବଳ ଏବଂ କଠିନ ପରିଶ୍ରମ ବଳରେ ସେ ନିଜର ଖେଳରେ ବହୁତ କିଛି ଉନ୍ନତି ଆଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୨ରେ ସୁନ୍ଦରଗଡ଼ସ୍ଥିତ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଯୋଗଦାନ କରି ନିଜର ଖେଳରେ ଅନେକଟା ଉନ୍ନତି ଆଣିଥିଲେ। ଆକାଶୀ ୨୦୨୩ରେ ସବ୍‌ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ପ୍ରଥମ ସୁଯୋଗ ପାଇଥିଲେ। ସେ ପରେ ୨୦୨୪ ଏବଂ ୨୦୨୫ରେ ଜୁନିୟର ନ୍ୟାଶନାଲରେ ରାଜ୍ୟ ଦଳକୁ ପ୍ରତିନିଧିତ୍ୱ କରିବାର ମଧ୍ୟ ସୁଯୋଗ ପାଇଥିଲେ। ଭାରତୀୟ ୧୭ ବର୍ଷରୁ କମ୍ ଜାତୀୟ ମହିଳା ଫୁଟ୍‌ବଲ ଶିବିରରେ ଯୋଗ ଦେବାକୁ ଯାଉଥିବା ଆକାଶୀଙ୍କୁ କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।



ଆକାଶୀ ନାଏକ

# ଭାରତ-ପାକିସ୍ତାନ ଫାଇନାଲ

**ଦୁବାଇ,୧୯।୧୨**

ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ଏସିସି ପୁରୁଷ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଟାଇଟଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦେଶ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଆରୋନ ଜର୍ଜ

**୧୯ ବର୍ଷରୁ କମ୍ ଏସିଆ କପ୍**

ଓ ବିହାନ ମାଲହୋତ୍ରାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ୮ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୨୦ ଓଭରରେ ୮ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳ ପାଇଁ ଚମିକା ହିନାତିଗଲା ୪୨, ଅଧିନାୟକ ବିମଥ ଦିନସାରା ୩୨ ଓ ସେଥମିକା ସେନେଭିରତ୍ନେ ୩୦ ରନ କରିଥିଲେ। ଭାରତ ପକ୍ଷରୁ ହେନିଲ ପଟେଲ ଓ କନିଷ୍କ ଚୌହାନ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ଖୁବ ଶସ୍ତାରେ ଅଧିନାୟକ ଆୟୁଷ ମହାତ୍ରେ (୭) ଓ ବୈଭବ ସୂର୍ଯ୍ୟବଂଶୀ (୯)ଙ୍କ ଉଇକେଟ ହରାଇଥିଲା। ଏହାପରେ ଆରୋନ ଓ ଭିହାନ ଅବିଭାଜିତ ତୃତୀୟ ଉଇକେଟରେ ୧୧୪ ରନ କରି ଦଳକୁ ଜିତାଇଥିଲେ। ଆରୋନ ୫୮ (୪ ଚୌକା ଓ ୧ ଛକା) ଓ ବିହାନ ୬୧ (୪ ଚୌକା ଓ ଛକା) ରନ କରି ମ୍ୟାଚ୍ ୧୮ ଓଭରରେ ଫିନିଶ୍ କରିଥିଲେ। ଅନ୍ୟ ଏକ ସେମିଫାଇନାଲରେ ବାଂଲାଦେଶ ପକ୍ଷରୁ ଧାର୍ଯ୍ୟ ୧୨୨ ରନର ଟାର୍ଗେଟକୁ ପାକିସ୍ତାନ ୧୬.୩ ଓଭରରେ ୨ ଉଇକେଟରେ ହାସଲ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା: ୨୦ ଓଭରରେ ୧୩୮/୮(ଚମିକା ହିନାତିଗଲା-୪୨, ବିମତ ଦିନସାରା-୩୨, ହେନିଲ ପଟେଲ-୨/୩୧, କନିଷ୍କ ଚୌହାନ-୨/୩୬)। ଭାରତ: ୧୩୯/୨(ବିହାନ ମାଲହୋତ୍ରା-୬୧*, ଆରୋନ ଜର୍ଜ-୫୮*, ରସିଥ ନିମସାରା-୨/୩୧)।



ମ୍ୟାଚ୍ ବିଜୟୀ ଭାଗୀଦାରି ଅବସରରେ ଆରୋନ ଜର୍ଜ ଓ ବିହାନ ମାଲହୋତ୍ରା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ